୫୬

# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଡିସେମ୍ବର ୯/୨୦୧୯ (୨୦ ପୃଷ୍ଠା) Sambalpur, Monday, December 9 / 2019 ★★

୧୫୪ ଭାଗ ୩୫୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-



## ଶିବମ୍‌ଙ୍କ ପ୍ରଥମ ଅର୍ଦ୍ଧଶତକ

ରବିବାର ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ କ୍ୟାରିୟରର ପ୍ରଥମ ଟି୨୦ ଅର୍ଦ୍ଧଶତକ ହାସଲ କରିଛନ୍ତି ଭାରତର ଶିବମ୍ ଦୁବେ। ୧୯

## ଚର୍ଚ୍ଚାରେ ଜାହ୍ନବୀଙ୍କ ଶାଢ଼ି ଲୁକ୍

୧୫ ଲୋକପ୍ରିୟ ଫ୍ୟାଶନ୍ ଡିଜାଇନର ମନୀଷ ମାଲ୍‌ହୋତ୍ରାଙ୍କ ଡିଜାଇନର ଶାଢ଼ି ପିନ୍ଧି ଚର୍ଚ୍ଚାରେ ଜାହ୍ନବୀ। ଲାଭେଣ୍ଡର ସ୍ୱରୋଭ୍‌ସ୍କି କ୍ରିଷ୍ଟାଲ୍ ସିକ୍ୱିନ୍ସ ଶାଢ଼ିରେ ସେ ଖୁବ୍ ଷ୍ଟାଇଲିସ୍ ଓ ଗ୍ଲାମର୍ସ ଲାଗୁଛନ୍ତି।



# ଉନ୍ନାଓରେ ୩ ବର୍ଷର ଶିଶୁକୁ ବଳାତ୍କାର

**୧୧ ମାସରେ ୫୧ ବଳାତ୍କାର ମାମଲା**

ଉନ୍ନାଓ,୮।୧୨(ଆଇଏଏନ୍ଏସ୍)

ଉନ୍ନାଓ ଗଣବଳାତ୍କାର ପୀଡ଼ିତାଙ୍କୁ ପୋଡି ମାରିଦେବା ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ଏବେ ପୁଣି ସେହି ଜିଲାରେ ଜଣେ ୩ ବର୍ଷର ଶିଶୁକୁ ତାଙ୍କ ପଡୋଶୀ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଅଭିଯୁକ୍ତ ଜଣକ ଶିଶୁଟିକୁ ପାଖ ଜମିକୁ ନେଇଯାଇ ବଳାତ୍କାର କରିଥିଲେ। ଶିଶୁର ଦାଦା ଘଟଣାସ୍ଥଳରେ ପହଞ୍ଚି ଝିଅକୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ମାଡ଼ ମାରିଥିଲେ। ପରେ ସ୍ଥାନୀୟ ଲୋକେ ପୋଲିସକୁ ଜଣାଇବାରୁ ଅଭିଯୁକ୍ତଙ୍କ ବିରୋଧରେ ବଳାତ୍କାର ଓ ପୋକ୍ସୋ ଆଇନରେ ମାମଲା ରୁଜୁ ହୋଇଛି।

ଉତ୍ତରପ୍ରଦେଶ ପୋଲିସ ତଥ୍ୟ ଅନୁଯାୟୀ ଉନ୍ନାଓ ଜିଲାରେ ଗତ ୧୧ ମାସ ମଧ୍ୟରେ ୫୧ ବଳାତ୍କାର ମାମଲା ପଞ୍ଜୀକୃତ ହୋଇଛି। ଏହାବ୍ୟତୀତ ଜାନୁୟାରୀରୁ ନଭେମ୍ବର ମଧ୍ୟରେ ୧୮୫ଟି ଅସଦାଚରଣ ଓ ବଳାତ୍କାର ଉଦ୍ୟମ ମାମଲା ରୁଜୁ ହୋଇଥିବା ପୋଲିସ କହିଛି। ଜିଲାରେ ୨ ବର୍ଷରେ ୨୪ ଶିଶୁ ବଳାତ୍କାରର ଶିକାର ହୋଇଥିବା ପୋଲିସ ଅଧିକାରୀ ରେଣୁ ଯାଦବ କହିଛନ୍ତି।

# ସମ୍ବଲପୁରରେ ମହିଳାଙ୍କୁ ଗଣବଳାତ୍କାର

**ଅଭିଯୋଗ ପରେ ୪ ଅଟକ**

ସମ୍ବଲପୁର,୮।୧୨(ବ୍ୟୁରୋ)

ସମ୍ବଲପୁର ସହରରେ ଶନିବାର ବିଳମ୍ବିତ ରାତିରେ ଜଣେ ୩୭ ବର୍ଷ ବୟସ୍କା ମହିଳା ଗଣବଳାତ୍କାରର ଶିକାର ହୋଇଥିବା ଅଭିଯୋଗ ହୋଇଛି। ବରେଇପାଲିର ଏକ ଦୋକାନ ପାଖରୁ ପୋଲିସ ଏହି ମହିଳା ଜଣଙ୍କୁ ରବିବାର ପୂର୍ବାହ୍ନ ୧୧ଟାରେ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଭିମ୍‌ସାରକୁ ଚିକିତ୍ସା ପାଇଁ ପଠାଇଛି। ସନ୍ଧ୍ୟାରେ ଚେତା ଫେରିବା ପରେ ସେ ଘଟଣା ସମ୍ପର୍କରେ ପୋଲିସକୁ ବୟାନ ଦେବା ସହ ତାଙ୍କୁ ଗଣ ବଳାତ୍କାର ହୋଇଥିବା ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଅଇଁଠାପାଲି ପୋଲିସ ୪ ଜଣ ଯୁବକଙ୍କୁ ଅଟକ ରଖି ତଦନ୍ତ କରୁଛି। ମହିଳାଙ୍କ ଅଭିଯୋଗକ୍ରମେ ସେ ଘରକୁ ଯିବା ଲାଗି ରେମେଡର ଏକ ମଦ ଦୋକାନ ପାଖରେ ☞ପୃଷ୍ଠା-୪

■ ବରୁଣେଇରେ ପାଇକ ବିଦ୍ରୋହ ସ୍ମାରକର ଭିତ୍ତିପ୍ରସ୍ତର ସ୍ଥାପନ

# ‘ଉତ୍କର୍ଷ କଳାରେ ଓଡ଼ିଶା ସମୃଦ୍ଧ’



ବରୁଣେଇରେ ପାଇକ ବିଦ୍ରୋହ ସ୍ମାରକର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମଞ୍ଚାସୀନ (ବାମରୁ) କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଷ୍ଟ୍ରପତିଙ୍କ ସହଧର୍ମିଣୀ ସବିତା କୋବିନ୍ଦ, ରାଷ୍ଟ୍ରପତି ରାମନାଥ କୋବିନ୍ଦ, ରାଜ୍ୟପାଳ ଗଣେଶୀ ଲାଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ପର୍ଯ୍ୟଟନ ଏବଂ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ଓ ରାଜ୍ୟ ପର୍ଯ୍ୟଟନ ଏବଂ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ।

■ ବିଦେଶରେ ଓଡ଼ିଆଙ୍କ ସଫଳତାକୁ ଦେଖିଛି: ରାଷ୍ଟ୍ରପତି

■ ପାଇକଙ୍କ ବୀରତ୍ୱର ଗାଥା ବହନ କରିବ ସ୍ମାରକ

■ ବକ୍ସି ଜଗବନ୍ଧୁଙ୍କ ନାଁରେ ଚାଲୁ ସ୍ୱତନ୍ତ୍ର ଟ୍ରେନ: ମୁଖ୍ୟମନ୍ତ୍ରୀ

ଖୋର୍ଦ୍ଧା ଅଫିସ,୮।୧୨

ଖୋର୍ଦ୍ଧାର ବରୁଣେଇ ପାହାଡ ପାଦଦେଶରେ ରବିବାର ପୂର୍ବାହ୍ନରେ ପାଇକ ବିଦ୍ରୋହ ସ୍ମାରକ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ରାଷ୍ଟ୍ରପତି ରାମନାଥ କୋବିନ୍ଦ। ‘ଜୟ ଜଗନ୍ନାଥ’ କହି ସେ ତାଙ୍କ ଉଦ୍‌ବୋଧନ ଆରମ୍ଭ କରିଥିଲେ। ଖୋର୍ଦ୍ଧା ମାଟି, ପାଇକ ବିଦ୍ରୋହର ବୀର ସୁପୁତ୍ର ଏବଂ ସେମାନଙ୍କ ବଳିଦାନକୁ ସମ୍ମାନ ଜଣାଇ ସେ କହିଲେ, ଏଠାରେ ପାଇକମାନେ ଯେତେବେଳେ ଇଂରେଜଙ୍କ ଅନ୍ୟାୟ ବିରୋଧରେ ଶସ୍ତ୍ର ଉଠାଇଥିଲେ, ସେମାନଙ୍କ ଯୁଦ୍ଧନାରା ଥିଲା ଜୟ ଜଗନ୍ନାଥ। ଏହି ବୀର ଭୂମିରେ ପାଇକ ବିଦ୍ରୋହ ସ୍ମାରକ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରିବାକୁ ସୁଯୋଗ ମିଳିଥିବାରୁ ସେ ଧନ୍ୟବାଦ ଜଣାଇଥିଲେ। ଏଠି ଯେଉଁ ସ୍ମାରକ ନିର୍ମାଣ ହେବ ତାହା ସ୍ୱାଭିମାନୀ ପାଇକଙ୍କ ବୀରତ୍ୱ ଗାଥାର ପ୍ରତୀକ ସାଜିବ, ଯାହାକି ପରବର୍ତ୍ତୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହେବ। ୧୦ ଏକର ଜମିରେ ହେବାକୁ ଥିବା ଏହି ସ୍ମାରକ ଆଗାମୀ ଦିନରେ ଏକ ତୀର୍ଥସ୍ଥଳ ପାଲଟିବ। ଦେଶବିଦେଶର ପର୍ଯ୍ୟଟକମାନେ ଏହାର ମହତ୍ତ୍ୱ ବୁଝିପାରିବେ ବୋଲି ରାଷ୍ଟ୍ରପତି କହିଥିଲେ। ଏହି ସ୍ମାରକ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଶେଷ ଗୁରୁତ୍ୱ ଦେଇଥିବାରୁ ରାଷ୍ଟ୍ରପତି ଧନ୍ୟବାଦ ଜଣାଇଥିଲେ। ଏହାସହ ପାଇକ ବିଦ୍ରୋହ କିପରି ଏକ ବଡ଼ ଆନ୍ଦୋଳନରେ ପରିଣତ ହେଲା ସେ ନେଇ ଟିପ୍ପଣୀ ଦେଇଥିଲେ। ସେହିପରି ଓଡ଼ିଶାର ☞ପୃଷ୍ଠା-୪

# ଅବହେଳାରୁ ଅଗ୍ନିକାଣ୍ଡ: ୪୩ ଦଗ୍ଧ



**ଦିଲ୍ଲୀର ଅନାଜ ମଣ୍ଡିରେ ନିଆଁ**

■ ବ୍ୟାଗ୍ ଫ୍ୟାକ୍ଟ୍ରିରେ ଶୋଇଥିଲେ ଶତାଧିକ ଶ୍ରମିକ

■ ଶର୍ଟ ସର୍କିଟରୁ ଲାଗିଲା ନିଆଁ

■ ୬୩ ଉଦ୍ଧାର, ବଢ଼ିପାରେ ମୃତ୍ୟୁସଂଖ୍ୟା

■ ନ ଥିଲା ନିରାପତ୍ତା ବ୍ୟବସ୍ଥା, ମାଲିକ ଗିରଫ

■ ମୃତକଙ୍କ ପରିବାର ପାଇବେ ୧୨ ଲକ୍ଷ ସହାୟତା

■ ରିପୋର୍ଟ ମାଗିଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ

■ କେଜ୍‌ରିୱାଲ ଦେଲେ ତଦନ୍ତ ନିର୍ଦ୍ଦେଶ

■ ଶୋକବ୍ୟକ୍ତ କଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୮।୧୨(ପି.ଟି./ଆଇଏଏନ୍ଏସ୍)

ଦିଲ୍ଲୀର ଅନାଜ ମଣ୍ଡିରେ ରବିବାର ସକାଳେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୪୩ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ୬୩ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିବାବେଳେ ଅନେକେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏକ ଚାରି ମହଲା ବିଶିଷ୍ଟ କୋଠାରେ ବେଆଇନ ଭାବେ ଚାଲୁଥିବା ବ୍ୟାଗ୍ ଫ୍ୟାକ୍ଟ୍ରିରେ ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଯାଇଥିଲା। ପରେ ତାହା ଚତୁର୍ଦ୍ଦିଗକୁ ବ୍ୟାପି ବ୍ୟାପକ ଧନଜୀବନ ହାନିର କାରଣ ସାଜିଥିଲା। ଅବହେଳା ପାଇଁ ଏପରି ଘଟିଥିବା ଦର୍ଶାଇ ଉକ୍ତ ବିଲ୍ଡିଂ ମାଲିକ ରେହନଙ୍କୁ ପୋଲିସ ଅଟକ ରଖିଛି। ଏହି ଘଟଣାକୁ ନେଇ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଗ୍ନିକାଣ୍ଡର ବିସ୍ତୃତ ରିପୋର୍ଟ ଦିଲ୍ଲୀ ସରକାର ଓ ପୋଲିସକୁ ମାଗିଛି। ଦିଲ୍ଲୀ ସରକାର ☞ପୃଷ୍ଠା-୪

# ପୂର୍ବତନ ମନ୍ତ୍ରୀ ଭାଗବତ ମହାନ୍ତିଙ୍କ ପରଲୋକ



**ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ନେତାଙ୍କ ଶୋକ**

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତିଙ୍କ ରବିବାର ପରଲୋକ ଘଟିଛି। ୧୯୨୯ ନଭେମ୍ବର ୨୭ତାରିଖରେ ଜନ୍ମ ହୋଇଥିବା ମହାନ୍ତି ୯୧ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରୁ ସେ ୩ଥର ନିର୍ବାଚିତ ହୋଇଥିଲେ। ପଞ୍ଚମ ବିଧାନସଭାକୁ ସେ ପ୍ରଥମେ ପ୍ରଜା ସୋସିଆଲିଷ୍ଟ ପାର୍ଟି ଟିକେଟ୍‌ରେ ନିର୍ବାଚିତ ହୋଇଥିଲେ। ପରେ କଂଗ୍ରେସ ଟିକେଟରେ ନବମ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ଏକାଦଶ ବିଧାନସଭାକୁ ଭାରତୀୟ ଜାତୀୟ କଂଗ୍ରେସ ଟିକେଟରେ ନିର୍ବାଚିତ ହୋଇଥିଲେ। ଉଚ୍ଚ ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀଭାବେ ସେ ଦାୟିତ୍ୱ ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ**

କିଏ ବା କହିବ

**ଆଜିର ମନ୍ତବ୍ୟ**

“ମହିଳା ବିରୋଧୀ ଅପରାଧ ରୋକିବା ପାଇଁ ଆଇନ ଅପେକ୍ଷା ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନିକ ଦକ୍ଷତା ଅଧିକ ଆବଶ୍ୟକ।

-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

**କିଛି ତଥ୍ୟ**

ଚଳିତ ବର୍ଷ ଅକ୍ଟୋବରରେ ଇଣ୍ଡିଆ ଇଙ୍କ୍‌ର ବିଦେଶୀ ବଜାରରୁ ଋଣ ୨ ଗୁଣ ବଢି ୩.୪୧ ବିଲିୟନ ଡଲାର ରହିଛି।

– ରିଜର୍ଭ ବ୍ୟାଙ୍କ

Taste the difference!
Vencobb FRESH CHICKEN

08.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 80 | 132 | 142 |
| CTC | 79 | 131 | 141 |
| DKL | 82 | 135 | 145 |
| BDK | 74 | 124 | 134 |
| BLS | 74 | 124 | 134 |
| ANG | 82 | 135 | 145 |
| BHM | 80 | 132 | 142 |

*Conditions Apply

Issued in the Interest of Consumers

■ ୧୬ ନଂ.ଜାତୀୟ ରାଜପଥରେ ମର୍ମନ୍ତୁଦ ଦୁର୍ଘଟଣା

# ୩ ପର୍ଯ୍ୟଟକଙ୍କ ମୃତ୍ୟୁ, ୧୫ ଗୁରୁତର

ବାଲେଶ୍ୱର ଅଫିସ,୮।୧୨



ଦୁର୍ଘଟଣାଗ୍ରସ୍ତ ଟ୍ରାଭେଲର ଭ୍ୟାନ୍।

ବାଲେଶ୍ୱରଠାରୁ ପ୍ରାୟ ୧୨ କି.ମି. ଦୂର ୧୬ ନଂ.ଜାତୀୟ ରାଜପଥର ସେରଗଡ଼ ଟୋଲଗେଟ୍ ନିକଟ ଜଗନ୍ନାଥ ପେଟ୍ରୋଲ ପମ୍ପ ସମ୍ମୁଖରେ ରବିବାର ଭୋର୍ ସାଢ଼େ ୪ଟା ବେଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ପୁରୀ ଜିଲା ବାଲିସାହି ଅଞ୍ଚଳର ଗୋଟିଏ ପରିବାର ଓ ସେମାନଙ୍କ ସମ୍ପର୍କୀୟଙ୍କୁ ମିଶାଇ ୩୦ରୁ ଅଧିକ ପର୍ଯ୍ୟଟକଙ୍କୁ ନେଇ ଆସୁଥିବା ଟୁରିଷ୍ଟ ଟ୍ରାଭେଲର ଭ୍ୟାନ (ଓଡ଼ି୦୨ଏୱାଇ-୬୩୧୬) ଏକ ଟ୍ରକ ପଛ ପଟେ ପିଟି ହୋଇଯିବାରୁ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୫ ଜଣ ଗୁରୁତର ଆହତ ହୋଇଛନ୍ତି। ଅନ୍ୟ ୧୨ ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖନ୍ତାପଡ଼ା ଥାନା ପୋଲିସ ମୃତାହତଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଆହତମାନଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ସେମାନଙ୍କୁ ପୂର୍ବାହ୍ନ ସାଢେ଼ ୧୧ଟା ବେଳେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ୩ ପର୍ଯ୍ୟଟକଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ପର୍ଯ୍ୟଟକମାନେ ମୟୂରଭଞ୍ଜ ଜିଲା ଉଦଳା ନିକଟସ୍ଥ ଦେବକୁଣ୍ଡ ପର୍ଯ୍ୟଟନ ସ୍ଥଳକୁ ପିକ୍‌ନିକ୍ କରିବା ଲାଗି ଯାଉଥିଲେ।

ଦୁର୍ଘଟଣାସ୍ଥଳର କେତେକ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ୧୬ ନମ୍ବର ଜାତୀୟ ରାଜପଥରେ ଟ୍ରକ ସହ ଟୁରିଷ୍ଟ ଭ୍ୟାନର ଧକ୍କା ହେବା ପରେ ଏହାର ଶବ୍ଦ ବହୁ ଦୂରକୁ ଶୁଣାଯାଇଥିଲା। ସ୍ଥାନୀୟ ଲୋକେ ଧାଇଁ ଆସି ଦୁର୍ଘଟଣାଗ୍ରସ୍ତ ଭ୍ୟାନରୁ ଯାତ୍ରୀଙ୍କୁ ଉଦ୍ଧାର କରିବା ସଙ୍ଗେସଙ୍ଗେ ପୋଲିସକୁ ଖବର ଦେଇଥିଲେ। ଦୁର୍ଘଟଣାରେ ଟ୍ରାଭେଲର ଭ୍ୟାନର ସମ୍ମୁଖଭାଗ ଏକପ୍ରକାର ଚୂରମାର୍ ହୋଇଯାଇଛି। ଏଥିଲାଗି କିଛି ସମୟ ରାସ୍ତାରେ ଚଳାଚଳ ବ୍ୟାହତ ହୋଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଭ୍ୟାନ ଓ ଟ୍ରକକୁ ହଟାଇ ରାସ୍ତା ସଫା କରିଥିଲା। ଦୁର୍ଘଟଣାରେ ପ୍ରାଣ ହରାଇଥିବା ୩ ମୃତକ ହେଲେ ପୁରୀ ଜିଲା ବାଲିସାହିର ଗଙ୍ଗାଧର ଦାସ (୮୦), ଶ୍ରୀନାଥ ଦାସ (୪୫) ଓ ବାପି ମିଶ୍ର (୪୦)। ପୋଲିସ ଆହତଙ୍କୁ ପଚାରି ସେମାନଙ୍କ ଠିକଣା ବୁଝି ସେଠାକାର ଥାନା ସମେତ ସମ୍ପୃକ୍ତ ପରିବାରର ଅନ୍ୟ ସମ୍ପର୍କୀୟଙ୍କୁ ଜଣାଇଥିଲା। ଏ ନେଇ ଖନ୍ତାପଡା ଥାନା ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ




ବାବୁସାନ୍ଙ୍କ ସହ ମନଖୋଲା କଥା

ଦେଖନ୍ତୁ ଭିଡିଓ

YouTube /dharitrilive

ପୁରୀ ପୋଲିସ କ୍ୱାର୍ଟର୍ସରେ ଗଣବଳାତ୍କାର ମାମଲା

# ରାୟଗଡ଼ାରୁ ଚତୁର୍ଥ ଅଭିଯୁକ୍ତ ବୁଲୁ ଗିରଫ

**ପୁରୀ ଅଫିସ, ୮।୧୨:** ପୋଲିସ କ୍ୱାର୍ଟର୍ସରେ ନାବାଳିକାଙ୍କୁ ଗଣବଳତ୍କାର ମାମଲାରେ ରବିବାର ପୁରୀ ପୋଲିସର ଚତୁର୍ଥ ଅଭିଯୁକ୍ତ ବୁଲୁ ବାରିକଙ୍କୁ ରାୟଗଡାରୁ ଗିରଫ କରିଛି। ପୁରୀ ପୋଲିସର ସ୍ପେଷାଲ ସ୍କ୍ୱାଡ ରାୟଗଡା ପୋଲିସ ସହାୟତାରେ ସହରର ଚେକାଗୁଡାର ନାଗାବଳୀ ସେତୁ ନିକଟରୁ ବୁଲୁଙ୍କୁ ଗିରଫ କରିଛି। ଗଣବଳତ୍କାର ମାମଲାରେ ସଂପୃକ୍ତ ଥିବା ବୁଲୁ ଘଟଣା ପରଠାରୁ ଫେରାର ରହିଥିଲେ। ସେ ପ୍ରଥମେ କଲିକତା ପରେ କେସିଙ୍ଗା ଓ ରବିବାର ଚେକାଗୁଡାଠାରେ ନିଜ ସମ୍ପର୍କୀୟଙ୍କ ଘରେ ଲୁଚିଥିବା କୌଣସି ସୂତ୍ରରୁ ଖବରପାଇ ପୁରୀ ପୋଲିସ ସ୍ଥାନୀୟ ପୋଲିସ ସହାୟତାରେ ତାଙ୍କୁ କାବୁ କରିଥିଲା। ପୂର୍ବରୁ ପୋଲିସ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଜିତେନ୍ଦ୍ର ସେଠୀ ଓ ରାଜେଶ ସେଠୀଙ୍କୁ ଘଟଣା ଦିନ ବିଳମ୍ବିତ ରାତିରେ ଗିରଫ କରିଥିଲା ଏବଂ ଡିସେମ୍ବର ୬ରେ ଭୋରରୁ ବ୍ରହ୍ମଗିରି ଆଳିଆପୁରରୁ ରାମଚନ୍ଦ୍ର ପ୍ରଧାନଙ୍କୁ ଗିରଫ କରିଥିଲେ। ଏନେଇ କୁମ୍ଭାରପଡ଼ା ଥାନାରେ ୩୦୮/୧୯ରେ ମାମଲା ରୁଜୁ ହୋଇଥିଲା। ପୀଡିତା ପୋଲିସକୁ ଦେଇଥିବା ବୟାନ ପ୍ରକାରେ ତାଙ୍କୁ ନିମାପଡା ବସଷ୍ଟାଣ୍ଡରୁ କାର ଯୋଗେ ଆଣି ଝାଡେଶ୍ୱରୀ ଛକ ସ୍ଥିତ ପୋଲିସ କ୍ୱାର୍ଟର୍ସରେ ଗଣବଳତ୍କାର କରାଯାଇଥିଲା। ଦୁଇଜଣ କ୍ୱାର୍ଟର୍ସ ଭିତରେ ରହିଥିବା ବେଳେ ଆଉ ଦୁଇଜଣ ବାହାରେ ରହିଥିଲେ। ଏହି ଘଟଣାର ସେ ଭିଡିଓ କ୍ଲିପ ପୋଲିସକୁ ପ୍ରଦାନ କରିଥିବା ଡିଆଇଜି ଆଶିଷ କୁମାର ସିଂ ଗଣମାଧ୍ୟମକୁ କହିଥିଲେ।

#MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ହେମନ୍ତ ଦାଶ



ପ୍ରିୟଦର୍ଶିନୀ



ବାସନ୍ତୀ ପଣ୍ଡା



ରାଜକିଶୋର ମହାନ୍ତି

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ସାପକାମୁଡ଼ା ଜାଣିବା ପାଇଁ ନୂଆ ବ୍ୟବସ୍ଥା





ଏଫ୍ଏମ୍ଟି ବିଭାଗ ପକ୍ଷରୁ ଆୟୋଜିତ କର୍ମଶାଳାରେ ସ୍ନେକ୍ ହେଲ୍ପଲାଇନ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଉଦ୍ବୋଧନ ଦେଉଛନ୍ତି।

**କଟକ ଅଫିସ, ୮।୧୨**

ସାପ କାମୁଡ଼ାରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯାଉଛି। ତେଣୁ ଏହାର ଫାଇଦା କିଛି ଲୋକ ନେଉଛନ୍ତି। ହୃଦ୍‌ଘାତ କିମ୍ବା ବ୍ରେନ୍ ଷ୍ଟ୍ରୋକ୍‌ରେ ମୃତ୍ୟୁବରଣ କରୁଥିବା ରୋଗୀ ସାପ କାମୁଡ଼ାଜନିତ ଦର୍ଶାଇ ସରକାରୀ ସହାୟତା ହାତଉଛନ୍ତି। ଏହାକୁ ରୋକିବା ପାଇଁ ଏସ୍‌ସିବି ମେଡିକାଲରେ ଆରମ୍ଭ ହେବ ଏନ୍‌ଜାଇମ ଇମ୍ୟୁନୋ ଆସେ ନାମକ ଏକ ପରୀକ୍ଷା। ରୋଗୀଙ୍କଠାରୁ ରକ୍ତ ସଂଗ୍ରହ କରାଯାଇ ପରୀକ୍ଷା କରାଯିବ। ଉକ୍ତ ପରୀକ୍ଷା ରିପୋର୍ଟରୁ ରୋଗୀଙ୍କୁ ସାପ କାମୁଡ଼ିଛି କି ନାହିଁ ତାହା ଧରାପଡ଼ିଯିବ। ରବିବାର ଏସ୍‌ସିବି ମେଡିକାଲ ଅଡିଟୋରିୟମ ହଲ୍‌ରେ ଏଫ୍ଏମ୍ଟି (ଫୋରେନ୍‌ସିକ ମେଡିସିନ ଆଣ୍ଡ ଟକ୍‌ସିକୋଲୋଜି) ବିଭାଗ ପକ୍ଷରୁ ସାପକାମୁଡ଼ା ରୋଗୀଙ୍କୁ ପରିଚାଳନା ଉପରେ ଏକ ତାତ୍ତ୍ୱିକ (ଏକାଡେମିକ) କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ମେଡିସିନ, କମ୍ୟୁନିଟି ମେଡିସିନ, ଫାର୍ମାକୋଲୋଜି, ପାଥୋଲୋଜି ବିଭାଗର ଡାକ୍ତର ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏଥିସହ ପଣ୍ଡିଚେରୀର ଜେଆଇପିଏମ୍ଇଆର୍ ମେଡିକାଲ କଲେଜ, ଭେଲୋରର ସିଏମ୍‌ସି ମେଡିକାଲ କଲେଜ, ଭୁବନେଶ୍ୱରର ଏମ୍‌ସ, ବ୍ରହ୍ମପୁର, ବାଲେଶ୍ୱର, ବଲାଙ୍ଗୀର ଆଦି ମେଡିକାଲ କଲେଜର ଡାକ୍ତର ଓ ପିଜି ଛାତ୍ରୀଛାତ୍ର ଯୋଗଦେଇଥିଲେ।

### ଏସ୍‌ସିବିରେ ଆରମ୍ଭ ହେବ ଏନ୍‌ଜାଇମ ଇମ୍ୟୁନୋ ଆସେ

ସାପକାମୁଡ଼ା ରୋଗୀଙ୍କୁ କିଭଳି ଚିକିତ୍ସା କରାଯିବ ତାହା ଉପରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ଲୋକର ଯେଉଁ ସ୍ଥାନକୁ ସାପ କାମୁଡିଥାଏ, ସେହି ସ୍ଥାନର ଉପରକୁ ଭିଡି ବାନ୍ଧି ଦିଆଯାଇଥାଏ। ଏହା କରିବା ନିତାନ୍ତ ଭୁଲ ବୋଲି କର୍ମଶାଳାରେ ମତପ୍ରକାଶ ପାଇଥିଲା। ସାପ କାମୁଡ଼ିବା ପରେ ରୋଗୀଙ୍କୁ ଗୁଣିଆ ପାଖକୁ ନ ନେଇ ପ୍ରାଥମିକ ଚିକିତ୍ସା ନିମନ୍ତେ ନିକଟରେ ଥିବା ମେଡିକାଲକୁ ନିଆଯିବା ଦରକାର। ସେଠାରେ ପ୍ରାଥମିକ ଚିକିତ୍ସା ପରେ ରୋଗୀଙ୍କୁ ତୁରନ୍ତ ମେଡିକାଲ କଲେଜକୁ ସ୍ଥାନାନ୍ତର କରିବା ଉଚିତ ବୋଲି ଡାକ୍ତରମାନେ କହିଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରୋଗୀଙ୍କୁ କେଉଁ ସାପ କାମୁଡ଼ିଛି ତାହା ଚିହ୍ନଟ କରିବା ଆବଶ୍ୟକ। ମୁଖ୍ୟତଃ ସାପ କାମୁଡ଼ିଛି କି ନାହିଁ ତାହା ଜାଣିବା ନିତାନ୍ତ ଅପରିହାର୍ଯ୍ୟ। ଦେଖାଯାଉଛି ଯେ, ସାପ କାମୁଡ଼ିଥିବା ରୋଗୀ ଅନେକ ସମୟରେ ଜାଣି ନ ପାରି ମୃତ୍ୟୁମୁଖରେ ପଡୁଥିବାବେଳେ ସାପ କାମୁଡ଼ି ନ ଥିବା ରୋଗୀ ଚିକିତ୍ସିତ ହୋଇ ଅଡୁଆରେ ପଡୁଛନ୍ତି। ତେଣୁ ଏହାକୁ ଚିହ୍ନଟ କରିବା ପାଇଁ ମଧ୍ୟ ଏନ୍‌ଜାଇମ ଇମ୍ୟୁନୋ ଆସେ ପରୀକ୍ଷା ମଧ୍ୟ କାମ ଦେବ। ଏହି କର୍ମଶାଳାରେ ସ୍ନେକ୍ ହେଲ୍ପଲାଇନ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଯୋଗଦେଇ ସାପ କାମୁଡ଼ିଥିବା ରୋଗୀଙ୍କୁ କିଭଳି ପ୍ରାଥମିକ ଅବସ୍ଥାରେ ଯତ୍ନ ନିଆଯିବା କଥା ସେ ସମ୍ପର୍କରେ କହିଥିଲେ। କାମୁଡ଼ିଥିବା ସାପକୁ ଚିହ୍ନିବା ଏବଂ ଉକ୍ତ ସାପ କେତେ ବିଷଧର ତାହା ଜାଣିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ମଲ୍ଲିକ କହିଥିଲେ। ସୂଚନାଥାଉ କି, ୨୦୧୮ରେ ଏସ୍‌ସିବି ମେଡିକାଲରେ ୧୩୦ ଜଣ ରୋଗୀଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

# ୨ ଦିନିଆ ବେଙ୍ଗାଲୁରୁ ଗସ୍ତରେ ଆଇଟି ମନ୍ତ୍ରୀ

**ଭୁବନେଶ୍ୱର,୮।୧୨(ବ୍ୟୁରୋ)**

- ବିଭିନ୍ନ କମ୍ପାନୀମାନଙ୍କ ସହ ହେବ ବୈଠକ
- ରାଜ୍ୟକୁ ଆସିବ ପୁଞ୍ଜି

ଇଲେକ୍‌ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ତୁଷାରକାନ୍ତି ବେହେରା ରବିବାର ଦୁଇଦିନିଆ ବେଙ୍ଗାଲୁରୁ ଗସ୍ତରେ ଯାଇଛନ୍ତି। ଏହି ଗସ୍ତରେ ମନ୍ତ୍ରୀ ବିଭିନ୍ନ ଆଇଟି କମ୍ପାନୀମାନଙ୍କ ସହ ଆଲୋଚନା କରିବେ। ଓଡ଼ିଶାରେ ଆଇଟି କମ୍ପାନୀ ପ୍ରତିଷ୍ଠା ନେଇ ଥିବା ଭିତ୍ତିଭୂମି ଓ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ମନ୍ତ୍ରୀ ବିସ୍ତୃତ ଆଲୋଚନା କରିବେ। ଏହି ସବୁ ଆଲୋଚନା ସୋମବାର ଏବଂ ମଙ୍ଗଳବାର ହେବ ବୋଲି ଜଣାପଡିଛି। ସୋମବାର ପୂର୍ବାହ୍ନ ୧୦ଟାରେ କର୍ନାଟକର ଉପମୁଖ୍ୟମନ୍ତ୍ରୀ ତଥା ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡ. ଅଶ୍ୱଥ ନାରାୟଣଙ୍କୁ ତୁଷାରକାନ୍ତି ଭେଟିବାର କାର୍ଯ୍ୟକ୍ରମ ରହିଛି । ପରେ ୧୧ଟା ୩୦ରେ ଆଇଇଏସ୍ଏ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଯୋଗଦେବେ। ଏଥିସହ ଆଇଇଏସ୍ଏର କାର୍ଯ୍ୟକ୍ରମ ସହ ବିଭିନ୍ନ ଶିଳ୍ପୋଦ୍ୟୋଗୀମାନଙ୍କ ସହ ଆଲୋଚନା କରିବେ। ସେହିଦିନ ଅପରାହ୍ନରେ ଟେକ୍ସାସ୍ ଇନ୍‌ଷ୍ଟ୍ରୁମେଣ୍ଟସ୍‌ଠାରେ ବିଭିନ୍ନ କମ୍ପାନୀ ମୁଖ୍ୟଙ୍କ ସହ ମନ୍ତ୍ରୀ ଆଲୋଚନା କରିବେ। ତୁଷାରକାନ୍ତି ଇଲେକ୍‌ଟ୍ରୋନିକ୍ସ ସିଟି ଏବଂ କ୍ରିପ୍‌ଟନ୍ ମାନ୍ୟୁଫାକଚରିଂ କମ୍ପାନୀ ମଧ୍ୟ ପରିଦର୍ଶନ କରିବେ ବୋଲି ଜଣାପଡିଛି ।

ସେହିଭଳି ମନ୍ତ୍ରୀ ମଙ୍ଗଳବାର ଟେସଲଭ୍ ଟେଷ୍ଟ ଫାସିଲିଟି ଗସ୍ତ କରିବେ। ଏହି ଗସ୍ତ ଆଗାମୀ ଦିନରେ ଓଡ଼ିଶାରେ ଆଇଟି କ୍ଷେତ୍ରରେ ଅନେକ ପୁଞ୍ଜିନିବେଶର ଆଶା ସୃଷ୍ଟି କରିବା ସହ ମେକ୍ ଇନ୍ ଓଡ଼ିଶା ଲକ୍ଷ୍ୟକୁ ଆହୁରି ଆଗକୁ ନେବାରେ ସହାୟକ ହେବ ବୋଲି ବିଭାଗ ଆଶା କରାଯାଉଛି।

କାଜୁ ଉତ୍ପାଦନ, ପ୍ରକ୍ରିୟାକରଣ, ରପ୍ତାନିକୁ ଗୁରୁତ୍ୱ

# ୨୩ରେ ଓଡ଼ିଶାରେ ହେବ ଜାତୀୟ ସମ୍ମିଳନୀ



**ଭୁବନେଶ୍ୱର,୮।୧୨(ବ୍ୟୁରୋ)**

ସାରା ଦେଶରେ ଓଡ଼ିଶା ଅନ୍ୟତମ ପ୍ରମୁଖ କାଜୁ ବାଦାମ ଉତ୍ପାଦନ କରୁଥିବା ରାଜ୍ୟ। କାଜୁ ପୁଷ୍ଟିସାର ଜାତୀୟ ଖାଦ୍ୟ ହୋଇଥିବାରୁ ଏହାର ଦେଶ,ବିଦେଶରେ ଚାହିଦା ରହିଛି। ତେଣୁ ଏହା ସ୍ଥିର ଅର୍ଥନୈତିକ ଫାଇଦା ଦିଗ ରହିଥିବାରୁ କାଜୁ ଉତ୍ପାଦନ, ପ୍ରକ୍ରିୟାକରଣ ଏବଂ ରପ୍ତାନିକୁ ଗୁରୁତ୍ୱ ଦିଆଯାଉଛି। ଓଡ଼ିଶା ସମେତ ଦେଶରେ କାଜୁ ଉତ୍ପାଦନ କରୁଥିବା ରାଜ୍ୟର ପ୍ରତିନିଧି, କେନ୍ଦ୍ରୀୟ ବିଶେଷଜ୍ଞଙ୍କୁ ନେଇ ଚଳିତ ମାସ ୨୩ରେ ଭୁବନେଶ୍ୱରରେ ଏକ ସମ୍ମିଳନୀ ହେବାକୁ ଯାଉଛି। ଏଥିରେ ମହାରାଷ୍ଟ୍ର, କେରଳ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, କର୍ନାଟକ, ତାମିଲନାଡୁ, ଗୋଆ ଏବଂ ପଶ୍ଚିମ ବଙ୍ଗ ପ୍ରତିନିଧିଗଣ ଯୋଗଦେବେ। ରାଜ୍ୟରେ ଗଞ୍ଜାମ ଏବଂ ପୁରୀରେ କାଜୁ କଷ୍ଟର ରହିଛି। ଆଗାମୀ ଦିନରେ ଖୋର୍ଦ୍ଧା ଏବଂ ଗଜପତିରେ ନୂଆ କଷ୍ଟର ଖୋଲିବା ପାଇଁ ଯୋଜନା କରାଯାଉଥିବା ଜଣାପଡିଛି।

ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ କାଜୁ ଶିଳ୍ପର ବିକାଶ ଏବଂ ବିପଣନକୁ କେନ୍ଦ୍ର ପକ୍ଷରୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଖୁବ୍‌ଶୀଘ୍ର ଭୁବନେଶ୍ୱରରେ ଭାରତୀୟ କାଜୁ ରପ୍ତାନି ପ୍ରୋତ୍ସାହନ ପରିଷଦର ଆଞ୍ଚଳିକ କାର୍ଯ୍ୟାଳୟ ଖୋଲାଯିବ ବୋଲି ଜଣାପଡିଛି।

# ସରିଛି ୯୨ କି.ମି. ବାକି ରହିଛି ୧୯୭

**ଭୁବନେଶ୍ୱର,୮।୧୨(ବ୍ୟୁରୋ)**

### ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ

- ଉତ୍ତର ରଖିଲେ ରେଳ ମନ୍ତ୍ରୀ
- ବ୍ରହ୍ମପୁର-ସମ୍ବଲପୁର ସର୍ବେକ୍ଷଣ କରୁଛି ଓଆରଆଇଡିଏଲ
- ଖୋର୍ଦ୍ଧାରୋଡ-ବାରଙ୍ଗ ୩ୟ ଲାଇନ୨୫.୭୩ କି.ମି ସମ୍ପୂର୍ଣ୍ଣ

ପ୍ରସ୍ତାବିତ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ମୋଟ ଦୈର୍ଘ୍ୟ-୨୮୯ କିଲୋମିଟର। ତନ୍ମଧ୍ୟରୁ ଏଯାବତ୍ ୯୨ କି.ମି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହୋଇପାରିଛି। ଆହୁରି ୧୯୭ କି.ମି ରେଳପଥ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ସହ କାର୍ଯ୍ୟକ୍ଷମ ହେବାକୁ ବାକି ରହିଛି। ରେଳବାଇ ମନ୍ତ୍ରୀ ପୀୟୂଷ ଗୋଏଲ ଗତ ୨୯ ତାରିଖରେ ଏହି ତଥ୍ୟ ରାଜ୍ୟ ସଭାରେ ଲିଖିତ ଭାବେ ଉପସ୍ଥାପନ କରିଛନ୍ତି। ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ଅଣତାରକା ପ୍ରଶ୍ନ ନଂ୧୪୦୩ର ଉତ୍ତର ଦେଇ ମନ୍ତ୍ରୀ ଗୋଏଲ ଏହି ତଥ୍ୟ ଦେଇଛନ୍ତି।

ମୋଟ ୨୮୯ କି.ମି ପ୍ରକଳ୍ପ ପାଇଁ ବର୍ତ୍ତମାନ ସ୍ଥିତିରେ ୩୭୯୮.୮୦ କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଛି। ଚଳିତ ମାର୍ଚ୍ଚ ସୁଦ୍ଧା ତନ୍ମଧ୍ୟରୁ ୧୩୨୭.୦୯ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ୨୦୧୯-୨୦ ବଜେଟ(ଆଉଟ୍ ଲେ) ୩୫୦ କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଛି। ୨୮୯ କି.ମି ପ୍ରକଳ୍ପକୁ ୨ ଭାଗରେ ବିଭକ୍ତ କରାଯାଇଛି। ପ୍ରଥମଟି ୦ ରୁ ୧୧୨ କି.ମି ଏବଂ ଦ୍ୱିତୀୟଟି ୧୧୨ରୁ ୨୮୯ କି.ମି। ପ୍ରଥମ ଭାଗ ପୂର୍ଣ୍ଣଭାବେ ରେଳବାଇ ଦ୍ୱାରା କରାଯାଉଛି। ଦ୍ୱିତୀୟ ଭାଗଟିର ବ୍ୟବହୃତ ଜମି ରାଜ୍ୟ ସରକାର ସମ୍ପୂର୍ଣ୍ଣ ମାଗଣାରେ ରେଳବାଇକୁ ଯୋଗାଇ ଦେଉଛନ୍ତି। ସେହିପରି ନିର୍ମାଣର ୫୦ ପ୍ରତିଶତ ଅର୍ଥ ମଧ୍ୟ ବହନ କରୁଥିବା ରେଳବାଇ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବିଜେଡି ସଭ୍ୟଙ୍କ ଦ୍ୱାରା ପଚରାଯାଇଥିବା ପ୍ରଶ୍ନରେ ପ୍ରକଳ୍ପ କେବେ ସରିବ ଏବଂ ବିଳମ୍ବର କାରଣ ନେଇ ମଧ୍ୟ ପ୍ରଶ୍ନ କରାଯାଇଛି। ହେଲେ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦିଷ୍ଟଭାବେ କେବେ ସରିବ, ତାହା କୁହାଯାଇନାହିଁ। ପ୍ରକଳ୍ପ କାର୍ଯ୍ୟ ସରିବା ବିଭିନ୍ନ ଦିଗ ଏବଂ ଜିନିଷ ଉପରେ ନିର୍ଭର କରୁଥିବା କୁହାଯାଇଛି। ତୁରନ୍ତ ଜମି ଅଧିଗ୍ରହଣ, ପରିବେଶ ମଞ୍ଜୁରୀ, ଇନ୍‌ଫ୍ରିଜିଙ୍ଗ୍ ୟୁଟିଲିଟିଜ୍, ବିଭିନ୍ନ ସଂସ୍ଥାଗତ ଅନୁମତି, ପ୍ରକଳ୍ପ ହେଉଥିବା ଅଞ୍ଚଳର ପରିବେଶ, ବିସ୍ଥାପନ ସମସ୍ୟା ଇତ୍ୟାଦି ବିଷୟ ରହିଛି। ସମସ୍ତ ବିଷୟ ସମ୍ପର୍କିତ ଉପଯୁକ୍ତ ସମନ୍ୱୟ ଦ୍ୱାରା ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରିବ ବୋଲି କୁହାଯାଇଛି।

ସେହିଭଳି ସସ୍ମିତ ବ୍ରହ୍ମପୁର-ସମ୍ବଲପୁର(ଭାୟା-ଫୁଲବାଣୀ) ରେଳ ପ୍ରକଳ୍ପ କାର୍ଯ୍ୟ ବିଷୟରେ ମଧ୍ୟ ପ୍ରଶ୍ନ କରିଥିଲେ। ଏହି ରେଳପଥର ଯେଉଁ ଅଂଶ ଓଡ଼ିଶା ରେଳବାଇ ଭିତ୍ତିଭୂମି ଉନ୍ନୟନ ସଂସ୍ଥା(ଓଆରଆଇଡିଏଲ) ଦ୍ୱାରା କରାଯାଉଛି, ସେ ସମ୍ପର୍କରେ ବିବରଣୀ ମାଗିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, ନୂଆ ବ୍ରହ୍ମପୁର-ଫୁଲବାଣୀ-ସମ୍ବଲପୁର ରେଳପଥ(୨୪୫.୫ କି.ମି)ର ପ୍ରାକ୍-ନିବେଶ କାର୍ଯ୍ୟ ଓଆରଆଇଡିଏଲ୍‌କୁ ପ୍ରଦାନ କରାଯାଇଛି। ଯାହା ମଧ୍ୟରେ ଫିଜିବିଲିଟ୍ ରିପୋର୍ଟ, ପୂର୍ଣ୍ଣାଙ୍ଗ ପ୍ରକଳ୍ପ ରିପୋର୍ଟ(ଡିପିଆର) ଏବଂ ସର୍ବେକ୍ଷଣ କାର୍ଯ୍ୟ ରହିଛି। ଖୋର୍ଦ୍ଧା-ବଲାଙ୍ଗୀର ପ୍ରକଳ୍ପ ଭଳି ଏହି ପ୍ରକଳ୍ପ କେବେ ସରିବ, ସେ ନେଇ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ସମ୍ପର୍କରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇନାହିଁ। ଅନୁରୂପଭାବେ ଖୋର୍ଦ୍ଧାରୋଡ-ବାରଙ୍ଗ ତୃତୀୟ ଲାଇନ (୩୨.୩୪ କି.ମି) କାର୍ଯ୍ୟର ୨୫.୭୩ କି.ମି କରାଯାଇଛି, ଅବଶିଷ୍ଟ କାର୍ଯ୍ୟ ଚାଲୁ ରହିଥିବା ମନ୍ତ୍ରୀ ଗୋଏଲ ଉଲ୍ଲେଖ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ପ୍ରସ୍ତାବିତ ୩୯୬ କୋଟି ଟଙ୍କା ମଧ୍ୟରୁ ୩୮୧ କୋଟି ଟଙ୍କା ଖର୍ଚ୍ଚ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା କରାଯାଇସାରିଛି। ୨୦୧୯-୨୦ରେ ବଜେଟ (ଆଉଟ ଲେ) ୮ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ପ୍ରକଳ୍ପ କେବେ ସରିବ, ସେ ନେଇ ମଧ୍ୟ କୌଣସି ସ୍ପଷ୍ଟ ସମୟ ସମ୍ପର୍କରେ ସୂଚନା ଦିଆଯାଇନାହିଁ।

STATE IHM, BALANGIR
NCHMCT
THE GOVT. HOTEL MANAGEMENT COLLEGE AFFILIATED TO NCHMCT MINISTRY OF TOURISM, GOVT. OF INDIA IN WESTERN ODISHA (JOINTLY DEVELOPED BY MINISTRY OF TOURISM, GOVT. OF INDIA & DEPTT. OF TOURISM, GOVT. OF ODISHA.)
FREE COACHING FOR JEE (HOTEL MANAGEMENT) AT SIHM BALANGIR
FOR CLASS 10+2 PASSOUT CANDIDATES WITH 50% MARKS
B.Sc IN Hospitality & Hotel Administration
FOR THE ACADEMIC SESSION 2020-21
Age: Maximum 25 Years as on 1st July 2020 for GEN/OBC and 28 Years for SC/ST candidates.
ADMISSION PROCESS ONLINE
On-line Applications forms are available on NTA website: Login to - www.ntanchm.nic.in
On-line Submission of Application Form: From 01.01.2020 to 29.02.2020
Examination Date: 25.04.2020 (Saturday)
FOR CLASS 10 PASSOUT CANDIDATES
CERTIFICATE COURSE IN HOTEL MANAGEMENT
(COURSE IN F & B SERVICE) (DURATION - 06 MONTHS) (COURSE START DATE - 07.01.2020)
Age: Maximum 25 Years as on 1st January 2020 for GEN/OBC and 28 Years for SC/ST candidates.
VISIT STATE IHM, BALANGIR FOR FURTHER DETAILS
website - www.sihmbalangir.org, e-mail: principal@sihmbalangir.org, admissions@sihmbalangir.org
Titilagarh Road, Balangir - 767001 (Odisha)
Mob. No. 6370184189, 9437140772, 6370180040, 9437030720





ଅଳ୍ପ ବୟସରେ ଯଦି ଜଣେ ଉଦୀୟମାନ ଯୁବକ ମରିଗଲା, ତେବେ ଜାଣିବ ଯେ ସେ ଈଶ୍ୱରଙ୍କର ଅତି ପ୍ରିୟ ଥିଲା ଓ ଈଶ୍ୱରଙ୍କ ଡାକରାରେ ଚାଲିଗଲା।

- ମେନାଣ୍ଡର


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ...............................



ରୋହନ୍

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନାଗରିକତ୍ୱ ସଂଶୋଧନ ବିଧେୟକ

## ସମର୍ଥନ କରିବ ବିଜୁ ଜନତା ଦଳ

ଭୁବନେଶ୍ୱର,୮।୧୨(ବ୍ୟୁରୋ)

କେନ୍ଦ୍ର ସରକାର ସୋମବାର ପାର୍ଲାମେଣ୍ଟରେ ନାଗରିକତ୍ୱ ସଂଶୋଧନ ବିଧେୟକ-୨୦୧୯ ଆଗତ କରିବାକୁ ଯାଉଛନ୍ତି। ଏହି ବିଧେୟକକୁ ଗୃହୀତ କରିବା ପାଇଁ ଭାଜପା ପକ୍ଷରୁ ଉଭୟ ସଦନରେ ବିଭିନ୍ନ ରାଜନୈତିକ ଦଳର ସହଯୋଗ ଲୋଡ଼ାଯାଇଛି। ସେହିକ୍ରମରେ ବିଜେଡିର ସହଯୋଗ ପାଇଁ ମଧ ଭାଜପା ପକ୍ଷରୁ ଚେଷ୍ଟା କରାଯାଇଥିଲା। ଭାଜପାର ଶୀର୍ଷ ନେତୃତ୍ୱ ବିଜେଡିକୁ ନିଜ ପକ୍ଷକୁ ଆଣିବାରେ ସଫଳ ହୋଇଥିବା ସୂଚନା ମିଳିଛି। ତେଣୁ ଉଭୟ ଲୋକ ସଭା ଏବଂ ରାଜ୍ୟ ସଭାରେ ବିଜେଡି ନାଗରିକତ୍ୱ ସଂଶୋଧନ ବିଧେୟକକୁ ସମର୍ଥନ କରିବ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ପ୍ରକାଶ। ଏନେଇ ଦଳ ପକ୍ଷରୁ ସୋମବାର ପୂର୍ବାହ୍ନରେ ହୁଇପ୍ ଜାରି ହେବ ବୋଲି ଜଣାପଡ଼ିଛି।

# ଚାଷୀଙ୍କ ଆତ୍ମହତ୍ୟା ଅଭିଯୋଗ

ଔପଦା,୮।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଔପଦା ବ୍ଲକ ବଡ଼ପୋଖରୀ ପଞ୍ଚାୟତର ଚାଷୀ ପ୍ରଦୀପ ପାତ୍ର(୩୯) ବିଷ ପିଇ ଆତ୍ମହତ୍ୟା କରିଥିବା ନେଇ ତାଙ୍କ ପରିବାରବର୍ଗ ଅଭିଯୋଗ କରିଛନ୍ତି। ସେ ସରକାରୀ ଓ ବେସରକାରୀ ସଂସ୍ଥାରୁ ଲକ୍ଷାଧିକ ଟଙ୍କା ଋଣ କରି ୩ ଏକରରୁ ଊର୍ଦ୍ଧ୍ୱ ଜମିରେ ଧାନ ଚାଷ କରିଥିଲେ। ଜମିରେ ରୋଗପୋକ ଲାଗିବା ସହ 'ବୁଲ୍‌ବୁଲ' ବାତ୍ୟାରେ ଫସଲ ଉଜୁଡ଼ି ଯିବାରୁ ଚିନ୍ତାରେ ରହିଥିଲେ। ଗତ ୬ ତାରିଖରେ ଚାଷ ଜମିକୁ ଯାଇ ଧାନ ଫସଲ ନଷ୍ଟ ହୋଇଥିବା ଦେଖି ମାନସିକ ଭାରସାମ୍ୟ ହରାଇ ବସିଥିଲେ। ଘରକୁ ଫେରି ସେ ବିଷ ପିଇ ଦେବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ସୋର ଡାକ୍ତରଖାନାକୁ ଆଣିଥିଲେ। ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇ ପରେ କଟକ ବଡ଼ଡାକ୍ତରଖାନାକୁ ପଠାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତାଙ୍କ ସାନ ଭାଇ ନରହରି ପାତ୍ର ଏହା ପ୍ରକାଶ କରି ଏଥର ଚାଷ କାର୍ଯ୍ୟ ପାଇଁ ପ୍ରଦୀପ ବଡ଼ପୋଖରୀ ସେବା ସମବାୟ ସମିତିରୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଓ ହାତଉଧାରି କରି ଚାଷ କରିଥିଲେ । ଫସଲ ଉଜୁଡି ଯିବାରୁ ସେ ଆତ୍ମହତ୍ୟାର ପନ୍ଥା ବାଛି ନେଇଥିବା ନରହରି କହିଛନ୍ତି।

# ପୂର୍ବତନ ମନ୍ତ୍ରୀ...

ତୁଲାଇଥିଲେ। ଭାଗବତଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରି କହିଛନ୍ତି, ଭାଗବତ ଜଣେ ଦକ୍ଷ ପ୍ରଶାସକ ଏବଂ ଭଲ ରାଜନେତା ଥିଲେ। ତାଙ୍କ ପରିବାର ବର୍ଗ ପ୍ରତି ସେ ଗଭୀର ସମବେଦନା ଜଣାଇଛନ୍ତି। ଭାଗବତଙ୍କ ମରଶରୀର ପୂର୍ବାହ୍ନ ୧୦ଟା୩୦ ମିନିଟ୍‌ରେ କଂଗ୍ରେସ ଭବନ ପରିସରରେ ପହଞ୍ଚିବାପରେ ଶୋକାକୂଳ ପରିବେଶରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି କାହ୍ନୁଚରଣ ଲେଙ୍କା, ଜୟଦେବ ଜେନା ଓ ପ୍ରସାଦ ହରିଚନ୍ଦନଙ୍କ ସମେତ ବହୁ ନେତା ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ଏହାସହ ତାଙ୍କ ମରଶରୀରରେ ଦଳୀୟ ପତାକା ଅର୍ପଣ ସହ ଶେଷ ସମ୍ମାନ ଜଣାଇଛନ୍ତି। ମହାନ୍ତିଙ୍କ ବିୟୋଗ ଓଡ଼ିଶା ରାଜନୀତିରେ ବିଶେଷକରି କଂଗ୍ରେସ ପାଇଁ ଅପୂରଣୀୟ କ୍ଷତି ବୋଲି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

ତାଙ୍କ ବିୟୋଗ ପରେ ଟୁଇଟ୍ ଯୋଗେ ବହୁ ନେତା ଶୋକ ପ୍ରକାଶ କରିଛନ୍ତି।

# ସମ୍ବଲପୁରରେ...

ଶନିବାର ରାତି ପ୍ରାୟ ୧୧ଟାରେ ଛିଡା ହୋଇଥିଲେ। ଏହି ସମୟରେ ଜଣେ ଯୁବକ ଆସି ତାଙ୍କୁ ଘରେ ଛାଡି ଦେବେ ବୋଲି କହିଥିଲେ। ଏଣୁ ତାଙ୍କ ଉପରେ ଭରସା କରି ସେ ବାଇକ୍‌ରେ ବସିଥିଲେ। ହେଲେ ସମ୍ପୃକ୍ତ ଯୁବକ ଜଣକ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିବା ପରେ ଆଉ ୩ ଜଣଙ୍କୁ ଡାକିଥିଲେ। ସେମାନେ ସେଠାରେ ପହଞ୍ଚି ତାଙ୍କୁ ବଳାତ୍କାର କରିବା ପରେ ସ୍ଥାନ ଛାଡି ଚାଲି ଯାଇଥିଲେ। ପରେ ସେ ବହୁତ କଷ୍ଟରେ ବରେଇପାଲି ପର୍ଯ୍ୟନ୍ତ ଆସିଥିଲେ। ବୋଲି ପୋଲିସକୁ କହିଛନ୍ତି। ଅନ୍ୟପକ୍ଷେ ପୋଲିସ କହିଛି ଯେ, ଗଣବଳାତ୍କାରର ଶିକାର ହୋଇଥିବା ଏହି ମହିଳାଙ୍କ ଘର ହୀରାକୁଦ ଥାନା ଅଞ୍ଚଳରେ। ବର୍ତ୍ତମାନେ ସେ ଭିମ୍‌ସାରରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ଡାକ୍ତରୀ ମାଇନା କରାଯାଇଛି।

# ଅବହେଳାରୁ...

ଏହାର ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେବା ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଓ ଆହତଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଯୋଗାଇ ଦେବାକୁ ଘୋଷଣା କରିଛନ୍ତି। ସେହିପରି ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ମୃତକଙ୍କ ପରିବାର ଲୋକଙ୍କୁ ୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଓ ଆହତମାନଙ୍କୁ ୫୦ ହଜାର ଲେଖାଏ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ଏହି ବିପର୍ଯ୍ୟୟ ୨୨ ବର୍ଷ ତଳର ଉପହାର ସିନେମା ଅଗ୍ନିକାଣ୍ଡର ଦୁଃଖଦ ସ୍ମୃତିକୁ ଉଜ୍ଜୀବିତ କରିଛି।

୧୯୯୭ ଜୁନ୍ ୧୩ରେ ଦିଲ୍ଲୀର ଗ୍ରୀନ୍ ପାର୍କଏରିଆରେ ଥିବା ଉପହାର ସିନେମାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୫୯ ଜଣଙ୍କ ଜୀବନ ଯାଇଥିବାବେଳେ ଶତାଧିକ ଆହତ ହୋଇଥିଲେ। ୨୨ ବର୍ଷ ପରେ ଏହାର ପୁନରାବୃତ୍ତି ଘଟିଛି ପଶ୍ଚିମ ଦିଲ୍ଲୀର ରାଣୀ ଝାନ୍‌ସି ରୋଡ୍ ଅଞ୍ଚଳର ବ୍ୟସ୍ତବହୁଳ ଅନାଜ ମଣ୍ଡିରେ। ରବିବାର ସକାଳ ୫ଟାରେ ଅନାଜ ମଣ୍ଡିର ଏକ କୋଠାରେ ହଠାତ୍ ହୁ ହୁ ହୋଇ ନିଆଁ ଜଳିଲା। କେହି କିଛି ବୁଝିପାରିବା ପୂର୍ବରୁ ସେଠାରେ ଶୋଇଥିବା ଅନେକ ଶ୍ରମିକଙ୍କ ଜୀବନ ଚାଲିଯାଇଥିଲା। ପୋଲିସ, ଅଗ୍ନିଶମ ବାହିନୀ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଯବାନମାନେ ପହଞ୍ଚି ୬୩ ଜଣଙ୍କୁ ଉଦ୍ଧାର କରିଥିଲେ। ଲେଡି ହାର୍ଡିଂ ହସ୍ପିଟାଲରେ ୧୦ ଜଣଙ୍କୁ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୯ ଜଣ ଆଖି ବୁଜିଦେଇଥିଲେ। ସେହିପରି ଏଲ୍‌ଏନ୍‌ଜେପି ହସ୍ପିଟାଲରେ ଭର୍ତ୍ତି କରାଯିବା ପୂର୍ବରୁ ୩୪ ଜଣଙ୍କ ପ୍ରାଣହାନି ଘଟିଥିବା କୁହାଯାଉଛି। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧିପାଇବା ଆଶଙ୍କା କରାଯାଉଛି।

ଭୋର ୪ଟା ୩୦ରୁ ୫ଟା ମଧ୍ୟରେ ନିଆଁ ଲାଗିଥିବାବେଳେ ଅଗ୍ନିଶମ ବାହିନୀକୁ ୫ଟା ୨୨ ମିନିଟରେ ଖବର ଦିଆଯାଇଥିଲା। ୩୦ ନିଆଁଲିଭା ଦଳର ୧୫୦ ଫାୟାରଫାଇଟର ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଚଳାଇଥିଲେ। ସେତେବେଳକୁ ଫ୍ୟାକ୍ଟ୍ରିର ନିଆଁ ଆଉ ଦୁଇଟି ବିଲ୍ଡିଂକୁ ବ୍ୟାପିସାରିଥିଲା। ଅନାଜ ମଣ୍ଡିର ସଂକୀର୍ଣ୍ଣ ଗଳିରେ ଉଦ୍ଧାର ହୋଇଥିବା ଲୋକଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର କରିବାରେ ବିଳମ୍ୱ ହୋଇଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ତେବେ ଶର୍ଟ ସର୍କିଟରୁ ଏପରି ଘଟିଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି ବୋଲି ଜଣେ ଦିଲ୍ଲୀ ଫାୟାର ସର୍ଭିସ ମୁଖ୍ୟ ଅତୁଲ ଗର୍ଗ ସୂଚନା ଦେଇଛନ୍ତି। ପ୍ରଥମ ମହଲାରେ ନିଆଁ ଲାଗିଥିବାରୁ ଦ୍ୱିତୀୟ ମହଲାରେ ଶୋଇଥିବା ଶ୍ରମିକମାନେ ତଳକୁ ଯାଇ ନିଜ ଜୀବନ ରକ୍ଷାକରି ପାରି ନ ଥିଲେ। ଅଣନିଃଶ୍ୱାସୀ ହୋଇ ଅନେକଙ୍କ ଜୀବନ ଯାଇଥିବା ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଉକ୍ତ କୋଠାରେ ଅଗ୍ନି ନିରାପତ୍ତା ସଂକ୍ରାନ୍ତ ନିୟମଗୁଡ଼ିକୁ ଉଲ୍ଲଂଘନ କରି ଫ୍ୟାକ୍ଟ୍ରି ଚାଲିଥିଲା। ୨୦୦ ୟାର୍ଡ ପରିମିତ କୋଠାର ମାଲିକ ରେହାନଙ୍କ ବିରୋଧରେ ଆଇପିସିର ଧାରା ୩୦୪ ଓ ୨୮୫ ଅନୁସାରେ ମାମଲା ରୁଜୁ କରାଯିବା ପରେ ତାଙ୍କୁ ଗିରଫ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ଦିଲ୍ଲୀ ସରକାର ଓ ପୋଲିସକୁ ବିସ୍ତୃତ ରିପୋର୍ଟ ମଗାଯାଇଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ସୂଚନା ଦେଇଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ହସ୍ପିଟାଲକୁ ଯାଇ ମୃତାହତଙ୍କୁ ଦେଖିଛନ୍ତି। ସେ ଏହାକୁ ଅତ୍ୟନ୍ତ ଦୁଃଖଦ ଘଟଣା ବୋଲି ଅଭିହିତ କରିବା ସହ ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ଉତ୍କର୍ଷ...

ସଭ୍ୟତା, ସଂସ୍କୃତି, ସମୃଦ୍ଧିକୁ ମଧ ପ୍ରଶଂସା କରି କହିଥିଲେ ଉତ୍କର୍ଷ କଳା, ସ୍ୱାଭିମାନୀ ଜାତି ଓ ପରମ୍ପରା ପାଇଁ ଓଡ଼ିଶା ପ୍ରସିଦ୍ଧ। ପ୍ରକୃତି ମଧ ଓଡ଼ିଶାକୁ ଅଣଦେଖା କରିନାହିଁ। ଶସ୍ୟ ଶ୍ୟାମଳା, ବିଶାଳ ସମୁଦ୍ର ତଟ, ଖଣିଜ ସମ୍ପଦ, ରତ୍ନଗର୍ଭା ଭୂମି, ଆକର୍ଷିତ ପର୍ବତମାଳା ଏହାକୁ ସମୃଦ୍ଧି କରିଛି। ବିଦେଶ ଗସ୍ତ ସମୟରେ ବିଭିନ୍ନ ଦେଶରେ ରହୁଥିବା ଓଡ଼ିଶାର ପ୍ରତିଭାମାନଙ୍କର ସଫଳତା ଦେଖିଛି ବୋଲି ରାଷ୍ଟ୍ରପତି କହିଥିଲେ। ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ସ୍ମରଣ କରି ଓଡ଼ିଶାର ବିକାଶ ପାଇଁ ଯେଉଁ ମହାପୁରୁଷମାନଙ୍କର ବଳିଦାନ ଓ ଅବଦାନ ରହିଛି ସେ ସମ୍ପର୍କରେ କହିଥିଲେ। ଉତ୍କଳ ଜନନୀର ଶକ୍ତି ଚଣ୍ଡାଶୋକକୁ ଧର୍ମାଶୋକ କରିଥିଲା ବୋଲି ସେ କହିଥିଲେ।

ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ପାଇକ ବିଦ୍ରୋହରେ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ ଓ ପାଇକଙ୍କ ଉପରେ ବିଭିନ୍ନ ପ୍ରକାରର ଉଦାହରଣ ଦେଇ ଟିପ୍ପଣୀ ଦେଇଥିଲେ। ପାଇକ ବିଦ୍ରୋହ ରାଜ୍ୟ ତଥା ଦେଶ ପାଇଁ ଗର୍ବ ଓ ଗୌରବର ବିଷୟ। ଆମର ଏହା ଗର୍ବିତ ଇତିହାସ। ବରୁଣେଇ ସ୍ମାରକକୁ ଦେଖି ପୃଥିବୀର ପର୍ଯ୍ୟଟକ କହିବେ ପାଇକ ଏତେବଡ଼ ଦୁର୍ଦ୍ଧାନ୍ତ ଜାତି ଥିଲା, ଏହାର ରକ୍ତାକ୍ତ ଗଣସଂଗ୍ରାମ ଦେଖି ଗର୍ବିତ ହେବେ ବୋଲି ହରିଚନ୍ଦନ କହିଥିଲେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ, ଆଜି ସମସ୍ତଙ୍କ ପାଇଁ ଆନନ୍ଦର ଦିନ। ମୁଁ ବହୁତ ଖୁସି, ଭାରତ ସରକାର ବରୁଣେଇ ପୀଠର ବିକାଶ

## ପ୍ରଥମ ପୃଷ୍ଠାରୁ...

ପାଇଁ ପଦକ୍ଷେପ ନେଇଛନ୍ତି। ପାଇକ ବିଦ୍ରୋହର ସ୍ମାରକ ନିର୍ମାଣ ପାଇଁ ରାଜ୍ୟ ସରକାର ଜମି ଯୋଗାଇ ଦେଇଛନ୍ତି ଓ ଭିତ୍ତିଭୂମି ବି ଯୋଗାଇ ଦେବେ। ପାଇକ ବିଦ୍ରୋହ ଥିଲା ବ୍ରିଟିଶ ବିରୋଧରେ ଗଣ ଆନ୍ଦୋଳନ। ଓଡ଼ିଆ ଜାତି ସ୍ୱାଭିମାନୀ ଓ ବୀରତ୍ୱର ପ୍ରତୀକ। ପାଇକମାନଙ୍କର ବୀରତ୍ୱ ଯୋଗୁ ଓଡ଼ିଆ ଜାତି ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଜୟ କରିଥିଲା। ସମ୍ରାଟ ଖାରବେଳ ଓ କପିଳେନ୍ଦ୍ର ଦେବଙ୍କ ଦିଗ୍‌ବିଜୟ ଓଡ଼ିଆ ଜାତିର ଗୌରବ ବୃଦ୍ଧି କରିଥିଲା। ବୀର ପାଇକଙ୍କ ଦେଶ ଭକ୍ତି, ସଂଗ୍ରାମ, ବୀରତ୍ୱ ଯୁଗେ ଯୁଗେ ପରିଚିତ। ପାଇକ ବିଦ୍ରୋହ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ। ଏହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବା ପାଇଁ ମୁଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରି ଆସିଛି। ସେହିପରି ବକ୍ସି ଜଗବନ୍ଧୁଙ୍କ ନାଁରେ ସ୍ୱତନ୍ତ୍ର ଟ୍ରେନ ଚଳାଇବାର ବ୍ୟବସ୍ଥା କରିବାକୁ ସେ ଅନୁରୋଧ କରିଥିଲେ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ପାଇକ ବିଦ୍ରୋହ ହେଉଛି ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ, ଯାହାକି ବ୍ରିଟିଶ ବିରୋଧୀ ଆନ୍ଦୋଳନର ମୂଳଦୁଆ ପକାଇଥିଲା। ଏହି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିବା ବୀର ପାଇକମାନଙ୍କ ବୀରତ୍ୱର ଗାଥା ଓ ସାହସିକତାର ନିଦର୍ଶନ ସ୍ୱରୂପ 'ବରୁଣେଇ ସ୍ମାରକ' ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇପାରିବ। ପୂର୍ବରୁ ଡାକଟିକଟ, ମୁଦ୍ରା, ଉତ୍କଳ ବିଶ୍ୱବିଦ୍ୟାଳୟରେ ୫କୋଟି ଟଙ୍କା ବ୍ୟୟରେ ପାଇକ ବିଦ୍ରୋହ ଚେୟାର ଗଠନ କରାଯାଇଥିଲା। ଏନସିଆରଟି ପାଠ୍ୟକ୍ରମରେ ପାଇକ ବିଦ୍ରୋହକୁ ଉଲ୍ଲେଖ କରାଯାଇଥିଲା। ଆମେ ଆଗାମୀ ୨୦୦ ବର୍ଷ ପର୍ଯ୍ୟନ୍ତ ଯେଉଁ କୀର୍ତ୍ତି ସ୍ଥାପନ କରିବା ସେହି କୀର୍ତ୍ତି ପୃଥିବୀରେ ଓଡ଼ିଆ ଜାତିର ଗୌରବ ଗାଥାକୁ କେବଳ ଐତିହାସିକ ଦୃଷ୍ଟିରୁ ପ୍ରମାଣିତ କରିବ ନୁହେଁ, ଓଡ଼ିଆ ଜାତି, ଭାଷା ଓ ସଂସ୍କୃତିର ପ୍ରାସଙ୍ଗିକତାକୁ ପ୍ରତିପାଦିତ କରିବ ବୋଲି ଧର୍ମେନ୍ଦ୍ର କହିଥିଲେ। ଏ ଅବସରରେ ପର୍ଯ୍ୟଟନ ଏବଂ ସଂସ୍କୃତି କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ରାଷ୍ଟ୍ରପତିଙ୍କୁ ଓଡ଼ିଆ ହସ୍ତଶିଳ୍ପ ଓ ହସ୍ତକଳାର ପ୍ରତୀକ ତାଳପତ୍ର ଖୋଦେଇ ଚିତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପରେ ପ୍ରଦର୍ଶିତ ହୋଇଥିଲା ପାଇକ ବିଦ୍ରୋହ ଉପରେ କ୍ଷୁଦ୍ର ପ୍ରାମାଣିକ ଚିତ୍ର। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି କୌଣସି କ୍ଷେତ୍ରରେ ଇଚ୍ଛା ନ ଥାଇ ମଧ କେତେକ କାମ କରିବାକୁ ବାଧ୍ୟ ହେବେ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। ଅପେକ୍ଷା କରିଥିବା ଖବରଟି ମଧ୍ୟାହ୍ନପରେ ପାଇବେ। ଦ୍ୱିଜା ପାଇଁ ଆଦର ଅଭ୍ୟର୍ଥନା ମିଳିବ ଏବଂ ସବୁରି ସଦିଚ୍ଛା ମିଳିବ।

**ବୃଷ**

ପରିବାରରେ ପାରସ୍ପରିକ ଦୋଷଦର୍ଶିତା ହେତୁ ପାରିବାରିକ ପରିସ୍ଥିତି ଗୋଳମାଳିଆ ରହିବ। ବେପରୁଆ କାର୍ଯ୍ୟକଳାପ ସକାଶେ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡିପାରେ। ଅର୍ଥର ଅଭାବ ପୂରଣ ଦିଗରେ ଚେଷ୍ଟିତ ହେବେ, ଅବଶ୍ୟ କିଛିଟା ରିହାତି ପାଇବେ।

**ମିଥୁନ**

ବନ୍ଧୁମାନଙ୍କ ସାହାଯ୍ୟରେ ଆଜି ଅଭିଳଷିତ ଅର୍ଥ ପାଇବେ ଓ କାମଟି ବିଳମ୍ବରେ ହେବ କିନ୍ତୁ ମନରେ ଶାନ୍ତି କିମ୍ବା ସନ୍ତୋଷ ଆସିବ ନାହିଁ । ବ୍ୟବସାୟରେ ଶାଖା ପ୍ରଶାଖା ବଢିବାର ପ୍ରଯତ୍ନ କରିବେ ଏବଂ ଆଶା ମଧ ପୂରଣ ହେବାରେ ଅସୁବିଧା ରହିବ ନାହିଁ । କିନ୍ତୁ ରାହୁଙ୍କ ନକ୍ଷତ୍ର ଆରଦ୍ରା ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**କର୍କଟ**

କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ ଏବଂ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ନୂତନ କର୍ମାରମ୍ଭ ପ୍ରୀତିପଦ ହେବ, ମାତ୍ର ସମସ୍ୟା ଛାଡିବ ନାହିଁ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଆର୍ଥିକ ସ୍ଥିତି ମନ୍ଦ ହେବନି ଏବଂ ହାତକୁ ନେଇଥିବା କାମଗୁଡିକ ସରଳ ଓ ସହଜରେ ସମ୍ପନ୍ନ ହୋଇପାରିବ।

**ସିଂହ**

ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପାରିବାରିକ କ୍ଷେତ୍ରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ସ୍ତ୍ରୀଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ ଏବଂ ଅର୍ଥ ସଂକଟ ଦୂରେଇ ଯିବ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି।

**କନ୍ୟା**

ସହକର୍ମୀଙ୍କ ସହାୟତାରେ ଆର୍ଥିକ ସମସ୍ୟାକୁ ସୁଧାରି ନେବେ ଏବଂ କର୍ମକ୍ଷେତ୍ର ସ୍ୱାଭାବିକ ରହିବ। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଚିନ୍ତା କରିଥିବା କାମଗୁଡିକ ଠିକ୍‌ଭାବେ ସମ୍ପନ୍ନ ହେବ ନାହିଁ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ତୁଳା**

ଆଜି ନୂତନ କର୍ମାରମ୍ଭ, ଯାତ୍ରା, ବାଣିଜ୍ୟ, ବ୍ୟବସାୟ ପାଇଁ ବହୁତ ଭଲ । ମାତ୍ର ଯାହା କଲେ ମଧ ଖର୍ଚ୍ଚାନ୍ତ ହେବେ ଏବଂ କୌଣସି ଗୋଟିଏ ସ୍ଥାନରେ ସ୍ଥିର ଭାବରେ ରହିପାରିବେ ନାହିଁ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ବ୍ୟସ୍ତତା ବୃଦ୍ଧିପାଇବ। ଚିତ୍ରା ନକ୍ଷତ୍ର କେତେକ ସୁଯୋଗ ହରାଇ ମୁଣ୍ଡରେ ହାତ ଦେଇ ବସିବେ।

**ବିଛା**

ଆପଣଙ୍କ ବିକ୍ଷିପ୍ତ ମନ ଓ କଳୁଷିତ ଚିନ୍ତାଧାରା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ନ ଚଳିଲେ ମିଥ୍ୟାପବାଦରେ ନିନ୍ଦିତ ହେବେ। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ସମ୍ପର୍କୀୟ ଜଣେ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ।

**ଧନୁ**

ଆଜିର ଗ୍ରହଯୋଗ ପ୍ରଭାବରେ ସମସ୍ତ ପ୍ରକାର ଅଭିଳାଷକୁ ପୂରଣ କରିବା ଦିଗରେ ଅନୁକୂଳ ପରିବେଶ ସୃଷ୍ଟି କରିବେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ ହେବ। ଖଳ ଲୋକମାନଙ୍କ ହାବୁଡରୁ ଅପମାନଜନକ ସ୍ଥିତିରୁ ଖସି ଯାଇପାରନ୍ତି। ଆନୁଷ୍ଠାନିକ କାମ କିମ୍ବା ଘରୋଇ କ୍ଷେତ୍ରରେ ଭୁଲ୍ କାମ କରି ପଶ୍ଚାତ୍ତାପ କରିବେ।

**ମକର**

ଆଜି ହିଁ ସମ୍ପୂର୍ଣ୍ଣ କରିବାକୁ ଭାବୁଥିବା କାମଟି କଷ୍ଟକର ହୋଇଯିବ। କିନ୍ତୁ ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, ବିବାଦ, କଚେରି ମାମଲା, କ୍ରୀଡା ପ୍ରଭୃତିରୁ ସଫଳତା ମିଳିବ। ଜମିଜମା ବିବାଦ କ୍ରମଶଃ ଜଟିଳ ଆକାର ଧାରଣ କରିବ। ପାରିବାରିକ କ୍ଷେତ୍ରରେ ନିଜର ସୀମା ଭିତରେ ଜଗି ରଖି ଚଳିବା ଭଲହେବ।

**କୁମ୍ଭ**

ପ୍ରତ୍ୟେକ କ୍ଷେତ୍ରରେ ସୁଯୋଗ ଆପଣା ଛାଏଁ ଆସିବ କିନ୍ତୁ ପରକ୍ଷଣରେ ପରୋକ୍ଷ ଶତ୍ରୁତାଜନିତ ପାଣି ଫୋଟକା ପରି ମିଳାଇ ଯାଇପାରେ। ସଭାସମିତି ଓ ଆନୁଷ୍ଠାନିକ କାର୍ଯ୍ୟରେ ସଫଳତା ହାସଲ କରିବେ। ବନ୍ଧୁଙ୍କ ପାଖରେ ଅସୁବିଧା ଜଣାନ୍ତୁ, ସାହାଯ୍ୟ ମଧ ପାଇବେ। ବ୍ୟବସାୟିକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ମୀନ**

ହାତକୁ ନେଇଥିବା କାମଗୁଡିକ ଅବଶ୍ୟ ହୋଇଯିବ, ମାତ୍ର ଏଥିସକାଶେ କଠିନ ପରିଶ୍ରମ କରିବାକୁ ପଡିପାରେ। କଳା, ସାହିତ୍ୟ, ଆଲୋଚନା, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବାର ଆଶଙ୍କା ଉପୁଜିପାରେ। ଈର୍ଷା ପରାୟଣ ବ୍ୟକ୍ତିମାନେ ପ୍ରଶଂସାକୁ ସହି ନ ପାରି କଟୁ ମନ୍ତବ୍ୟ ଦେଇପାରନ୍ତି।

ଆଜି ମାର୍ଗଶିର ଶୁକ୍ଳପକ୍ଷର ବ୍ୟଞ୍ଜନ ଦ୍ୱାଦଶୀ ସୋମବାର, ଦିବା ଘ.୧୦।୦୫ମି. ଗତେ ଅନଙ୍ଗ ତ୍ରୟୋଦଶୀ, ଡିସେମ୍ବର ୯ ତାରିଖ, ବିଶ୍ୱ ରୋଗୀ ନିରାପତ୍ତା ଦିବସ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ମେଷ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୯।୦୭ମି. ଗତେ ଘ.୧୧।୧୭ମି. ମଧ୍ୟେ ଅମୃତବେଳା। ଦିବା ଘ.୯।୦୦ମି. ଗତେ ଘ.୧୦।୨୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୭।୩୫ମି. ଗତେ ଘ.୮।୫୬ମି. ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302




SALE

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15304

Bhubaneswar Uttarachhakaରୁ 5K.M sqft.-550/-, କଟକ ତ୍ରିଶୂଳିଆରୁ 4K.M-280/-, କଟଣୀଗେଟ୍‌ଠାରେ 200/, ନଖରା DPS ପାଖରେ 700/-ର ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440. D-68433

Shop cum residence 'B' type sale at Ruchika Market, Baramunda, Bhubaneswar. Contact: 7008297488. D-67517

ନଖରା ତ୍ରିନାଥବଜାରଠାରେ SC Plot 1200sqft. 4,44,000/-, ଘରବାରୀ ପାଚେରୀ ଥାଇ outrightରେ ମିଳୁଅଛି- 9348817649, 6371569855. D-68443

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ପଚ୍ଚାରୁ ବିକ୍ରିହେବ। 9178660666. D-68911

Fully developed 30'road, electricity, Gharabari residential corner plot at canalroad, Hanspal@7,80,000/- 9437033320. D-68444

3BHK at Damana Chhak near Club town. Price- 85/90 lakh. Contact: 8249083968, 7978414100. D-15592

Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି- 9078736851. D-68445

Flat for sale of 2/3BHK at Patrapada (walkable distance from N.H.) Bhubaneswar. Contact: 7008420151, 9337834312. D-68623

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି sqft.650/- 7008045582, 9692003948. D-15588

Book 2BHK flat at GGP Colony, Rasulgarh near Canal Road 7978584549. D-68914




6500 Square feet hall type 3 storied building on 100 feet Bhimtangi Main Road for office and commercial. Contact: 9958003695. D-15405

5000sqft. vacant land with boundarywall for godown or commercial use for rent. 800meter from NH16 at Telengapentha, back side of Panda Cancer Hospital, Cuttack. Contact number: 8249607789. D-67401




India's No.1 Packers, Leo Packers & Movers Car, Household & Office movement countrywide, 9438133699. D-15605




Rejuvenate and ayurvedic full body massage by smart therapist. 9114402304. D-68904

Ayurvedic full body massage ladies/ gents smart experts therapist- 8480939300. D-68712

Newly open full body massage by ladies, gents therapist. 8018656899 D-60855

Ayurvedic full body massage by ladies, gents therapist. 7008773793 D-60856

Refresh your mind and soul with best therapy at Orchid Salon/Spa. 9937287222. D-68716

Ayurvedic full body massage ladies and gents. Contact: 9861064981. D-68715

Ayurvedic full body massage ladies & gents smart therapist, 9668814589. D-68719

Full body herbal massage with refreshment expert therapist. 7381239385, 06 742540855. D-68915

Experience full body massage with us (expert). Call: 7377048581, 06742597822. D-68916

Herbal full body massage by smart / expert therapist. Contact: 8338067247. D-68917

Summer special mesmerizing offer expert therapeutic refreshing massage appointment. 9668374480. D-68918




Avon trading co. (Regd.) 1500 ରୁ 8000 ରୋଜଗାର କରନ୍ତୁ। Paper plate, ସୂତା ଉଦ୍ୟୋଗ ଲଗାନ୍ତୁ। କଞ୍ଚାମାଲ, ଟ୍ରେନିଂ, ଆଗ୍ରୀମେଣ୍ଟ, ଟ୍ରାନ୍ସପୋର୍ଟ ଫ୍ରୀ.- 9873093017, 9873093217. D-15430




ବାସ୍ତୁ Related ସମସ୍ୟାର permanent solution ପାଇଁ ନିର୍ଭରଯୋଗ୍ୟ ଅନୁଷ୍ଠାନ "AkankshyaVastu", 7978736177. D-68221

## AFFIDAVIT

Affidavit before Executive Magistrate, Dhenkanal, 27.08.2019 my name has changed from Urmila Sahoo to Nirmala Sahoo, W/o. Chandra Sekhar Sahoo, At/ PO- Maniabandha, Badamba, Cuttack for LIC Policy- 587452484 & all purposes. D-66835

Affidavit before Executive Magistrate, Dhenkanal, my name has changed from Mangaraj Sahoo to Mangulu Sahoo, S/o. Alekh Sahoo, Vill- Siarimalia, Parjanga, Dhenkanal for purpose LIC Policy. D-66836

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ । ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



ଅନ୍ୟର ନିନ୍ଦା କରିବାରେ ପଟୁତା, ନିଜ କାର୍ଯ୍ୟ ପ୍ରତି ଅବହେଳା ଓ ଭଲ ଲୋକଙ୍କ ସହିତ ଶତ୍ରୁତା-ଏ ତିନୋଟି ଅବସ୍ଥା ମଣିଷର ପତନର କାରଣ।

- ଚାଣକ୍ୟ

## ସଂକ୍ଷେପରେ

### ହାଇଦ୍ରାବାଦ ଏନ୍‌କାଉଣ୍ଟରର ତଦନ୍ତ ଜାରି

ହାଇଦ୍ରାବାଦ,୮।୧୨(ପି.ଟି.):

ହାଇଦ୍ରାବାଦ ପୋଲିସ ଏନ୍‌କାଉଣ୍ଟରରେ ୪ ଅଭିଯୁକ୍ତଙ୍କ ମୃତ୍ୟୁ ଘଟଣାର ତଦନ୍ତ ରବିବାର ଦ୍ୱିତୀୟ ଦିନରେ ଜାରି ରଖିଛି। ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି)ର ତଦନ୍ତକାରୀ ଟିମ୍ ଏନ୍‌କାଉଣ୍ଟରସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅଭିଯୁକ୍ତମାନଙ୍କ ପରିବାର ସଦସ୍ୟଙ୍କ ବୟାନ ରେକର୍ଡ ଲାଗି ସେମାନଙ୍କୁ ନାରାୟଣପେଟ୍ ଜିଲାରୁ ହାଇଦ୍ରାବାଦକୁ ଅଣାଯାଇଛି। ଶନିବାର ତଦନ୍ତକାରୀ ଟିମ୍ ମେହବୁବ୍‌ନଗର ସରକାରୀ ହସ୍ପିଟାଲର ଶବାଗାରକୁ ଯାଇ ବ୍ୟବଚ୍ଛେଦ ପରେ ରଖାଯାଇଥିବା ୪ ଅଭିଯୁକ୍ତଙ୍କ ମୃତଦେହକୁ ଦେଖିଥିଲା। ପୋଲିସ ଗୁଳିରେ ୪ ଅଭିଯୁକ୍ତଙ୍କ ମୃତ୍ୟୁ ପରେ ଏନ୍‌ଏଚ୍‌ଆର୍‌ସି ନିଜ ଆଡୁ ମାମଲାକୁ ଗ୍ରହଣ କରି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲା। ଅଭିଯୁକ୍ତଙ୍କୁ ପୋଲିସ ଏନ୍‌କାଉଣ୍ଟର କରିବା ଚିନ୍ତାର ବିଷୟ ଓ ଏହାର ଉପଯୁକ୍ତ ତଦନ୍ତ ହେବା ଆବଶ୍ୟକ ବୋଲି ଶୀର୍ଷ ମାନବାଧିକାର ସଂସ୍ଥା କହିଥିଲା।

### ରାଜସ୍ଥାନ ଯାଇ ଜିତେନ୍ଦ୍ରଙ୍କୁ ଭେଟିଲା ମହିଳା କଂଗ୍ରେସ ଟିମ୍

ଭୁବନେଶ୍ୱର,୮।୧୨(ବ୍ୟୁରୋ): କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ଭେଟିବାକୁ ଯାଇଥିବା ଓଡିଶା ମହିଳା କଂଗ୍ରେସ ନେତ୍ରୀମାନେ ରବିବାର ଦଳର ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂଙ୍କୁ ସାକ୍ଷାତ କରିଛନ୍ତି। ଏହି ଓଡ଼ିଆ ଟିମ୍ ଦିଲ୍ଲୀରୁ ରାଜସ୍ଥାନ ଜିତେନ୍ଦ୍ରଙ୍କ ଗାଁକୁ ଗସ୍ତ କରି ତାଙ୍କ ସହ ସାକ୍ଷାତ କରିଛନ୍ତି। ଏହାସହ ତାଙ୍କ ସହିତ ପିସିସି(ପ୍ରଦେଶ କଂଗ୍ରେସ କମିଟି) ସଭାପତି ପରିବର୍ତ୍ତନ ବିଷୟରେ ଆଲୋଚନା କରି ଫେରିଛନ୍ତି। ପ୍ରାୟ ସପ୍ତାହେରୁ ଅଧିକ ଦିନ ହୋଇଯିବ ଏହି ଟିମ୍ ଦିଲ୍ଲୀ ଗସ୍ତ କରିଥିବାବେଳେ ଆସନ୍ତା ୧୪ରେ ଫେରିବେ ବୋଲି ଜଣାପଡିଛି। ଏ ପର୍ଯ୍ୟନ୍ତ ସୋନିଆ ଗାନ୍ଧୀ ଓଡ଼ିଶାର ଏହି ଟିମ୍‌କୁ ସାକ୍ଷାତ କରିବା ସକାଶେ ସମୟ ଦେଇ ନ ଥିବା ଜଣାପଡିଛି। ତାଙ୍କ ଦେହ ଖରାପ ଥିବା ଯୋଗୁ ସେ କାହାରିକୁ ଦେଖା ହୋଇପାରୁ ନ ଥିବା ଜଣାପଡିଛି। ଅନ୍ୟପକ୍ଷରେ ଉକ୍ତ ମହିଳା ଟିମ୍ କିନ୍ତୁ ଦିଲ୍ଲୀ ସବୁ ବଡ଼ବଡ଼ ନେତାଙ୍କୁ ଭେଟି ଓଡ଼ିଶା ପିସିସି ସଭାପତି ପରିବର୍ତ୍ତନ ପ୍ରସଙ୍ଗରେ କହୁଛନ୍ତି। କେବଳ ଓଡ଼ିଶାରୁ ଯାଇଥିବା ମହିଳା ଟିମ୍ ନୁହନ୍ତି ବରଂ ଦିଲ୍ଲୀରେ ରହୁଥିବା ଆଉ କେତେଜଣ ଓଡ଼ିଆ ନେତାମାନେ ମଧ ନିରଞ୍ଜନଙ୍କୁ ଦାୟିତ୍ୱରୁ ହଟାଇବା ପାଇଁ ଲାଗି ପଡ଼ିଛନ୍ତି। ଏହି ମହିଳା ଟିମ୍ ଫେରିବା ମାତ୍ରେ ଆଉ କେତେଜଣ ବରିଷ୍ଠ ତଥା ଆଗ ଧାଡ଼ିର ନେତା ମଧ ଦିଲ୍ଲୀ ଗସ୍ତ କରିବେ, ଏଥିରେ କେତେଜଣ ବିଧାୟକ ମଧ ନିରଞ୍ଜନଙ୍କ ବିରୋଧରେ ଯିବେ ବୋଲି ଜଣାପଡିଛି।

## ତାଳଚେର ବିଧାୟକଙ୍କୁ ପୁଣି ଟାର୍ଗେଟ୍

# କ୍ୟାମ୍ପ ଅଫିସରେ ଗାଡ଼ି ପୋଡ଼ିଦେଲେ ଦୁର୍ବୃତ୍ତ

ତାଳଚେର, ୮।୧୨(ନି.ପ୍ର.)

ଅନୁଗୋଳ ଜିଲା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ଗାଡ଼ିକୁ ପୁଣି ନିଆଁ ଲଗାଇ ପୋଡ଼ି ଦେଇଛନ୍ତି ଦୁର୍ବୃତ୍ତ। ଶନିବାର ବିଳମ୍ବିତ ରାତିରେ ବିଧାୟକ ତାଳଚେରସ୍ଥିତ ଭରତପୁର କ୍ୟାମ୍ପ ଅଫିସରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ବାହାରେ ଥିବା ତାଙ୍କ ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ। ଏଥିରେ ବିଧାୟକଙ୍କ ଗାଡ଼ି ସହ ସେଠାରେ ଥିବା ବିଜୁ ଯୁବବାହିନୀର ଏକ ଆମ୍ବୁଲାନ୍ସ ମଧ ପୋଡ଼ିଯାଇଛି। ଖବରପାଇ ବିକ୍ରମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିବା ସହିତ ନଂ. ୧୪୨/୧୯ରେ ଏକ ମାମଲା ରୁଜୁ କରିଛି।

ଘଟଣାରୁ ଜଣାପଡିଛି, ଶନିବାର ରାତି ପ୍ରାୟ ସାଢେ ୧୧ଟା ବେଳେ ବିଧାୟକ ଭୁବନେଶ୍ୱରରୁ ତାଳଚେର ଫେରି ନିଜ କ୍ୟାମ୍ପ ଅଫିସରେ ବିଶ୍ରାମ ନେଉଥିଲେ। ତେବେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କ ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ। ରାତି ପ୍ରାୟ ୨ଟା ବେଳକୁ ଗାଡ଼ି ଜଳୁଥିବା ଦେଖି ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଉଦ୍ୟମ କରିବା ସହ ପୋଲିସକୁ ଖବର ଦେଇଥିଲେ। ଏହି ଅଗ୍ନିକାଣ୍ଡରେ ବିଧାୟକଙ୍କ ଗାଡ଼ିଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ବେଳେ ନିକଟରେ ଥିବା ଆମ୍ବୁଲାନ୍ସ କ୍ଷତିଗ୍ରସ୍ତ ହୋଇଛି।





ପୋଡ଼ି ଯାଇଥିବା ତାଳଚେର ବିଧାୟକଙ୍କ ଗାଡ଼ି।

ସୂଚନାଥାଉ କି, ଗତ ଅଗଷ୍ଟ ୧୯ରେ ବିଧାୟକ ପ୍ରଧାନଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ୨ଟି କାର, ଗୋଟିଏ ବାଇକ୍‌କୁ ଜାଳି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ସେହିପରି ନଭେମ୍ବର ୧ରେ କଲିୟାରୀ ଥାନା ହାଣ୍ଡିଧୁଆଁ ଗ୍ରାମରେ ଥିବା ବିଧାୟକଙ୍କ ପୈତୃକ ବାସଭବନରେ ନିଆଁ ଲଗାଇ ଦେବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଥିଲା। ଅକ୍ଟୋବର ୮ରେ ବିଧାୟକଙ୍କ ଭରତପୁର କ୍ୱାର୍ଟର୍ସରେ ମଧ କେହି ଦୁର୍ବୃତ୍ତ କିରୋସିନ ଢାଳି ନିଆଁ ଲଗାଇବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ବିକ୍ରମପୁର ଥାନା ଆଇଆଇସି ଧୂଳେଶ୍ୱର ନାୟକ କହିଛନ୍ତି, ବିଧାୟକଙ୍କ ଅଭିଯୋଗ ଉପରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ତଦନ୍ତ ପରେ ଘଟଣାର କାରଣ ଜଣାପଡ଼ିବ।

# ଆଗାମୀ ପୌର ନିର୍ବାଚନରେ ଅଂଶଗ୍ରହଣ କରିବ ଏଏପି

ଭୁବନେଶ୍ୱର,୮।୧୨(ବ୍ୟୁରୋ)

**ଦଳୀୟ କାର୍ଯ୍ୟକାରିଣୀ**

ରାଜ୍ୟ ତଥା ଦେଶର ଜନତାଙ୍କୁ ସର୍ବନିମ୍ନ ମୌଳିକ ଆବଶ୍ୟକତା ଯୋଗାଇଦେବା ଯେ କୌଣସି ସରକାରର ମୂଳ ଦାୟିତ୍ୱ। ହେଲେ ଏହି ମୂଳ ଦାୟିତ୍ୱକୁ ପୂରଣ କରିବା ଦୂରର କଥା, ରାଜ୍ୟର ଅନ୍ୟାନ୍ୟ ଭିତ୍ତିଭୂମି ଏବଂ ଆଇନଶୃଙ୍ଖଳା ପରିସ୍ଥିତି ସଙ୍ଗୀନ ହୋଇପଡିଛି। ତେଣୁ ଓଡ଼ିଶାରେ ଏସବୁ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ଆମ ଆଦମୀ ପାର୍ଟି(ଏଏପି)ର ଆବଶ୍ୟକତା ରହିଥିବା ଦଳର ରାଜ୍ୟ ସଂଯୋଜକ ନିଶିକାନ୍ତ ମହାପାତ୍ର କହିଛନ୍ତି। ରାଜଧାନୀସ୍ଥିତ ଏକ ଘରୋଇ ହୋଟେଲରେ ରବିବାର ଦଳର ଓଡ଼ିଶା କର୍ମକର୍ତ୍ତାଙ୍କ କାର୍ଯ୍ୟକାରିଣୀରେ ନିଶିକାନ୍ତ ଏହା କହିଛନ୍ତି।

ଏଏପି କେବଳ ପ୍ରତିଶ୍ରୁତି ଦେଇ ନ ଥାଏ। ଜନଗଣଙ୍କ ମୌଳିକ ଆବଶ୍ୟକତା ନେଇ କରିଥିବା ନିର୍ବାଚନୀ ଇସ୍ତାହାରକୁ ସତରେ ପରିଣତ କରିଥାଏ। ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଉପଭୋକ୍ତାଙ୍କୁ ହାତ ପାହାନ୍ତାରେ ସୁବିଧା ଯୋଗାଇବାରେ ଦିଲ୍ଲୀର ଏଏପି ସରକାର ଉଦାହରଣ ସୃଷ୍ଟି କରିଥିବା ରାଜ୍ୟ ସଂଯୋଜକଙ୍କ ପକ୍ଷରୁ କୁହାଯାଇଛି। ଦଳ ଗତ ସାଧାରଣ ନିର୍ବାଚନରେ ଏକ ଲୋକ ସଭା ଏବଂ ୧୫ ବିଧାନସଭା ନିର୍ବାଚନରେ ଲଢିଥିଲା। ଆଗାମୀ ଦିନରେ ପୌର ନିର୍ବାଚନ ଥିବାରୁ ସଙ୍ଗଠନ ଥିବା ସ୍ଥାନରେ ଏଏପି ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ଜଣାପଡିଛି। ଦଳ ପକ୍ଷରୁ ସୁନ୍ଦରଗଡ଼, ରେଢ଼ାଖୋଲ, ରାୟଗଡ଼ା, ଗଜପତି, ଭୁବନେଶ୍ୱର, କଟକ, ମୟୂରଭଞ୍ଜ, ବଲାଙ୍ଗୀର ଏବଂ ନୂଆପଡ଼ାରେ ସ୍ଥାନୀୟ ନିର୍ବାଚନରେ ପ୍ରାର୍ଥୀ ସମ୍ଭାବନା ରହିଛି। କାର୍ଯ୍ୟକାରିଣୀରେ ଏଏପି ପକ୍ଷରୁ ୪ଟି ପ୍ରସ୍ତାବ ଗୃହୀତ କରାଯାଇଛି। ପ୍ରଥମତଃ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ରାଜ୍ୟ ସରକାର ସ୍ୱାମୀନାଥନ କମିଟି ରିପୋର୍ଟ ଆଧାରରେ କାର୍ଯ୍ୟ କରିବାକୁ କୁହାଯାଇଛି। ଧାନ ସଂଗ୍ରହ, ଅଣଜଳସେଚିତ ଜମିକୁ ଜଳ ଯୋଗାଣକୁ ମଧ ଗୁରୁତ୍ୱ ଦିଆଯାଇଛି। ପିଏମ୍-କିଷାନ ଏବଂ କାଳିଆ ଯୋଜନା ଦ୍ୱାରା ଚାଷୀ ୧୬ ହଜାର ଟଙ୍କା ପାଇବା କଥା, ହେଲେ ତାହା ୧୦ ହଜାରକୁ ଖସି ଆସିଛି। ଏହାକୁ ନେଇ ଏଏପି ପକ୍ଷରୁ ପ୍ରଶ୍ନ ଉଠାଯାଇଛି। ସେହିପରି ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଇନ ଶୃଙ୍ଖଳା ପରିସ୍ଥିତିର ଉନ୍ନତି ଆଣିବା ଉପରେ ଗୁରୁତ୍ୱ ଦିଆଯାଇଛି। ଦିଲ୍ଲୀ ସରକାର ନିକଟରେ ୭୬୦୦ ସ୍ଥାୟୀ ଶିକ୍ଷକ ନିଯୁକ୍ତି କରିବା ସହ ୫୦ ନୂଆ ସ୍କୁଲ ଖୋଲିଛନ୍ତି, ଓଡ଼ିଶା ସରକାର ଅନୁରୂପ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରାଯାଇଛି। ସେହିପରି ଆସନ୍ତା ପୌରାଞ୍ଚଳ ନିର୍ବାଚନରେ ଦଳ ଅଂଶଗ୍ରହଣ ନେଇ ପ୍ରସ୍ତାବ ଗୃହୀତ ହୋଇଛି।

# ଘଟଣାର ତଦନ୍ତ ହୋଇ ସତ ବାହାରକୁ ଆସୁ: ଭାଜପା

## ବ୍ରଜ ପ୍ରଧାନଙ୍କ ଗାଡ଼ି ପୋଡ଼ି ଘଟଣା

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ଅନୁଗୋଳ ଜିଲା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ଭରତପୁର କ୍ୟାମ୍ପ ଅଫିସରେ ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ପଶି ତାଙ୍କ ଗାଡିରେ ନିଆଁ ଲଗାଇ ଦେଇଛନ୍ତି। ଏଥିରେ ବିଧାୟକଙ୍କ ଗାଡି ସହିତ ବିଜୁ ଯୁବ ବାହିନୀର ଏକ ଆମ୍ବୁଲାନ୍ସ ମଧ ପୋଡିଯାଇଛି। ତେବେ ପୂର୍ବରୁ ମଧ ବ୍ରଜ ପ୍ରଧାନଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ତାଙ୍କର ଅନ୍ୟ ଏକ ଗାଡ଼ିକୁ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ଏହି ଘଟଣାକୁ ନେଇ ଭାଜପା କିନ୍ତୁ ନୂଆ ଅଭିଯୋଗ ଆଣିଛି। ଭାଜପା ସମ୍ପାଦକ କାଳନ୍ଦି ସାମଲ କହିଛନ୍ତି, ତାଳଚେର ବିଧାୟକଙ୍କ ଗାଡ଼ି ପୋଡିଯାଇଥିବାର ଖବର ଆସିଛି। ଯେଉଁ ସ୍ଥାନରେ ସେହି ଗାଡ଼ି ପୋଡିଛି ତାହା ଏମସିଏଲର ଜାଗା। କାହିଁକି ଏମସିଏଲ୍ ଜାଗାରେ ବିଧାୟକ ତାଙ୍କ କ୍ୟାମ୍ପ ଅଫିସ କରିଥିଲେ ଓ ଏମସିଏଲ କିପରି ଏଥିପାଇଁ ଅନୁମତି ଦେଇଥିଲା। ଯଦି ଏମ୍‌ସିଏଲ ବିନା ଅନୁମତିରେ ଏହା ହୋଇଥିଲା ତେବେ ଏମସିଏଲ କାହିଁକି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଯେହେତୁ ଏମ୍‌ସିଏଲ ଜାଗାରେ ବିଧାୟକଙ୍କ ଗାଡ଼ି ପୋଡିଛି ତେଣୁ ଏମ୍‌ସିଏଲ ଏହି ଘଟଣା ପରେ କ'ଣ ପଦକ୍ଷେପ ନେଇଛି। ପୂର୍ବରୁ ତାଳଚେର ବିଧାୟକଙ୍କ ଏକ ଗାଡ଼ି ଭୁବନେଶ୍ୱରରେ ପୋଡ଼ିଯାଇଥିଲା। ପୋଲିସ ଏହାର ତଦନ୍ତ କରୁଥିଲା। ହେଲେ ଏ ପର୍ଯ୍ୟନ୍ତ ପୋଲିସ ସ୍ପଷ୍ଟ କଲାନାହିଁ କିଏ ତାଙ୍କ ଗାଡ଼ି ପୋଡ଼ିଛି। ରାଜ୍ୟ ପୋଲିସ ଯଦି ଏମଏଲଏ କ୍ୱାର୍ଟରରେ ଜଣେ ବିଧାୟକଙ୍କ ଗାଡ଼ି ପୋଡିବାର ତଦନ୍ତ ସାରିପାରୁନାହିଁ ତା'ହେଲେ ସାଧାରଣ ଲୋକଙ୍କୁ ସୁରକ୍ଷା କେମିତି ଦେଇପାରିବ। ଏହି ଘଟଣାରେ ସତ ବାହାରକୁ ଆସିବା ପାଇଁ ଗୁରୁତର ସହିତ ତଦନ୍ତ କରାଯାଉ ବୋଲି ସାମଲ କହିଛନ୍ତି।

# ଡାହାଣୀ ସନ୍ଦେହରେ ଗୁଳିକରି ହତ୍ୟା ଉଦ୍ୟମ: ମହିଳା ଗୁରୁତର



ଗୁଳିମାଡ଼ରେ ଆହତ ମାଇନ ହେମ୍ବ୍ରମ।

ବିଶୋଇ,୮।୧୨(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ତଲକବାଦୀ ଗ୍ରାମରେ ଶନିବାର ରାତିରେ ଡାହାଣୀ ସନ୍ଦେହରେ ଜଣେ ମହିଳାଙ୍କୁ ଗୁଳିକରି ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଗୁରୁତର ଆହତ ମହିଳାଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆରଏମ ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ପୋଲିସ ଏକ ମାମଲା(ନଂ.୯୮/୧୯) ରୁଜୁ କରି ଘଟଣାର ଛାନଭିନ୍ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ମାଇନ ହେମ୍ବ୍ରମ(୪୨) ରାତିରେ ସ୍ୱାମୀ ଓ ଝିଅଙ୍କ ସହିତ ତାଙ୍କ ଚାଳ ଛପର ଘରେ ଶୋଇଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ତାଙ୍କ ଘର ଉପରେ ଚଢ଼ି ଚାଳ କଣା କରି ମାଇନଙ୍କ ଉପରକୁ ୧ ରାଉଣ୍ଡ ଗୁଳିମାଡ଼ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁଳିଟି ମାଇନଙ୍କ ମୁଣ୍ଡରେ ବାଜିଥିଲା। ଗୁଳି ଶବ୍ଦ ଶୁଣି ପରିବାର ଲୋକେ ନିଦରୁ ଉଠି ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ମଣଦା ଓ ପରେ ବିଶୋଇ ମେଡିକାଲକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଖବରପାଇ ବିଶୋଇ ଥାନା ଅଧିକାରିଣୀ କୁନି ବେଶ୍ରା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଡାହାଣୀ ସନ୍ଦେହରେ ଏହି ଗୁଳିକାଣ୍ଡ ଘଟଣା ଘଟିଛି ବୋଲି ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଥିବା ପୋଲିସ କହିଛି।

Book for Marriage
@1.5 Lakh package
* 7000 sqft. Marriage hall
* 25000 sqft. Lawn
* 8 nos. Room





THE WELCOME RESORT
At- Majhipali, Sason, Sambalpur
Mob:- 9937000050, 7008987076

BHAKRA BEAS NATION'S PRIDE

**ଭାକ୍ରା ବ୍ୟାସ ପରିଚାଳନା ବୋର୍ଡ**
(ପାୱାର୍ ୱିଙ୍ଗ୍)

ଶୁଦ୍ଧିପତ୍ର ନଂ.1 ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି ତାରିଖ: 06.12.2019
ଏନ୍.ଆଇ.ଟି. ନଂ.466/ପିଏଚ୍‌ଡି/ପିଓଏନ୍‌ଜି-341 ତାରିଖ: 30.10.2019
**କାର୍ଯ୍ୟାଳୟର ନାମ:** ଚିଫ୍ ଇଞ୍ଜିନିୟର / ସିଷ୍ଟମ୍ ଅପରେଶନ୍, ପ୍ଲାନିଂ ଓ ଡିଜାଇନ୍ (ପାୱାର ପ୍ଲାଣ୍ଟସ୍), ଡିଟିଇ. ବିବିଏମ୍‌ବି (ପିଡବ୍ଲ୍ୟୁ), ଏସ୍‌ଏଲ୍‌ଡିସି କମ୍ପ୍ଲେକ୍ସ, ଇଣ୍ଡଷ୍ଟ୍ରିଆଲ ଏରିଆ, ଫେଜ୍-I, ଚଣ୍ଡିଗଡ଼-160002, ଟେଲିଫାକ୍ସ: 0172-2637035
**କାର୍ଯ୍ୟର ନାମ:** ବିବିଏମ୍‌ବିର ବିଭିନ୍ନ ପାୱାର ହାଉସ୍ ତଥା ସବ୍ ଷ୍ଟେଶନଗୁଡ଼ିକ ପାଇଁ ଏଚ୍‌ଟି ପାୱାର କେବୁଲ ସଂଗ୍ରହଣ ଲାଗି ଅନ୍‌ଲାଇନ୍ ଟେଣ୍ଡର

| | |
|---|---|
| ଏହାର ୱେବ୍‌ସାଇଟ୍‌ରୁ ଟେଣ୍ଡର ସ୍ୱତନ୍ତ୍ରତା/ଟେଣ୍ଡର କାଗଜପତ୍ର ଡାଉନଲୋଡିଂ | ଆରମ୍ଭ ତାରିଖ: 01.11.2019, 10.00 ଘଟିକାରୁ<br>ଶେଷ ତାରିଖ: 15.01.2020, 17.00 ଘଟିକା ପର୍ଯ୍ୟନ୍ତ |
| ସମ୍ପୂର୍ଣ୍ଣ ପ୍ରାକ୍-ଯୋଗ୍ୟତା ଦସ୍ତାବିଜ ଅପ୍‌ଲୋଡିଂର ଶେଷ ତାରିଖ ଓ ସମୟ | 20.12.2019, 17.00 ଘଟିକା ପର୍ଯ୍ୟନ୍ତ |
| ବିଡ୍ ଦାଖଲର ଆରମ୍ଭ ତାରିଖ ଓ ସମୟ | 01.11.2019, 10.00 ଘଟିକାଠାରୁ |
| ଅନ୍‌ଲାଇନ୍ ବିଡ୍ ଦାଖଲର ଶେଷ ତାରିଖ ଓ ସମୟ | 21.01.2020, 11.00 ଘଟିକା ପର୍ଯ୍ୟନ୍ତ |
| https://bbmbeproc.abcprocure.comରେ ଅନ୍‌ଲାଇନ୍ ବିଡ୍ ଖୋଲାଯିବାର ତାରିଖ ଓ ସମୟ (ଭାଗ-1) | 21.01.2020, 11.30 ଘଟିକା ପରଠାରୁ |

ବିଡ୍‌ଗୁଡ଼ିକ ଅନ୍‌ଲାଇନ୍‌ରେ ଦାଖଲ କରାଯିବ। ପ୍ରାକ୍-ଯୋଗ୍ୟତା ସର୍ତ୍ତ, ସ୍ୱତନ୍ତ୍ରତା ମୂଲ୍ୟ, ଟେଣ୍ଡର କାଗଜପତ୍ର, ଅମାନତ ଜମା ରାଶି ତଥା ସବିଶେଷ ଏନ୍‌ଆଇଟି ପାଇଁ ଦୟାକରି ବିବିଏମ୍‌ବି ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: https://bbmbeproc.abcprocure.com ଓ www.bbmb.gov.in

377-PR-SO-7 ନିଜର ଉତ୍ତମ ଭବିଷ୍ୟତ ପାଇଁ ଆଜି ଶକ୍ତି ସଞ୍ଚୟ କରନ୍ତୁ

# କୋଏମ୍ବାଟୁର-ଆସନ୍‌ସୋଲ ଚାଲିବ ସ୍ପେଶାଲ ଟ୍ରେନ୍

## ଭଦ୍ରକ ଓ ଭୁବନେଶ୍ୱର ଦେଇ ଚଳାଚଳ କରିବ

ଭୁବନେଶ୍ୱର, ୮।୧୨(ବ୍ୟୁରୋ): ତାମିଲନାଡୁର କୋଏମ୍ବାଟୁରରୁ ପଶ୍ଚିମବଙ୍ଗର ଆସନସୋଲ ମଧ୍ୟରେ ଭୁବନେଶ୍ୱର ଓ ଭଦ୍ରକ ଦେଇ ଚଳାଚଳ କରିବ ସ୍ପେଶାଲ ଟ୍ରେନ୍। କୋଏମ୍ବାଟୁରରୁ ଡିସେମ୍ବର ୨୮ ଏବଂ ଆସନସୋଲରୁ ଡିସେମ୍ବର ୩୦ ପର୍ଯ୍ୟନ୍ତ ଏହି ଟ୍ରେନ୍ ଚଳାଚଳ କରିବ। ଉଭୟ ଷ୍ଟେଶନ ମଧ୍ୟରେ ବ୍ରହ୍ମପୁର, ଖୋର୍ଦ୍ଧାରୋଡ଼, ଭୁବନେଶ୍ୱର, ନରାଜ ଓ ଭଦ୍ରକରେ ଏହା ରହଣି କରିବ। କୋଏମ୍ବାଟୁରରୁ ପ୍ରତି ଶନିବାର ଓ ଆସାନସୋଲରୁ ସୋମବାର ଏହି ସ୍ପେଶାଲ ଟ୍ରେନ୍ ଚଳାଚଳ କରିବ। କୋଏମ୍ବାଟୁରରୁ ଯାତ୍ରା ସମୟରେ ଭୁବନେଶ୍ୱରରୁ ରବିବାର ରାତି ୧.୫୦ ଓ ଭଦ୍ରକରୁ ଭୋର ୪.୧୫ରେ ଛାଡ଼ିବ। ସେହିପରି ଆସନସୋଲରୁ ଫେରିବା ସମୟରେ ଭଦ୍ରକରୁ ମଙ୍ଗଳବାର ରାତି ୩.୧୭ ଓ ଭୁବନେଶ୍ୱରରୁ ସକାଳ ୬.୨୦ରେ ଛାଡ଼ିବ ବୋଲି ରେଲୱେ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OPTCL Lifeline of Odisha
O/o the GM (Elect.) E.H.T. Construction Circle, Bhubaneswar-22. CIN: U40102OR2004SGC007553
Advt. No. GM-EHT(C)CIRCLE-BBSR-05/2019-20 Dated 07.12.2019

NOTICE INVITING TENDER

Sealed tenders are invited from registered vehicle owners/travel agencies having valid PAN Card, GSTIN registration, Contract carrying certificate / Taxi Permit, State road permit to run the vehicle within the state of Odisha & fulfilling all other criteria as per rules of transport department for "Hiring of 4 (Four) nos. Diesel Run Commercially registered light vehicle (Non-AC Bolero or equivalent) on monthly basis with daily hiring rate for official use and supervision of various ongoing construction works at EHT(C) Sub-division, No.-II, Bhubaneswar / Pratapsasan / Puri and 220KV Pandiabil-Pratapsasan line under EHT(C) Division, Bhubaneswar for a contract period of 1(One) year". **Cost of Tender Paper (Non-refundable)** : Rs.6,000/- +12% GST= Rs.6,720/- only. **EMD** : 1% of total estimated cost. **Sale of Tender Documents** : From 16.12.2019 to 30.12.2019 (11:00 AM to 03:00 PM). **Last Date of Submission of Tender** : 31.12.2019 up to 03:00 PM. **Date & Time of Opening of Tender** : 31.12.2019 at 04:00 PM. For details, please visit our website **www.optcl.co.in. Corrigendum, if any, will be published in the website or in the office notice board only.**

Sd/- General Manager (Elect.)

Please connect us: optcl.odisha optcl_odisha energyodisha

**ମନେ ପଡ଼ନ୍ତି**

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଧ୍ରୁବ ଚରଣ ମହାନ୍ତି
ପୋଖରୀପୁଟ, ଭୁବନେଶ୍ୱର
ଆବିର୍ଭାବ: ୦୩।୦୬।୧୯୨୩
ତିରୋଧାନ: ୦୭।୧୨।୨୦୧୧
ଆଜିର ତିଥିରେ ଆଠବର୍ଷ ତଳେ ଈଶ୍ୱର ଆପଣଙ୍କୁ ଆମଠାରୁ ଛଡ଼େଇନେଲେ। ହେଲେ ଆଜି ବି ଆମେ ଆପଣଙ୍କ ଜ୍ଞାନ, ନୀତି, ସ୍ନେହ ଓ ଧୈର୍ଯ୍ୟକୁ ପାଥେୟ କରି ଆଗଉଛୁ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁଅ: ରାମନାରାୟଣ(ମୁନ୍ନା), ବୋହୂ: ମଧୁମିତା(ରିନି), ଝିଅ: ଗାୟତ୍ରୀ(ରୁନି), ଜୟଶ୍ରୀ(ରୁବି), ରାଜଶ୍ରୀ(ରବା), ଜ୍ୱାଇଁ: ଅନିମେଷ, ଗଗନ, ସୁବ୍ରତ, ନାତିନାତୁଣୀ: ବୃନ୍ଦା(ରିୟା), ଶ୍ରେୟାଲୀ(ଶ୍ରୀୟା), ସନ୍ଦୀପନ(ସୋନୁ), ଭୂଦୀପନାରାୟଣ(ଶୁଭମ୍)
ଧ-୧୫୬୦୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ବନମାଳୀ ଦାସ
ସ୍ୱାଧୀନତା ସଂଗ୍ରାମୀ, ପ୍ରଖ୍ୟାତ ଶ୍ରମିକ ନେତା ଓ ସାରସ୍ୱତ ସାଧକ
ଓଟିଏମ୍ କଲୋନୀ, ଚୌଦ୍ୱାର, କଟକ
ଆବିର୍ଭାବ: ୧୮।୦୩।୧୯୨୮
ତିରୋଧାନ: ୨୦।୧୨।୨୦୧୮
ଦିନେ ମଣିଷ ପାଇଁ ଆପଣ ଥିଲେ ଦରଦୀ, ସୂକ୍ଷ୍ମସ୍ତରରେ ହେଲେ ବି ଆପଣଙ୍କ ଦିଗ୍‌ଦର୍ଶନ ଆମର ପାଥେୟ।
ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆପଣଙ୍କ ଅମରଆତ୍ମା ସେଇ ଅମର ଧାମରେ ଶାନ୍ତିରେ ଥାଉ। ଆପଣଙ୍କୁ ଆମର ଶ୍ରଦ୍ଧାନତ ପ୍ରଣାମ।
ଶୋକସନ୍ତପ୍ତ
ପତ୍ନୀ, ଝିଅ, ଜ୍ୱାଇଁ, ପୁଅ-ବୋହୂ, ନାତି, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୧୫୬୧୦

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ନାୟକ
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ: ୧୦।୦୫।୧୯୭୬
ତିରୋଧାନ: ୧୧।୧୨।୨୦୧୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଆତ୍ମମାନଙ୍କର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ଝିଅ- ବବ୍‌ଲି, ବନ୍ଧୁ ଓ ପରିବାରବର୍ଗ।
ଧ-୧୫୬୩୯

# ପାଟପୁରରେ ପୁଣି ଲଜ୍ୟା: ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ପାଟପୁର,୮।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲା ପାଟପୁର ଥାନା ଅଧୀନ ଏକ ଗାଁରେ ଜଣେ ୬ ବର୍ଷୀୟା ବାଳିକାଙ୍କୁ ବଳାତ୍କାର କରାଯାଇଥିବା ରବିବାର ଅଭିଯୋଗ ହୋଇଛି। ଏ ନେଇ ପାଟପୁର ପୋଲିସ ନଂ. ୨୬୩/୧୯ରେ ମାମଲା ରୁଜୁ କରି ଉକ୍ତ ଗ୍ରାମର ମୁଖିଆଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଗତ ମଙ୍ଗଳବାର ଅପରାହ୍ନରେ ନାବାଳିକା ଘର ସମ୍ମୁଖରେ ସାଇକେଲ ଚଲାଉଥିବା ବେଳେ ଅଭିଯୁକ୍ତ ତାଙ୍କୁ ପଇସା ପ୍ରଲୋଭନ ଦେଖାଇ ଗାଁ ଶେଷ ମୁଣ୍ଡରେ ଥିବା ଠାକୁରାଣୀ ମନ୍ଦିର ନିକଟକୁ ଡାକି ନେଇ ବଳାତ୍କାର କରିଥିଲେ। ଶନିବାର ଅଭିଯୁକ୍ତ ପୀଡ଼ିତାଙ୍କ ଘରକୁ ଆସି ଧାନ କିଣାବିକାକୁ ନେଇ ତାଙ୍କ ଜେଜେଙ୍କ ସହ କଥା ହେଉଥିଲେ। ଏହି ସମୟରେ ପୀଡ଼ିତା ସେଠାରେ ପହଞ୍ଚିଥିଲେ। ହେଲେ ଅଭିଯୁକ୍ତ ତାଙ୍କୁ ତିରସ୍କାର କରିବାରୁ ପୀଡ଼ିତା ଏଥିରେ ଉତ୍‌କ୍ଷୀପ୍ତ ହୋଇ ଘର ଲୋକଙ୍କୁ ସବୁ କଥା କହିଥିଲେ। ଏହାପରେ ଅଭିଯୁକ୍ତ ଜଣକ ସେଠାରୁ କୌଶଳକ୍ରମେ ଚମ୍ପଟ ମାରିଥିଲେ। ଅଭିଯୋଗ ନିମନ୍ତେ ପୀଡିତାଙ୍କ ପରିବାର ଥାନାକୁ ଯିବା ପାଇଁ ଅଟୋ ଡାକିଥିଲେ, ମାତ୍ର ସମସ୍ତ ଅଟୋ ମାଲିକ ମନା କରିଦେବାରୁ ପୀଡ଼ିତାଙ୍କ ମା' ମୋବାଇଲ ଫୋନ୍ ଯୋଗେ ଚାଇଲ୍‌ଡଲାଇନ କର୍ତ୍ତୃପକ୍ଷଙ୍କୁ ସମସ୍ତ ଘଟଣା ଜଣାଇଥିଲେ। ଚାଇଲ୍‌ଡଲାଇନ କର୍ତ୍ତୃପକ୍ଷ ପୀଡିତାଙ୍କ ଗାଁରେ ପହଞ୍ଚି ସରଜମିନ ତଦନ୍ତ କରିଥିଲେ। ପରେ ବ୍ରହ୍ମପୁରସ୍ଥିତ ଚାଇଲ୍‌ଡଲାଇନର କେନ୍ଦ୍ର ସଂଯୋଜକ ସାଇ ପ୍ରସାଦ ସାମଲ ଏବଂ ସୁପରଭାଇଜର ଜ୍ୟୋତ୍ସ୍ନାରାଣୀ ପାତ୍ର, ଟିମ ମେମ୍ବର ପ୍ରଣତି କୋରଙ୍କ ସହଯୋଗରେ ପୀଡ଼ିତାଙ୍କ ମା' ପାଟପୁର ଥାନାରେ ଏତଲା ଦେଇଥିଲେ। ଅଭିଯୁକ୍ତ ବୃଦ୍ଧ ଓ ପୀଡ଼ିତାଙ୍କୁ ସୋମବାର ବ୍ରହ୍ମପୁର ବଡ ଡାକ୍ତରଖାନାରେ ଡାକ୍ତରୀ ମାଇନା କରାଯିବ ବୋଲି ପୋଲିସ କହିଛି।

With Best Compliments From:



M/s S.S. CONSORTIUM
...an upcoming Project

Food Court at Puri
Near Chakratirtha Road, Puri
Email ID: ssconsortium2016@rediffmail.com



ଏପରି ଏକ ଦିନ ଆସିବ–ଯେତେବେଳେ କି ଏ ପୃଥିବୀର ସବୁ ଧନସଂପଦ ଭଗବତ୍ ବିରୋଧୀମାନଙ୍କ ଅଧିକାରରୁ ମୁକ୍ତ ହେବ। ଏବଂ ଭଗବାନଙ୍କ କାର୍ଯ୍ୟ ଏ ପୃଥିବୀରେ ଚାଲିବା ପାଇଁ ସେଗୁଡ଼ିକ ସ୍ୱଚ୍ଛନ୍ଦରେ ବ୍ୟୟିତ ହେବେ। –ଶ୍ରୀମା

# କିଏ ବା କହିବ

ତେଲେଙ୍ଗାନାର ମହିଳା ପ୍ରାଣୀ ଡାକ୍ତରଙ୍କ ଗଣବଳାତ୍କାର ଓ ହତ୍ୟା ଘଟଣାର ୪ ଅଭିଯୁକ୍ତଙ୍କୁ ପୋଲିସ ଏନ୍‌କାଉଣ୍ଟର କରି ୬ ଡିସେମ୍ବରରେ ମାରିଦେବା ବିଷୟ ପ୍ରଘଟ ହେବା ପରେ ଦେଶବ୍ୟାପୀ ଏକ ଉତ୍ସବ ପାଲଟି ଯାଇଥିଲା। ଏ ବିଷୟ ପ୍ରାୟ ସବୁ ଗଣମାଧ୍ୟମରେ ବିସ୍ତୃତ ଆଲୋଚନା ହୋଇସାରିଛି। ଅନେକ ମତ ପ୍ରକାଶ ମଧ୍ୟ ପାଉଛି। ବ୍ୟବସ୍ଥା ବିରୋଧରେ କ୍ରୋଧ, ଲୋକଙ୍କୁ ନିଜ ହାତରେ ଆଇନକୁ ନେବାକୁ ଆକର୍ଷିତ କରୁଛି। ଏହାର ମୂଳ କାରଣ ଅନେକ ଥାଇପାରେ। କିନ୍ତୁ ମୁଖ୍ୟତଃ ଏହା ଲୋକଙ୍କୁ ହିଂସା ଘଟାଇବା ପାଇଁ ଏକ ଲାଇସେନ୍ସ ଯୋଗାଇ ଦେଉଛି। ଭାରତୀୟ ନ୍ୟାୟ ବ୍ୟବସ୍ଥା ଉପରେ ଉଠୁଥିବା କ୍ରୋଧ ପ୍ରକାଶ କରୁଥିବା ବ୍ୟକ୍ତି ଏବେ ହାଇଦ୍ରାବାଦର ପୋଲିସ ଗୁଳିରେ ଅଭିଯୁକ୍ତ ୪ ବଳାତ୍କାରୀଙ୍କୁ ହତ୍ୟା କରିବା ବିଷୟକୁ ସ୍ୱାଗତ କରୁଛନ୍ତି। ଏପରିକି ଅନେକ ଶିକ୍ଷିତ ବ୍ୟକ୍ତି ଏହି ଘଟଣାକୁ ଉଚିତ ଜବାବ କହି ଉଚ୍ଛୁଳିତ ହେଉଛନ୍ତି। ଚିନ୍ତାର ବିଷୟ ହେଉଛି ଯେ, ଗୋଟିଏ ପଟେ ପ୍ରତିଶୋଧର ନିଆଁରେ ଉଡ଼ିଯାଉଥିବା ସମାଜ ତାହାର ଖୁସି ବ୍ୟକ୍ତ କରୁଥିବା ବେଳେ ଅନ୍ୟପଟେ ବାସ୍ତବ ସ୍ଥିତିକୁ ପ୍ରଶ୍ନ କରିବାକୁ ଭୁଲିଯାଉଛି।

ଏହା ସ୍ୱୀକାର କରିବାକୁ ହେବ ଯେ, ପୃଥିବୀର ଅଧିକାଂଶ ଗରିବ ଦେଶ ଭଳି ଭାରତର ଅସଂଖ୍ୟ ଦରିଦ୍ରଙ୍କ ପାଇଁ ସାମାଜିକ ବ୍ୟବସ୍ଥା ଓ ନ୍ୟାୟ ଏକ ଭିନ୍ନ ରୂପ ଧାରଣ କରିଥାଏ। କେବଳ ସହରାଞ୍ଚଳର ବସ୍ତି ନୁହେଁ, ଅନେକ ଗ୍ରାମାଞ୍ଚଳରେ ମଧ୍ୟ ମହିଳା ଏବଂ ଅପ୍ରାପ୍ତ ବୟସ୍କ ପିଲାଙ୍କୁ ଯୌନ ନିର୍ଯାତନା ଓ ଆକ୍ରମଣ କରାଯାଉଛି। ଗୋଟିଏ ଝିଅ ତା'ର ନିଜ ପରିବାର ଭିତରେ ମଧ୍ୟ ଅସୁରକ୍ଷିତ ରହୁଛି। ସେଭଳି ପରିସ୍ଥିତିରେ ସମର୍ଥନ ଦେବା ପାଇଁ ଭଉଣୀ କିମ୍ବା ମା' ମଧ୍ୟ ଆଗେଇ ଆସନ୍ତି ନାହିଁ। ଏଭଳି ପରିସ୍ଥିତି ଅଧିକାଂଶ ପରିବାରରେ ଦେଖିବାକୁ ମିଳିଥାଏ। ଅପରପଟେ ଯୁବ ମନରେ ସାମାଜିକ ଶିକ୍ଷା ମିଳେ ନାହିଁ। ସେଥିପାଇଁ ପଡ଼ୋଶୀର ଝିଅ କିମ୍ବା ସ୍ତ୍ରୀଙ୍କୁ ଆକ୍ରମଣ କଲା ପରେ କୌଣସି ପ୍ରତିକ୍ରିୟା ପରିବାର କିମ୍ବା ସାହି ପଡ଼ିଶାରୁ ଉଠେନାହିଁ। ଅର୍ଥାତ୍ ସେହିଭଳି ଯୌନ ଆକ୍ରମଣ କରୁଥିବା ଯୁବକ ଭାବିନିଏ ଯେ, ଏଭଳି କାର୍ଯ୍ୟ କରିବା ସତ୍ତ୍ୱେ କୌଣସି ଦଣ୍ଡ ମିଳେନାହିଁ। ଅନ୍ୟ ଭାଷାରେ କହିବାକୁ ଗଲେ ବଳାତ୍କାର କରିବା ପାଇଁ ସେଇ ଯୁବକର ମନରେ ସାହସ ବଢ଼ିଯାଏ। ଦାରିଦ୍ର୍ୟରେ ରହୁଥିବା ସମାଜର ଏଭଳି ପରିସ୍ଥିତି କେବଳ ଭାରତରେ ନୁହେଁ, ମେକ୍ସିକୋ, ଚିଲି, ବ୍ରାଜିଲ୍ ଏବଂ ଆଫ୍ରିକା ମହାଦେଶର ଅନେକ ଦେଶରେ ଦେଖିବାକୁ ମିଳୁଛି। ଅନ୍ୟ ରାଷ୍ଟ୍ରଗୁଡ଼ିକର ଏଭଳି ମନସ୍ତାତ୍ତ୍ୱିକ ଆକ୍ରମଣ ସମ୍ପର୍କରେ ଅନେକ ଗବେଷଣା କରାଯାଉଥିବା ବେଳେ ଭାରତୀୟ ସମାଜର ବିଭିନ୍ନ ସ୍ତରରେ ଏଥିପ୍ରତି ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଉଛି। ସେହି ଗରିବ ଯୁବକ ତା' ନିଜ ସମାଜରେ ବଳାତ୍କାର କରି ଚଲାବୁଲା କରୁଥିବା ବେଳେ ଯଦି ଗୋଟିଏ ମଧ୍ୟବିତ୍ତ ବର୍ଗର ନାରୀ ଉପରେ ଅତ୍ୟାଚାର କରିଦେଉଛି, ତେବେ ଗଣମାଧ୍ୟମର ଦୃଷ୍ଟି ଯୋଗୁ ଦେଶବ୍ୟାପୀ ଅଗ୍ନିକାଣ୍ଡ ଘଟିଯାଉଛି। ଭାରତର ଗ୍ରାମାଞ୍ଚଳରେ ଓ ସହରର ବସ୍ତି ଅଞ୍ଚଳରେ ବଳାତ୍କାର ଏକ ଦୈନନ୍ଦିନ ବ୍ୟାପାର ପାଲଟି ଗଲାଣି। ହାଇଦ୍ରାବାଦ ଭଳି ବଡ଼ ସହରଠାରୁ ଆରମ୍ଭ କରି ଉନ୍ନାଓ ପର୍ଯ୍ୟନ୍ତ ଭାରତୀୟ ସମାଜର ଯେଉଁ ଇନ୍ଦ୍ରଧନୁ ଦୃଶ୍ୟମାନ ହେଉଛି, ସେଥିରେ ସବୁ ଶ୍ରେଣୀର ମିଶ୍ରଣ ହୋଇ ଯାଉଥିବା ଭଳି ମନେହେଉଛି। ପରିସ୍ଥିତି ଏମିତି ହୋଇଗଲାଣି ଯେ, କ୍ୱଚିତ୍ ବନ୍ଧୁ ବା ପରିବାର ନିକଟରେ ନିଜ ପରିବାରର ମହିଳାଙ୍କୁ ଛାଡ଼ିବା ପ୍ରାୟ ସମସ୍ତଙ୍କ ପାଇଁ କଷ୍ଟକର ହୋଇପଡ଼ିଲାଣି, ଯାହାକି ପୂର୍ବରୁ ଭାରତୀୟ ପରିବାରରେ ଅତି ସାଧାରଣ ଘଟଣା ଥିଲା। ଏଠାରେ ସଂସ୍କାର, ଧର୍ମ କିମ୍ବା ନୈତିକତାର ପ୍ରଶ୍ନ ଉଠାଯାଇ ପାରିବ ନାହିଁ। ମଧ୍ୟବିତ୍ତ ପରିବାର ଯେଉଁ କେତୋଟି ବିଶ୍ୱାସକୁ ଧରିବସିଛି, ତାହା ଅରାଜକତାର ସମୁଦ୍ରରେ ଛୋଟିଆ ଦ୍ୱୀପ ଭଳି ମନେହେଉଛି। କେବଳ ସ୍କୁଲ, କଲେଜ ଶିକ୍ଷା ଲାଭ କରି ଶିକ୍ଷିତ ହୋଇଥିବା ବ୍ୟକ୍ତିଙ୍କୁ ପ୍ରକୃତ ଶିକ୍ଷିତ କହିବା ଅସମ୍ଭବ। ପାଠପଢ଼ାରୁ ନୁହେଁ, ପରିବାର ଏବଂ ଚତୁଃପାର୍ଶ୍ୱରେ ଘଟୁଥିବା ଅବିଚାର ଅଧିକାଂଶ ଲୋକଙ୍କ ଉପରେ ପ୍ରଭାବ ପକାଇଥାଏ। ସେହି ବାତାବରଣରେ ଅନ୍ୟାୟ ଓ ଅତ୍ୟାଚାର ଯଦି ସାମାନ୍ୟ ବିଷୟ ଭାବେ ପରିଲକ୍ଷିତ ହେଉଥିବ, ତେବେ ସେଠାରେ ବଢ଼ୁଥିବା ଯୁବପିଢ଼ି ପାଇଁ ଅନେକ କାର୍ଯ୍ୟ ସାଧାରଣ ପ୍ରତିକ୍ରିୟା ଭାବେ ବୁଝାପଡ଼ିବା ସ୍ୱାଭାବିକ।

ହାଇଦ୍ରାବାଦ ଘଟଣାରେ ପୋଲିସ ନିଜ ହାତକୁ ନ୍ୟାୟକୁ ନେଇ ଯେଉଁ ପରମ୍ପରା ସୃଷ୍ଟି କରିଛି, ତାହାକୁ ଆଇନ ବ୍ୟବସ୍ଥା ସହଜରେ ଗ୍ରହଣ କରିପାରି ନାହିଁ। ନ୍ୟାୟପାଳିକାର ସର୍ବୋଚ୍ଚ ବ୍ୟକ୍ତି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ଶରଦ ଅରବିନ୍ଦ ବୋବ୍‌ଡେ ଏହି ମର୍ମରେ ଦେଇଥିବା ମନ୍ତବ୍ୟ ଏଠାରେ ଗୁରୁତ୍ୱ ଧାରଣ କରୁଛି। ସେ କହିଛନ୍ତି ଯେ ପ୍ରତିଶୋଧ ନ୍ୟାୟ ନୁହେଁ। ନ୍ୟାୟ ଯେତେବେଳେ ପ୍ରତିଶୋଧରେ ରୂପାନ୍ତରିତ ହୋଇଯାଏ, ସେତେବେଳେ ତାହା ନିଜର ଅସ୍ତିତ୍ୱ ହରାଏ। ଦେଶବ୍ୟାପୀ ବଳାତ୍କାର ଓ ହତ୍ୟା ଘଟଣା ବୃଦ୍ଧି ପାଉଥିବାରୁ ଜନସାଧାରଣ ବିବ୍ରତ ହୋଇ ତତ୍କ୍ଷଣାତ୍ ନ୍ୟାୟ ମିଳୁ ବୋଲି ଆଶା କରୁଛନ୍ତି। ଯେହେତୁ ନ୍ୟାୟ ବ୍ୟବସ୍ଥା ଡେରିରେ ମାମଲାଗୁଡ଼ିକର ରାୟ ପ୍ରକାଶ କରୁଛନ୍ତି, ସେହେତୁ ଲୋକେ ଅସ୍ଥିର ହୋଇଯାଉଛନ୍ତି। ଏହା କହିଲା ବେଳେ ଆମେ ସଚେତନ ହେବା ଦରକାର ଯେ ଜଣେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ନ ହେବା ପର୍ଯ୍ୟନ୍ତ ତାଙ୍କୁ ଦଣ୍ଡିତ କରାଯିବା ଉଚିତ ନୁହେଁ। ହାଇଦ୍ରାବାଦରେ ପୋଲିସ ଏନ୍‌କାଉଣ୍ଟରରେ ଯେଉଁମାନଙ୍କ ଜୀବନ ଯାଇଛି, ସେମାନେ ପ୍ରକୃତରେ ଘଟଣା ସହ ଜଡ଼ିତ ଥିଲେ କି ନାହିଁ ତାହା ଜଣାପଡ଼ିବା ଆଗରୁ ସେମାନଙ୍କୁ ମାରିଦିଆଗଲା। ଏଭଳି ଫଟାଫଟ୍ ନିଷ୍ପତ୍ତି ନିଆଯିବା ଓ ତାହାକୁ ଜନସାଧାରଣ ସମର୍ଥନ କରିଚାଲିଲେ ପୋଲିସ ଅଧିକ ବଳୀୟାନ୍ ହୋଇଯିବ। ଏମିତି ଦେଖିଲେ ଭାରତରେ ଅଧିକାଂଶ ପୋଲିସଙ୍କ କାର୍ଯ୍ୟକଳାପ ସନ୍ଦେହ ମଧ୍ୟରେ ଥାଏ। ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟରେ ହାଜର କଲା ପରେ ତାହାର ବିଚାର କରିବାର ଦାୟିତ୍ୱ ବିଚାରପତିଙ୍କ ଉପରେ ନ୍ୟସ୍ତ ହୋଇଥାଏ। ହେଲେ ଅନେକ ସମୟରେ ଦେଖାଯାଇଥାଏ ଯେ, କୌଣସି ଏକ ଅପରାଧକୁ ନେଇ ଚାରିଆଡ଼େ ତୁମ୍ପିତୋଫାନ ହେଲେ ପୋଲିସ ସନ୍ଦେହରେ ଥିବା କିଛି ଲୋକଙ୍କୁ ଟେକିଆଣି ଗିରଫ କରିଦେଇଥାଏ। ଏହାଦ୍ୱାରା ପୋଲିସ ତା'ର ଅପାରଗତାକୁ ଲୁଚାଇବାରେ ସକ୍ଷମ ହେବା ସହ ଜନତାଙ୍କ କ୍ରୋଧକୁ ପ୍ରଶମିତ କରିଦିଏ। ହାଇଦ୍ରାବାଦ ମହିଳା ପ୍ରାଣୀ ଡାକ୍ତରାଣୀଙ୍କ ଘଟଣା ସମଗ୍ର ଭାରତରେ ଚହଳ ପକାଇବାରୁ ତତ୍କ୍ଷଣାତ୍ ଧରାପଡ଼ିଥିବା ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟରେ ମାରିଦିଆଯିବା ଆଇନସଙ୍ଗତ ନୁହେଁ ବୋଲି ଯେଉଁ କେତେ ଜଣ ୬ ଡିସେମ୍ବରରେ ସ୍ୱର ଉଠାଇଥିଲେ, ସେମାନଙ୍କୁ ପ୍ରଥମେ ବିଭିନ୍ନ ଆଡୁ ସମାଲୋଚନା କରାଯାଇଥିଲା। କିନ୍ତୁ ଦିନ ଗଡ଼ିବା ସହ ସେମାନଙ୍କ ଯୁକ୍ତିକୁ ତର୍ଜମା କରାଯିବା ପରେ ଲୋକେ ହୃଦୟଙ୍ଗମ କରି ତାହାକୁ ଗ୍ରହଣ କଲେଣି।

ଏହା ନିଃସନ୍ଦେହ ଯେ, ବଳାତ୍କାର ହେଉଛି ଏକ ଜଘନ୍ୟ ଅପରାଧ। ଏଥିରେ ଅପରାଧୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବା ଦରକାର। କିନ୍ତୁ ପୋଲିସ ବ୍ୟବସ୍ଥା ଓ ନ୍ୟାୟପାଳିକାର ଗତି ମନ୍ଥର ହୋଇଯାଉଥିବାରୁ ଅପରାଧୀଙ୍କୁ ଠିକ୍ ସମୟରେ ଦଣ୍ଡ ମିଳିପାରୁନାହିଁ। ଉଚିତ ଢଙ୍ଗରେ ମାମଲାର ତଦନ୍ତ କରାଯାଇ ଫାଷ୍ଟ ଟ୍ରାକ୍ କୋର୍ଟରେ ଏହାର ତ୍ୱରିତ୍ ସମାଧାନ କରାଯାଇପାରିଲେ ନ୍ୟାୟ ବ୍ୟସ୍ଥା ପ୍ରତି ଆସ୍ଥା ବଢ଼ନ୍ତା। ନଚେତ୍ ଏହା ମଧ୍ୟ କୁହାଯାଇପାରିବ ଯେ, ହାଇଦ୍ରାବାଦ ବଳାତ୍କାର ଓ ହତ୍ୟା ଘଟଣା ଘଟାଇଥିବା ଆସାମୀ ଏବେ ସ୍ୱାଧୀନ ଭାବେ ବୁଲୁଥାଇପାରନ୍ତି। କାରଣ ପୋଲିସ ସେମାନଙ୍କୁ ଖୋଜିବା ପରିବର୍ତ୍ତେ ନିଜ ଉପରୁ ଦୋଷ ଛଡ଼ାଇବାକୁ ଯାଇ ୪ ଅସମ୍ପୃକ୍ତ ବ୍ୟକ୍ତିଙ୍କୁ ହୁଏତ ଗୁଳି କରି ମାରିଦେଇଥାଇପାରେ। କିଏ ବା କହିବ ସତ୍ୟ କ'ଣ?

# ଯଶୋଧାରାଙ୍କ ତ୍ୟାଗ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ରାଜପୁତ୍ର ଗୌତମ ସତ୍ୟର ସନ୍ଧାନ କରିବା ପାଇଁ କପିଳବାସ୍ତୁ ରାଜପ୍ରାସାଦର ବିଳାସବ୍ୟସନ, ସୁଖସ୍ୱାଚ୍ଛନ୍ଦ୍ୟ, ସ୍ତ୍ରୀ ଯଶୋଧାରାଙ୍କ ଅନାବିଳ ପ୍ରେମ ଓ ସୁକୁମାର ଶିଶୁପୁତ୍ର ରାହୁଲଙ୍କୁ ତ୍ୟାଗ କରି ରାତ୍ରିର ଘନ ଅନ୍ଧକାର ମଧ୍ୟରେ ରାଜ୍ୟ ଛାଡି ଚାଲିଗଲେ। ପ୍ରଚଳିତ କିମ୍ବଦନ୍ତୀ ଅନୁସାରେ ସେତେବେଳେ ଯଶୋଧାରା ଗଭୀର ନିଦ୍ରାରେ ଶାୟିତ ଥିଲେ। ଗୌତମ ସ୍ତ୍ରୀ ଓ ପୁତ୍ରଙ୍କୁ ଶେଷଥର ପାଇଁ ଅନାଇ ଏକ ମହତ୍ ଅଭୀପ୍ସା ନେଇ କପିଳବାସ୍ତୁ ତ୍ୟାଗ କଲେ। ମାତ୍ର ଗୌତମଙ୍କ ନିଷ୍କ୍ରମଣ ପଛରେ ଲୁକ୍କାୟିତ ଥିଲା ଯଶୋଧାରାଙ୍କ ମହତ୍ ତ୍ୟାଗ। ବୌଦ୍ଧଧର୍ମ ଉପରେ ତଥ୍ୟ ସମ୍ବଳିତ ପୁସ୍ତକ 'ଓଲ୍ଡ ପାଥ୍ ହ୍ୱାଇଟ୍ କ୍ଲାଉଡ୍‌ସ'ରେ ଭିଏତ୍‌ନାମର ଲେଖକ ବୌଦ୍ଧ ସନ୍ନ୍ୟାସୀ ଥିଚ୍ ନାଟ୍ ହାନ୍ କହିଛନ୍ତି, ପ୍ରକୃତରେ ଗୌତମଙ୍କ ନିଷ୍କ୍ରମଣ ସମୟରେ ଯଶୋଧାରା ଶୋଇ ନ ଥିଲେ। ସେ ଆଶଙ୍କା କରିଥିଲେ ତାଙ୍କ ଜାଗ୍ରତ ଅବସ୍ଥାରେ ଗୌତମଙ୍କ ପାଇଁ ବିଚ୍ଛେଦ ହୁଏତ ଅତ୍ୟନ୍ତ କଷ୍ଟଦାୟକ ହେବ। ସେହିପରି ଯନ୍ତ୍ରଣାଦାୟକ ବିଚ୍ଛେଦର ଦୃଶ୍ୟକୁ ଏଡ଼ାଇବା ପାଇଁ ସେ ଶୋଇବାର ଅଭିନୟ କରିଥିଲେ। ଯଶୋଧାରା ଥିଲେ ଗୌତମଙ୍କ ଅର୍ଦ୍ଧାଙ୍ଗିନୀ ଓ ଧର୍ମପତ୍ନୀ। ଗୌତମଙ୍କୁ ସତ୍ୟର ସନ୍ଧାନ ପଥରେ ସହଯୋଗ କରିବା ପତ୍ନୀର ଧର୍ମ। ପୁନଶ୍ଚ ସେ ମଧ୍ୟ ବାଲ୍ୟକାଳରୁ ସଂସାରର ଦୁଃଖ ଓ ଯନ୍ତ୍ରଣା ଦେଖି ସେଥିରୁ କିଭଳି ମୁକ୍ତି ମିଳିବ ସେହି ପ୍ରଶ୍ନ ନିଜକୁ ଅନେକଥର ପଚାରିଥିଲେ ଓ ତା'ର ଉତ୍ତର ଖୋଜୁଥିଲେ। ସତ୍ୟର ସନ୍ଧାନରେ ଉଭୟ ଗୌତମ ଓ ଯଶୋଧାରା ଥିଲେ ବ୍ରତୀ। ଏଣୁ ଗୌତମଙ୍କ ସତ୍ୟ ସନ୍ଧାନ ପଥରେ ପ୍ରତିବନ୍ଧକ ହେବାକୁ ଚାହିଁ ନ ଥିଲେ ଯଶୋଧାରା। ଗୌତମଙ୍କ ସଫଳତା ପାଇଁ ସେ ବରଣ କରିଥିଲେ ଅକୁଣ୍ଠିତ ତ୍ୟାଗ। ମାତ୍ର ବିଡ଼ମ୍ବନାର ବିଷୟ ଐତିହାସିକମାନଙ୍କ ଦ୍ୱାରା ତାଙ୍କ ତ୍ୟାଗ କମ୍ ଆଲୋଚିତ।

ରାଜା ଶୁଦ୍ଧୋଦନଙ୍କ ଭଉଣୀ ପମିତା କୋଲିୟ ରାଜା ଦଣ୍ଡପାଣିଙ୍କୁ ବିବାହ କରିଥିଲେ। ଯଶୋଧାରା ଥିଲେ ଦଣ୍ଡପାଣି ଓ ପମିତାଙ୍କ କନ୍ୟା। ଥରେ କୋଲିୟ ରାଜାଙ୍କ ଦ୍ୱାରା ଆୟୋଜିତ ସମରବିଦ୍ୟା ପ୍ରତିଯୋଗିତାରେ ରାଜା ଶୁଦ୍ଧୋଦନ ପୌରୋହିତ୍ୟ କରି ଯୁବ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସେଠାରେ ଯଶୋଧାରା ଅତିଥିମାନଙ୍କୁ ସ୍ୱାଗତ କରୁଥିଲେ। ଏହି ପ୍ରତିଯୋଗିତାରେ ଗୌତମ ବିଜୟୀ ହେବା ପରେ ଯଶୋଧାରା ତାଙ୍କୁ ଏକ ଧଳାହାତୀ ପୁରସ୍କାର ଦେଇଥିଲେ। ଏହା ଥିଲା ଯଶୋଧାରାଙ୍କ ସହ ଗୌତମଙ୍କ ପ୍ରଥମ ସାକ୍ଷାତ୍। ଯଶୋଧାରାଙ୍କ ସରଳ ବେଶଭୂଷା, ସୁଲଳିତ କଣ୍ଠସ୍ୱର ଓ ନମ୍ରଭାବ ଗୌତମଙ୍କୁ ଆକର୍ଷଣ କରିଥିଲା। ମାତ୍ର ସେଦିନ ଗୌତମ ତାଙ୍କ ସହ ଭାବର ଆଦାନପ୍ରଦାନ କରିପାରି ନ ଥିଲେ। ଆଉ ଦିନକର ଘଟଣା। ଗୌତମ ପରିଭ୍ରମଣ କରି ରାଜପ୍ରାସାଦକୁ ଫେରୁଥାନ୍ତି। ଯଶୋଧାରା ତାଙ୍କ ପରିଚାରିକା ସହ ଏକ ପଲ୍ଲୀରେ କିଛି ରୋଗାକ୍ରାନ୍ତ ପିଲାଙ୍କ ସେବାଶୁଶ୍ରୂଷା କରୁଥିବାର ଦୃଶ୍ୟ ଗୌତମଙ୍କୁ ଚକିତ କରିଥିଲା। ଏକ ରାଜପରିବାରର କନ୍ୟା ସମସ୍ତ ଭୋଗବିଳାସ ଓ ଅହଂକାର ତ୍ୟାଗକରି ଦୁଃଖୀ ଓ ଦରିଦ୍ରମାନଙ୍କ ସେବା କରୁଥିବା ଏକ ଅସାଧାରଣ ଘଟଣା ଥିଲା। ଗୌତମ ଯଶୋଧାରାଙ୍କୁ ପଚାରିଲେ, ''ଆପଣ ଏହି ସେବା କେବେଠୁ କରୁଛନ୍ତି?'' ଯଶୋଧାରାଙ୍କ ଉତ୍ତର ଥିଲା ପ୍ରାୟ ଦୁଇବର୍ଷ ହେବ। ଏହି କାର୍ଯ୍ୟ ମୋତେ ଅପାର ଆନନ୍ଦ ଓ ତୃପ୍ତି ପ୍ରଦାନ କରେ। ସେଦିନ ଗୌତମ ଯଶୋଧାରାଙ୍କ ସହ ଭାବର ଆଦାନପ୍ରଦାନ କରି ଜାଣିବାକୁ ପାଇଲେ ଯେ, ସଂସାରର ଦୁଃଖଯନ୍ତ୍ରଣାର ଦୃଶ୍ୟ ଯଶୋଧାରାଙ୍କ ହୃଦୟକୁ ମଧ୍ୟ ବିଗଳିତ କରେ। ରାଜପ୍ରାସାଦର ବିଳାସବ୍ୟସନରେ ସେ ପ୍ରକୃତ ଶାନ୍ତି ପାଇପାରୁ ନ ଥିଲେ। ନିଜ ହୃଦୟର ବେଦନା ଯଶୋଧାରାଙ୍କ ହୃଦୟରେ ଆବିଷ୍କାର କରି ସେଦିନ ଗୌତମ ଯଶୋଧାରାଙ୍କ ପ୍ରତି ଆହୁରି ଆକର୍ଷିତ ହୋଇଥିଲେ। କିଛିମାସ ଅନ୍ତେ ପ୍ରତିଭାବତୀ କନ୍ୟାମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ଉତ୍ସବରେ ମହାରାଣୀ ଗୌତମୀଙ୍କ ପରାମର୍ଶ କ୍ରମେ ଗୌତମ କନ୍ୟାମାନଙ୍କୁ ଉପହାର ବାଣ୍ଟୁଥାନ୍ତି। ଯଶୋଧାରା ମଞ୍ଚ ଉପରକୁ ଆସିବା ବେଳକୁ ଉପହାର ଶେଷ ହୋଇଯାଆନ୍ତେ ଗୌତମ ନିଜ ଗଳାରୁ ସୁନାହାରଟିକୁ କାଢି ତାଙ୍କୁ ଦେଇଥିଲେ। ପରବର୍ତ୍ତୀ ସମୟରେ ଉଭୟ ରାଜପରିବାରର ସମ୍ମତିକ୍ରମେ ଗୌତମଙ୍କ ସହ ଯଶୋଧାରାଙ୍କ ବିବାହ ସମ୍ପାଦିତ ହୋଇଥିଲା। ଦୁଇଟି ସମଧର୍ମା ହୃଦୟର ମିଳନ ହେଲା।

ଆସିଲା ଗ୍ରୀଷ୍ମଋତୁ। ଗୌତମ ଓ ଯଶୋଧାରା ରାଜ୍ୟର ବିଭିନ୍ନ ପଲ୍ଲୀ ଭ୍ରମଣ କରୁଥାନ୍ତି। ରଥ ଚାଳନା କରୁଥାନ୍ତି ସାରଥି ଚନ୍ନ। ସେ ସମୟରେ ସେ ସାଧାରଣ ଶ୍ରମଜୀବୀ ଓ କୃଷକମାନଙ୍କ ପରିବାରରେ ମଧ୍ୟ ଖାଦ୍ୟ ଗ୍ରହଣ କରିଛନ୍ତି। ସେ ନିଜ ଆଖିରେ ଦେଖିଛନ୍ତି ସେମାନଙ୍କ ଦୁଃଖ, ଦାରିଦ୍ର୍ୟ ଓ ସେମାନଙ୍କ ଶିଶୁମାନଙ୍କ ଅପପୁଷ୍ଟିର ଚିତ୍ର। ତାଙ୍କ ପିତାଙ୍କ ଶାସନ ମଧ୍ୟ ସେହିସବୁ ଦୁଃଖ ଓ ଯନ୍ତ୍ରଣା ଲାଘବ କରିପାରି ନାହିଁ। ଯଶୋଧାରା ଲକ୍ଷ୍ୟ କରିଛନ୍ତି ଗୌତମଙ୍କୁ ଏହିସବୁ ଦୃଶ୍ୟ ବିଚଳିତ କରିଛି। ସେ ଖୋଜୁଛନ୍ତି ଦୁଃଖ ଓ ଯନ୍ତ୍ରଣାରୁ ମୁକ୍ତିର ଉପାୟ। ଯଶୋଧାରା ଏ ସମ୍ପର୍କରେ ଗୌତମଙ୍କ ସହ ଆଲୋଚନା କରିଛନ୍ତି ଓ ଆଶ୍ୱାସନା ଦେଇଛନ୍ତି ଯେ, ସେ ଦିନେ ନିଶ୍ଚୟ ମୁକ୍ତିର ମାର୍ଗ ପାଇବେ। ଇତ୍ୟବସରରେ ରାଜା ଶୁଦ୍ଧୋଦନ ଗୌତମଙ୍କୁ ରାଜ୍ୟର ରାଜା ହେବା ଲାଗି ନିଜକୁ ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦିଅନ୍ତେ ଗୌତମ କହିଛନ୍ତି, ''ପିତା ଯେଉଁ ଶାସନ ଜନସାଧାରଣଙ୍କ ଦୁଃଖ ଓ ଯନ୍ତ୍ରଣାକୁ ଲାଘବ କରିପାରୁନାହିଁ ମୁଁ ସେହି ଶାସନର ଡୋରି ଧରିବା ପାଇଁ ଚାହୁଁନାହିଁ। ମୁଁ ଅନୁଭବ କରୁଛି ମଣିଷ ଅଜ୍ଞାନରେ ଅତି କ୍ରୋଧ, ଈର୍ଷା, ଭୟ ଓ କାମନାରେ କବଳିତ ହୋଇ ଦୁଃଖ ଓ ଯନ୍ତ୍ରଣାରେ ଦଗ୍ଧୀଭୂତ ହେଉଛି। ମୁଁ ଖୋଜିବାକୁ ଚାହେଁ ସେହି ପଥ, ଯାହା ମଣିଷକୁ ଏସବୁଥିରୁ ମୁକ୍ତ କରିବ।'' ପରବର୍ତ୍ତୀ ସମୟରେ ଆଧ୍ୟାତ୍ମିକ ଜିଜ୍ଞାସା ନେଇ ଗୌତମ ସମସାମୟିକ ସନ୍ଥ ଅଲାର କଲମ ଓ ଉଦ୍ଧାକ ରାମପୁଟ୍ଟଙ୍କୁ ସାକ୍ଷାତ୍ କରି ସେମାନଙ୍କଠାରୁ ପରାମର୍ଶ ଗ୍ରହଣ କରୁଥିଲେ। ଗୋଟିଏ ଅପରାହ୍ଣର ଘଟଣା। ଯଶୋଧାରା ଗୋଟିଏ ପଲ୍ଲୀରୁ ଫେରିଥାନ୍ତି। ଦୁଃଖଭରା ହୃଦୟରେ ସେ ନୀରବରେ ବସିଥାନ୍ତି, କାରଣ ଦୀର୍ଘ ସପ୍ତାହେ ଧରି ସେ ଯେଉଁ ରୋଗାକ୍ରାନ୍ତ ଶିଶୁର ସେବା କରୁଥିଲେ ତାକୁ ସେ ମୃତ୍ୟୁମୁଖରୁ ରକ୍ଷା କରିପାରି ନ ଥିଲେ। କ୍ରନ୍ଦନରତା ଯଶୋଧାରାଙ୍କୁ ଆଶ୍ୱାସନା ଦେଇ ଗୌତମ କହିଛନ୍ତି ଦେଖ, ଜନ୍ମ, ବାର୍ଦ୍ଧକ୍ୟ, ରୋଗ ଓ ମୃତ୍ୟୁ ଜୀବନର ଅବଶ୍ୟମ୍ଭାବୀ ବାସ୍ତବତା। ମୁଁ ନିଶ୍ଚିତ ଯେ ଦିନେ ନା ଦିନେ ମୁଁ ଏହିସବୁଥିରୁ ମୁକ୍ତି ପାଇବାର ଉପାୟ ପାଇବି। ସେଥିପାଇଁ ଆବଶ୍ୟକ ତୁମର ସହଯୋଗ। ଯଶୋଧାରା ଅନୁଭବ କଲେ ଗୌତମ ଯେକୌଣସି ମୁହୂର୍ତ୍ତରେ ମୁକ୍ତିମାର୍ଗର ସନ୍ଧାନରେ ତାଙ୍କୁ ଛାଡି ଚାଲିଯାଇପାରନ୍ତି। ସେ ଅନ୍ତଃସତ୍ତ୍ୱା ଥିବାରୁ ଗୌତମଙ୍କୁ ସେହିଭଳି ସମୟରେ ତାଙ୍କୁ ତ୍ୟାଗ ନ କରିବା ପାଇଁ ଅନୁରୋଧ କରିଥିଲେ ଓ ଗୌତମ ସେହି ଅନୁରୋଧ ରକ୍ଷା କରିଥିଲେ। ଯଥାସମୟରେ ଏକ ପୁତ୍ରସନ୍ତାନ ଜନ୍ମ ନେଲା ଓ ତା'ର ନାମ ଦିଆଗଲା ରାହୁଲ।

ଅନେକ ଦିନ ଅତିକ୍ରାନ୍ତ ହେଲା। ଥରେ ଯଶୋଧାରା ରାତିରେ ସ୍ୱପ୍ନ ଦେଖିଲେ ଗୌତମ ତାଙ୍କୁ ଛାଡି ଚାଲିଯାଉଛନ୍ତି। ଯେତେବେଳେ ସେ ଚମକି ଉଠିପଡିଲେ ଗୌତମ କହିଲେ, ମୁଁ ତ ନିଶ୍ଚୟ ଯିବି କିନ୍ତୁ ସେଥିପାଇଁ ତୁମର ସହାୟତା ଲୋଡ଼ା। ମୁଁ ପ୍ରତିଶ୍ରୁତି ଦେଉଛି ମୁକ୍ତିର ମାର୍ଗ ଜାଣିବା ପରେ ମୁଁ ପୁଣି ଫେରିଆସିବି। ତା' ପରଦିନ ସେ ପିତାଙ୍କୁ ମଧ୍ୟ କପିଳବାସ୍ତୁ ତ୍ୟାଗ କରିବା ପାଇଁ ଅନୁମତି ମାଗିଛନ୍ତି। ମାତ୍ର ଶୁଦ୍ଧୋଦନ ତାଙ୍କୁ ଏଥିରୁ ନିବୃତ୍ତ ରହିବା ପାଇଁ ବୁଝାଇଛନ୍ତି। ସେଦିନ ସନ୍ଧ୍ୟାରେ ପ୍ରାସାଦରେ ଆମୋଦପ୍ରମୋଦ ନିମିତ୍ତ ନୃତ୍ୟ ଓ ସଙ୍ଗୀତର ବ୍ୟବସ୍ଥା ହୋଇଛି। ସେ ଦିନଟି ଥିଲା ଆଷାଢ଼ ପୂର୍ଣ୍ଣମା। ରାଜା ରାଣୀ ଗୌତମୀଙ୍କୁ ପଠାଇଛନ୍ତି ଯଶୋଧାରାଙ୍କୁ ଏ ସମ୍ପର୍କରେ ସତର୍କ କରାଇବା ପାଇଁ। ଯେକୌଣସି ଉପାୟରେ ଗୌତମଙ୍କୁ ନିଷ୍କ୍ରମଣରୁ ନିବୃତ୍ତ କରିବା ପାଇଁ ମହାରାଣୀ ଯଶୋଧାରାଙ୍କୁ ପରାମର୍ଶ ଦେଇଛନ୍ତି। ମାତ୍ର ଯଶୋଧାରା ଗୌତମଙ୍କୁ ବାଧା ଦେଇନାହାନ୍ତି। ଘନ ଅନ୍ଧକାର ମଧ୍ୟରେ ସେ ସାରଥି ଚନ୍ନକୁ ନିଦରୁ ଉଠାଇ ଗୌତମଙ୍କ ସମ୍ଭାବ୍ୟ ନିଷ୍କ୍ରମଣ କଥା କହି ଅଶ୍ୱ କନ୍ଥକକୁ ପ୍ରସ୍ତୁତ କରି ରଖିବାକୁ କହିଛନ୍ତି। ରାଜପ୍ରାସାଦକୁ ଫେରି ସେ ଗୌତମଙ୍କ ଭ୍ରମଣ ପୋଷାକକୁ ଚୌକିରେ ଥୋଇ ନିଦ୍ରା ଯିବାର ଅଭିନୟ କରିଛନ୍ତି। ସେପଟେ ଗୌତମ ରାଜପ୍ରାସାଦ ତ୍ୟାଗ କରିବା ପାଇଁ ନିଷ୍ପତ୍ତି ନେଇ ଶେଷଥର ପାଇଁ ଯଶୋଧାରା ଓ ରାହୁଲଙ୍କୁ ଟିକିଏ ଅନେଇ ଦେଇ ଚାଲିଯାଇଛନ୍ତି। ତାଙ୍କୁ ସହାୟତା କରିଛନ୍ତି ସାରଥି ଚନ୍ନ ଓ ପ୍ରିୟ ଅଶ୍ୱ କନ୍ଥକ। ଆରମ୍ଭ ହୋଇଛି ସତ୍ୟ ସନ୍ଧାନର ଏକ ନୂତନ ଅଧ୍ୟାୟ।

ଦୀର୍ଘ ଛଅବର୍ଷର ସାଧନା ଅନ୍ତେ ଗୌତମ ଜ୍ଞାନପ୍ରାପ୍ତ ହୋଇ ବୁଦ୍ଧରେ ପରିଣତ ହୋଇଛନ୍ତି। ଫେରିଛନ୍ତି କପିଳବାସ୍ତୁ। ଗଠିତ ହୋଇଛି ସଂଘ ଓ ସେହି ସଂଘରେ ମହାରାଣୀ ଗୌତମୀ ଭିକ୍ଷୁଣୀ ଭାବରେ ଯୋଗ ଦେଇଥାନ୍ତି। ଦିନେ ଭିକ୍ଷୁ ସ୍ୱସ୍ତି ଗୌତମୀଙ୍କୁ ପଚାରିଛନ୍ତି ମାଆ, ଗୌତମଙ୍କ ନିଷ୍କ୍ରମଣ ସମୟରେ ସତରେ କ'ଣ ଯଶୋଧାରା ଗଭୀର ନିଦ୍ରାରେ ଶୋଇଥିଲେ? ଗୌତମୀଙ୍କ ଉତ୍ତର ଥିଲା– ଯେଉଁ ଯଶୋଧାରା ନିଜେ ଗୌତମଙ୍କ ଭ୍ରମଣ ପୋଷାକ ପ୍ରସ୍ତୁତ କରି ରଖିଦେଇ ପୁଣି ସାରଥି ଚନ୍ନକୁ ମଧ୍ୟ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ ସେ କେମିତି ସେହି ରାତିରେ ଶୋଇପାରିଥାନ୍ତେ? ମୁଁ ଜାଣେ ଯଶୋଧାରା ଥିଲେ ସାହସୀ ମହିଳା। ସେ ନିଜେ ଥିଲେ ସତ୍ୟର ସନ୍ଧାନୀ। ଏଣୁ ଗୌତମଙ୍କ ସତ୍ୟ ସନ୍ଧାନ ମାର୍ଗରେ ସେ ବାଧା ନ ଦେଇ କରିଯାଇଛନ୍ତି ଅପୂର୍ବ ତ୍ୟାଗ। ସେ ହେଲେ ଯଶସ୍ୱିନୀ ଯଶୋଧାରା।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼,
ମୋ–୯୪୩୭୩୨୯୨୬୩

# ବିନିବେଶରେ ଭୁଲ୍ ଠିକ୍



ଡ. ଭରତ ଝୁନ୍‌ଝୁନ୍‌ୱାଲା

ଭାରତ ପେଟ୍ରୋଲିୟମ, ଶିପିଂ କର୍ପୋରେଶନ ଓ କନ୍‌କୋର ଭଳି ତିନୋଟି ବୃହତ୍ ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସ୍‌ଇ)ର ଘରୋଇକରଣ ଲାଗି କେନ୍ଦ୍ର ସରକାର ସ୍ଥିର କରିଛନ୍ତି। ଏହି ସଂସ୍ଥାଗୁଡ଼ିକରେ ସରକାରଙ୍କର ଥିବା ବୃହତ୍ ଅଂଶଧନକୁ ଜଣେ 'ଷ୍ଟ୍ରାଟେଜିକ୍' କ୍ରେତା (ଏହି ପ୍ରକାର ଶିଳ୍ପରେ ସକ୍ରିୟ ଥିବା କମ୍ପାନୀ)କୁ ବିକ୍ରି କରିବା ଲାଗି ସରକାର ପ୍ରସ୍ତାବ ରଖିଛନ୍ତି।

ସରକାର ପୁନଶ୍ଚ ନର୍ଥ ଇଷ୍ଟର୍ନ ଇଲେକ୍ଟ୍ରିକ୍ ପାୱାର କର୍ପୋରେଶନ ଲିମିଟେଡ୍ (ଏନ୍‌ଇଇପିସିଓ) ଏବଂ ଟିହରି ହାଇଡ୍ରୋ ପାୱାର ଡେଭେଲପ୍‌ମେଣ୍ଟ କର୍ପୋରେଶନ ଇଣ୍ଡିଆ ଲିମିଟେଡ୍ (ଟିଏଚ୍‌ଡିସିଆଇଏଲ୍)ରୁ ବିନିବେଶ ପ୍ରସ୍ତାବ ରଖିଛନ୍ତି। ଏନ୍‌ଇଇପିସିଓ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡିକରେ ଓ ଟିଏଚ୍‌ଡିସିଆଇଏଲ୍ ଉତ୍ତରାଖଣ୍ଡରେ ଜଳବିଦ୍ୟୁତ୍ ଉତ୍ପାଦନ କରୁଛି। ସରକାର ଏହି ଦୁଇଟି ଉଦ୍ୟୋଗରେ ଥିବା ମୁଖ୍ୟ ଅଂଶଧନକୁ ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ (ଏନ୍‌ଟିପିସି)କୁ ବିକ୍ରି କରିବା ପାଇଁ ସ୍ଥିର କରିଛନ୍ତି। ଅପରପକ୍ଷେ ଏନ୍‌ଟିପିସିର ମାଲିକ ମଧ୍ୟ ସରକାର। ଦେଖିବାକୁ ଗଲେ ଏନ୍‌ଇଇପିସିଓ ଓ ଟିଏଚ୍‌ଡିସିଆଇଏଲ୍‌ରେ ଥିବା ସରକାରଙ୍କ ଅଂଶଧନ ପରୋକ୍ଷରେ ସେହି ସରକାରଙ୍କ ଅଧୀନରେ ରହିବ। କେବଳ ଟୋପି ପରିବର୍ତ୍ତନ ହେବ। ତେବେ ଏହି ପ୍ରକ୍ରିୟାରେ ସରକାର ଏନ୍‌ଟିପିସିଠାରୁ ଦୁଇଟି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ପାଇଁ ପ୍ରାୟ ୧୬,୦୦୦ କୋଟି ଟଙ୍କା ପାଇବେ।

ନିକଟରେ ଏନ୍‌ଇଇପିସିଓ ୩୦୦ କୋଟିର ବଣ୍ଡ୍ ବିକ୍ରି କରିବା ପାଇଁ ଚେଷ୍ଟା କରିଥିଲା ଓ ସେଥିରୁ ମାତ୍ର ୧୫ କୋଟି ବିକ୍ରି ହୋଇଥିଲା। ଏଥିରୁ ଯାହା ଜଣାପଡୁଛି, ଏହି କମ୍ପାନୀ ଉପରେ ମାର୍କେଟର ଭରସା ନାହିଁ। ଟିଏଚ୍‌ଡିସିଆଇଏଲ୍‌ର ବି ସମାନ ପରିସ୍ଥିତି। ଟିଏଚ୍‌ଡିସିଆଇଏଲ୍ ବିଦ୍ୟୁତ୍ ବୋର୍ଡକୁ ୟୁନିଟ୍ ପିଛା ୧୧ ଟଙ୍କାରେ ବିକ୍ରି କରୁଥିବାବେଳେ ସେହି ଏକା ବିଦ୍ୟୁତ୍ ୟୁନିଟ୍ ପିଛା ୪ ଟଙ୍କା କମ୍‌ରେ ଇଣ୍ଡିଆନ୍ ଏନର୍ଜି ଏକ୍ସଚେଞ୍ଜରେ ମଳୁଛି। ଫଳତଃ ଏହି ବିଦ୍ୟୁତ୍ କ୍ରୟ କରୁଥିବା ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଦିଲ୍ଲୀର ଲୋକେ କ୍ଷତି ସହୁଛନ୍ତି ଏବଂ ଟିଏଚ୍‌ଡିସିଆଇଏଲ୍ ଲାଭ କରୁଛି। ଟିଏଚ୍‌ଡିସିଆଇଏଲ୍ ଏହି ଲାଭାର୍ଥକୁ ଉତ୍ତରାଖଣ୍ଡରେ ବିଷ୍ଣୁଗଡ଼–ପିପଲ୍‌କୋଟି ଜଳବିଦ୍ୟୁତ୍ ପରିଯୋଜନାରେ ହୋଇଥିବା କ୍ଷତି ଭରଣା କରିବା ପାଇଁ ନିବେଶ କରୁଛି। ୨,୪୦୦ କୋଟି ଟଙ୍କାର ଏହି ପ୍ରୋଜେକ୍ଟ ୨୦୦୮ରେ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟିର ଅନୁମୋଦନ ଲାଭ କରିଥିଲା। ଏହା ୨୦୧୩ ସୁଦ୍ଧା ଶେଷ ହେବାର ଥିଲା ଓ ଏହି ସମୟରେ ଏଥିରୁ ଉତ୍ପାଦିତ ବିଦ୍ୟୁତ୍‌ର ୟୁନିଟ୍ ପିଛା ମୂଲ୍ୟ ଟ୨.୨୬ ହେବ ବୋଲି ଆକଳନ କରାଯାଇଥିଲା। ଏବେ ସେହି ପ୍ରୋଜେକ୍ଟର ଅଟକଳ ୪,୪୦୦ କୋଟିକୁ ଟପିଗଲାଣି ଓ ୨୦୨୧ ସୁଦ୍ଧା ଏହା ଶେଷ ହେବ ବୋଲି ଆକଳନ କରାଯାଉଛି। ଫଳସ୍ୱରୂପ ଏହି ପ୍ରୋଜେକ୍ଟରୁ ଉତ୍ପାଦିତ ବିଦ୍ୟୁତ୍‌ର ୟୁନିଟ୍ ପିଛା ମୂଲ୍ୟ ବୃଦ୍ଧି ପାଇ ଟ୬.୪୨ ହେବ ବୋଲି ଆକଳନ କରାଯାଇଛି। ଉତ୍ପାଦିତ ବିଦ୍ୟୁତ୍‌ର ବାସ୍ତବ ମୂଲ୍ୟ ଆହୁରି ଅଧିକ ହୋଇପାରେ। ତା'ପରେ ଏହି ପ୍ରୋଜେକ୍ଟ ବି ବିଳମ୍ବ ହୋଇଗଲାଣି। ଏବେ ସୁଦ୍ଧା ଏହାର କାମ ଅଧାରୁ କମ୍ ହୋଇଛି। ଅତୀତରେ ଯେମିତି ବିଳମ୍ବ ହୋଇଛି ଯଦି ସେମିତି ଧାରା ଚାଲୁ ରହେ ତେବେ ଏହା ୨୦୩୦ ସୁଦ୍ଧା ଶେଷ ହେବ ବୋଲି ଅନୁମାନ କରାଯାଉଛି ଏବଂ ଏହି ସମୟରେ ବିଦ୍ୟୁତ୍ ଦର ହୁଏତ ୟୁନିଟ୍ ପିଛା ୧୨ ଟଙ୍କା ହୋଇପାରେ। କିନ୍ତୁ ସୌରଶକ୍ତିର ବିକାଶ ହେଉଛି ଓ ଏହା ଶସ୍ତା ହେଉଥିବାରୁ ସେହି ସମୟରେ ମାର୍କେଟ୍‌ରେ ୟୁନିଟ୍ ପିଛା ବିଦ୍ୟୁତ୍ ଦର ହ୍ରାସ ପାଇ ୩ ଟଙ୍କାକୁ ଖସି ଆସିବ ବୋଲି ଆଶା କରାଯାଉଛି। ତଥାପି ଟିଏଚ୍‌ଡିସିଆଇଏଲ୍ ଲାଭ କରିବା ପାଇଁ ବିଦ୍ୟୁତ୍ ଉତ୍ପାଦନ କରିବ। ଏହା ଉତ୍ତରପ୍ରଦେଶ ବିଦ୍ୟୁତ୍ ବୋର୍ଡ ସହ ବିଦ୍ୟୁତ୍ କିଣିବା ପାଇଁ ଚୁକ୍ତି କରିଥିବାରୁ ଉତ୍ତରପ୍ରଦେଶ ପିପଲ୍‌କୋଟି ପରିଯୋଜନାରୁ ପ୍ରତି ୟୁନିଟ୍‌କୁ ୧୨ ଟଙ୍କା ଦରରେ କିଣିବା ଲାଗି ବାଧ୍ୟ ହେବ, ଯେଭଳି ଟିହରି ପ୍ରୋଜେକ୍ଟରୁ ଅନେକ ରାଜ୍ୟ ୟୁନିଟ୍ ପିଛା ୧୧ ଟଙ୍କା ଦରରେ ବିଦ୍ୟୁତ୍ କିଣୁଛନ୍ତି। ଉଚ୍ଚ ଦରରେ ବିଦ୍ୟୁତ୍ କିଣିବା ଯୋଗୁ ଏହାର ଚାପ ଉତ୍ତରପ୍ରଦେଶର ବିଦ୍ୟୁତ୍ ଗ୍ରାହକମାନଙ୍କ ଉପରେ ପଡିବା ସ୍ୱାଭାବିକ। ଅପରପକ୍ଷରେ ଟିଏଚ୍‌ଡିସିଆଇଏଲ୍ ବଜାର ଦରରେ ଯଦି ବିଦ୍ୟୁତ୍ ବିକ୍ରି କରେ ତେବେ ବିରାଟ କ୍ଷତି ସହିବ। ଏହା ଅତ୍ୟଧିକ ଦରରେ ରାଜ୍ୟଗୁଡ଼ିକୁ ବିଦ୍ୟୁତ୍ ବିକ୍ରି କରି ଖାତାରେ ଲାଭ ଦେଖାଉଛି।

ଏନ୍‌ଇଇପିସିଓ ଏବଂ ଟିଏଚ୍‌ଡିସିଆଇଏଲ୍ ବହୁତ କ୍ଷତି ସହୁଛନ୍ତି, ଯଦିଓ ଏହି କ୍ଷତି ଗ୍ରାହକମାନଙ୍କୁ ଅତ୍ୟଧିକ ଦରରେ ବିକ୍ରି କରାଯାଉଥିବା ବିଦ୍ୟୁତ୍ ପଛରେ ଛପି ରହିଛି। ଜଣେ ପରିବା ବିକାଳି ନ ବୁଝି ନ ଶୁଝି କିଣୁଥିବା ଜଣେ କ୍ରେତାଙ୍କୁ ପଚା ଆଳୁ ବିକି ଖୁସି ହେବା ଭଳି ଏନ୍‌ଟିପିସିକୁ ଏହି ଦୁଇଟି ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ବିକ୍ରି କରି ସରକାର ଲାଭ କରିବାକୁ ବସିଛନ୍ତି। ଭାରତ ପେଟ୍ରୋଲିୟମ୍, ଶିପିଂ କର୍ପୋରେଶନ ଏବଂ କନ୍‌କୋରର ପରିଚାଳନାକୁ ସରକାର 'ଷ୍ଟ୍ରାଟେଜିକ୍' କ୍ରେତାଙ୍କୁ ହସ୍ତାନ୍ତର କରିବା ଉଦ୍ୟମ ସମ୍ପୂର୍ଣ୍ଣ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ପୁଞ୍ଜି ବିନିବେଶ ବାହାନାରେ କ୍ଷତି କରୁଥିବା ଏନ୍‌ଇଇପିସିଓ ଏବଂ ଟିଏଚ୍‌ଡିସିଆଇଏଲ୍‌କୁ ବିକ୍ରି କରିବା ପୂରା ଭୁଲ୍।

Email: bharatjj@gmail.com

## ଏଇ ଭାରତରେ

ଜଣେ ଦିବ୍ୟାଙ୍ଗ ମହିଳା ଭିକ ମାଗି ନଗରନିଗମରେ ଟିକସ ପଇଠ କରି ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ମହିଳାଙ୍କ ନାମ ଜ୍ୟୋତ୍ସ୍ନା ଗାନ୍ଧୀ। ଗୁଜରାଟ ବଡୋଦରାରେ ସେ ରୁହନ୍ତି। ତାଙ୍କର ଗୋଟିଏ ପୁଅ। ସେ ବି ଦିବ୍ୟାଙ୍ଗ। ତେବେ ପୁଅର ଦେଖାଶୁଣା କରିବା ପାଇଁ ଜ୍ୟୋତ୍ସ୍ନା ଏକ ମନ୍ଦିର ବାହାରେ ବସି ଭିକ ମାଗିଥାନ୍ତି। ବଡ଼ୋଦରା ନଗର ନିଗମ (ବିଏମ୍‌ସି) କାର୍ଯ୍ୟାଳୟରେ ତାଙ୍କୁ ହଠାତ୍ ପହଞ୍ଚିବା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ବିଏମ୍‌ସିର ବକେୟା ଟ୍ୟାକ୍ସ ଦେବା ଲାଗି ସେ ଏକ ବ୍ୟାଗ୍‌ରେ ଖୁଚୁରା ଟଙ୍କା ବି ନେଇଥିଲେ। ଜ୍ୟୋତ୍ସ୍ନା ୨୦୦୩ରୁ ଟ୍ୟାକ୍ସ ଭରି ନ ଥିଲେ। ତାଙ୍କୁ ଏ ବାବଦରେ ପାଖାପାଖି ୧୩,୦୦୦ ଟଙ୍କା ପଇଠ କରିବାକୁ ଥିଲା। କେବଳ ଏତିକି ନୁହେଁ ବିଏମ୍‌ସିର ଆସିଷ୍ଟାଣ୍ଟ ମ୍ୟୁନିସିପାଲ୍ କମିଶନର ଜିଗ୍ନେଶ ଗୋହିଲ କୁହନ୍ତି, ପୂର୍ବରୁ ଏହି ଟ୍ୟାକ୍ସ ପାଇଁ ଜ୍ୟୋତ୍ସ୍ନାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଯେଭଳି ଘର ସିଲ୍ କରିବା ଆଦି ଗ୍ରହଣ କରାଯାଇନଥିଲା। କିନ୍ତୁ ଏଇ ନିକଟରେ ସାଉଥ୍ ଜୋନ୍‌ରୁ ତାଙ୍କ ପାଖକୁ ଏଥିପାଇଁ ଏକ ନୋଟିସ ପଠାଇବା ପରେ ତାହା ସେ ପାଇ ଟ୍ୟାକ୍ସ ପଇଠ କରିଛନ୍ତି।

## ଚିରନ୍ତନୀ

କେଉଁ ମାଟିତଳ ଶୁଖିଲା ବାଲି ରୋଧିଲା ଚାଲି
କେଉଁ ପାଷାଣ ସେ ରକତ ଲୋଡ଼ିଲା ହେବାକୁ ନାଲି।
କେଉଁଠାରୁ ଆଉ ନ ଚଳିଲା ପାଦ ରହିଲା ସ୍ଥିର
ହେ ମୋର ଦେଶର ପରମ ଯୋଦ୍ଧା ଯୁଧିଷ୍ଠିର!
(ରକ୍ତ–ସ୍ରୋତ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୯ ଡିସେମ୍ବର ୧୯୯୪

- ଇସ୍ରାଏଲ ଓ ସିରିଆ ମଧ୍ୟରେ ସ୍ୱାକ୍ଷରିତ ଶାନ୍ତି ରାଜିନାମାର କାର୍ଯ୍ୟକାରିତାକୁ ଅନୁଧ୍ୟାନ କରିବା ପାଇଁ ଗୋଲାନ ହାଇଟ୍‌ଠାରେ ଆମେରିକା ସୈନ୍ୟ ମୁତୟନକୁ ଇସ୍ରାଏଲର ୭୦ ଭାଗ ନାଗରିକ ବିରୋଧ କରୁଛନ୍ତି।
- ଓଡ଼ିଶାରେ ଘରୋଇ ଏୟାରଲାଇନ୍ସ ପ୍ରତିଷ୍ଠା ପାଇଁ ଲଣ୍ଡନସ୍ଥିତ ଏକ କମ୍ପାନୀର ପ୍ରସ୍ତାବ।

## ସୁଡୋକୁ

su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | E | | 5 | | | D | | | | | | |
| | | | | 8 | A | 5 | | | 7 | B | | 6 | 1 | 9 |
| | | | | | | 7 | 1 | E | A | 5 | 2 | D | 8 | |
| 8 | | | | | 6 | | | | | | 1 | | | |
| | D | 3 | | 9 | | | A | | | | | | | B |
| | 8 | | | 2 | 1 | | 5 | 6 | | | | | | A |
| | | 6 | D | 5 | | | 3 | | | | | 8 | | 7 |
| B | 4 | 1 | 9 | | | 8 | E | | | | 0 | 2 | 5 | |
| | 2 | | | | B | | | | | | E | | | |
| 3 | | | | | | 4 | 0 | 1 | | | 7 | 9 | | |
| | | | 6 | 1 | 4 | | | B | | | | E | | 5 |
| E | | | | 7 | | | D | | | | | 3 | B | 4 |
| A | | | 0 | C | E | | | | | | | | | |
| D | | C | 8 | | | | | | | | | 7 | | |
| | B | | | | | 6 | 2 | 7 | | 4 | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | A | 2 | E | 5 | 9 | 3 | 8 | 1 | 7 | 4 | 6 | C | 0 | D |
| 1 | 8 | 3 | 4 | A | 6 | D | 2 | C | 0 | 9 | E | 7 | 5 | B |
| E | 0 | 4 | B | 7 | D | 6 | 5 | 9 | A | C | 1 | 3 | 2 | 8 |
| C | 7 | 5 | 2 | 0 | 8 | 4 | A | E | 3 | D | B | 6 | 1 | 9 |
| 9 | 6 | D | 1 | 3 | C | 0 | 7 | B | 2 | 8 | 5 | E | 4 | A |
| 5 | 2 | A | 3 | 9 | 1 | C | 0 | 6 | D | E | 7 | B | 8 | 4 |
| 3 | 1 | B | C | E | 4 | 7 | D | 8 | 6 | 0 | A | 5 | 9 | 2 |
| 6 | 4 | 0 | 7 | 2 | 5 | 1 | 9 | A | B | 3 | 8 | D | E | C |
| D | C | 9 | 8 | B | 0 | E | 3 | 2 | 1 | 5 | 4 | A | 7 | 6 |
| 8 | E | 7 | 6 | D | A | B | 4 | 5 | C | 2 | 9 | 0 | 3 | 1 |
| 2 | 9 | 8 | 0 | 4 | B | 5 | 6 | 3 | E | A | D | 1 | C | 7 |
| 7 | 5 | C | 9 | 6 | E | A | B | 0 | 8 | 1 | 2 | 4 | D | 3 |
| A | 3 | E | D | 8 | 7 | 2 | 1 | 4 | 5 | B | C | 9 | 6 | 0 |
| 4 | D | 1 | A | C | 3 | 8 | E | 7 | 9 | 6 | 0 | 2 | B | 5 |
| 0 | B | 6 | 5 | 1 | 2 | 9 | C | D | 4 | 7 | 3 | 8 | A | E |

ଗତକାଲିର ଉତ୍ତର

## ଆପଣ ସମସ୍ୟା

### ମାଙ୍କଡ଼ ଚାଷ ଉଜାଡୁଛି

ମହାଶୟ,

ପୁରୀ ଜିଲା ସତ୍ୟବାଦୀ ବ୍ଲକର ୨୪ଟି ପଞ୍ଚାୟତରେ ମାଙ୍କଡ଼ଙ୍କ ଦୌରାତ୍ମ୍ୟ ଢେର ଅଧିକ। କେତେବେଳେ ମାଙ୍କଡ଼ ଘରେ ପଶି ଜିନିଷ ନେଇଗଲାଣି ତ କେବେ ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ କାମୁଡୁଛି। କେତେବେଳେ ଛୋଟପିଲାଙ୍କୁ ମାଙ୍କଡ଼ ଉଠାଇ ନେଉଥିବା ଖବର ମଧ୍ୟ ଶୁଣିବାକୁ ମିଳୁଛି। ମାଙ୍କଡ଼ ଉପଦ୍ରବ ଯୋଗୁ ଲୋକେ ନିଜ ବାଡ଼ିବଗିଚାରେ ଆଉ କୌଣସି ଚାଷ କରିବାକୁ ଇଚ୍ଛା କରୁନାହାନ୍ତି। କିନ୍ତୁ ଚୋରକୁ ମାନ କରି ଖପରାରେ ଖାଇବା ଭଳି ଲୋକଙ୍କର ଏ ନିଷ୍ପତ୍ତି ଠିକ୍ ନୁହେଁ। ବରଂ ନିଜେ ସତର୍କ ହେବା ଉଚିତ ହେବ। ଚାଷୀମାନେ ବିଭିନ୍ନ ଉପାୟ ଅବଲମ୍ବନ କରି ମାଙ୍କଡ଼, ଗୋରୁଙ୍କ କବଳରୁ ଫସଲକୁ ସୁରକ୍ଷା ଦେଇପାରିବେ। ସେସବୁ ପୁରୁଣା ଉପାୟ ଅବଲମ୍ବନ କରିବା ଦରକାର।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

ଡିସେମ୍ବର ୧– ଆମେରିକାର ସାଉଥ୍ ଡାକୋଟାରେ ଏକ ବିମାନ ଦୁର୍ଘଟଣାରେ ଦୁଇଜଣ ଶିଶୁଙ୍କ ସହ ୯ ଜଣଙ୍କର ମୃତ୍ୟୁ ଘଟିଛି।
୩– ରାଜ୍ୟ ସଭାରେ ଏସ୍‌ପିଜି ସଂଶୋଧନ ବିଲ୍ ଗୃହୀତ।
୪– ନିର୍ବାଚନ ଜିତିବାକୁ ଟ୍ରମ୍ପ କ୍ଷମତାର ଅପବ୍ୟବହାର କରିଥିବା ଆମେରିକା ଗୃହ କମିଟି ରିପୋର୍ଟ ପ୍ରଦାନ କରିଛି।
୫– କର୍ଣ୍ଣାଟକର ୧୫ ଆସନ ଲାଗି ଭୋଟ ଗ୍ରହଣ ଅନୁଷ୍ଠିତ।
୬– ତେଲେଙ୍ଗାନା ଗଣବଳାତ୍କାର ଓ ହତ୍ୟା ମାମଲାରେ ଚାରି ଅଭିଯୁକ୍ତଙ୍କୁ ପୋଲିସ ଏନ୍‌କାଉଣ୍ଟର କରି ହତ୍ୟା କରିଛି।

## ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ଲାଟିନମ୍ ଜୁବିଲି ସମାରୋହ ଉଦ୍‌ଯାପିତ

# ‘ଦେଶର ପ୍ରମୁଖ ଶିକ୍ଷା କେନ୍ଦ୍ର ପାଲଟିବ ଉତ୍କଳ ବିଶ୍ୱବିଦ୍ୟାଳୟ’

ଭୁବନେଶ୍ୱର, ୮।୧୨(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ ବିଗତ ୭୫ବର୍ଷରେ ଶିକ୍ଷାର ମନ୍ଦିର ପାଲଟିଛି। ଏଠାର ବହୁ ଛାତ୍ରୀଛାତ୍ର ଦେଶକୁ ଗୌରବାନ୍ୱିତ କରିଛନ୍ତି। ଦେଶର ଉଚ୍ଚଶିକ୍ଷା କ୍ଷେତ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରମୁଖ ସ୍ଥାନ ନେବ। ଆଗାମୀ ୫ ରୁ ୭ବର୍ଷ ମଧ୍ୟରେ ଏହି ବିଶ୍ୱବିଦ୍ୟାଳୟ ଦେଶର ପ୍ରମୁଖ ଶିକ୍ଷା କେନ୍ଦ୍ର ପାଲଟିବ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି। ରବିବାର ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ସମାରୋହର ଉଦ୍‌ଯାପନୀ ଉତ୍ସବରେ ରାଷ୍ଟ୍ରପତି ଯୋଗଦେଇ ବିଶ୍ୱବିଦ୍ୟାଳୟର ଐତିହ୍ୟ ଓ ଗୌରବଜ୍ଜ୍ୱଳ ଇତିହାସର ଅବତାରଣା କରିଥିଲେ। ୨୦୨୦ ଅକ୍ଟୋବର ୨ରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅହିଂସାସ୍ଥଳ ନାମକ ଏକ ପାର୍କ ପ୍ରତିଷ୍ଠା କରାଯାଉଥିବାରୁ ରାଷ୍ଟ୍ରପତି ଆନନ୍ଦ ପ୍ରକାଶ କରିଥିଲେ। ତେବେ ବିଶ୍ୱବିଦ୍ୟାଳୟର ବିକାଶ ଲାଗି ପୁରାତନ ଛାତ୍ର ଆଗେଇ ଆସିବାକୁ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି। ଏନେଇ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ରୀଛାତ୍ରଙ୍କ ପ୍ରଦତ୍ତ ଯୋଗଦାନକୁ ନେଇ ଏକ ଏନ୍‌ଡାଓମେଣ୍ଟ ଫଣ୍ଡ ଗଠନ ପାଇଁ ସେ ପ୍ରସ୍ତାବ ଦେଇଛନ୍ତି। ରାଷ୍ଟ୍ରପତି ଆହୁରି ମଧ କହିଛନ୍ତି, ବିଶ୍ୱବିଦ୍ୟାଳୟଗୁଡ଼ିକ ଜ୍ଞାନର ଭଣ୍ଡାର ଅଟନ୍ତି। ସମାଜର ଏକ ଅଂଶବିଶେଷ ତଥା ସାମାଜିକ ପରିବର୍ତ୍ତନରେ ବିଶ୍ୱବିଦ୍ୟାଳୟଗୁଡ଼ିକ ସର୍ବଦା ଲିପ୍ତ ରହିଥାନ୍ତି। ଏକାଡେମିକ କମ୍ୟୁନିଟି କେବଳ ନୂତନ ଜ୍ଞାନ ପାଇବା ଉପରେ ଗବେଷଣା ନ କରି ମାନବ ଜୀବନଶୈଳୀ ଉପରେ ଗେବେଷଣା କରିବା ଉଚିତ ବୋଲି ରାଷ୍ଟ୍ରପତି କହିଥିଲେ।



ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ଲାଟିନମ୍ ଜୁବିଲି ଉଦ୍‌ଯାପନ ସମାରୋହରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ତାଙ୍କ ସହଧର୍ମିଣୀ ସବିତା କୋବିନ୍ଦ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ମରଣିକା ‘ବୁକ୍ ଅଫ୍ ମେମୋରିଜ୍’କୁ ଉନ୍ମୋଚନ କରୁଛନ୍ତି।

ଉତ୍ସବରେ ଭାରତର ପ୍ରଥମ ମହିଳା ସବିତା କୋବିନ୍ଦ ମଧ ଉପସ୍ଥିତ ଥିଲେ।

ଉତ୍ସବରେ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ଗଣେଷୀ ଲାଲ ବିଶ୍ୱବିଦ୍ୟାଳୟରେ ଅଧାପନା ସହ ଗବେଷଣାକୁ ପ୍ରାଧାନ୍ୟ ଦେବାକୁ ଗୁରତ୍ୱ ଦେଇଥିଲେ। ବିଶ୍ୱ, ବିଶ୍ୱବିଦ୍ୟାଳୟ ଓ ବିଶ୍ୱଚିନ୍ତନ ମଧ୍ୟରେ ରହିଥିବା ପାରସ୍ପରିକ ସମ୍ପର୍କକୁ ଅବତାରଣା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ର ଓ ଶିକ୍ଷକ ଗୋଟିଏ ଶିକ୍ଷାନୁଷ୍ଠାନର ଆତ୍ମା ସଦୃଶ ବୋଲି ମତବ୍ୟକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରଗତିରେ ଛାତ୍ରୀଛାତ୍ର, ଶିକ୍ଷକ ଓ ଅନ୍ୟ ହିତାଧିକାରୀଙ୍କ ଯୋଗଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବିଦ୍ୟାଳୟକୁ ଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ଥାନିତ କରିବା ଲାଗି ସମସ୍ତ ପ୍ରକାର ପ୍ରତିଶ୍ରୁତି ମୁଖ୍ୟମନ୍ତ୍ରୀ ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଛାତ୍ର ତଥା କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ଏହି ଅବସରରେ ଓଡ଼ିଶାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଜ୍ଞାନର ପ୍ରଦୀପ ସଦୃଶ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟର ବିକାଶ ଓ ପ୍ରଗତିରେ ରାଜ୍ୟ ସରକାରଙ୍କ ଯୋଗଦାନ ଓ ପ୍ରୋତ୍ସାହନ ତଥା ଗ୍ରାମୀଣ କ୍ୟାମ୍ପସର ପ୍ରତିଷ୍ଠା କ୍ଷେତ୍ରରେ ଯୋଗଦାନ ପାଇଁ କୁଳପତି କୃତଜ୍ଞତା ଜ୍ଞାପନ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସବିତା ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ଉତ୍କଳ ବିଶ୍ୱବିଦ୍ୟାଳୟରେ ‘ରୁସା ଭବନ’ର ଶିଳାନ୍ୟାସ କରିଥିଲେ। ରାଜ୍ୟପାଳ ବିଶ୍ୱବିଦ୍ୟାଳୟର ସ୍ମରଣିକା ‘ବୁକ୍ ଅଫ୍ ମେମୋରିଜ୍’ ଉନ୍ମୋଚନ କରିଥିଲେ। ଏହି ସ୍ୱତନ୍ତ୍ର ଉତ୍ସବରେ ପୁରାତନ ଛାତ୍ର ଭାବେ ପୂର୍ବତନ ପ୍ରଶାସକ ବିଜୟ ପଟ୍ଟନାୟକଙ୍କ ସମେତ ବହୁ ପୂର୍ବତନ ସାଂସଦ, ବିଧାୟକ, ପୂର୍ବତନ ମନ୍ତ୍ରୀ, ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି, ଅଧାପିକ ଅଧାପକ, କର୍ମଚାରୀ, ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୁଣା ବନ୍ଧୁଙ୍କୁ ଭେଟିଲେ ରାଷ୍ଟ୍ରପତି


ବନ୍ଧୁ ବୀରଭଦ୍ର ସିଂଙ୍କୁ ସାକ୍ଷାତ୍ କରୁଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ।

ଭୁବନେଶ୍ୱର, ୮।୧୨(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟରେ ରବିବାର ପ୍ଲାଟିନମ୍ ଜୁବିଲିର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକମ ଶେଷ ହେବା ପରେ ରାଷ୍ଟ୍ରପତି ତାଙ୍କର ପୁରୁଣା ବନ୍ଧୁ ତଥା ପୂର୍ବତନ ଏମ୍‌ପି ବୀରଭଦ୍ର ସିଂଙ୍କୁ ଭେଟିଥିଲେ। ଦୀର୍ଘ ୧୨ ବର୍ଷ ପରେ ଦୁଇ ବନ୍ଧୁଙ୍କ ସାକ୍ଷାତ୍ ହୋଇଥିଲା। ପ୍ଲାଟିନମ୍ ଜୁବିଲି ସମାରୋହର ସଭା ସ୍ଥଳରେ ରାଷ୍ଟ୍ରପତି ବନ୍ଧୁ ବୀରଭଦ୍ରଙ୍କୁ ଡାକି ସାକ୍ଷାତ୍ କରିଥିଲେ। ଏହାସହ ରାଷ୍ଟ୍ରପତି ଭବନ ଆସିବା ଲାଗି ବୀରଭଦ୍ରଙ୍କୁ ନିମନ୍ତ୍ରଣ କରିଥିଲେ ଏବଂ ଫଟୋ ମଧ ଉଠାଇଥିଲେ। ଅନ୍ୟପକ୍ଷରେ ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ ରକ୍ଷା କରି ରାଷ୍ଟ୍ରପତି ଭବନକୁ ନିଶ୍ଚୟ ଯିବି ବୋଲି ବୀରଭଦ୍ର କହିଛନ୍ତି।

ସୂଚନାଯୋଗ୍ୟ, ୨୦୦୧ରୁ ୨୦୦୬ ପର୍ଯ୍ୟନ୍ତ ରାଷ୍ଟ୍ରପତି ଏବଂ ବୀରଭଦ୍ର ସିଂ ରାଜ୍ୟ ସଭାରେ ସଦସ୍ୟ ଥିଲେ। ଏହାପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବିହାରର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୧୭ରୁ ସେ ଦେଶର ରାଷ୍ଟ୍ରପତିଭାବେ ଦାୟିତ୍ୱ ତୁଲାଉଛନ୍ତି। ବୀରଭଦ୍ର ସିଂ ୧୯୬୫ରୁ ୧୯୬୭ ଯାଏ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ଆଜି ପୁରାତନ ଛାତ୍ର ଭାବେ ସେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଜେଲ୍ ଗଲେ ଓଏପିଏଫ୍ କନ୍‌ଷ୍ଟେବଲ

### ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା, ହତ୍ୟା ଉଦ୍ୟମ

ବ୍ରହ୍ମପୁର ଅଫିସ,୮।୧୨: ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେବା ସହ ବଳପୂର୍ବକ ଗର୍ଭପାତ କରାଇବା ଓ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ଜଣେ ଓଏପିଏଫ କନ୍‌ଷ୍ଟେବଲଙ୍କୁ ବ୍ରହ୍ମପୁର ମହିଳା ଥାନା ପୋଲିସ ରବିବାର ଗିରଫ କରିଛି। ସେ ହେଲେ ଗଜପତି ଜିଲା ସେରଙ୍ଗ ଥାନା ଅନ୍ତର୍ଗତ ଇଞ୍ଜୀରଡ଼ାର ନୂତନ ଗମାଙ୍ଗ। ଓଏପିଏଫ କନଷ୍ଟେବଲ ଭାବେ ଆମ୍ବପୁଆ ରିଜର୍ଭ ଅଫିସରେ ନୂତନ କାମ କରୁଥିଲେ। ମାମଲା ନଂ.୧୨୫/୧୯ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ୨୦୧୦ ମାର୍ଚ୍ଚ ୯ ତାରିଖରେ ନୂତନ ବିବାହ କରିଥିଲେ। ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହେବାରୁ ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଆରମ୍ଭ କରି ଦେଇଥିଲେ। ଏପରିକି ଦ୍ୱିତୀୟ ଥର ସ୍ତ୍ରୀ ଗର୍ଭବତୀ ହୋଇଥିବା ବେଳେ ବଳପୂର୍ବକ ତାଙ୍କର ଗର୍ଭପାତ କରାଇଥିଲେ।

## ରାଜଭବନରେ ଓଡ଼ିଆ ଖାଦ୍ୟ ଖାଇଲେ ରାଷ୍ଟ୍ରପତି

ଭୁବନେଶ୍ୱର, ୮।୧୨(ବ୍ୟୁରୋ)

ଦୁଇ ଦିନିଆ ଓଡ଼ିଶା ଗସ୍ତ ଶେଷ କରି ରାଷ୍ଟ୍ରପତି ରାମନାଥ କୋବିନ୍ଦ ରବିବାର ସନ୍ଧ୍ୟା ୫ଟାରେ ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀ ଫେରିଯାଇଛନ୍ତି। ରାଷ୍ଟ୍ରପତିଙ୍କୁ ବିଦାୟ ଦେବା ପାଇଁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ରାଜ୍ୟପାଳ ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ପୋଲିସ ଡିଜି ସତ୍ୟଜିତ ମହାନ୍ତି, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ଓ ତାଙ୍କ ପତ୍ନୀ ବିମାନକୁ ପ୍ରବେଶ କରିବା ପୂର୍ବରୁ ହାତ ହଲାଇ ବିଦାୟ ନେଇଥିଲେ।

ରାଷ୍ଟ୍ରପତି ଶନିବାର ସନ୍ଧ୍ୟା ୭ଟା ୧୯ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ରାଜଭବନକୁ ଯାଇଥିଲେ।



■ ଦିଲ୍ଲୀ ଫେରିଗଲେ ରାଷ୍ଟ୍ରପତି
■ ଲିଙ୍ଗରାଜ ମନ୍ଦିର ପରିଦର୍ଶନ କଲେ ସହଧର୍ମିଣୀ, କନ୍ୟା

ସେଠାରେ ରାତ୍ରୀଯାପନ କରିବା ସହ ଓଡ଼ିଆ ଖାଦ୍ୟ ଖାଇଥିଲେ। ରବିବାର ପୂର୍ବାହ୍ନ ୯ଟା ୩୦ରେ ଏକ ହେଲିକପ୍ଟରରେ ଖୋର୍ଦ୍ଧା ଅଭିମୁଖେ ଯାଇଥିଲେ। ସେଠାରେ ପୂର୍ବାହ୍ନ ୧୦.୩୦ରେ ପାଇକ ବିଦ୍ରୋହ ସ୍ମାରକୀର ଶିଳାନ୍ୟାସ କରିବା ସହ ସାଧାରଣ ସଭାରେ ଯୋଗଦେଇଥିଲେ। ସେଠାରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ବାଣୀବିହାରକୁ ଆସିଥିଲେ। ମଧ୍ୟାହ୍ନ ୧୨ଟା ୪୦ରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ଉତ୍ସବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରେ ସେ ରାଜଭବନ ଯାଇ ଖାଦ୍ୟ ଗ୍ରହଣ କରିବା ସହ ବିଶ୍ରାମ ନେଇଥିଲେ। ଏହା ପରେ ରାଷ୍ଟ୍ରପତିଙ୍କ ସହଧର୍ମିଣୀ ସବିତା କୋବିନ୍ଦ ଏବଂ କନ୍ୟା ଶ୍ୱେତା କୋବିନ୍ଦ ଲିଙ୍ଗରାଜ ମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରିଥିଲେ। ସନ୍ଧ୍ୟା ୫ଟାରେ ସେ ରାଜ୍ୟପାଳଙ୍କ ସହ ବିମାନବନ୍ଦର ଅଭିମୁଖେ ଯାଇଥିଲେ। ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ ୪୦ ପ୍ଲାଟୁନ୍ ପୋଲିସ ଫୋର୍ସ ଖୋର୍ଦ୍ଧା ଏବଂ ବାଣୀବିହାରରେ ମୁତୟନ ହୋଇଥିଲେ। ଏଥିସହ ରାଷ୍ଟ୍ରପତି ଯିବା ରୁଟ୍‌ରେ ଟ୍ରାଫିକ ପୋଲିସ ନିୟୋଜିତ ହେବା ସହ ପୋଲିସ ଜଗି ରହିଥିଲେ। ଭୁବନେଶ୍ୱର ଡିସିପି ଅନୁପ ସାହୁଙ୍କ ସମେତ ଖୋର୍ଦ୍ଧା ଏସ୍‌ପି ଅଜୟ କୁମାର ସ୍ୱାଇଁ ଏହି ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ।

### ଶିକ୍ଷକଙ୍କ ସନ୍ଦେହଜନକ ମୃତ୍ୟୁ

## ଡିଇଓଙ୍କ ବାସଭବନରୁ ମିଳିଲା ମୃତଦେହ

କୋରାପୁଟ,୮।୧୨(ସ୍ୱ.ପ୍ର.)

କୋରାପୁଟ ଜିଲା ଶିକ୍ଷା ଅଧିକାରୀଙ୍କ ବାସଭବନରେ ରବିବାର ଜଣେ ଶିକ୍ଷକଙ୍କ ମୃତଦେହ ମିଳିଛି। ବେକରେ ଦଉଡ଼ି ବନ୍ଧାହୋଇ ଫ୍ୟାନ୍‌ରେ ଲାଗିଥିବା ବେଳେ ଶିକ୍ଷକ ଜଣକ ଚେୟାରରେ ବସିଥିବା ତାଙ୍କ ମୃତ୍ୟୁକୁ ଅଧିକ ରହସ୍ୟାବୃତ୍ତ କରିଛି। ପାରିପାର୍ଶ୍ୱିକ ପରିସ୍ଥିତିରୁ ତାଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ଭାବେ ସନ୍ଦେହ କରାଯାଉଛି।

ସୂଚନା ଅନୁଯାୟୀ, କୋରାପୁଟ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଡେପୁଟେଶନ ଭାବେ କିଛି ବର୍ଷ ହେବ କାଗଜପତ୍ର କାମ କରୁଥିଲେ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା (୪୦)। ରବିବାର ମଧ୍ୟାହ୍ନରେ କୌଣସି କାର୍ଯ୍ୟ ପାଇଁ ସେ ଜିଲା ଶିକ୍ଷାଧିକାରୀଙ୍କ ଏଲ୍‌ଆଇସି କଲୋନୀସ୍ଥିତ ବାସଭବନକୁ ଯାଇଥିଲେ। କିନ୍ତୁ ମଧ୍ୟାହ୍ନ ପରେ ହଠାତ୍ ତାଙ୍କର ମୃତଦେହ ଦେଖିବାକୁ ମିଳିଥିଲା। ସେ ଫେରିବାରେ ବିଳମ୍ବ ହେବାରୁ ତାଙ୍କ ମା’ ଓ ସ୍ତ୍ରୀ ଡିଇଓଙ୍କ ବାସଭବନରେ ପହଞ୍ଚିବା ବେଳକୁ କବାଟ ବାହାରୁ ବନ୍ଦ ଥିଲା। କବାଟ ଫାଙ୍କରେ ସେମାନେ ଦେଖିଥିଲେ ଯେ ବେକରେ ଏକ ଦଉଡ଼ି ବନ୍ଧାଯାଇ ଫ୍ୟାନ୍‌କୁ ଲାଗିଥିବା ବେଳେ ଚେୟାରରେ ବସିରହିଥିଲେ ଚିତ୍ତରଞ୍ଜନ ବସିରହିଥିବା ଦେଖିବାକୁ ମିଳିଥିଲା। ଖବରପାଇ କୋରାପୁଟ ଟାଉନ ଥାନା ଅଧିକାରୀ ପୀତବାସ ଧାରୁଆ ଘଟଣାସ୍ଥଳରେ ପହଞ୍ଚିଥିଲେ। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋରାପୁଟ ମେଡିକାଲକୁ ପଠାଇଥିଲା। ପରେ କୋରାପୁଟ ସହରର ପୂଜାରିପୁଟରେ ରହୁଥିବା ଶିକ୍ଷକଙ୍କ ପରିବାର ସଦସ୍ୟଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ପରିବାର ଲୋକେ ଅଭିଯୋଗ କରିଛନ୍ତି, ଚିତ୍ତରଞ୍ଜନଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଇଛି। କୋରାପୁଟ ଟାଉନ ଥାନାରେ ଏନେଇ କେସ୍ ନଂ ୧୦୫/୧୯ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।



## ଜିଲା ଟିଠି

### ବରଗଡ଼

## ମଣ୍ଡିରେ ମୂଷା

ରାଜ୍ୟରେ ସର୍ବାଧିକ ଧାନ ଉତ୍ପାଦନ ଯୋଗୁ ବରଗଡ଼ ଜିଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ। ଅପରପକ୍ଷେ ଅନ୍ୟ ଜିଲା ତୁଳନାରେ ଏହି ଜିଲାରେ କୃଷି ଓ କୃଷକଙ୍କ ସମସ୍ୟା ମଧ୍ୟ ସବୁବେଳେ ଅଧିକ ରହିଥାଏ। ଚାଷ ଆରମ୍ଭଠାରୁ ଧାନ ଅମଳ, ବିକ୍ରି ପର୍ଯ୍ୟନ୍ତ ଜିଲାର ଚାଷୀଙ୍କୁ ବହୁବିଧ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। କେବଳ ମରୁଡ଼ି କିମ୍ବା ଫସଲରେ ରୋଗପୋକ ଉପଦ୍ରବ ଭଳି ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ଧାନ କିଣାବିକା ଜାଲିଆତି, କଟନୀ ଛଟନୀ, ଅଭାବୀ ବିକ୍ରି ଭଳି ସମସ୍ୟାରେ ଜିଲାର ଚାଷୀମାନେ ଛନ୍ଦି ହୋଇଗଲେଣି। ଧାନ କିଣାବିକାରେ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟ ସରକାର ଚାଷୀ ପଞ୍ଜୀକରଣ ତଥା ପରିଚୟପତ୍ର, ଟୋକନ ଭଳି ନୂତନ ବ୍ୟବସ୍ଥା ହାତକୁ ନେଉଛନ୍ତି। ହେଲେ ଧାନ ସଂଗ୍ରହ ପ୍ରକ୍ରିୟାରେ ଦୁର୍ନୀତିର ଗନ୍ଧ ଥମିବାର ନାଁ ନେଉନାହିଁ। ଅନ୍ୟପକ୍ଷେ ଯେତିକି ନୂଆ ବ୍ୟବସ୍ଥା କରାଯାଉଛି, ସେତିକି ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ନିକଟରେ ଟୋକନ ବ୍ୟବସ୍ଥାକୁ ନେଇ ରାଜ୍ୟର ବରଗଡ଼ ସମେତ ବିଭିନ୍ନ ଜିଲାରେ ହୋଇଥିବା ଆନ୍ଦୋଳନରୁ ତାହା ପ୍ରତିଫଳିତ ହୋଇଛି। ଏଠାରେ କହିବା ବାହୁଲ୍ୟ, ଚାଷୀ ପରିଚୟପତ୍ର କିମ୍ବା ଟୋକନ ବ୍ୟବସ୍ଥା ଅବ୍ୟବସ୍ଥିତ ହୋଇପଡୁଥିବାରୁ ଚାଷୀକୁଳକୁ ଧାନ ବିକ୍ରିରେ ସ୍ୱାଧୀନତା ମିଳୁ ନାହିଁ। ଫଳରେ ନିଜ କଷ୍ଟୋପାର୍ଜିତ ଧାନକୁ ବିକ୍ରି ପାଇଁ ଚାଷୀଙ୍କୁ ବାରଦୁଆର ହେବାକୁ ପଡୁଛି। ଏଭଳି ସ୍ଥିତିରେ ଚାଷୀଙ୍କ ଅମଳ ଧାନ ଉପରେ ଦଲାଲ(ମଧ୍ୟସ୍ଥ)ଙ୍କ ଲୋଲୁପଦୃଷ୍ଟି ପଡୁଛି। ସେମାନେ ସରକାରୀ ସହାୟକ ମୂଲ୍ୟ (ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୧୮୧୫ଟଙ୍କା ଓ ଗ୍ରେଡ୍ ଏ ଧାନ କୁଇଣ୍ଟାଲ ପ୍ରତି ୧୮୩୫ ଟଙ୍କା)ଠାରୁ ୨୦୦ରୁ ୩୦୦ ଟଙ୍କା କମ୍ ଦରରେ ଚାଷୀଙ୍କ ଧାନ କିଣୁଥିବା ପରିଲକ୍ଷିତ ହେଉଛି। କଥା ସେତିକିରେ ସରିନାହିଁ, ମଣ୍ଡିରେ ବି ମଧ୍ୟସ୍ଥଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଜରିଆରେ ରାଜ୍ୟ ଯୋଗାଣ ନିଗମ ଧାନ କିଣୁଛି। ସେହି ଧାନକୁ କଷ୍ଟମ ମିଲିଂ ମାଧ୍ୟମରେ ମିଲର୍ସ ନେଉଛନ୍ତି। ବ୍ୟବସ୍ଥା ଅନୁଯାୟୀ ମଣ୍ଡିରେ ଧାନ ଉଠାଣ ଛଡ଼ା ମିଲର୍ସଙ୍କ ଆଉ ଅନ୍ୟ କିଛି ଭୂମିକା ନାହିଁ। ଧାନ ଉଠାଣ ପରେ ମିଲରେ ମିଲର୍ସ ତାକୁ ପେଷାଇ ଯୋଗାଣ ନିଗମକୁ ନିର୍ଦ୍ଧାରିତ ହାରରେ ଚାଉଳ ଫେରାଇବେ ଏବଂ ସେ ବାବଦକୁ ଯୋଗାଣ ନିଗମରୁ ଅର୍ଥ ନେବେ। କିନ୍ତୁ ଏହି ବ୍ୟବସ୍ଥା ବର୍ଷବର୍ଷ ଧରି ଅବ୍ୟବସ୍ଥିତ ହୋଇ ପଡ଼ିଛି। ବିଭିନ୍ନ ମଣ୍ଡି ହେଉ କିମ୍ବା ମିଲ୍‌କୁ ଗଲା ପରେ ମିଲର୍ସମାନେ କଟନୀଛଟନୀ ପ୍ରକ୍ରିୟା ଆରମ୍ଭ କରି ଦେଉଛନ୍ତି। ଫଳରେ ଖଳାରୁ ଯାଇଥିବା ଧାନ ପରିମାଣ ମଣ୍ଡି କିମ୍ବା ମିଲକୁ ପହଞ୍ଚିବା ପରେ କମି ଯାଉଛି ଏବଂ ଏଥିପାଇଁ ଚାଷୀଙ୍କୁ ହିଁ କ୍ଷତି ସହିବାକୁ ପଡୁଛି। ଅପରପକ୍ଷେ କାଟ୍‌ଛାଟ୍ ହେଉଥିବା ସେହି ପରିମାଣର ଧାନରୁ ଲବ୍ଧ ରାଶିରେ ତଳୁ ଉପର ପର୍ଯ୍ୟନ୍ତ କେତେକ ଅଧିକାରୀ, କର୍ମଚାରୀ, ତଥାକଥିତ ଚାଷୀନେତା, ରାଜନେତା, ଖବରଦାତାଙ୍କ ମଧ୍ୟରେ କମିଶନି ଟଙ୍କା ଭାଗବଣ୍ଟା ହେଉଥିବା ସାଧାରଣରେ ଆଲୋଚନା ହେଉଛି। ଫଳରେ ନୂତନ ବ୍ୟବସ୍ଥା ଲାଗୁ କରିବା ବଦଳରେ ମଣ୍ଡିରେ ମୂଷା ଉପଦ୍ରବ ଭଳି ଚାଷୀଙ୍କୁ ଶୋଷି ଚାଲିଥିବା ସେଭଳି ମଧ୍ୟସ୍ଥଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବା ଜରୁରୀ। ଏହାସହିତ ସେମାନଙ୍କୁ ମଣ୍ଡିରୁ ହଟାଗଲେ ଯାଇ ଧାନ କିଣାବିକାରେ ସ୍ୱଚ୍ଛତା ଆସିବ ଏବଂ ଚାଷୀ ନିଜ ବିକ୍ରିଧାନର ଉପଯୁକ୍ତ ପ୍ରାପ୍ୟ ପାଇ ପାରିବ, ଏଥିରେ ସନ୍ଦେହ ନାହିଁ।

– ପ୍ରେମାନନ୍ଦ ଖମାରୀ

## ସୁକିନ୍ଦା ମେଗା ଜଳ ଯୋଗାଣ ପ୍ରକଳ୍ପ

# ନିମ୍ନମାନର କାର୍ଯ୍ୟକୁ ବିଭାଗୀୟ ଅନୁକମ୍ପା

ଯାଜପୁର ଅଫିସ/ସୁକିନ୍ଦା (ଡି.ଏନ.ଏ.),୮।୧୨

ବ୍ରାହ୍ମଣୀ ନଦୀରୁ ସୁକିନ୍ଦା ଖଣି ଅଞ୍ଚଳର ୫୪ଟି ଗ୍ରାମକୁ ପାଇପ୍ ଯୋଗେ ଜଳଯୋଗାଣ ଲକ୍ଷ୍ୟ ପ୍ରତିହତ ହୋଇଛି। ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ଥିବା ନାଗାର୍ଜୁନ କନଷ୍ଟ୍ରକ୍ସନ କମ୍ପାନୀ ଲିଃ (ଏନସିସି)କୁ ବିଭାଗୀୟ ଅଧିକାରୀଙ୍କ ଅଯାଚିତ ଅନୁକମ୍ପା ପ୍ରଦର୍ଶନ ଏହାର ପ୍ରମୁଖ କାରଣ ହୋଇଛି। ଏହା ସୁଯୋଗରେ ଏନ୍‌ସିସି କେତେଜଣ ପେଟି ଠିକାଦାରଙ୍କ ଜରିଆରେ ଅତି ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରି ଯେନତେନ ପ୍ରକାରେ କାର୍ଯ୍ୟ ସମ୍ପାଦନ କରିବାକୁ ମସୁଧା ଚଳାଇଛି। ଏହାସହ ମନ୍ଥର ଗତିରେ କାର୍ଯ୍ୟ ହେଉଥିବା ଯୋଗୁ ନିର୍ଦ୍ଧାରିତ ସମୟ ସୀମା ୨୩।୨।୨୦୨୦ ସୁଦ୍ଧା ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ନେଇ ସଂଶୟ ସୃଷ୍ଟି କରିଛି। ଏପରିକି ପ୍ରକଳ୍ପରେ ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଥିବା ତଥା ଅନେକ ଅନିୟମିତତା ସଂକ୍ରାନ୍ତରେ ଇଞ୍ଜିନିୟର୍ସ ଅଥରିଟି ଦେଇଥିବା ତଦନ୍ତ ରିପୋର୍ଟକୁ ମଧ ଖାରଜ କରାଯାଇଛି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆରଡବ୍ଲ୍ୟୁଏସଏସ)ର କେତେଜଣ ଉଚ୍ଚପଦସ୍ଥ ଅଧିକାରୀ ଏନ୍‌ସିସିର ସ୍ୱାର୍ଥକୁ ଆଖିବୁଜା ସମର୍ଥନ କରି ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କୁ ପ୍ରତାରଣା କରୁଥିବା ମନେହେଉଛି।

ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ପାଣ୍ଠିରୁ ଏହି ପ୍ରକଳ୍ପ ପାଇଁ ୭୯.୫୬ କୋଟି ଟଙ୍କା ମଞ୍ଜୁର ହୋଇଛି। ସୁକିନ୍ଦା ବ୍ଲକ ଖଣି ସଂଲଗ୍ନ ଅଞ୍ଚଳଠାରୁ ୧୦ କି.ମି. ପରିଧି ମଧ୍ୟରେ ଥିବା ଦୁଧୁଯୋରୀ, କୁହିକା, କାଙ୍କଡପାଳ, ରାସୋଁଳ, କାଳିଆପାଣି, ଚିଙ୍ଗୁଡିପାଳ, କଅଁସ, ପିମ୍ପୁଡିଆ ପ୍ରଭୃତି ପଞ୍ଚାୟତର ୫୪ଟି ଗ୍ରାମର ଅଧିବାସୀ ଉପକୃତ ହେବେ। ଗତ ୨୩।୩।୨୦୧୮ରେ ଏନ୍‌ସିସି ସହିତ ଚୁକ୍ତି ହୋଇଥିବାବେଳେ ଆସନ୍ତା ୨୩।୨।୨୦୨୦ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଧାରିତ ହୋଇଛି। ଏହି ଅନୁସାରେ ଧାର୍ଯ୍ୟ ସମୟସୀମା ଆଉ ପ୍ରାୟ ଅଢେଇ ମାସ ବାକି ରହିଛି। ପ୍ରକଳ୍ପରେ ୬୩ ମି.ମି. ବ୍ୟାସରୁ କମ୍ ହୋଇ ନ ଥିବା ଉନ୍ନତମାନର ଏଚ୍‌ଡିପିଇ ଓ ଡିଆଇ (କେ୭) ପାଇପ୍ ସାମଗ୍ରୀ ବ୍ୟବହାର କରିବାକୁ ଚୁକ୍ତିରେ ଦର୍ଶାଯାଇଛି। ଏହାବାଦ ଷ୍ଟିଲ ସାମଗ୍ରୀ ମଧ ବ୍ୟୟବହୁଳ ସହ ଉନ୍ନତମାନର ବ୍ୟବହାର କରିବାକୁ କଡା ନିର୍ଦ୍ଦେଶ ରହିଛି। ଲୋକାଚାରିକ ଉପଚାର ପ୍ଲାଣ୍ଟ (କନଭେନ୍‌ଶନାଲ ଟ୍ରିଟ୍‌ମେଣ୍ଟ) ନିର୍ମାଣ କରିବାକୁ ଚୁକ୍ତିରେ ଦର୍ଶାଯାଇଥିଲେ ହେଁ ତାହା ଠିକାସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ସ୍ୱାର୍ଥ ସମ୍ବଳିତ ହେଉଛି। ଏହିକ୍ରମରେ କାଙ୍କଡ଼ପାଳରେ କେମିକାଲ ହାଉସ, କ୍ଲୋରିନ ହାଉସ ୱାଟର ଟ୍ୟାଙ୍କ, ରିଜର୍ଭୟର, ପିଟର ହାଉସ, ପମ୍ପ ହାଉସ,



■ କାର୍ଯ୍ୟର ସ୍ଥାୟିତ୍ୱ ନେଇ ସଂଶୟ
■ ଇଞ୍ଜିନିୟର୍ସ ଅଥରିଟି ରିପୋର୍ଟକୁ ଖାରଜ
■ ଆଇନଗତ ଚ୍ୟାଲେଞ୍ଜ କରିବାକୁ ପଛଘୁଞ୍ଚା

କ୍ଲାରିଫ ଅଫଲିଟର, ସିଏଫ୍‌ଆଇ, ଇରୋଟକ, ଆଡମିନ ବିଲଡିଂ ପ୍ରମୁଖ ୧୪ରୁ ଉର୍ଦ୍ଧ୍ୱ ଷ୍ଟ୍ରକ୍ଚର ନିର୍ମାଣାଧୀନ ରହିଛି। ଗତ ଜୁଲାଇରେ ଏଥିରେ ବ୍ୟବହାର ହେଉଥିବା ଷ୍ଟିଲ ସାମଗ୍ରୀର ଗୁଣାବତ୍ତା ଉପରେ ଇଞ୍ଜିନିୟର୍ସ ଅଥରିଟି ପରୀକ୍ଷା କରି ଅତି ନିମ୍ନମାନର ଦର୍ଶାଇ ତାହା ବ୍ୟବହାର ଅନୁପଯୋଗୀ ବୋଲି ଦର୍ଶାଇଥିଲା। ଏହାକୁ ଆରଡବ୍ଲ୍ୟୁଏସ୍ଏସ୍‌ର ଇଞ୍ଜିନିୟର-ଇନ୍-ଚିଫ୍ ମଧ ଗ୍ରହଣ କରି ତାଙ୍କ ପତ୍ର ସଂଖ୍ୟା ୬୦୩୩/୧୫।୭।୨୦୧୯ରେ ଶ୍ୟାମ ଷ୍ଟିଲରୁ କିଣାଯାଇଥିବା ସମସ୍ତ ଷ୍ଟିଲ ସାମଗ୍ରୀ (ଶ୍ୟାମ ଏଫ୍‌ଇ-୫୦୦ଡି)କୁ ହଟାଇ ଦେବାକୁ ଠିକାସଂସ୍ଥା ଏନ୍‌ସିସିର ସିନିୟର ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଇଞ୍ଜିନିୟର୍ସ ଅଥରିଟିର ପରୀକ୍ଷା ରିପୋର୍ଟକୁ ତ୍ରୁଟି ଦର୍ଶାଇ ପୁଣି ବ୍ୟବହାର କରିବାକୁ ଅନୁମତି ମିଳିଛି। କିନ୍ତୁ ଇଞ୍ଜିନିୟର୍ସ ଅଥରିଟିର ଏହି ରିପୋର୍ଟ ଉପରେ କୌଣସି ପ୍ରକାର ଆଇନଗତ ଚ୍ୟାଲେଞ୍ଜ କରିବାରେ ବିଭାଗ ଏଯାଏ ବିଫଳ ହୋଇଛି। ଏହିକ୍ରମରେ ବର୍ତ୍ତମାନ କାର୍ଯ୍ୟସ୍ଥଳରେ ବିଭାଗୀୟ ସାଇଟ ଇଞ୍ଜିନିୟର ସହ ଅନ୍ୟାନ୍ୟ ଅଧିକାରୀ ପ୍ରାୟ ସମୟ ଅନୁପସ୍ଥିତ ରହୁଥିବାରୁ ନିମ୍ନମାନର କାର୍ଯ୍ୟ ଚାଲୁରହିଛି। ଏ ସମ୍ପର୍କରେ ଏନ୍‌ସିସିର ସାଇଟ ଇଞ୍ଜିନିୟର ଶିବଶଙ୍କର ସାହୁଙ୍କୁ ପଚାରିବାରୁ, ଗତ ନଭେମ୍ବର ୨୦୧୮ରୁ ଏହିସବୁ କାର୍ଯ୍ୟ ଚାଲିଛି। ଆସନ୍ତା ଜାନୁୟାରୀ ସୁଦ୍ଧା ଶେଷ ହୋଇପାରେ ବୋଲି ସେ କହିଛନ୍ତି। ଆରଡବ୍ଲ୍ୟୁଏସଏସର ନିର୍ବାହୀ ଯନ୍ତ୍ରୀ ଅମିୟ କୁମାର ପରିଜା କୁହନ୍ତି, ନିର୍ମାଣ କାର୍ଯ୍ୟକୁ ନିୟମିତ ଭାବେ ତଦାରଖ କରାଯାଉଛି। ନିମ୍ନମାନର କାର୍ଯ୍ୟ ଉପରେ ତୀକ୍ଷଣ ଦୃଷ୍ଟି ରହିଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଯୋଜନା ରହିଛି।

## ସଂକ୍ଷେପରେ

### ବାଧକ ସାଜିଛି ଗଛ, ଧିମେଇ ଯାଉଛି ରାସ୍ତା କାମ

ଜମନକିରା,୮।୧୨(ଡି.ଏନ୍.ଏ)

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ଗୃହ ଓ ପୂର୍ତ୍ତ ବିଭାଗ ପକ୍ଷରୁ ଷଣ୍ଢପଥରଠାରୁ ଫାଶୀମାଲ ଏବଂ ଜମନକିରା ମୁଖ୍ୟଛକଠାରୁ ବଡ଼ମାଲ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଚାଲିଛି। ହେଲେ ରାସ୍ତା ମଝିରେ ଗଛ ଗୁଡ଼ିକ ଥିବାରୁ ରାସ୍ତା କାମ ବାଧାପ୍ରାପ୍ତ ହେଉଛି। ଅଞ୍ଚଳବାସୀ ରାସ୍ତାକାମକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗ, ଠିକା ସଂସ୍ଥା ଏବଂ ପ୍ରଶାସନ ପାଖରେ ଦାବି କରୁଛନ୍ତି। ଜମନକିରା ମୁଖ୍ୟଛକରୁ ବଡ଼ମାଲ ପର୍ଯ୍ୟନ୍ତ ସାଢ଼େ ୮ କିଲୋମିଟର ରାସ୍ତାକୁ ଚଉଡ଼ା କରାଯାଉଛି। ଏହି କାମକୁ ଏଆର୍‌ଏସ୍‌ଏସ୍ ଠିକା ସଂସ୍ଥା କାର୍ଯ୍ୟ କରୁଛି। ସଂପୃକ୍ତ ଠିକା ସଂସ୍ଥା ରାସ୍ତାକାମକୁ ଶୀଘ୍ର ଶେଷ କରିବା ପାଇଁ ପ୍ରୟାସ କରୁଥିବା ବେଳେ ରାସ୍ତା ମଝିରେ ଥିବା ୭ଟି ଗଛ ବାଧକ ସାଜିଛି। ସେହିପରି ଷଣ୍ଢପଥର ଛକରୁ ଫାଶୀମାଲ ଗାଁ ପର୍ଯ୍ୟନ୍ତ ୧୩ କିଲୋମିଟର ରାସ୍ତା କାମରେ ମଧ ଅନୁରୂପ ଭାବେ ଅନେକ ଗଛ ସମସ୍ୟା ସୃଷ୍ଟି କରିଛି। ସେଥିପାଇଁ ଠିକାସଂସ୍ଥା କାମ ଶୀଘ୍ର କରିପାରୁନାହିଁ। ରାସ୍ତାକାମ ଶୀଘ୍ର ଶେଷ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଛି। ହେଲେ ଉଭୟ ରାସ୍ତାରେ ଗଛ ଥିବାରୁ କାମ ଠିକ୍‌ରେ ଆଗେଇ ପାରୁ ନ ଥିବା ଠିକାସଂସ୍ଥା ଅଧିକାରୀ ପ୍ରକାଶ କରୁଛନ୍ତି। ଏ ସଂକ୍ରାନ୍ତରେ କୁଚିଣ୍ଡା ଗୃହ ଓ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସତ୍ୟବାନ ପଟେଲଙ୍କୁ ଯୋଗାଯୋଗ କରି ପଚାରିବାରୁ ସେ କହିଛନ୍ତି ଯେ, ଉଭୟ କାମର ଗଛ ସମସ୍ୟା ନେଇ ସମସ୍ତ କାଗଜପତ୍ର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ ଶୀଘ୍ର ପ୍ରତିକାର ବ୍ୟବସ୍ଥା କରାଯିବ। ଅନ୍ୟପକ୍ଷେ ବାମରା ଡିଏଫ୍ଓ ନୃସିଂହ ଚରଣ ମିଶ୍ରଙ୍କୁ ଯୋଗାଯୋଗ କରି ପଚାରିବାରୁ ଅଞ୍ଚଳବାସୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଅଗ୍ରାଧିକାର ଭିତ୍ତିରେ ଗଛ କାଟିବାକୁ ଅନୁମୋଦନ ପାଇଁ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ସମ୍ବଲପୁର ମହୋତ୍ସବ ଉଦ୍‌ଘାଟିତ

# ନାଚଗୀତରେ କମ୍ପିଲା ଉତ୍ସବ ସ୍ଥଳ

ସମ୍ବଲପୁର, ୮।୧୨ (ବ୍ୟୁରୋ)

ସମ୍ବଲପୁର ମହୋତ୍ସବ- ୨୦୧୯ ରବିବାର ଅଇଁଠାପାଲି ପିଏଚଡି ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି । ଲୋକବାଦ୍ୟ, ଲୋକନୃତ୍ୟ ଓ ଗୀତରେ ଉତ୍ସବସ୍ଥଳ ଦୁଲୁକି ଉଠିଥିଲା। ଯୁବତୀ ଯୁବକ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ର୍‍ୟାମ୍ପରେ ଚାଲି ଦର୍ଶକଙ୍କୁ ବିଭୋର କରିଥିଲେ । ଆୟୋଜକ ସମ୍ବଲପୁର ସାଂସ୍କୃତିକ ପରିଷଦ ସଂଯୋଜକ ସପନ ମିଶ୍ରଙ୍କ ପରିଚାଳନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁର ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜସୱାଲ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ । ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପଦ୍ମଶ୍ରୀ ହଳଧର ନାଗ ସମ୍ମାନୀତ ଅତିଥି ଥିଲେ । ପଣ୍ଡିତ ଡ. ସଚ୍ଚିଦାନନ୍ଦ ପ୍ରସାଦ କରଶର୍ମା ମଞ୍ଚ ପୂଜା କରିବା ସହ ମନ୍ତ୍ରପାଠ କରିଥିଲେ । ପଣ୍ଡିତ ସଦାନନ୍ଦ ପଣ୍ଡା ସହଯୋଗ କରିଥିଲେ । ଶତ୍ରୁଘ୍ନ ଲୁହା, ମୀନୁ ହରିପାଲ ଓ ଶ୍ରୀକାନ୍ତ ସା ଗୀତ ଗାନ କରିଥିଲେ । ସେହିପରି ସମ୍ବଲପୁର ଟ୍ରାଇବାଲ ଆଣ୍ଡ ଫୋକ୍ ଆର୍ଟ ସେଣ୍ଟର ନୃତ୍ୟଗୁରୁ ଆଲୋକ ପଣ୍ଡାଙ୍କ ନିର୍ଦ୍ଦେଶନାରେ କଳାକାରମାନେ ପଶ୍ଚିମ ଓଡିଶାର ସଂସ୍କୃତି, ପରମ୍ପରାକୁ ନେଇ ନୃତ୍ୟ ପରିବେଷଣ କରିଥିଲେ । ଏଥିସହ ବିଶାଖାପାଟନମ୍ କଳାକାରମାନେ ଲୋକନୃତ୍ୟ ଓ ନେପାଳି ନୃତ୍ୟ କରିଥିଲେ। ନୃତ୍ୟଗୁରୁ ପ୍ରମୋଦ କୁମାର ମହାପାତ୍ରଙ୍କ ପରିଚାଳନାରେ ସମ୍ବଲପୁରୀ ପୋଷାକର ଫେସନ୍ ଶୋ ହୋଇଥିଲା । ରାମାଶିଷ ତ୍ରିପାଠୀ, ମାନସ ଷଡଙ୍ଗୀ, ମାନସ ମିଶ୍ର, ଦୁର୍ଗା ଦାଶ, ତର୍ପଣ ପ୍ରଧାନ, ଭବାନୀ ରଣବିଡା, ଅଞ୍ଜନ ପ୍ରଧାନ, ରିଶିକା ପଣ୍ଡା, ବିଦ୍ୟୁତପ୍ରଭା ମିଶ୍ର ଓ ହର୍ଷିତା ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସକାଳେ କର୍ମକର୍ତ୍ତା ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ । ଏହାପରେ ରଙ୍ଗୋଲି, ଝୋଟି ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ପୂର୍ବାହ୍ନରେ ମନୋହରି ହାଟ ଉଦ୍‌ଘାଟନ କରାଯାଇଥିଲା ।




ରବିବାର ସମ୍ବଲପୁର ମହୋତ୍ସବରେ ସମ୍ବଲପୁରୀ ନୃତ୍ୟ (ବାମ)। ବିଶାଖାପାଟନମ୍ କଳାକାରଙ୍କ ନୃତ୍ୟ ।



ସମ୍ବଲପୁରୀ ପୋଷାକ ଫେସନ ଶୋ ।




ଶ୍ରୀକାନ୍ତ ସା ଓ ଶତ୍ରୁଘ୍ନ ଲୁହା ସଙ୍ଗୀତ ପରିବେଷଣ କରୁଛନ୍ତି ।

# ସୌର୍ଯ୍ୟ ଦିବସ ଶୋଭାଯାତ୍ରା

ସମ୍ବଲପୁର,୮।୧୨(ବ୍ୟୁରୋ)

ବଜରଙ୍ଗ ଦଳ ପକ୍ଷରୁ ରବିବାର ରାତିରେ ସୌର୍ଯ୍ୟ ଦିବସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବୁଢ଼ାହିଲ ସ୍ଥିତ ହନୁମାନ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ମହା ଆଳତୀ ହୋଇଥିଲା। ଏହାପରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ହନୁମାନଙ୍କ ଜୟଧ୍ୱନୀରେ ଯାତ୍ରାପଥ ପ୍ରକମ୍ପିତ ହୋଇଥିଲା । ସେହିପରି ବିଭିନ୍ନ ପ୍ରକାର ବାଦ୍ୟରେ ଭକ୍ତମାନେ ବିଭୋର ହୋଇ ନୃତ୍ୟ କରିଥିଲେ । ଏଥିସହ ବାଳିକା ବାଳକମାନେ ଦେବାଦେବୀ ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ମୁଖ୍ୟ ଆକର୍ଷଣ ହୋଇଥିଲେ । ଜିଲାସ୍କୁଲ ଛକ, ଭିଏସଏସ ମାର୍ଗ, ଲକ୍ଷ୍ମୀଟକିଜ ଛକ ପରିକ୍ରମା କରି ଶକ୍ତି ଛକ ସ୍ଥିତ ଭୁବନେଶ୍ୱରୀ ମନ୍ଦିର ସମ୍ମୁଖରେ ଶେଷ ହୋଇଥିଲା । ଅଯୋଧା ରାମମନ୍ଦିର ପ୍ରଜ୍ଞାପନ ମେଢ଼ ଓ ହନୁମାନଙ୍କ ପ୍ରତିମୂର୍ତ୍ତି ଶୋଭାଯାତ୍ରାରେ ସାମିଲ କରାଯାଇଥିଲା । ବଜରଙ୍ଗ ଦଳ ପଶ୍ଚିମପ୍ରାନ୍ତ ସଂଯୋଜକ ସୁଧୀରରଞ୍ଜନ ବହିଦାରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ତପନ ପଟ୍ଟନାୟକ, ବରୁଣ କୁମାର, ଅମିତ ସୋନି, ଶେଖର ସ୍ୱାମୀ,ଟିଙ୍କୁ ସାହୁ, ବିଶାଲ କୁମାର ପ୍ରମୁଖ ଶୋଭାଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ ।



ରବିବାର ସମ୍ବଲପୁର ବୁଢ଼ା ହିଲ ହନୁମାନ ମନ୍ଦିର ପରିସରରେ ବିଧାୟକ ଜୟନାରାୟଣ ମିଶ୍ର ଗଦା ଦେଖାଇ ସୌର୍ଯ୍ୟ ଶୋଭାଯାତ୍ରା ଶୁଭାରମ୍ଭ କରୁଛନ୍ତି ।

# ଶ୍ରମିକମାନେ ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ ପାଇବାରୁ ବଞ୍ଚିତ



ରବିବାର ସମ୍ବଲପୁର ପାନ୍ଥ ନିବାସ ସମ୍ମୁଖସ୍ଥ ପିଡବ୍ଲୁଡି ଆଇବି ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନେତୃବୃନ୍ଦ ।

ସମ୍ବଲପୁର, ୮।୧୨ (ବ୍ୟୁରୋ)

ପଶ୍ଚିମ ଓଡିଶାରେ ରାଜ୍ୟ ସରକାରଙ୍କ ଯୋଜନା ଗୁଡିକ ଠିକ ରୂପାୟନ ହୋଇପାରୁ ନାହିଁ । ଶ୍ରମିକମାନେ ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି । କାମଧନ୍ଦା ଅଭାବରୁ ଲୋକେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି । ରବିବାର ସମ୍ବଲପୁର ଅପର ଆଇବିଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜ୍ୟ ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ ଏହା କହିଛନ୍ତି ।

ପଶ୍ଚିମ ଓଡିଶାରେ ଘରୋଇ ଓ ଠିକା ଶ୍ରମିକମାନେ ବିଭିନ୍ନ ଭାବେ ଶୋଷଣର ଶିକାର ହେଉଛନ୍ତି । ଚାଷୀ ଧାନର ଉପଯୁକ୍ତ ମୂଲ୍ୟ ପାଇପାରୁ ନାହିଁ । ରାସ୍ତାରେ ଧାନ ରଖି ଆନ୍ଦୋଳନ କରିବା ସହ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ଗ୍ରହଣ କରିବାକୁ ବାଧ ହେଉଛନ୍ତି । ଏଭଳି କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ପ୍ରକାର ପଦକ୍ଷେପ ନେଉ ନାହାନ୍ତି ବୋଲି ସେ ଅଭିଯୋଗ କରିଥିଲେ। ତେବେ ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧରେ ରାଜ୍ୟ ସାଧାରଣ ସମ୍ପାଦକ କିଶୋର ଜେନା, ପ୍ରଶାନ୍ତ ବେହେରା, ସମ୍ପାଦକ ପରେଶ ଜେନା, ଯୁବରାଜ୍ୟ କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ, ସମ୍ବଲପୁର ଜିଲା ସଭାପତି ବବିତା ବଡପଣ୍ଡା, ଝାରସୁଗୁଡା ସଭାପତି ମହେନ୍ଦ୍ର କୁମାର ମିଶ୍ର, ଯୁବ ସମ୍ପାଦକ ସନ୍ଦିପ ଦେହୁରୀ, ଟିକାଚରଣ ମାଝୀ, ଜବାହାରଲାଲ ମଣ୍ଡଳ ସନ୍ତୋଷ ସାହୁ, ଅଙ୍କୁଶ ପଣ୍ଡା, ସତ୍ୟନାରାୟଣ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

# ଭିନ୍ନକ୍ଷମଙ୍କୁ ସହଯୋଗ, ପ୍ରୋତ୍ସାହନ ଆବଶ୍ୟକ

ସମ୍ବଲପୁର, ୮।୧୨ (ବ୍ୟୁରୋ)

ଭିନ୍ନକ୍ଷମ ବୋଲି ନିଜକୁ ଗର୍ବିତ ମନେ କରୁଛି। ମୋର ପାଇଁ ପରିବାର ଲୋକେ ମଧ ଅସହାୟ ମଣୁନାହାନ୍ତି । ଜନସାଧାରଣ ମତେ ପ୍ରତି କ୍ଷେତ୍ରରେ ସହଯୋଗ କରି ଆସୁଛନ୍ତି। ଚାକିରି କ୍ଷେତ୍ରରେ ମଧ ସହକର୍ମୀମାନେ ଉତ୍ସାହିତ କରିଥାନ୍ତି । ତେଣୁ ଭିନ୍ନକ୍ଷମଙ୍କୁ ଦୟା ନୁହେଁ ସହଯୋଗ ଓ ପ୍ରୋତ୍ସାହନର ଆବଶ୍ୟକତା ରହିଛି । ରବିବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଆୟୋଜିତ ବିଶ୍ୱ ଭିନ୍ନକ୍ଷମ ଦିବସ ଉତ୍ସବରେ ଦୃଷ୍ଟି ବାଧିତ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ପଙ୍କଜ କୁମାର ଭୋଇ ଜ୍ୟୋତିଶ୍ରୀ ସମ୍ମାନ ଗ୍ରହଣ କରି ଏହା କହିଛନ୍ତି । ଆୟୋଜକ ଜ୍ୟୋତି ଅନୁଷ୍ଠାନର ସଭାପତି ଡ. ପରେଶଚନ୍ଦ୍ର ଦାନୀଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା । ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ ସୁବାଷ ଚୌହାନ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସୂଚନା ଦେଇଥିଲେ । ସେହିପରି ସମ୍ମାନିତ ଅତିଥି ପ୍ରଫେସର ସୁଦର୍ଶନ ପୂଜାରୀ ଭିନ୍ନକ୍ଷମ ଦିବସ ବିଷୟରେ ଆଲୋକପାତ କରିଥିଲେ। ସଂଯୋଜିକା କଳ୍ପନା ମିଶ୍ର ବାର୍ଷିକ ବିବରଣୀ ପାଠ, ସତ୍ୟନାରାୟଣ ଠାକୁର ଓ ରତନ କୁମାର ବହିଦାର ମଞ୍ଚ ପରିଚାଳନା କରିଥିଲେ। ଉପସଭାପତି ଅଖିଳ ରଞ୍ଜନ ପଟ୍ଟନାୟକ, ଦୁର୍ଗାଚରଣ ଦାନୀ, କୈଳାଶ ଚନ୍ଦ୍ର ମିସ୍ତ୍ରୀ, ନବୀନ କିଶାନ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଭିନ୍ନକ୍ଷମ ଦମ୍ପତି ଜଗନ୍ନାଥ ପୋଢ଼ ଓ କଳ୍ପନା ପୋଢ଼ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ବିବେକାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।



ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଡବ୍ଲ୍ୟୁଓଡିସି ଅଧକ୍ଷ ସୁବାସ ଚୌହାନ ରବିବାର ଦୃଷ୍ଟିବାଧିତ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ପଙ୍କଜ ଭୁଏଙ୍କୁ ଜ୍ୟୋତିଶ୍ରୀ ସମ୍ମାନ ପ୍ରଦାନ କରୁଛନ୍ତି ।

# ଶ୍ରମନୀତି ବିରୋଧରେ ଆନ୍ଦୋଳନ ଆହ୍ୱାନ




ରବିବାର ସମ୍ବଲପୁର ଅଶୋକା ଟକିଜ୍ ପରିସରରେ ଆୟୋଜିତ ସିଆଇଟିୟୁ ରାଜ୍ୟସ୍ତରୀୟ ଖୋଲା ଅଧିବେଶନରେ ସର୍ବଭାରତୀୟ ସଭାନେତ୍ରୀ ଡା. କେ ହେମଲତା ବକ୍ତବ୍ୟ ପ୍ରଦାନ କରୁଛନ୍ତି (ବାମ)। ଉପସ୍ଥିତ କର୍ମକର୍ତ୍ତା ।

ସମ୍ବଲପୁର, ୮।୧୨ (ବ୍ୟୁରୋ)

ରାଜ୍ୟ ଓ କେନ୍ଦ୍ର ସରକାର ଶ୍ରମିକମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦୀଙ୍କ ନେତୃତ୍ୱାଧୀନ ସରକାର ଜନ ଓ ଶ୍ରମିକ ମାରଣ ନୀତି ଜାରି ରଖିଛନ୍ତି । ଅପରପକ୍ଷେ ରାଜ୍ୟରେ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ସମସ୍ତ ଜନବିରୋଧୀ ନୀତିକୁ ସମର୍ଥନ କରି ଚାଲିଛନ୍ତି । ଏହାଦ୍ୱାରା ରାଜ୍ୟରେ ଶ୍ରମିକ, କୃଷକ, ମେହନତି ମଣିଷ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶ୍ରମିକ ନୀତି ବରୋଧରେ ଆସନ୍ତା ଜାନୁୟାରୀ ୮ ତାରିଖ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ଫେଡେରେସନ୍‌ମାନଙ୍କ ଆହ୍ୱାନରେ ଦିନିକିଆ ସର୍ବଭାରତୀୟ ଧର୍ମଘଟ କରାଯିବ । ରବିବାର ଅଶୋକା ଟକିଜ ହଲ ପଡିଆରେ ଆୟୋଜିତ ସିଆଇଟିୟୁର ୧୪ତମ ରାଜ୍ୟ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ସର୍ବଭାରତୀୟ ସଭାନେତ୍ରୀ ଡା. କେ ହେମଲତା ଏହା କହିଛନ୍ତି। ସିଆଇଟିୟୁ ରାଜ୍ୟ ସାଧାରଣ ସମ୍ପାଦକ ତଥା କେନ୍ଦ୍ରୀୟ ଉପାଧକ୍ଷ ବିଷ୍ଣୁ ମହାନ୍ତି, ଅଭ୍ୟର୍ଥନା କମିଟି ଅଧକ୍ଷ ଲଳିତ ପଟ୍ଟନାୟକ, ସାଧାରଣ ସମ୍ପାଦକ ମହେଶ୍ୱର ଷଣ୍ଢ, ଉପାଧକ୍ଷ ପ୍ରଣୟ ନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ । ସନ୍ଧ୍ୟାରେ ତପସ୍ୱିନୀ ପ୍ରେକ୍ଷାଳୟଠାରେ ରାଜ୍ୟ ପ୍ରତିନିଧି ଅଧିବେଶନ ହୋଇଥିଲା । ପୂର୍ବତନ ସଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆ, ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ ଦାଶ, ଜୟସେନ ମେହେର, ବଂଶିଧର ପରିଡା, ଏଚଏମଏସ ନେତା ଗୋକୁଳ ମେହେର, ଏସଡିଏଲଆଇଇଏ ସାଧାରଣ ସମ୍ପାଦକ ମୀନରଞ୍ଜନ ବିଶି, ଶିବ ନନ୍ଦ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ପୂର୍ବାହ୍ନ ୧୦ଟାରେ ସମ୍ବଲପୁର ରେଳ ଷ୍ଟେଶନ ସମ୍ମୁଖରୁ ଶୋଭାଯାତ୍ରା ବାହାରି ଫାର୍ମରୋଡ, ମୁଦିପଡା, ଲକ୍ଷ୍ମୀ ଟକିଜ ଛକ, ବୀରସୁରେନ୍ଦ୍ର ସାଏ ମାର୍ଗ ପରିକ୍ରମା କରି ସଭା ସ୍ଥଳରେ ପହଞ୍ଚିଥିଲା । ଏଥିରେ ଓଡିଶାର ବିଭିନ୍ନ ଜିଲାରୁ ଇସ୍ପାତ, କୋଇଲା, ଖଣି, ନିର୍ମାଣ, ପରିବହନ, ଅଙ୍ଗନୱାଡି, ଆଶାକର୍ମୀ, ପାଚିକା, ବିଡା କାରଖାନାରେ କାମ କରୁଥିବା ଶ୍ରମିକମାନେ ସାମିଲ ଥିଲେ ।

# ରାମଚଣ୍ଡୀ ମନ୍ଦିର ରତ୍ନମୁଦ ଉତ୍ସବ

ସମ୍ବଲପୁର, ୮।୧୨ (ବ୍ୟୁରୋ)

ରାମଚଣ୍ଡୀ ମନ୍ଦିର ରତ୍ନମୁଦ ଉତ୍ସବ ରବିବାର ଦାନୀପାଲିଠାରେ ସଂପନ୍ନ ହୋଇଛି । ରୀତିନୀତି ଓ ପରମ୍ପରାନୁସାରେ ହୋମଯଜ୍ଞ ଓ ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ଭକ୍ତମାନେ ମନ୍ଦିର ଶୀର୍ଷକୁ ଯାଇ ସୁନା, ରୂପା, ଧାନ, ଅଷ୍ଟଧାତୁ ପ୍ରଭୃତି ଅର୍ପଣ କରିଥିଲେ । ପଣ୍ଡିତ ଉପେନ୍ଦ୍ର ଭୋଇ, ମୁକ୍ତେଶ୍ୱର ପ୍ରଧାନ, ବିଷ୍ଣୁ ପ୍ରଧାନ, ଜଳନ୍ଧର ସାହୁ, ବିନୟ ସାହୁ, ମଙ୍ଗଲୁ ଖମାରୀ, ନିର୍ମଳ ପ୍ରଧାନ ଓ ଦେବୀ ପ୍ରସାଦ ଭୋଇ ପୂଜାର୍ଚ୍ଚନା ଏବଂ ହୋମଯଜ୍ଞ ସମ୍ପାଦନା କରିଥିଲେ । ରିଙ୍କି, କିଶୋର ପ୍ରଧାନ, ସଂଯୁକ୍ତା ଭୋଇ, ହେମକାନ୍ତ ସାହୁ, ଅହଲ୍ୟା ସାହୁ, ଭାଗିରଥି ସାହୁ, ବାସନ୍ତି ପ୍ରଧାନ, ମୂରଲୀ ପ୍ରଧାନ, କୁମଦିନୀ ପ୍ରଧାନ ଓ ଛେଳିଆ ପ୍ରଧାନ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ । କୁଲତା ସମାଜ ସଭାନେତ୍ରୀ ଯଶୋବନ୍ତି ନାୟକ, ସାଧାରଣ ସମ୍ପାଦିକା ଦମୟନ୍ତୀ ପ୍ରଧାନ, ଉପସଭାନେତ୍ରୀ ବାସନ୍ତି ବିଶ୍ୱାଳ ଓ ସୁନୀଲ ଭୋଇ, ଯୁଗ୍ମସମ୍ପାଦକ ଅକ୍ଷୟ ପ୍ରଧାନ, ଦୟାନିଧି ବିଶ୍ୱାଳ, ସ୍ୱାସ୍ଥ୍ୟ ସଚିବ ଡା. ତୁଷାରକାନ୍ତ ସାହୁ, କୃଷି ସଚିବ ସରୋଜ ପ୍ରଧାନ, ସଂସ୍କୃତି ସଚିବ ସୁପ୍ରଭା ପ୍ରଧାନ, କୋଷାଧକ୍ଷ ଅଭିରାମ ଖମାରୀ, କ୍ଷୀରୋଦ ବାରିକ, ଦୟାନିଧି ବାରିକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା ।



ରବିବାର ସମ୍ବଲପୁର ଦାନୀପାଲିଠାରେ ରାମଚଣ୍ଡୀ ମନ୍ଦିର ରତ୍ନମୁଦ ଉତ୍ସବରେ ପୂଜାର୍ଚ୍ଚନା କରାଯାଉଛି ।



ଅସଲ କଥା ହେଲା ବିଶ୍ୱାସ। ବାଳକର ବିଶ୍ୱାସ ଭଳି, ଗୁରୁବାକ୍ୟରେ ବିଶ୍ୱାସ କର।
- ଶ୍ରୀରାମକୃଷ୍ଣ ପରମହଂସ

**ସଂକ୍ଷେପରେ**

## ବରିଷ୍ଠ ନାଗରିକ ସଂଘର କାର୍ଯ୍ୟକାରୀ କମିଟି ବୈଠକ

ସୁନ୍ଦରଗଡ଼, ୮।୧୨ (ଡି.ଏନ୍.ଏ)- ସୁନ୍ଦରଗଡ଼ ବରିଷ୍ଠ ନାଗରିକ ସଂଘର କାର୍ଯ୍ୟକାରୀ କମିଟି ବୈଠକ ରବିବାର ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ୨୦୧୯- ୨୦ ବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ସଭାପତି ଥିବା ଡା. ହିମାଂଶୁ ଶେଖର ଗୁରୁ ପୁନଃ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏଥିସହ ସୁବାସ ଚନ୍ଦ୍ର ନାୟକ ଉପସଭାପତି ଭାବେ, ପଦ୍ମଲୋଚନ ସରାଫ ସମ୍ପାଦକ ଭାବେ, ସମୀର କୁମାର କର -ସହସମ୍ପାଦକ ଓ ବାସୁଦେବ ସରାଫ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।

# ଐତିହାସିକ ଋଷିଗୁମ୍ଫାର ଉନ୍ନୟନ ଲାଗି ପଦକ୍ଷେପ

- ରକ୍ଷଣାବେକ୍ଷଣ ଅଭାବରୁ ଅବହେଳିତ ପଡିଛି
- କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ଭୂମି ପୂଜନ
- ମାଘ ମେଳାର ପ୍ରସ୍ତୁତି ପାଇଁ ବୈଠକ

ସୁନ୍ଦରଗଡ଼, ୮।୧୨ (ଡି.ଏନ୍.ଏ)

ସୁନ୍ଦରଗଡ଼ଠାରୁ ପ୍ରାୟ ୬୫ କି.ମି ଦୂରରେ ଅବସ୍ଥିତ ହେମଗିର ବ୍ଲକର ମୁଣ୍ଡେରେଖେତ, ଝାରପଲମ ଓ ସୁମରା ଗ୍ରାମ ପଞ୍ଚାୟତର ମଧ୍ୟସ୍ଥଳରେ ଥିବା ଐତିହାସିକ ଋଷିବିଲ (ଗୁମ୍ଫା) ନିକଟରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ରବିବାର ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନର ଆଢୁଆଳରେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଅବହେଳିତ ହୋଇ ପଡିରହିଛି। ବହୁବର୍ଷ ଧରି ଏଠାରେ ମାଘମେଳା ଅନୁଷ୍ଠିତ ହୋଇ ଆସୁଥିଲା। ମାତ୍ର ଏହା ଧୀରେ ଧୀରେ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ଉପଯୁକ୍ତ ପ୍ରଚାର ପ୍ରସାର ଓ ଉନ୍ନୟନ ଅଭାବରୁ ଲୋକଲୋଚନକୁ ଆସିପାରୁ ନାହିଁ। ତେଣୁ ଏହି ପୁରାତନ ପୌରାଣିକ ଭାବଧାରାର ମୂକସାକ୍ଷୀ ଭାବେ ରହିଥିବା ଏହି ଗୁମ୍ଫାର ଉନ୍ନୟନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହା ସହ ଆସନ୍ତା ମାଘ ମେଳାର ପ୍ରସ୍ତୁତି ପାଇଁ ଡିଗ୍ରୀ କୁମାର ସାହୁଙ୍କ ସଭାପତିତ୍ୱରେ ଓ ମାଧବଚନ୍ଦ୍ର ବାରିକଙ୍କ ତତ୍ତ୍ୱାବଧାନରେ ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଆଖପାଖ ଗ୍ରାମର ଗ୍ରାମବାସୀ ଯୋଗଦେଇ ମାଘପୂର୍ଣ୍ଣିମାରେ ହେବାକୁ ଥିବା ମେଳା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଆସନ୍ତା ୧୮ ତାରିଖରେ ଆଉ ଏକ ବୈଠକରେ ଏହି ସବୁ ପ୍ରସ୍ତାବ ଆଲୋଚନା କରାଯାଇ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ। ଶେଷରେ ମୁଣ୍ଡେରଖେତ ଗ୍ରାମପଞ୍ଚାୟତ ପକ୍ଷରୁ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି କମ୍ୟୁନିଟି ସେଣ୍ଟର ପାଇଁ ସରପଞ୍ଚ ଡିଲେଶ୍ୱରୀ ମାଝି ଭୂମିପୂଜନ କରିଥିଲେ। ବନମାଳୀ ଘୋସି ଧନ୍ୟବାଦ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟିକା କୁସୁମ ଟେଟେଙ୍କ ପ୍ରତିନିଧି ପ୍ରଣବ କିଶୋର ଭୈଷାଁଲ, ଲବକିଶୋର ଖମାରୀ, ଭିକାରୀ ସା, ହୀରାଧର ଖମାରୀ, ମୋହିତଲାଲ ଭୈଷାଁଲ, ଧନୀରାମ ରାଉତ, ତାରସିଉସ ଲାକ୍ରା, ନୀଳମଣି କିଷାନ, ରାଜୁ ପ୍ରଧାନ, ଚୂଡାମଣି କଲସେର, ବଳରାମ ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଐତିହାସିକ ଋଷିଗୁମ୍ଫାର ଉନ୍ନୟନ ଓ ମାଘ ମେଳା ପ୍ରସ୍ତୁତି ଲାଗି ବୈଠକ।



ବଡଗାଁ ଦେବ ମଣ୍ଡପଠାରେ ଗୀତା ପାଠ କରାଯାଉଛି ।

## ବଡ଼ଗାଁରେ ଗୀତା ଜୟନ୍ତୀ ପାଳିତ

ବଡ଼ଗାଁ, ୮।୧୨ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡଗାଁ ଦେବ ମଣ୍ଡପଠାରେ ରବିବାର ଗୀତା ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ପୂର୍ବାହ୍ନ ୭ଟାରୁ ବିଷ୍ଣୁଙ୍କ ପୂଜାର୍ଚ୍ଚନା, ଗୀତା ବନ୍ଦନା, ଗୀତା ହୋମ କରାଯାଇଛି। ହୋମକୁଣ୍ଡରେ ୭ଶହ ଆହୁତୀ ପରେ ସୁନ୍ଦରଗଡ ଜିଲା ସଦର ବ୍ଲକ ମଝାପଡା ଗ୍ରାମର ପଣ୍ଡିତ ସତ୍ୟବାନ ପୁରୋହିତ ଗୀତା ପାଠ କରିଥିଲେ। ଉପସ୍ଥିତ ଭକ୍ତଙ୍କୁ ଗୀତା ପୁସ୍ତକ ବଣ୍ଟନ ପରେ ସମଲୟରେ ଗୀତା ଆବୃତ୍ତି କରାଯାଇଥିଲା । ଅର୍ଜୁନ ନାୟକ, ପଦ୍ମନାଭ ପାଣିଗ୍ରାହୀ, ଅଚ୍ୟୁତ ସାହୁ, ବିଘ୍ନରାଜ ପଣ୍ଡା, ଛବିଳ ସେଠ, ଯଶୋବନ୍ତ ପଣ୍ଡା ଗୀତା ଆବୃତ୍ତି କରିଥିଲେ। କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ମିଶ୍ର, ବିରଞ୍ଚି ପଣ୍ଡା, ନିତ୍ୟାନନ୍ଦ ମିଶ୍ର, ବିନୟ ବିହାରୀ ହୋତା, ହୃଦାନନ୍ଦ ନାୟକ ବିଭିନ୍ନ କାର୍ଯ୍ୟ ତୁଲାଇଥିଲା ବେଳେ ସ୍ୱାଗତ ପାଣିଗ୍ରାହୀ (ଘୁପୁଲୁ) କର୍ତ୍ତା ହୋଇଥିଲେ।

# ଜଗଦା ମହୋତ୍ସବ ଉଦ୍‌ଘାଟିତ

ରାଉରକେଲା ଅଫିସ, ୮। ୧୨

ଜଗଦା ସମାଜ ମଙ୍ଗଳ କେନ୍ଦ୍ର ପରିସରରେ ରବିବାର ଜଗଦା ମହୋତ୍ସବ 'ଫେଷ୍ଟିଭ ୨୦୧୯' ଉଦ୍‌ଘାଟିତ ହୋଇଯାଇଛି। ଜଗଦା ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ଆସନ୍ତା ୨୯ ଯାଏ ଚାଲିବ। ଉଦ୍‌ଘାଟନୀ ସମାରୋହରେ ବିଶ୍ରା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୁଖ୍ୟ ଅତିଥି, ସାମାଜିକ କର୍ମୀ ସୂର୍ଯ୍ୟକାନ୍ତ ମହାନ୍ତି, ବବିତା ମହାନ୍ତି, ଇଂ ଯତୀନ ନାୟକ, ରୋହିତ ତନ୍ତି, ମନୋଜ ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଥମ ଦିନରେ ବିଭିନ୍ନ ବର୍ଗରେ ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ମ୍ୟୁଜିକାଲ ଚେୟାର, କଲରିଂ, ଝୋଟି ଓ ରଙ୍ଗୋଲି ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୩ ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ଚିତ୍ରକର ଦେବେନ୍ଦ୍ର ମହାରଣା ବିଚାରକ ଭାବେ ଯୋଗ ଦେଇଥିବା ବେଳେ ସଂଘ ସଭାପତି ଅମୀୟ ଦାସ, କାର୍ଯ୍ୟକାରୀ ସଭାପତି ହରେଶ ସିଂ ସାମନ୍ତ, ରଂଜନ ସାହୁ, ଆଶିଷ ସାହୁ, ଆଶିଷ ସିଂ, ସୁରେଶ ସ୍ୱାଇଁ, କିଶୋର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଦୀପକ ସାହୁ ସଂଯୋଜନା କରିଥିଲେ।





ଜଗଦା ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ଆମ୍ବେଡକରଙ୍କ ମହାପ୍ରୟାଣ ଦିବସ

ରାଉରକେଲା ଅଫିସ, ୮। ୧୨

ଡ. ଭୀମ ରାଓ ଆମ୍ବେଡକରଙ୍କ ଦର୍ଶନର ପ୍ରାସଙ୍ଗିତା ଆଜି ବି ରହିଛି। ସାମାଜିକ ମୂଲ୍ୟବୋଧର ପ୍ରବକ୍ତା ଦେଶର ସମ୍ବିଧାନ କମିଟିର ଜନକ ଓ ଦେଶର ପ୍ରଥମ ଆଇନ ମନ୍ତ୍ରୀ ଦଳିତଙ୍କ ତ୍ରାଣ କର୍ତ୍ତା ଆମ୍ବେଡକରଙ୍କ ମହାପ୍ରୟାଣ ଦିବସ ଶନିବାର ପାଳିତ ହୋଇ ଯାଇଛି। ସ୍ମୃତି କମିଟି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ପାନପୋଷ ଉପଜିଲାପାଳ ବିଶ୍ୱରଞ୍ଜନ ମହାପାତ୍ର ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରିଥିଲେ। ସମ୍ବିଧାନ ପ୍ରଣେତା ଭୀମରାଓ ଏକାଧାରରେ ଜଣେ ବାଗ୍ମି, ଉଚ୍ଚ ଶିକ୍ଷିତ ତଥା ସମାଜ ସଂସ୍କାରକ ଥିଲେ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ସେ ଦେଶର ଶୋଷିତ ବର୍ଗଙ୍କୁ ନ୍ୟାୟ ଦେବାକୁ ସର୍ବଦା ଚେଷ୍ଟା କରିଥିଲେ। ଦେଶ ପାଇଁ ଜୀବନ ବ୍ୟାପି ସାଧନା କରିଥିବା ଏହି ବରପୁତ୍ରଙ୍କ ଚିନ୍ତାଧାରାକୁ ଏଥିରେ ପ୍ରଶଂସା କରାଯାଇ ଥିଲା। ଅନ୍ୟତମ ଅତିଥି ରମେଶ ବଳ ଯୋଗଦେଇ ଭୀମରାଓଙ୍କୁ ଜଣେ ପ୍ରକୃତ ଦେଶ ଭକ୍ତ ଭାବେ ଆଖ୍ୟାୟିତ କରିଥିଲେ।



ଆମ୍ବେଡକରଙ୍କ ମହାପ୍ରୟାଣ ଦିବସରେ ଉପସ୍ଥିତ ଅତିଥି, କର୍ମକର୍ତ୍ତା।

### ପଞ୍ଚମ ମେଘନା କପ୍ ନକଆଉଟ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ତେତେରକେଲା, ଟାଙ୍ଗରପାଲି ବିଜୟୀ

ନୂଆଗାଁ, ୮।୧୨ (ଡି.ଏନ.ଏ)

ନୂଆଗାଁ ବ୍ଲକ ଅନ୍ତର୍ଗତ ଉର୍ମେଇ ପଞ୍ଚାୟତସ୍ତରୀୟ ପଞ୍ଚମ ମେଘନା କପ୍ ନକଆଉଟ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୂଆଗାଁ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା ଯୋଗଦେଇ ମ୍ୟାଚକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉର୍ମେଇ ୟୁଥ ଆସୋସିଏଶନ୍‌ର ସଭାପତି ହିମାଂଶୁ ଭୂଷଣ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଭାଗ ନେବାକୁଥିବା ବେଳେ ଆସନ୍ତା ୩୧ ତାରିଖ ଏହାର ଫାଇନାଲ ମ୍ୟାଚ ରଖାଯାଇଛି । ରବିବାର ଉଦଘାଟନୀ ଉତ୍ସବର ପ୍ରଥମ ମ୍ୟାଚଟି ତେତେରକେଲା ଓ ସୋରଡା ନୂଆବସ୍ତି ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ତେତେରକେଲା ୬ ଉଇକେଟରେ ବିଜୟୀ ହୋଇଥିଲା । ସେହି ଭଳି ଦ୍ୱିତୀୟ ମ୍ୟାଚ ନୂଆଗାଁ ଓ ଟାଙ୍ଗରପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟାଙ୍ଗରପାଲି ନୂଆଗାଁ ଦଳକୁ ୨ ରନରେ ପରାସ୍ତ କରିଛି । କ୍ରିକେଟ ଟୁର୍ନାମେଣ୍ଟର ସମସ୍ତ ଖେଳ କିଭଳି ଶାନ୍ତି ଶୃଙ୍ଖଳା ସହ ଅନୁଷ୍ଠିତ ହେବ ସେ ନେଇ କମିଟି ପକ୍ଷରୁ ଖେଳର ବିଭିନ୍ନ ନିୟମ ରଖାଯାଇଛି । ସେହି ନିୟମ ଆଧାରରେ ସମସ୍ତ ଖେଳ ଅନୁଷ୍ଠିତ ହେବ । ନୂଆଗାଁ ବ୍ଲକର ଉର୍ମେଇ ଭଳି ଏକ ଉପାନ୍ତ ଅଞ୍ଚଳରେ ଏଭଳି କ୍ରୀଡାର ପ୍ରସାର ଦିଗରେ ୟୁଥ ଆସୋସିଏଶନ୍‌ର ପ୍ରମୁଖ ଭୂମିକାକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି। ଏହି ଖେଳ ଦ୍ୱାରା କେବଳ ଖେଳାଳିମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ନୁହେଁ ବରଂ ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି କରିଥାଏ ବୋଲି କମିଟି ପକ୍ଷରୁ କୁହାଯାଇଛି ।



ପଞ୍ଚମ ମେଘନା କପ୍ ନକଆଉଟ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

## ଚକ୍ଷୁଦାନ କଲେ ରିକ୍ସା ଚାଳକ

ରାଉରକେଲା ଅଫିସ, ୮।୧୨

ଉଦିତନଗର ଅଞ୍ଚଳରେ ରହି ରିକ୍ସା ଚଳାଉଥିବା ଜଣେ ବ୍ୟକ୍ତି ରବିବାର ମୃତ୍ୟୁବରଣ କରିଛନ୍ତି। ତାଙ୍କ ନାଁ ପିଚ୍ଛାରୁ ବଡାଇକ(୬୫)। ସେ ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ସୋରଡା ଅଞ୍ଚଳର ମୂଳବାସିନ୍ଦା। ସେ ଏଠାରେ ନିଜ ସମ୍ପର୍କୀୟଙ୍କ ଘରେ ରହି ରିକ୍ସା ଚଳାଇ ଗୁଜୁରାଣ ମେଣ୍ଟାଉଥିଲେ। ସେ ଗତ କିଛି ଦିନ ହେବ ନିଜ ରିକ୍ସା ଉପରେ ଆଶ୍ରୟ ନେଉଥିଲେ। ଶନିବାର ବିଳମ୍ବିତ ରାତିରେ ବୟସାଧିକ୍ୟ କାରଣରୁ ରିକ୍ସା କଡରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଇଛି। ତେବେ ସବୁଠୁ ବଡ କଥା ଏହା ଯେ, ରିକ୍ସା ଚାଳକ ବଡାଇକ ନିଜ ମୃତ୍ୟୁ ପୂର୍ବରୁ ଦୁଇଟି ଚକ୍ଷୁ ଦାନ କରିଛନ୍ତି। ଯାହାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

### ମାରୁତ ଯୁବକ ସଂଘ ପକ୍ଷରୁ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ସ୍କୁଲପଡ଼ାକୁ ହରାଇ ରାଜାବାସା ଚାମ୍ପିୟନ



ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନରେ ଅତିଥିଙ୍କ ସହ ଖେଳାଳି।

କୁଆଁରମୁଣ୍ଡା, ୮।୧୨ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ଉଣ୍ଡା ଫୁଟବଲ ପଡ଼ିଆରେ ଚଳିତ ମାସ ୩ ତାରିଖରୁ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟର ରବିବାର ଥିଲା ଅନ୍ତିମ ଦିବସ। ଏହି ଅନ୍ତିମ ଦିବସ ମ୍ୟାଚ୍‌ରେ ରାଜାବାସା ଓ ସ୍କୁଲପଡ଼ା ମଧ୍ୟରେ ସଂଘର୍ଷପୂର୍ଣ୍ଣ ପ୍ରତିଯୋଗିତା ହୋଇଥିଲା। ଶେଷରେ ରାଜାବାସା ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଏ ନେଇ ଏକ ସଭା କରାଯାଇ ବିଜୟୀ ଘୋଷିତ ଚାମ୍ପିୟନ ଦଳ ରାଜାବାସାକୁ ମୁଖ୍ୟଅତିଥି ବରିଷ୍ଠ ବିଜେଡି ନେତା ରାଜେନ୍ଦ୍ର କୁଜୁର ୧୫ହଜାର ଟଙ୍କାର ଚେକ୍ ପ୍ରଦାନ ସହ ଟ୍ରଫି ବଣ୍ଟନ କରିଛନ୍ତି। ସେହିପରି ରନର୍ସଅପ୍ ଘୋଷିତ ସ୍କୁଲପଡ଼ା ଦଳକୁ ମୁଖ୍ୟଅତିଥି ୧୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଛନ୍ତି। ସେହିପରି ୩ୟ ଓ ୪ର୍ଥ ସ୍ଥାନ ହାସଲ କରିଥିବା ଡୁମେରଯୋର ଓ ବ୍ଲାକ ଡାଇମଣ୍ଡ ଦଳକୁ ସମ୍ମାନିତ ଅତିଥି ଲକ୍ଷ୍ମୀଧର ପାଣିଗ୍ରାହୀ ଓ ଅର୍ଜୁନ ସାହୁ ୩ହଜାର ଟଙ୍କା ସହ କପ୍ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଏହି ଟୁର୍ନାମେଣ୍ଟରେ ମୋଟ ୫୨ଟି ଦଳ ଅଂଶ ଗ୍ରହଣ କରିଥିଲେ। ଆୟୋଜକ ମାରୁତି ଯୁବକ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ସଞ୍ଚାଳନ କରିଥିଲେ।

### ଦର୍ଲିପାଲି କମ୍ପାନୀ ପରିସରରେ ପୋଲିସ ବିଟ୍ ହାଉସ୍

# ଜନସାଧାରଣ ହେଉଛନ୍ତି ହନ୍ତସନ୍ତ

ଲେଫ୍ରିପଡା,୮।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଦର୍ଲିପାଲି ଠାରେ ରହିଛି ଭଷ୍ମା ଥାନା ଅଧୀନସ୍ଥ ଦର୍ଲିପାଲି ବିଟ୍ ହାଉସ୍। ଏହି ବିଟ୍ ହାଉସ୍ ଏନ୍‌ଟିପିସି କମ୍ପାନୀ ପରିସରରେ ଏକ କୋଠରୀରେ ଚାଲିଛି। କମ୍ପାନୀର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ସମୟରୁ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା କରି ଅସାମାଜିକ କାର୍ଯ୍ୟ ରୋକିବା ଦିଗରେ ସୁନ୍ଦରଗଡ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ବିଟ୍ ହାଉସ୍ ସ୍ଥାପନ କରାଯାଇଛି। ବର୍ତ୍ତମାନ ଏହା ଜନସାଧାରଣଙ୍କ ପାଇଁ ପ୍ରତିବନ୍ଧକ ସାଜିଥିବା ନେଇ ଅଭିଯୋଗ ହେଉଛି। ଏନ୍‌ଟିପିସି କମ୍ପାନୀ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରିଥିବାରୁ କମ୍ପାନୀର ସିଆଇଏସ୍‌ଏଫ୍ ବାହିନୀ କମ୍ପାନୀ ଭିତରକୁ ପୋଲିସ୍ ବିଟ୍ ହାଉସ୍‌କୁ ଯିବା ପାଇଁ ଛାଡୁ ନାହାନ୍ତି ବୋଲି ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟରେ ମୋ ସରକାର ଲାଗୁ ହୋଇଥିବା ବେଳେ ଜନସାଧାରଣଙ୍କୁ ପୋଲିସ ସେବା କ୍ଷେତ୍ରରେ ଦର୍ଲିପାଲିଠାରେ ବିଫଳ ହେଉଥିବା ଦେଖାଦେଇଛି। ଏହି କ୍ଷେତ୍ରରେ ଜିଲା ପୋଲିସ ପ୍ରଶାସନକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନାହିଁ। ଅନ୍ୟପକ୍ଷରେ ଅଞ୍ଚଳର ଜନସାଧାରଙ୍କ ପାଇଁ ପୋଲିସ୍ ସେବା ଯୋଗାଇବା ସକାଶେ ଦର୍ଲିପାଲିଠାରେ ସର୍ବସାଧାରଣଙ୍କ ପାଇଁ କମ୍ପାନୀ ପରିସରରୁ ଅନ୍ୟ ସ୍ଥାନରେ ବିଟ୍ ହାଉସ୍ କରିବା ପାଇଁ ଜିଲା ପୋଲିସ୍ ପ୍ରଶାସନ ନିକଟରେ ଦାବି ହେଉଛି।





ବିଟ୍ ହାଉସ୍ ଏନ୍‌ଟିପିସି କମ୍ପାନୀ ପରିସରରେ ଚାଲିଛି।

# ବିଜ୍ଞାନର ଆବଶ୍ୟକତା ପ୍ରତିପାଦିତ କରିବା ବିଜ୍ଞାନମେଳାର ଉଦ୍ଦେଶ୍ୟ





ହେମଗିର ବ୍ଲକସ୍ତରୀୟ ବିଜ୍ଞାନମେଳାରେ ମଞ୍ଚାସୀନ ଅତିଥି।

ହେମଗିର, ୮।୧୨ (ଡି.ଏନ.ଏ)

ଅତ୍ୟାଧୁନିକ ଯୁଗରେ ପୃଥିବୀ ପୃଷ୍ଠରେ ବିଜ୍ଞାନର ଅଗ୍ରଗତି ତୀବ୍ର ଭାବରେ ବୃଦ୍ଧି ପାଉଥିବାରୁ ଏହାକୁ ଲକ୍ଷ୍ୟରଖି ଏହାର ଆବଶ୍ୟକତା ଓ ଉପାଦେୟତା କିପରି ତୃଣମୂଳସ୍ତରରୁ ପ୍ରତିପାଦିତ କରାଯାଇ ପାରିବ ସେ ନେଇ ବିଜ୍ଞାନ ମେଳାର ଆୟୋଜନ କରାଯାଇଥାଏ। ଏନେଇ ହେମଗିର ଶିକ୍ଷା ବିଭାଗ ତରଫରୁ ହେମଗିର ବ୍ଲକର ସମସ୍ତ ବିଦ୍ୟାଳୟକୁ ନେଇ ଲଇକେରାଠାରେ ଏକ ବ୍ଲକ ସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ଉପରେ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ସୁନ୍ଦରଗଡ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ କୁମାର ଟପ୍ପୋ, ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ସୁଧାରାଣୀ ରାଉଡିଆ, ସରପଞ୍ଚ ପ୍ରତିମା ଓରାମ, ବ୍ଲକ ଶିକ୍ଷକ ସଂଘର ସଭାପତି ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରଦର୍ଶନୀରେ ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୧୩୭ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଏଥିରେ ଖଜୁରବନିଆ କନ୍ୟାଶ୍ରମର ସବିତା ହେମ୍ରମଙ୍କର ପ୍ରକଳ୍ପଟି ସର୍ବଶ୍ରେଷ୍ଠ ପ୍ରକଳ୍ପ ଭାବେ ପରିଗଣିତ କରାଯାଇ ତାଙ୍କୁ ଜିଲାସ୍ତରକୁ ଉନ୍ନୀତ କରାଯାଇଥିଲା । ଏହି ଅବସରରେ ହେମଗିର ବ୍ଲକ ତରଫରୁ ରାଜ୍ୟସ୍ତରରେ କୁଇଜ କାର୍ଯ୍ୟକ୍ରମରେ ଭାଗନେଇ ବ୍ଲକ ପାଇଁ ଗୌରବ ଆଣିଥିବା ଓଜସ୍ୱୀ ଦେହୁରୀଙ୍କୁ ତାଙ୍କ ମାତାପିତାଙ୍କ ସହ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ବିଧାୟିକା ପ୍ରତିନିଧି ସରୋଜ ପାଣିଗ୍ରାହୀ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବରେ ଏସ୍‌ଡିପିଓ ମଧୁସ୍ମିତା ମିଶ୍ର, ଜିଲା ମଙ୍ଗଳ ଅଧିକାରୀ ସୁନିଲ କୁମାର ତାଣ୍ଡି, ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି, ଡବ୍ଲୁଇଓ ଟି. ସୌରଭ, ବ୍ଲକ ଶିକ୍ଷାଧିକାରୀ ସୁରେନ୍ଦ୍ର ସାହୁ, ଆଇଆଇସି ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯାଇଥିଲା। ପ୍ରଧାନଶିକ୍ଷକ ଡଳିନ୍ଦ୍ର ତନ୍ତି ଏହାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ। ସିଆରସିସି ସୁବ୍ରତ ପଟେଲ, ପ୍ରମୋଦ ମିଶ୍ର ତଥା ଅନ୍ୟାନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ, ଗ୍ରାମବାସୀ ସହଯୋଗ କରିଥିଲେ।



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆଁ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ



## ସଂକ୍ଷେପରେ

### ବେକରେ ଶାଢ଼ି ବାନ୍ଧି ଆତ୍ମହତ୍ୟା

**ରାଉରକେଲା ଅଫିସ, ୮।୧୨-** ଫର୍ଟିଲାଇଜର ଟାଉନଶିପ ଅଞ୍ଚଳରେ ରବିବାର ସକାଳୁ ଜଣେ ମହିଳା ପାରିବାରିକ କଳହ ଯୋଗୁ ବେକରେ ଶାଢ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାଁ ଲକ୍ଷ୍ମୀପ୍ରିୟା ରାଉଳ(୫୧)। ସେ ସ୍ଥାନୀୟ ସି ବ୍ଲକ ବାସିନ୍ଦା ବୋଲି ଜଣାଯାଇଛି। ସ୍ୱାମୀ ଆନନ୍ଦ ରାଉଳ ଓ ପୁଅ ଚିତ୍ର ରାତିରେ ଅନ୍ୟ କୋଠରିରେ ଖାଇପିଇ ଶୋଇ ଯାଇଥିବା ବେଳେ ଲକ୍ଷ୍ମୀ ପାଖ ରୁମରେ ଶୋଇଥିଲେ। ସକାଳ ଯାଏ କବାଟ ନ ଖୋଲିବାରୁ ପୁଅ ଚିତ୍ର କବାଟ ବାଡେଇ ମା'ଙ୍କୁ ଡାକିବାରୁ ସେ ଉଠି ନ ଥିଲେ। ଫଳରେ ସନ୍ଦେହ ହେବାରୁ କବାଟ ତାଡିବାରୁ ଦେଖାଯାଇଥିଲା ଯେ ଲକ୍ଷ୍ମୀ ବେକରେ ଶାଢି ବାନ୍ଧି ଘର ପଙ୍ଖାରେ ଝୁଲୁଛନ୍ତି। ସଙ୍ଗେ ସଙ୍ଗେ ତାଙ୍କୁ ପାଖ ଇସ୍ପାତ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତର ସେଠି ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଟାଙ୍ଗରପାଲ୍ଲୀ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ହଜିଯାଉଛି ପାରମ୍ପରିକ ୩ ଚକିଆ ରିକ୍ସା

**ରାଉରକେଲା ଅଫିସ, ୮।୧୨**

ଆଧୁନିକତାର ଦ୍ରୁତ ବିକାଶ ସାଙ୍ଗକୁ ପରିବହନ ସେବା କ୍ଷେତ୍ରରେ ନିୟୋଜିତ ବିଭିନ୍ନ କିସମର ୩ ଓ ଚାରି ଚକିଆ ଗାଡି ପାରମ୍ପରିକ ରିକ୍ସାକୁ ପଛକୁ ଠେଲି ଦେଇଛି। ଏହା ଏବେ ହଜିବାକୁ ବସିଲାଣି। ଦିନେ ଗାଁ ଗହଳିଠାରୁ ସହର ବଜାର ସବୁଠି ରହିଥିଲା ଏହି ୩ ଚକିଆ ପାରମ୍ପରିକ ରିକ୍ସାର ଚାହିଦା। ପିଲା ବିଦ୍ୟାଳୟକୁ ଯାଆନ୍ତୁ କି ଚାକିରିଆ ସହରରୁ ଗାଁକୁ ଫେରନ୍ତୁ ଆଗ ଖୋଜା ପଡୁଥିଲା ରିକ୍ସା। ଆଜିକାଲି ଆଉ ସେ କଥା ନାହିଁ। କେବଳ ସହର ନୁହେଁ ବରଂ ଗାଁ ଛକରେ ବି ଯନ୍ତ୍ର ଚାଳିତ ଅଟୋ ରିକ୍ସାର ଗହଳି ଦେଖିବାକୁ ମିଳୁଛି। ଏମିତି ଅବସ୍ଥାରେ ରିକ୍ସା ଲୋକଙ୍କ ମାନସ ପଟରୁ ହଜିବାରେ ଲାଗିଛି। ଦିନେ ଷ୍ଟିଲ ସିଟି ରାଉରକେଲାର ପୁରୁଣା ବସଷ୍ଟାଣ୍ଡଠୁ ନେଇ ରେଳ ଷ୍ଟେଶନ ଭଳି କେତେକ ଅଞ୍ଚଳରେ ମାଳମାଳ ରିକ୍ସା ଧାଡି ଦେଖିବାକୁ ମିଳୁଥିଲା। ଏବେ ଏସବୁ ସ୍ଥାନରେ ଅଟୋ, କାର ଭିଡ ଲାଗୁଛି। ରିକ୍ସାବାଲାଙ୍କ ସ୍ୱର ଆଉ ଶୁଣା ଯାଉନି। ଏସବୁ ସ୍ଥାନରେ କାଁ ଭାଁ ଗୋଟେ ଯୋଡେ ରିକ୍ସା ଛିଡା ହେବା ନଜରକୁ ଆସୁଛି। ଆଖିରୁ ପାଣି ମରିଗଲେ ବି ଗ୍ରାହକଙ୍କ ଦେଖା ମିଳୁନି। ବ୍ୟସ୍ତବହୁଳ ଦୁନିଆରେ ରିକ୍ସା ଭଳି ପାରମ୍ପାରିକ ପୁରୁଣା ଯାନ ଯେମିତି ଆଲୋଡା ହୋଇପଡିଛି।



ଟ୍ରାଫିକ୍ ଛକ ଷ୍ଟାଣ୍ଡରେ କମ୍ ସଂଖ୍ୟକ ରିକ୍ସା।

କେତେ ଜଣ ରିକ୍ସା ଚାଳକ ନିଜ ବେଉସାରୁ ଆଖି ଫେରାଇ ପାରୁନାହାଁନ୍ତି। ଏମାନେ ନିଜ ଭଙ୍ଗା ଦଦରା ରିକ୍ସା ରାସ୍ତା ପାର୍ଶ୍ୱରେ ରଖି ଗ୍ରାହକ ଅପେକ୍ଷାରେ ପଡି ରହୁଛନ୍ତି। ରୋଜଗାରରେ ଆଉ ପେଟ ପୁରୁନି।

ଧାଁ ଦଉଡ ଦୁନିଆରେ ଲୋକେ ଆଉ ପଛରେ ରହିବାକୁ ଚାହୁଁ ନାହାଁନ୍ତି। ଏଣୁ ଶୀଘ୍ର ଘରେ ପହଞ୍ଚିବାକୁ ଯାତ୍ରୀଙ୍କ ମଧ୍ୟରେ ବ୍ୟାକୁଳତା ପରିଲକ୍ଷିତ ହେଉଛି। ଫଳରେ ରିକ୍ସାର ସ୍ଥାନ ନେଇଛି ଯନ୍ତ୍ର ଚାଳିତ ଯାନ। ବଜାରରୁ ପୁରୁଣା ରିକ୍ସା ହଜିବାକୁ ବସିଲାଣି। ନୂଆ ରିକ୍ସା ମାର୍କେଟକୁ ଆସିବା ସ୍ୱପ୍ନ ପାଲଟିଛି। ନୂଆ ପିଢି ଏଥିପ୍ରତି ସମ୍ପୂର୍ଣ୍ଣ ଅନାଗ୍ରହୀ। ଟଙ୍କା ୧୫ ହଜାର ନ ହେଲେ ନୂଆ ରିକ୍ସା ଖଣ୍ଡେ କିଣିବା ସମ୍ଭବ ନୁହେଁ। ଅନ୍ୟ ଗାଡି ଭଳି ରିକ୍ସା କିଣିବାକୁ ବ୍ୟାଙ୍କ ଋଣ ଦୁର୍ଲଭ। ଏଣୁ ଗରିବ ରିକ୍ସା ଚାଳକଟି ନୂଆ ରିକ୍ସା ପାଇଁ କେବେ ଆଗ୍ରହ ପ୍ରକାଶ କରେନି। ପରିବର୍ତ୍ତିତ ପରିସ୍ଥିତିରେ ବ୍ୟାପକ ପ୍ରଦୂଷଣ ସହରବାସୀଙ୍କ ଚିନ୍ତା ବଢାଉଛି। ରାଜଧାନୀ ନୂଆଦିଲ୍ଲୀ ଭଳି ସ୍ଥାନରେ ବ୍ୟାପକ ସଂଖ୍ୟାରେ ଗାଡି ଚଳାଚଳ ଯୋଗୁ ଉତ୍ପନ୍ନ ସମସ୍ୟା ଏହାର ସଦ୍ୟ ଉଦାହରଣ ପାଲଟିଛି। ଏମିତି ଅବସ୍ଥାରେ ଲୋକେ ସଚେତନ ହେଲେ ରିକ୍ସାକୁ ପରିବହନ ବ୍ୟବସ୍ଥାର ବିକଳ୍ପ ଭାବେ ଗ୍ରହଣ କରାଯାଇ ପାରନ୍ତା। ଏହି ପାରମ୍ପରିକ ଯାନ ଚଳାଚଳ ନେଇ ପ୍ରୋତ୍ସାହନ ମିଳିଲେ ଲୋକେ ଏହାର ଗୁରୁତ୍ୱ ବୁଝନ୍ତେ। ନିକଟ ଅଞ୍ଚଳକୁ ଯାତାୟତ କରୁଥିବା ଯାତ୍ରୀ, ପଥଚାରି, ସ୍କୁଲ କଲେଜ ଛାତ୍ରୀଛାତ୍ର ଯଦି ରିକ୍ସାକୁ ପ୍ରାଥମିକତା ପ୍ରଦାନ କରନ୍ତେ ତେବେ ଏହା ଏକାସାଙ୍ଗରେ ଖର୍ଚ୍ଚକାଟ ସାଙ୍ଗକୁ ପ୍ରଦୂଷଣ ଓ ଦୁର୍ଘଟଣା ରୋକି ପାରନ୍ତା ବୋଲି ନିଜ ବେଉସା ବଞ୍ଚାଇ ରଖିଥିବା କେତେଜଣ ରିକ୍ସା ଚାଳକ ମତ ପ୍ରକାଶ କରିଛନ୍ତି। ସେକ୍ଟର- ୨ ଅଞ୍ଚଳର ୬୫ ବର୍ଷୀୟ ରିକ୍ସା ଚାଳକ କାର୍ତ୍ତିକ କୁମ୍ଭାର, ମହତାବ ରୋଡର ଦୀପ ଚୌଧୁରୀ(୩୩), ରିକ୍ସାକୁ ନିଜ ଘର କରି ବଞ୍ଚିଥିବା ଜିତେନ ମଲାକାର(୬୧), ଟ୍ରାଫିକ ଗେଟ ଅଞ୍ଚଳର ରିକ୍ସା ଚାଳକ ବ୍ରହ୍ମା କେଛୁଆ(୪୫) ପ୍ରମୁଖ ଏହି ବେଉସାରୁ ମୁହଁ ଫେରାଇବାକୁ ବସିଲେଣି। ତାଙ୍କ ମତରେ ଆଜିକାଲି ସମସ୍ତେ ଅଟୋ, କାର ଉପରେ ନିର୍ଭର କରୁଛନ୍ତି। ଆମ ପୁରୁଣା କାଳିଆ ରିକ୍ସା ଆଉ କାହାକୁ ଆକର୍ଷଣ କରି ପାରୁନି। କିନ୍ତୁ ଲୋକେ ବୁଝୁ ନାହାଁନ୍ତି ଯେ ଯେତେବେଳେ ଅଧିକ ରିକ୍ସା ଚାଲୁଥିଲା ସେତେବେଳେ ଦୁର୍ଘଟଣା ସଂଖ୍ୟା ପ୍ରାୟ କମ ଥିଲା। ଜଣେ ହୁଏତ ବିଳମ୍ବରେ ଘରେ କିମ୍ବା ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରେ କିନ୍ତୁ ଏହା ନିଶ୍ଚିତ ଭାବେ ସୁରକ୍ଷିତ ଯାତ୍ରା ବୋଲି ଆମେ କହିବୁ। ପୁଣି ଦିନ ଆସିବ ଲୋକେ ଆମକୁ ଖୋଜିବେ, ମନେ ପକାଇବେ। ସେତେବେଳକୁ ହୁଏତ ରିକ୍ସା ଚାଳକଙ୍କୁ ତାଲିମ ନେବାକୁ ପଡିପାରେ। ଏଣୁ ଏ ଦିଗରେ ଧ୍ୟାନ ଦିଆଯିବା ଆବଶ୍ୟକ। ସୁସ୍ଥ ପରିବେଶ ପାଇଁ ଲଢୁଥିବା ଆଇନଜିବୀ ସଦାନନ୍ଦ ସାହୁ କହନ୍ତି, ଯଥା ସମ୍ଭବ ଆବଶ୍ୟକତାକୁ ଦୃଷ୍ଟିରେ ରହି ପ୍ରଦୂଷଣ ବିହୀନ ଏଭଳି ପାରମ୍ପରିକ ଗାଡିର ଉପଯୋଗ କରାଗଲେ ଆମେ ନିଶ୍ଚିତ ସୁଫଳ ପାଇ ପାରିବା।

## ରେଙ୍ଗାଲପାଲିରେ ଫୁଟବଲ ମ୍ୟାଚ୍

# ରେଙ୍ଗାଲପାଲିକୁ ହରାଇ ସମ୍ବଲପୁର ବିଜୟୀ

**କୋଲାବିରା, ୮।୧୨ (ଡି.ଏନ.ଏ.)**

ଝାରସୁଗୁଡା ଜିଲା କୋଲାବିରା ବ୍ଲକ ଅନ୍ତର୍ଗତ ସୋଡାମାଲ ପଞ୍ଚାୟତର ରେଙ୍ଗାଲପାଲିରେ ୩୧ତମ ଫକୀରମୋହନ ଏକ ଦିବସୀୟ ଫୁଟବଲ ପ୍ରତିଯୋଗିତା ଆନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଏନଏଲ ଯୁବକସଂଘ ରେଙ୍ଗାଲପାଲି, ବଜରଙ୍ଗୀ ଇଲେଭେନ,ବିଏଫସି ମନ୍ତ୍ରୀମୁଣ୍ଡା, ବୀର ସିଂ କ୍ଲବ ସାରେସମାଲ, ମହାବୀର କ୍ଲବ ସମ୍ବଲପୁର, ଗଣେଶ ଇଲେଭେନ, ଆଦିବାସୀ କ୍ଲବ ବଡପଡା ଏବଂ ରାଜପୁର ମଝାପଡାର ୮ଟି ଫୁଟବଲ ଦଳ ଭାଗ ନେଇଥିଲେ। ପ୍ରଥମ ସେମିଫାଇନାଲରେ ବୀର ସିଂ କ୍ଲବ ସାରେସମାଲକୁ ପରାଜିତ କରି ଏନଏଲ ଯୁବକ ସଂଘ ରେଙ୍ଗାଲପାଲି ବିଜୟୀ ହୋଇଥିଲା। ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ରାଜପୁର ମଝାପଡା ଏବଂ ମହାବୀର କ୍ଲବ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜପୁରକୁ ହରାଇ ମହାବୀର କ୍ଲବ ବିଜୟୀ ହୋଇଥିଲା। ଚୂଡାନ୍ତ ମ୍ୟାଚ ମହାବୀର କ୍ଲବ ଏବଂ ଏନଏଲ ଯୁବକସଂଘ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ପେନାଲଟି ସୁଟ୍ ଆଉଟ ଜରିଆରେ ୪-୩ ଗୋଲରେ ଏନଏଲ ଯୁବକ ସଂଘ ରେଙ୍ଗାଲପାଲିକୁ ହରାଇ ମହାବୀର କ୍ଲବ ସମ୍ବଲପୁର ବିଜୟୀ ଘୋଷିତ ହୋଇଥିଲା। ପେଫରୀ କୌଶିକ ଭୋଇ, ଅମୀୟ ପଟେଲ, ରାଜକୁମାର ମଣ୍ଡଲ, ମିତ୍ରଭାନୁ ନାଏକ, ତ୍ରିଲୋଚନ ମାଝି, ମନୋଜ ବେହେରା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ରେଙ୍ଗାଲପାଲି ଗ୍ରାମର ଦେବେନ ବାଦି, ବିନୟ ଭୋଇ, ଶିବଶଙ୍କର ଛତ୍ରିଆ, ମଣ୍ଟୁ ନାଏକ, ବାବଲୁ ଦହୁରା, ମୋହନ ନାଏକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପୁରସ୍କାର ବିରତଣ ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଝାରସୁଗୁଡା ବିଧାୟକ ନବ କିଶୋର ଦାସ, କୋଲାବିରା ବ୍ଲକ ଅଧକ୍ଷା ଜୟନ୍ତୀ ବାହୁକ, ସୋଡାମାଲ ସରପଞ୍ଚ ସୁଷମା ବାହୁକ, ପ୍ରଧାନ ଶିକ୍ଷକ ପ୍ରୀତିରଞ୍ଜନ ବୁଡା, ଶିକ୍ଷକ ସୁମନ୍ତ କୁମାର ନାଏକ ପ୍ରମୁଖ ଯୋଗ ଦେଇ ବିଜୟୀ ଏବଂ ଉପ ବିଜେତା ଦଳକୁ ନଗଦ ଅର୍ଥ ସହ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ।

# ଚାଷୀଙ୍କ ଉପରେ ଛତିଶଗଡ଼ ପୋଲିସର ଦାଦାଗିରି

## ଜିଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ

**ଲଖନପୁର, ୮।୧୨ (ଡି.ଏନ୍.ଏ.)**

ଓଡିଶାବାସୀଙ୍କ ଉପରେ ଛତିଶଗଡ ପୋଲିସ ବିଭିନ୍ନ ସମୟରେ କୌଣସି ଦୋଷ ନ ଥାଇ ଅଯଥାରେ ମାମଲାରେ ଛନ୍ଦି ହଇରାଣ ହରକତ କରିଥିବା ପୂର୍ବରୁ ନଜିର ରହିଛି। ଏହା ଛତିଶଗଡ ପୋଲିସର ଦାଦାଗିରି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରି ଆସୁଛନ୍ତି। ପୁଣି ଏଭଳି ଏକ ଅଭିଯୋଗ କରିଛନ୍ତି ସୀମାର କନକତୋରା ଗ୍ରାମର ଭାଗଚାଷୀ ମନୋଜ ମେହେର। ଗତ ଶନିବାର ସନ୍ଧ୍ୟାରେ ସେ ଧାନ ଅମଳ କରି ଗାଡିରେ ଘରକୁ ଆଣୁଥିଲେ। ଏହି ସମୟରେ ଛତିଶଗଡ ଜୁର୍ମିଲ୍ ଥାନା ପୋଲିସ ପହଞ୍ଚି ଧାନ ବୋଝେଇ ଗାଡି ଜବତ କରିବା ସହ ତାଙ୍କୁ ଥାନାରେ ଅଟକ ରଖିଥିଲା। ଜବତ ଗାଡିର କାଗଜପତ୍ର ସାଙ୍ଗକୁ ଧାନର ପ୍ରମାଣପତ୍ର ଦେଖାଇବାକୁ କହିଥିଲା। ଏ ନେଇ ମନୋଜ ଓ ସ୍ଥାନୀୟ ବାସିନ୍ଦା ରେଙ୍ଗାଲି ଥାନାରେ ଛତିଶଗଡ ପୋଲିସର ଦାଦାଗିରିକୁ ନେଇ ରବିବାର ଅଭିଯୋଗ କରିଛନ୍ତି। ଜିଲାପାଳ ସରୋଜ କୁମାର ସାମଲଙ୍କ ନିର୍ଦ୍ଦେଶକ୍ରମେ ଜିଲା ଯୋଗାଣ ବିଭାଗ ଓ ରେଙ୍ଗାଲି ଥାନା ପୋଲିସ ତରଫରୁ ତଦନ୍ତ ଆରମ୍ଭ ହୋଇଛି। ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ରଘୁନାଥ ପାତ୍ର, କୀର୍ତ୍ତନ ବେହେରା ଓ ଆଇଆଇସି ଦାନିୟଲ କେର୍କେଟା ପ୍ରମୁଖ ଅଧିକାରୀମାନେ କନକତୋରାରେ ପହଞ୍ଚି ଭାଗଚାଷୀ ମନୋଜ, ପ୍ରକୃତ ଜମି ମାଲିକ କୁନ୍ଦନ ସିଂହଦେଓ ଓ ସ୍ଥାନୀୟ ଚାଷୀଙ୍କୁ ଘଟଣା ସମ୍ପର୍କରେ ପଚରା ଉଚରା କରି ଫେରିଛନ୍ତି। ଏ ସମ୍ପର୍କରେ ଜାଣିବା ପାଇଁ ରେଙ୍ଗାଲି ଥାନା ପୋଲିସ ଛତିଶଗଡ ରାୟଗଡ ଜୁର୍ମିଲ୍ ଥାନା ପୋଲିସ ସହିତ ଯୋଗାଯୋଗ ଚଳାଇଛି। ଯୋଗାଯୋଗ କଲାପରେ ପ୍ରକୃତ କାରଣ ଜଣାପଡିବ ବୋଲି ତଦନ୍ତକାରୀ ପୋଲିସ୍ ଅଧିକାରୀ କେର୍କେଟା କହିଛନ୍ତି। ଛତିଶଗଡ ପୋଲିସ ଦୋଷ ସ୍ୱୀକାର ନ କଲେ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।



ପୋଲିସ ଧାନ ବୋଝେଇ ଗାଡି ସହ ଭାଗଚାଷୀ ମନୋଜ ମେହେରଙ୍କୁ ଅଟକ ରଖିଛି।





ଦତ୍ତୋପନ୍ତ ଠେଙ୍ଗଡିଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ମଞ୍ଚାସୀନ ଅତିଥି।

# ବିଏମ୍ଏସ୍ ପ୍ରତିଷ୍ଠାତା ଦତ୍ତୋପନ୍ତ ଠେଙ୍ଗଡି ଜନ୍ମ ଶତବାର୍ଷିକୀ

**ରାଉରକେଲା ଅଫିସ, ୮।୧୨**

ସେକ୍ଟର- ୪ ଠାରେ ଥିବା ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆର୍ଆଇକେକେଏସ୍) ପକ୍ଷରୁ ରବିବାର ବିଏମ୍ଏସ୍ (ଭାରତୀୟ ମଜଦୁର ସଂଘ) ପ୍ରତିଷ୍ଠାତା ଦତ୍ତୋପନ୍ତ ଠେଙ୍ଗଡିଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ପାଳିତ ହୋଇଯାଇଛି। ଠେଙ୍ଗଡିଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ସଙ୍ଗଠନ ସଭାପତି ବିବେକାନନ୍ଦ ମହାନ୍ତ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମହାନ୍ତ ଠେଙ୍ଗଡିଙ୍କ ବିଚାରଧାରାକୁ ତୃଣମୂଳ ସ୍ତରରେ ପହଞ୍ଚାଇବାକୁ ଗୁରୁତ୍ୱ ପ୍ରଦାନ କରିଥିଲେ। ସର୍ବଭାରତୀୟ ଷ୍ଟିଲ ସଂଯନ୍ତ୍ର ସାଧାରଣ ସମ୍ପାଦକ ରାଜେନ୍ଦ୍ରନାଥ ମହାନ୍ତ ବକ୍ତବ୍ୟ ପ୍ରଦାନ କରି ସଙ୍ଗଠନକୁ ଶକ୍ତିଶାଳୀ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ସର୍ବଭାରତୀୟ ସଂଘର୍ଷ ବାହିନୀ ପ୍ରମୁଖ ଅନ୍ନଦା ପାଣିଗ୍ରାହୀ ଏଥିରେ ବକ୍ତବ୍ୟ ପ୍ରଦାନ କରି ମାନବିକ ବିଚାରର ପ୍ରକୃତ ପରିଭାଷା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସେ ବିଶ୍ୱ ଅର୍ଥନୀତି ଉପରେ ଆଲୋକପାତ କରି ଏନେଇ ଠେଙ୍ଗଡିଙ୍କ ଅବଦାନ ସମ୍ପର୍କରେ କହିଥିଲେ। ସାମ୍ପ୍ରତିକ ଭୋଗବାଦ ଅର୍ଥନୈତିକ ବାବଦରେ ନପଡିବା ଉଚିତ ହେବ ବୋଲି ସେ କହିଥିଲେ। ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ମୁଖ୍ୟବକ୍ତା କୃଷ୍ଣଚନ୍ଦ୍ର ମିଶ୍ର ବିଏମ୍ଏସ୍ ପ୍ରତିଷ୍ଠାର ଦୀର୍ଘ ଇତିହାସ ସମ୍ପର୍କରେ ଆଲୋଚନା କରି ଠେଙ୍ଗଡିଙ୍କ ତ୍ୟାଗ ଓ ନିଷ୍ଠା କିପରି ବିଏମଏସକୁ ପ୍ରତିଷ୍ଠା ଆଣି ଦେଇଥିଲା ସେନେଇ ଆଲୋଚନା କରିଥିଲେ। ଏହି ଅବସରରେ ସେ ବାମପନ୍ଥୀ ୟୁନିୟନର ସ୍ଥାୟିତ୍ୱ ନେଇ ଆଶଂକା ବ୍ୟକ୍ତ କରିଥିଲେ। ଶ୍ରମିକ ରାଜନୀତି ନେଇ ସ୍ୱର୍ଗତ ଠେଙ୍ଗଡିଙ୍କ ଭବିଷ୍ୟବାଣୀ ତାଙ୍କ ବିଚକ୍ଷଣତାକୁ ଆଜି ପ୍ରତିପାଦିତ କରିଛି ବୋଲି ମିଶ୍ର ପ୍ରକାଶ କରିଥିଲେ। ଏହି ଅବସରରେ ସେ ଇସ୍ପାତ ଶିଳ୍ପର ଘରୋଇକରଣକୁ ତୀବ୍ର ବିରୋଧ କରିଥିଲେ। ସେ ଆହ୍ୱାନ ଦେଇ କହିଥିଲେ ଦେଶର ଉଚ୍ଚ ଶିକ୍ଷିତ ବର୍ଗ ବିଦେଶୀ ମୁହାଁ ନହୋଇ ନିଜ ଦେଶ ମାତୃକା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆରଆଇକେକେଏସର ସାଧାରଣ ସମ୍ପାଦକ ହିମାଂଶୁ ବଳ ମଞ୍ଚ ପରିଚାଳନା କରିଥିଲେ। ଜିଲା ସମ୍ପାଦକ ଅମର ଜୟସୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସମରେନ୍ଦ୍ର ମହାନ୍ତ, ବିକାଶ ହାଲଦାର, ଅଭିମନ୍ୟୁ ମହାପାତ୍ର, ରଞ୍ଜନ ବାରିକ, ସଞ୍ଜିବ ପତି, ଗୁରୁଚରଣ ମହାନ୍ତି, ରାଜେଶ ଦାସ, ଲଳିତ ଜେନା, ସରୋଜ ପଣ୍ଡା, ସୁବାଶ ପାଢ଼ି, ଅକ୍ଷୟ ଧଜ, ପ୍ରଦୀପ ସାହୁ, ରାମଚନ୍ଦ୍ର ହାଁସଦା, ମାନସ ଦାସ, ସତ୍ୟାନନ୍ଦ ଦାସ, ଉମାକାନ୍ତ ସାମାଲ,ତୈଲୋକ୍ୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୩୦ ମହିଳାଙ୍କୁ ଛତୁ ଚାଷ ତାଲିମ

**କୋଲାବିରା, ୮।୧୨ (ଡି.ଏନ.ଏ.)**

କୋଲାବିରା ବ୍ଲକ ସୋଡାମାଲ ପଞ୍ଚାୟତର ରେଙ୍ଗାଲପାଲି କ୍ଲବରେ ଟିଆରଏଲ ଏସବିଆଇ, ଆଏସଇଟିଆଇ ପକ୍ଷରୁ ରେଙ୍ଗାଲପାଲି ଗ୍ରାମର ୩୦ ଜଣ ଏସଏଚଜିସଭ୍ୟାଙ୍କୁ ନେଇ ୧୦ଦିନ ଧରି ଚାଲିଥିବା ଛତୁ ଚାଷ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ବ୍ଲକ ଅଧକ୍ଷା ଜୟନ୍ତୀ ବାହୁକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅଂଶଗ୍ରହଣ କରିଥିବା ସଭ୍ୟାଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାସିଂହା ପଞ୍ଚାୟତ ଏମ୍‌ବିକେ ନନ୍ଦିତା ନାଏକ, ଟିଆରଏଲ ଅଧିକାରୀ ରାଜକୁମାର ସାହୁ, ରଜନୀରାଣୀ ନାଏକ, ପ୍ରଶିକ୍ଷକ ଗଣେଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ତାଲିମ ଶିବିରକୁ ରେଙ୍ଗାଲପାଲି ସିଆରପି ସୁଷମା କରାଲି ପରିଚାଳନା କରିଥିଲେ।





ଛତୁଚାଷ ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଏସ୍ଏଚ୍‌ଜି ମହିଳାମାନେ।

# ପ୍ରଶାସନିକ ଅବ୍ୟବସ୍ଥାକୁ ସମାଲୋଚନା

**ରାଉରକେଲା ଅଫିସ, ୮।୧୨**

ବିଭିନ୍ନ ଦାବି ନେଇ ଭାରତୀୟ ମଜଦୁର ସଂଘ ସହବନ୍ଧିତ ଅଲ ଓଡିଶା ଅଙ୍ଗୱାଡି କର୍ମଚାରୀ ସଂଘ ପକ୍ଷରୁ ସୋମବାର ଆନ୍ଦୋଳନ ପ୍ରସ୍ତୁତି ଚାଲିଥିବା ବେଳେ କର୍ମଚାରୀଙ୍କୁ ଜିଲା ପ୍ରଶାସନ ଆଖି ଦେଖେଇବା ଘଟଣାକୁ ସଂଘ ଦୃଢ ବିରୋଧ କରିଛି। ଏନେଇ ରବିବାର ସେକ୍ଟର- ୪ ବିଏମଏସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସରକାରଙ୍କ ପଦକ୍ଷେପକୁ ଦୃଢ ବିରୋଧ କରାଯାଇଛି। ଅଙ୍ଗନୱାଡି କର୍ମୀଙ୍କ ମନୋବଳ ଭାଙ୍ଗିବାକୁ ବିଭାଗ ପକ୍ଷରୁ ଚିଠି ପଠାଯିବା ଘଟଣା ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ବୋଲି କହିଥିଲେ ମଞ୍ଚାସୀନ କର୍ମକର୍ତ୍ତା। ଏଥିରୁ ପ୍ରଶାସନ କ୍ଷାନ୍ତ ନ ରହିଲେ ତୀବ୍ର ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ବିବେକାନନ୍ଦ ମହାନ୍ତ, ଅମର ଜୟସ୍ୱାଲ, ମାନସୀ ଦାସ, ରାଜେନ୍ଦ୍ର ମହାନ୍ତ ଓ ହିମାଂଶୁ ଭଳ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

## କୋଲ୍ ଇଣ୍ଡିଆ ଅତିରିକ୍ତ ସେକ୍ରେଟାରୀଙ୍କ ଏମ୍‌ସିଏଲ୍ ଗସ୍ତ

# କୋଇଲା ଉତ୍ପାଦନକୁ ନେଇ ଗୁରୁତ୍ୱାରୋପ

## ■ ବିସ୍ଥାପିତ ସଂଗ୍ରାମ ସମିତି ତରଫରୁ ଦାବିପତ୍ର ପ୍ରଦାନ

**ଲଖନପୁର, ୮।୧୨ (ଡି.ଏନ୍.ଏ.)**

ଦେଶରେ କୋଇଲାର ବ୍ୟବହାରିକ ଚାହିଦା ରହିଥିବାବେଳେ ବିଭନ୍ନ କାରଣରୁ କୋଇଲା ଉତ୍ପାଦନରେ ବାଧାସୃଷ୍ଟି ହେଉଛି। କୋଇଲା ଉତ୍ପାଦନ ହୋଇ ନ ପାରିବାରୁ ଆବଶ୍ୟକତା ପୂରଣ ହୋଇପାରୁନାହିଁ। ଏନେଇ ଏବେ କୋଲ୍ ଇଣ୍ଡିଆ ଚିନ୍ତାରେ ରହିଛି। ଏହାକୁ ଦୃଷ୍ଟିରେରଖି କୋଲ୍‌ଇଣ୍ଡିଆ ଅତିରିକ୍ତ ସେକ୍ରେଟାରୀ ଭି କେ ତିୱାରୀ, କୋଲ୍‌ଇଣ୍ଡିଆ ଚେୟାରମ୍ୟାନ୍ ଏକେ ଝା ପ୍ରମୁଖ ଉଚ୍ଚପଦସ୍ଥ ଅଧିକାରୀ ରବିବାର ଏମ୍‌ସିଏଲ୍‌କୁ ଦିନିକିଆ ଗସ୍ତରେ ଆସି ବିଭିନ୍ନ ଖଣି ଅଞ୍ଚଳ ପରିଦର୍ଶନ କରି ଫେରିଛନ୍ତି। ଏହି ଗସ୍ତ ସମୟରେ ଏମ୍‌ସିଏଲ୍ ସିଏମ୍‌ଡି ବିଏନ୍ ଶୁକ୍ଳା, ଲଖନପୁର ପ୍ରବନ୍ଧକ ଅନିଲ କୁମାର ସିଂହ, ଲଖନପୁର ଖଣି ପ୍ରକଳ୍ପ ଅଧିକାରୀ ଅରୁଣ କୁମାର ସ୍ୱର୍ଣ୍ଣକର, ବେଲପାହାଡ ଖଣି ପ୍ରକଳ୍ପ ଅଧିକାରୀ ୟୁରେନ୍ ପଟ୍ଟନାୟକ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ । ପ୍ରଥମେ ଅଧିକାରୀମାନେ ବେଲପାହାଡ ଖୋଲାମୁହଁ କୋଇଲାଖଣି ୫ନଂ କ୍ୱାରୀ, ଲଖନପୁର ଖୋଲାମୁହଁ କୋଇଲାଖଣି ୬ନଂ, ୪ନଂ ଓ ୧ନଂ, ସମଲେଶ୍ୱରୀ ଖୋଲାମୁହଁ କୋଇଲାଖଣି ଆଦି କ୍ୱାରୀ ପରିଦର୍ଶନ କରିଥିଲେ। କୋଇଲା ଉତ୍ପାଦନକୁ ନେଇ ଅତିରିକ୍ତ ସେକ୍ରେଟାରୀ ତିୱାରୀ ଓ ଚେୟାରମ୍ୟାନ୍ ଏମ୍‌ସିଏଲ୍ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ବିସ୍ଥାପନ ସମସ୍ୟାକୁ ନେଇ ବିଭିନ୍ନ ସମୟରେ କୋଇଲା ଉତ୍ପାଦନ ବାଧାପ୍ରାପ୍ତ ହେଉଛି । ଏହାର ସମାଧାନ ଦିଗରେ କମ୍ପାନୀ ପଦକ୍ଷେପ ଗ୍ରହଣ କରିବା ପାଇଁ ଉଭୟ ଅଧିକାରୀ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଖବର ପାଇ ଲଖନପୁର କୋଇଲାଖଣି ବିସ୍ଥାପିତ ସଂଗ୍ରାମ ସମିତି ସଭାପତି ବିରଞ୍ଚି ସାହୁ, ଚତୁର୍ଭୁଜ ସାହୁ, କିଷନ କୁମାର ସାହୁ, ବିଜେକାନ୍ତ ସା, ଜିଜ୍ଞାଂଶୁ ଶେଖର ବାରିକ ପ୍ରମୁଖ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଲୋକେ ଅତିରିକ୍ତ ସେକ୍ରେଟାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦୀର୍ଘ ଦିନ ହେଲାଣି ସ୍ଥାନୀୟ ଲୋକେ କୋଇଲାଖଣିରେ ଜମିବାଡି, ଘରଦ୍ୱାର ସର୍ବସ୍ୱ ହରାଇଲେଣି। ସେମାନଙ୍କୁ ନିଜର ହକ୍ ଦିଆ ନ ଯାଇ ହଇରାଣ ହରକତ କରାଯାଉଛି ବୋଲି ଅଭିଯୋଗ କରିଥିଲେ। ଏହାର ସମାଧାନପାଇଁ କୋଲ୍‌ଇଣ୍ଡିଆ ଚେୟାରମ୍ୟାନ୍ ଝା ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଲୋକେ କୋଲ୍‌ଇଣ୍ଡିଆ ଅତିରିକ୍ତ ସେକ୍ରେଟାରୀ ଓ ଚେୟାରମ୍ୟାନ୍‌ଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଗୋପୀନାଥ



ଲୋକେଶ



ଡିପେନ୍ଦ୍ର



ପ୍ରଭାତ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

## ୩ ବଖରା ଘର, ୫୦ ବସ୍ତା ଧାନ ଜଳିଗଲା

ରେଢାଖୋଲ ୮।୧୨(ଡି.ଏନ.ଏ) ରେଢାଖୋଲ ଥାନା ଅଧୀନ ବେତଗଡ ଗାଁରେ ରବିବାର ଅପରାହ୍ନ ୨ଟା ବେଳେ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଛି। ଗାଁର ଚନ୍ଦ୍ରା ନାୟକ ନାମକ ବ୍ୟକ୍ତିଙ୍କ ଘରେ ନିଆଁ ଲାଗି ୩ବଖରା ଘର ଜଳି ଯାଇଛି। ଏହାସହ ଘର ଭିତରେ ଥିବା ୫୦ ବସ୍ତା ଧାନ ସହିତ ଅନ୍ୟାନ୍ୟ ଆସବାବପତ୍ର ସଂପୂର୍ଣ୍ଣ ପୋଡି ପାଉଁଶ ହୋଇ ଯାଇଛି। ୨ଟି ଧାନଖଳା ମଧ ପୋଡି ଯାଇଛି। ଖବର ପାଇ ରେଢାଖୋଲ ଅଗ୍ନିଶମ ବିଭାଗ କର୍ମଚାରୀ ଦମକଳ ସହ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ସେତେବେଳକୁ ସବୁ ପୋଡି ଛାରଖାର ହୋଇଯାଇଥିଲା। ସେହିପରି ଭୁବନ ଦେହୁରୀଙ୍କ ଖଳାରେ ଥିବା ୧୦ ବସ୍ତା ଧାନ ସହ ପାଳଗଦା ମଧ ସମ୍ପୂର୍ଣ୍ଣ ପୋଡି ଯାଇଥିଲା।

## ଗୋଟିଏ ରାତିରେ ୪ ଦୋକାନରୁ ଚୋରି

ପଡିଆବାହାଲ, ୮।୧୨ (ଡି.ଏନ.ଏ.) ସମ୍ବଲପୁର ଜିଲା ପଡିଆବାହାଲରେ ଶନିବାର ରାତିରେ ୪ଟି ଦୋକାନରୁ ଚୋରି ହୋଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ଷ୍ଟେଟ ବ୍ୟାଙ୍କ ସମ୍ମୁଖ ଏକ ପାନ ଦୋକାନ, ଦୁର୍ଗାମଣ୍ଡପ ପାଖ ଅନ୍ୟ ଏକ ପାନ ଦୋକାନ, କଲେଜ ରୋଡସ୍ଥିତ ଜଗ ରୋହିଦାସଙ୍କ ମୋବାଇଲ ଦୋକାନ ଏବଂ ମୁଖ୍ୟ ରାସ୍ତାକଡର ଏକ ପାନ ଦୋକାନରୁ ଏହି ଚୋରି ହୋଇଛି। ଦୁର୍ବୃତ୍ତ କବାଟ ତାଡି ପାନ ସାମଗ୍ରୀ, ସିଗାରେଟ ପ୍ୟାକେଟ, ଚକଲେଟ, ମୋବାଇଲ ପାର୍ଟ୍ସ ପ୍ରଭୃତି ଚୋରି କରି ନେଇଛନ୍ତି ବୋଲି ଏତଲାରେ ଦୋକାନୀ ଦର୍ଶାଇଛନ୍ତି। ତେବେ ପୂର୍ବରୁ ମଧ ଅନେକ ଚୋରି ଘଟଣାରେ ପୋଲିସ କାହାକୁ ଧରି ପାରିନି, ଯାହା ପୋଲିସର ଅପାାଗତାକୁ ଦର୍ଶାଉଛି। କିଛି ଦିନ ବ୍ୟବଧାନ ପରେ ଦୁର୍ବୃତ୍ତ ପୁଣି ସକ୍ରିୟ ହୋଇ ଉଠିଛନ୍ତି। ରାତିରେ ପୋଲିସ ପାଟ୍ରୋଲିଂ କଡାକଡି କରିବା ସହ ଏଠାରେ ପ୍ରସ୍ତାବିତ ପୋଲିସ ଆଉଟ ପୋଷ୍ଟ ଅତିଶୀଘ୍ର ସ୍ଥାପନ କରିବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚିତା କାଟିଥାଏ ସରୁ
ଏତିକି ଲକ୍ଷଣେ ଜାଣିବ
ଏଇଟି ଘରବୁଡ଼ାଙ୍କର ଗୁରୁ।**

ଶଠ ପ୍ରକୃତିର ବ୍ୟକ୍ତି ନିଜକୁ ଚିତା ଚଇତନରେ ସଜେଇ ଅନ୍ୟକୁ ପ୍ରଭାବିତ କରିବାରେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି। ସରଳ ବିଶ୍ୱାସୀ ବ୍ୟକ୍ତି ଏପରି କପଟତାକୁ ବୁଝି ନ ପାରି ତାଙ୍କରି ଫାଶରେ ପଡ଼ିଯାଇ ଠକାମିର ଶିକାର ହୋଇଯାଇଥାନ୍ତି। ଏହି ଧରଣର ବ୍ୟକ୍ତିଙ୍କ ହାବୁଡ଼ରେ ପଡ଼ିଗଲେ ବହୁ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡୁଥିବା ସ୍ଥଳେ ଚିତାକଟା ଲୋକଙ୍କ ଏପରି ଲକ୍ଷଣ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚେହେରା ଦେଖି
ତୋଠେଇଁ ଗଳିଛି ମୋହର ଆଖି।**

ଚେହେରାରୁ ପ୍ରେମର ପରିପ୍ରକାଶ। ସାଧାରଣତଃ ସୌନ୍ଦର୍ଯ୍ୟ ପ୍ରତି ସଭିଙ୍କ ମନରେ ଦୁର୍ବଳତା ଭାବ ରହିଥାଏ। ସୁନ୍ଦରତା ଆଡକୁ ସଭିଙ୍କ ମନ ଅଚିରେ ଟାଣି ହୋଇଯାଇଥାଏ। ସୁନ୍ଦର ଚେହେରା ଦେଖି ଆଖି ଲାଖି ରହିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଆଜି କ'ଣ କେଉଁଠି

**ଦେବଗଡ**

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ତାବଡା, ରିଆମାଳ, ପୂର୍ବାହ୍ନ ୧୦ଟା।

**ରେଢାଖୋଲ**

- ଭିନ୍ନକ୍ଷମଙ୍କୁ ପରିଚୟ ପତ୍ର ବଣ୍ଟନ ଓ ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି, ବ୍ଲକ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।

**ଭେଡେନ**

- ଲକ୍ଷ୍ମୀପୂଜା ପାଇଁ କଳସ ଯାତ୍ରା, ଧୁବେନପାଲି, ପୂର୍ବାହ୍ନ ୧୦ଟା।
- ସାହାଣୀ କପ ଫୁଟବଲ ଜୋନ ଫାଇନାଲ ମ୍ୟାଚ, ରଞ୍ଜିତ ଷ୍ଟାଡିୟମ, ଅପରାହ୍ନ ୩ଟା।

**ସମ୍ବଲପୁର**

- ସିଆଇଟିୟୁ ରାଜ୍ୟସ୍ତରୀୟ ସମ୍ମିଳନୀ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଗୀତ, ନୃତ୍ୟ, ବାଦ୍ୟ ଶିକ୍ଷାରେ ସମସ୍ୟା ଓ ତାର ସମାଧାନ ଶୀର୍ଷକ ଆଲୋଚନାଚକ୍ର, ପିଏଚଡି ପଡିଆସ୍ଥିତ ଖଗେଶ୍ୱର ସେଠ ଆଲୋଚନା ଘର, ପୂର୍ବାହ୍ନ ୧୦ଟା।
- ସିଡି ପକ୍ଷରୁ ଆଲୋଚନାଚକ୍ର, ଓଡିଶା ସାଂସ୍କୃତିକ ସମାଜ ଭବନ, ପୂର୍ବାହ୍ନ ୧୧ଟା।
- ସମ୍ବଲପୁର ମହୋତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମ, ପିଏଚଡି ପଡିଆସ୍ଥିତ ମଞ୍ଚ, ସନ୍ଧ୍ୟା ୬ଟା।

## ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

ଔପଦା, ୮।୧୨ ବାଲେଶ୍ୱର ଜିଲା ଔପଦା ଅଞ୍ଚଳରୁ ଅପହରଣ କରି ନିଆଯାଇଥିବା ଜଣେ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରି ଅଭିଯୁକ୍ତ ଅପହରଣକାରୀ ଅଜୟ ମଲ୍ଲିକ(୨୫)ଙ୍କୁ ଗିରଫ କରିଛି। ଏ ନେଇ ଔପଦା ଥାନାରେ ପୋଲିସ ଏକ ମାମଲା (ନଂ. ୮୭/୧୯ ରୁଜୁ କରି ଶନିବାର ତାଙ୍କୁ କୋର୍ଟ ଚାଲାଣ କରିଛି। ଉଦ୍ଧାର ନାବାଳିକାଙ୍କୁ ପରିବାର ଜିମା ଦେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ ନାବାଳିକା ଜଣକ ଗତ ୫ ତାରିଖରେ କୌଣସି କାମ ପାଇଁ ଖଇରା ବଜାରକୁ ଯାଇ ଘରକୁ ଫେରୁଥିବା ସମୟରେ ଖଇରା ଓ ଫତେପୁର ରାସ୍ତାରୁ ତାଙ୍କୁ ଅପହରଣ କରି ନିଆଯାଇଥିଲା। ସନ୍ଧ୍ୟା ସୁଦ୍ଧା ଝିଅ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଶେଷରେ ଔପଦା ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନା ଘଟଣାର ତଦନ୍ତ କରି ଚାନ୍ଦିପୁର ଥାନା ସହାୟତାରେ ରଣସାହି ଗ୍ରାମରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଅଜୟଙ୍କୁ ଗିରଫ କରିଥିଲେ।

## ନାବାଳିକାଙ୍କୁ ଦୁର୍ବ୍ୟବହାର ଅଭିଯୁକ୍ତ ଯୁବକ ଗିରଫ

ସୋର,୮।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ କେଶପୁର ଅଞ୍ଚଳର ଜଣେ ନାବାଳିକାଙ୍କୁ ଟଣାଓଟରା କରି ଦୁର୍ବ୍ୟବହାର କରିବା ଅଭିଯୋଗରେ ସୋର ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ମାମଲା (ନଂ. ୬୨୨/୧୯) ରୁଜୁ କରାଯାଇଛି। ୬ଷ୍ଠ ଶ୍ରେଣୀରେ ପଢୁଥିବା ଏହି ନାବାଳିକା ତାଙ୍କ ସାଙ୍ଗ ପାଖକୁ ଯିବା ସମୟରେ ଅଭିଯୁକ୍ତ ଯୁବକ ବାବୁଲା ମହାନ୍ତି ତାକୁ ଗାଳିଗୁଲଜ କରି ଟଣାଓଟରା କରିଥିଲେ। ନାବାଳିକାଙ୍କ ପରିବାର ତରଫରୁ ଏ ନେଇ ଶନିବାର ସନ୍ଧ୍ୟାରେ ସୋର ଥାନାରେ ଅଭିଯୋଗ କରାଯାଇଥିଲା। ଏହି ଘଟଣାକୁ ନେଇ ଉଭୟ ପରିବାର ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୋର ପୋଲିସ ଏହାର ତଦନ୍ତ କରି ଅଭିଯୁକ୍ତ ଯୁବକ ବାବୁଲାଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିବା କହିଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

KUBER FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy Fund Received in 24 Hours
7599779418, 9599068151
B-34/A Block, Vijay Enclave, Burari, New Delhi

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସବୁ ଯୋଜନା ଅଧୀନରେ ସବୁ ବ୍ୟାଙ୍କରୁ କମ୍ କିମ୍ବା ଖରାପ CIBIL ସ୍କୋର୍‌ଧାରୀଙ୍କୁ ମଧ ଋଣ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ବ୍ୟବସାୟ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
୨% ସୁଧ - ୪୦% ରିହାତିରେ
୨୪ ଘଣ୍ଟା ମଧ୍ୟରେ ଘରେ ବସି ପାଆନ୍ତୁ
ସତ୍ୟମ୍ ଫାଇନାନ୍ସ
9953125459
9667227985
Sec-102, Sukh Complex, Noida (Delhi)

ନବବର୍ଷ ଧମାକା
ଗୋଟିଏ କଲ୍‌ରେ ଋଣ ପାଆନ୍ତୁ
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
ASF FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଆଧାରକାର୍ଡ, ବ୍ୟବସାୟ ସବୁ ପ୍ରକାର ଋଣ
1% ସୁଧ 25% ଛାଡ଼
ଘରେ ବସି ପାଆନ୍ତୁ ଅନ୍‌ଲାଇନ୍ ସୁବିଧା ଉପଲବ୍ଧ।
94634-86078
Email : financeabirami32@gmail.com
Airport Road, Gandhi Nagar, Bhopal (MP)

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

MAHESHWARI FINANCE
ବିନା ଗ୍ୟାରେଣ୍ଟିରେ ମହିଳା/ପୁରୁଷ (ଦୋକାନୀ) ୫ ଲକ୍ଷରୁ ୨୫ ଲକ୍ଷ ଲୋନ ୨% ସୁଧ ୫୦% ରିହାତି ମାର୍କଶିଟ୍ ଓ ପ୍ରପର୍ଟି ଲୋନ।
E-mail - maheshwarifinance111@gmail.com
Ph - 9716825082
9716001694

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୪୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ସରକାରୀ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9473568261

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

BUSINESS

GTL Telecom Co.
ଦ୍ୱାରା ଖାଲି ଜମି, ଛାତ, କ୍ଷେତରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ - 60,00000/-
ଭଡ଼ା - 25,000/-
ଅନ୍ୟାନ୍ୟ ସୁବିଧା (ମାସିକ 15000/-)
ମେଡିକାଲ + ବୀମା ଫ୍ରି
9450647834
7027273944
Network Vision, ITC Industrial Area, Navi Mumbai, Maharashtra.

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ASTROLOGY

ASTRO / VASTU
ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
କ'ଣ ଆପଣ ଚିନ୍ତିତ କି ?
2 ଘଣ୍ଟାରେ ୧୦୦% ସମାଧାନ। ତନ୍ତ୍ର ମନ୍ତ୍ରର ସମ୍ରାଟ
ଇଚ୍ଛାନୁସାରେ ବଶୀକରଣ, ପ୍ରେମ ବିବାହ ପାଇଁ ଘରଲୋକଙ୍କୁ ମନାଇବା, ପତିପତ୍ନୀ ମନାନ୍ତର, ସନ୍ତାନ ପ୍ରାପ୍ତି, ବେପାର ବୃଦ୍ଧି, ଶତ୍ରୁ ଦମନ, ବାରମ୍ବାର ବିବାହ ପ୍ରସ୍ତାବ ଭାଙ୍ଗୁଥିଲେ, ପୁରୁଣା ରୋଗର ଔଷଧ କାମ ନ କରିବା ଆଦି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ।
ଯଦି କାହାର ପତି ଓ ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ।
9938991467
BHUBANESWAR-09

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଳି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

SEE COLOR DISPLAY CLASSIFIED
ON EVERY TUESDAY & FRIDAY


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯାହାର କୌଣସି ମୂଲ୍ୟ ନାହିଁ, ତାକୁ ହିଁ ପାଇବା ପାଇଁ ସମୟେ ସମୟେ ଯେଉଁ ଶକ୍ତି ବ୍ୟୟ ହୁଏ ତାହା ମହାଦୁଃଖଦାୟକ।

- ଆଇନଷ୍ଟାଇନ୍



## ସଂକ୍ଷେପରେ

### ଧନକଉଡା ବ୍ଲକ ଶିକ୍ଷକ ସଂଘର ବୈଠକ

ସମ୍ବଲପୁର, ୮।୧୨ (ବ୍ୟୁରୋ): ନିଖିଳ ଓଡିଶା ପ୍ରାଥମିକ ଶିକ୍ଷକ ସଂଘ ଧନକଉଡା ବ୍ଲକ ଶାଖାର ବୈଠକ ରବିବାର ମୁଦିପଡାଠାରେ ଅନୁଷ୍ଠିତ ହୋଇଯାଇଛି। ଭାବଗ୍ରାହୀ ସାହୁଙ୍କ ଅଧକ୍ଷତାରେ ସଭା ହୋଇଥିଲା । ଶିକ୍ଷକ ଓ ଶିକ୍ଷା ପ୍ରସଙ୍ଗ ଉପରେ ସଭ୍ୟମାନେ ଆଲୋଚନା କରିଥିଲେ। ଜିଲା ସାଧାରଣ ସମ୍ପାଦକ ବବ୍ରୁବାହାନ ଭୋଇ, ନିବନ ନନ୍ଦ, କୁନ୍ଦନ ଭୋଇ, ଉପେନ୍ଦ୍ର ସ୍ୱାଇଁ, ବିଧୁମୋହନ ରାଉତ, ଉପେନ୍ଦ୍ର ପ୍ରଧାନ, ବିଜୟନୀ ପ୍ରଧାନ, ରଞ୍ଜୁରାଣୀ ପଟ୍ଟନାୟକ, ରାଧାରାଣୀ ସାହାଣୀ, ମାଲା ଡାଏରି, ଶାନ୍ତନାମୟୀ ଷଡଙ୍ଗୀ, ଜୟନ୍ତୀ ଦେବତା, ଶାନ୍ତିଲତା ସାହୁ, ଜ୍ୟୋସ୍ନାମୟୀ ଦାଶ, ରଞ୍ଜିତା ସେଠ ଆଲୋଚନାରେ ଭାଗ ନେଇଥିଲେ। ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ଲାଗି ରହିଛି । ବାରମ୍ବାର ଦାବି ଓ ଅନ୍ଦୋଳନ ପରେ କାଁ ଭାଁ ସମସ୍ୟା ସମାଧାନ କରାଯାଉଥିଲେ ବି ଅନେକ ସମସ୍ୟା ସମାଧାନ ହୋଇପାରୁନାହିଁ ବୋଲି ଆଲୋଚନା ହୋଇଥିଲା

■ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

# ଜାନୁୟାରୀ ୩୧ ପରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ଉଠିବ

### କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଚେତାବନୀ

କୁଚିଣ୍ଡା, ୮।୧୨ (ଡି.ଏନ.ଏ)

ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲଙ୍କ ଆନ୍ଦୋଳନ ଚାଲିଛି। ହେଲେ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନାହାନ୍ତି। ଏହାଦ୍ୱାରା ପଶ୍ଚିମ ଓଡିଶାବାସୀଙ୍କ ଦାବିକୁ ଅଣଦେଖା କରାଯାଉଛି। ରାଜ୍ୟ ଓ କେନ୍ଦ୍ର ସରକାର ଠକି ଚାଲିଛନ୍ତି। ଏସବୁକୁ ଆଉ ବରଦାସ୍ତ କରାଯିବନି। ଜାନୁୟାରୀ ୩୧ ଭିତରେ ସରକାର ଏହି ସମସ୍ୟାର ସମାଧାରନ କରନ୍ତୁ। ନ ହେଲେ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବାକୁ ଦାବି ଉଠିବ। ରବିବାର କୁଚିଣ୍ଡା ଟାଉନ ହଲଠାରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ନେତୃତ୍ୱରେ ଅନୁଷ୍ଠିତ ଏକ ବୈଠକରେ ଏହି ଚେତାବନୀ ଦିଆଯାଇଛି। ଏଥିର କୁଚିଣ୍ଡା ଓକିଲ ସଂଘର ଉପସଭାପତି ମାସୁକ ଅଲ୍ଲି ଖାଁ ସଭାପତିତ୍ୱ କରିଥିଲେ। ସମ୍ବଲପୁର, ସୁନ୍ଦରଗଡ, ବରପାଲି, ଅତାବିରା, ପଦ୍ମପୁର, ବୌଦ୍ଧ, କନ୍ଧମାଳ, ଝାରସୁଗୁଡା, ରେଢ଼ାଖୋଲ, ଦେବଗଡ, ରାଜଗାଙ୍ଗପୁର, ନୂଆପଡା, ସୋହେଲା, ଭେଡେନ ଓ କୁଚିଣ୍ଡା ଇତ୍ୟାଦି ଓକିଲ ସଂଘକୁ ନେଇ ଗଠିତ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର କୋର କମିଟି ବୈଠକ ହୋଇଥିଲା। ସମସ୍ତ ୧୫ ଟି ସଂଘର କର୍ମକର୍ତ୍ତା, କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ସୁରେଶ୍ୱର ମିଶ୍ର, ପ୍ରମୋଦ ଛୁରିଆ, ନିରଞ୍ଜନ ତ୍ରିପାଠୀ, ଅଶୋକ ଦାସ, ପ୍ରମୋଦ ଦାସ ପ୍ରମୁଖ ବୈଠକରେ ପ୍ରମୁଖ ଉପସ୍ଥିତ ଥିଲେ। କୁଚିଣ୍ଡା ଓକିଲ ସଂଘର ସମ୍ପାଦକ ଅସିତ ଗଙ୍ଗଦେବ ଧନ୍ୟବାଦ ଅର୍ପଣ କରିଥିଲେ।




ରବିବାର କୁଚିଣ୍ଡା ଟାଉନ ହଲଠାରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ବୈଠକ ବସିଛି।

# ଦେବଗଡ଼ରେ ହାତୀ ଉପଦ୍ରବ

### କ୍ଷତିପୂରଣ ଯୋଗାଇ ଦେବାକୁ ଦାବି

ଦେବଗଡ଼,୮।୧୨(ଡି.ଏନ୍.ଏ.)

ଦୀର୍ଘଦିନ ହେଲା ଦେବଗଡ଼ ଜିଲାର ବିଭିନ୍ନ ସ୍ଥାନରେ ହାତୀ ଉପଦ୍ରବ ଥମିବାର ନାଁ ନେଉନାହିଁ । ହାତୀପଲ ଗାଁରେ ପଶି ଧାନ ଫସଲ ସହ ଘର ଭାଙ୍ଗି ନଷ୍ଟ କରୁଥିବା ଅଭିଯୋଗ ହେଉଛି। ଫଳରେ ଜିଲାର ଚାଷୀ ଓ ଜଙ୍ଗଲ ନିକଟରେ ବସବାସ କରୁଥିବା ଜନସାଧାରଣ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଶନିବାର ରାତିରେ ଏକ ଦନ୍ତାହାତୀ ରିଆମାଳ ଫରେଷ୍ଟ ରେଞ୍ଜ ଅଧୀନ ରେଙ୍ଗାଲବେଡା ସେକ୍ସନ ବଡଡଙ୍ଗାଘାଟ ଗ୍ରାମରେ ପଶି ରୋହିଣୀ ପେଣ୍ଡେଇଙ୍କ ଘର ଭାଙ୍ଗି ଦେଇଥିବା ଜଣାପଡିଛି। ସେହିପରି ୨୫ଟି ହାତୀ ଥିବା ଏକ ପଲ ରେଙ୍ଗାଲବେଢ଼ା ସେକ୍ସନ ଅଧୀନ କଦମ୍ବଦର୍ହ ଓ ଆଖପାଖ ଗ୍ରାମରେ ପଶି ଧାନ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଦେବଗଡ଼ ଫରେଷ୍ଟ ରେଞ୍ଜ ଲଇମୁରା ସେକ୍ସନ ଅନ୍ତର୍ଗତ ରାଇତାଳ ଗ୍ରାମରେ ଏକ ହାତୀପଲ ପଶି ଧାନ ଫସଲ ନଷ୍ଟ କରିବା ସହ ଗ୍ରାମର ଗୌରାଙ୍ଗ ପ୍ରଧାନ, ଯୁଧିଷ୍ଠିର ପ୍ରଧାନ ଓ ଆନନ୍ଦ ମୁଣ୍ଡା, କୁଶଧର ପ୍ରଧାନ, ଜଗବନ୍ଧୁ ବେହେରା ଓ ପ୍ରମୋଦ ବେହେରାଙ୍କ ପରିବା ଚାଷକୁ ମାଡିଦଳି ନଷ୍ଟ କରିଥିବା ଜଣାପଡିଛି। ସେହିପରି ବାରକୋଟ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଝୁମ୍ପୁରା ଓ ମାଙ୍କଡଚୂଆଁ ଆଦି ଅଞ୍ଚଳରେ ହାତୀ ପଲ ପଶି ଦୀପକ ସାହୁ, ହେମନ୍ତ ପ୍ରଧାନ, ଈଶ୍ୱର ଚନ୍ଦ୍ର ସାହୁ ଓ ବସନ୍ତ ସାହୁଙ୍କ ଧାନ ଫସଲ ଖାଇ ନଷ୍ଟ କରିଥିବା ଗ୍ରାମବାସୀ କହିଛନ୍ତି। ଏନେଇ ବନ ବିଭାଗ ହାତୀ ଘଉଡାଇବା ସହ କ୍ଷୟକ୍ଷତିର ଆକଳନ କରି ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।



ହାତୀପଲ ନଷ୍ଟ କରିଥିବା ଧାନ ଫସଲ।

■ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଖମାର ବାହାଲ ଚାମ୍ପିୟନ

ଦେବଗଡ଼,୮।୧୨(ଡି.ଏନ୍.ଏ.)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଢୋଲପଡ଼ା ପଞ୍ଚାୟତ ଅଧୀନ ହାଟଖମାର ଗ୍ରାମର ଜନକଲ୍ୟାଣ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଖମାରବାହାଲ ଫୁଟବଲ ଟିମ୍ ଏବଂ ପାଲୁଣିପଡ଼ା ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ଖମାର ବାହାଲ ଟିମ୍ ଟାଇବ୍ରେକର ଜରିଆରେ ୩-୨ ଗୋଲରେ ପାଲୁଣିପଡ଼ା ଟିମକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚକୁ ରେଫରୀ ଭାବେ ଅଭିମନ୍ୟୁ ବାଘ, ଶିବ ନାରାୟଣ ବେହେରା, ମୋହନ କିଷାନ ପରିଚାଳନା କରିଥିବାବେଳେ ଉଦ୍‌ଘୋଷକ ଭାବେ ନିକୁଞ୍ଜ ବିହାରୀ ରଣା ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ଯୁବକ ସଂଘ ସଭାପତି ଭୁବନେଶ୍ୱର କୁଅଁରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା କ୍ରୀଡ଼ା ସଂସଦର ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ହେମନ୍ତ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଧୀରେନ୍ଦ୍ର କୁମାର ନାୟକ, ମୁଖ୍ୟବକ୍ତା ଭାବେ ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ପ୍ରଦୀପ କୁମାର ବିଶ୍ୱାଳ ଯୋଗଦେଇ ଚାମ୍ପିୟନ ଖମାର ବାହାଲ ଟିମ୍‌କୁ ନଗଦ ୭ ହଜାର ଟଙ୍କା ଓ ରନର୍ସ ଅପ୍ ପାଲୁଣିପଡ଼ା ଟିମ୍‌କୁ ନଗଦ ୬ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ । ଅତିଥି ଭାବେ ଢୋଲପଡ଼ା ସରପଞ୍ଚ ପ୍ରତାପ ନାରାୟଣ ପାତ୍ର, ସାମାଜିକ କର୍ମୀ କିଶୋର ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଜନକଲ୍ୟାଣ ଯୁବକ ସଂଘ ସଭାପତି ଭୁବନେଶ୍ୱର କୁଅଁର, ସମ୍ପାଦକ ନରେନ୍ଦ୍ର ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଟୁର୍ନାମେଣ୍ଟ ଆୟୋଜନରେ ଜନ କଲ୍ୟାଣ ଯୁବକ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଦିଲୀପ କୁମାର ନାୟକ ଉଦ୍‌ଯାପନୀ ସଭାରେ ଅତିଥି ପରିଚୟ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

### ଦେବଝରନକୁ ପ୍ଲାଷ୍ଟିକମୁକ୍ତ ରଖିବାକୁ ଆହ୍ୱାନ

ସମ୍ବଲପୁର,୮।୧୨ (ବ୍ୟୁରୋ)

ଦେବଝରନକୁ ପ୍ଲାଷ୍ଟିକ୍‌ମୁକ୍ତ ରଖିବାକୁ ରବିବାର ବିକାଶ ମଞ୍ଚର କର୍ମକର୍ତ୍ତା ପ୍ରାୟ ୪୦ଟି ପର୍ଯ୍ୟଟକ ଦଳକୁ ସଚେତନ କରିଛନ୍ତି। ବଣଭୋଜି କରିବା ପରେ ଏଣେତେଣେ ଆବର୍ଜନା ନ ଫିଙ୍ଗି ଦିଆଯାଇଥିବା ଡଷ୍ଟବିନରେ ପକାଇବାକୁ ପରାମର୍ଶ ଦିଆଯାଇଥିଲା। ବିକାଶ ମଞ୍ଚ ଆବାହକ ଅରୁଣ ଦେହୁରୀ, ଟଙ୍କଧର ପ୍ରଧାନ, ରାମ ପ୍ରସାଦ ବାଙ୍କ, ଆଲୋକ ଦେହୁରୀ ପ୍ରମୁଖ ଏହି ସଚେତନତା ଅଭିଯାନରେ ସାମିଲ ହୋଇଥିଲେ।

### ମଦ୍ୟପ ଗାଡ଼ି ଚାଳକ ଗିରଫ

ପଦ୍ମପୁର, ୮।୧୨ (ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ପକ୍ଷରୁ ମଦ୍ୟପ ଗାଡି ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପାଟଣାଗଡର ଟ୍ରକ୍ (ନଂ.ଓଡି୦୩ଏନ/୨୩୪୯) ର ଚାଳକ ଅଶ୍ୱିନୀ ଦାଶ ଓ ପୁଇଁତଲା ବଲାଙ୍ଗୀରର ଟ୍ରକ୍ (ନଂ.ଓଡି୦୩/୨୬୫୫) ର ଚାଳକ କରୁଣା ନାଗ ମଦ ପିଇ ଗାଡି ଚାଳନା କରିଥିବା ରବିବାର ଯାଞ୍ଚ ବେଳେ ଜଣାପଡିଥିଲା। ତେଣୁ ପୋଲିସ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଏସଆଇ ସତ୍ୟାନନ୍ଦ ଭୋଇ, କେତନ ଧରୁଆ ଓ ସହକର୍ମୀ ଗାଡି ଯାଞ୍ଚ କରୁଥିଲେ।

# ଗୀତା ଆବୃତ୍ତି ପ୍ରତିଯୋଗିତା

ଦେବଗଡ଼,୮।୧୨(ଡି.ଏନ୍.ଏ.)

ସ୍ଥାନୀୟ ଚିନ୍ମୟ ବିଦ୍ୟାଳୟରେ ପ୍ରଜ୍ଞାନ ମିଶନ ଦେବଗଡ଼ ଶାଖା ଆନୁକୂଲ୍ୟରେ ରବିବାର ଏକ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବିଦ୍ୟାଳୟର ମୋଟ ୫୪ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଗ୍ରୁପ'ଏ'ରେ ଅର୍ପିତା ଗଡ଼ନାୟକ ପ୍ରଥମ, ପ୍ରଜ୍ଞାନ ଆନନ୍ଦ କପରଦାର ଦ୍ୱିତୀୟ ଏବଂ ଜୋସିତା ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ । ଗ୍ରୁପ 'ବି'ରେ ସାଇପ୍ରଜ୍ଞା ନାୟକ ପ୍ରଥମ, ଶିବମ ମୋଦି ଦ୍ୱିତୀୟ ଏବଂ ମେହେକ ପୃଷ୍ଟି ତୃତୀୟସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ମିତ୍ରଭାନୁ ମହାପାତ୍ର, ନିରଞ୍ଜନ ଦ୍ୱିବେଦୀ, ରୀତାଞ୍ଜଳି ସାଏ, ପ୍ରକାଶ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଚିନ୍ମୟ ବିଦ୍ୟାଳୟ ସମ୍ପାଦକ ରାମଚନ୍ଦ୍ର ମହାପାତ୍ର ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।



ଅତିଥିମାନେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

## ଫଟୋରେ ଖବର





ସମ୍ବଲପୁରରେ ଆୟୋଜିତ ଶୌର୍ଯ୍ୟ ଦିବସ ଶୋଭାଯାତ୍ରାରେ ବାଳିକା ବାଳକମାନେ ଦେବଦେବୀ ବେଶରେ ସଜ୍ଜିତ ହୋଇଛନ୍ତି (ବାମ)। ଅଇଁଠାପାଲି ପିଏଚଡି ପଡିଆଠାରେ ଆୟୋଜିତ ସ୍କୁଲସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା (ମଝି)। ଶୌର୍ଯ୍ୟ ଦିବସ ଶୋଭାଯାତ୍ରାରେ ବାଳିକା ବାଳକମାନେ ଦେବଦେବୀ ବେଶରେ ସଜ୍ଜିତ ହୋଇଛନ୍ତି ।





ଅଇଁଠାପାଲି ପିଏଚଡି ପଡିଆରେ ଆୟୋଜିତ ରଙ୍ଗୋଲି ପ୍ରତିଯୋଗିତା (ବାମ)। ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଆୟୋଜିତ ଚିତ୍ରାଙ୍କନ ପ୍ରଦର୍ଶନୀକୁ ବାଳିକାମାନେ ବୁଲି ଦେଖୁଛନ୍ତି (ମଝି)। ଓଡିଶା ସାଂସ୍କୃତିକ ସମାଜ ସ୍ମୃତି ଭବନଠାରେ ଆୟୋଜିତ ଭିନ୍ନକ୍ଷମ ଦିବସ ଉତ୍ସବରେ ଛାତ୍ରୀଛାତ୍ର ସ୍ୱାଗତ ସଂଗୀତ ଗାନ କରୁଛନ୍ତି ।



ଭାଜପା ସହ ମିଶି ସରକାର ଗଢ଼ିବା ପାଇଁ ଚାହାନ୍ତି ବୋଲି ଏନ୍‌ସିପି ନେତା ଅଜିତ ପାୱାର ଅନୁରୋଧ କରିଥିଲେ ଓ ଦାଦା ଶରଦ ପାୱାର ତାଙ୍କ ଯୋଜନା ସମ୍ପର୍କରେ ଅବଗତ ଥିବା କହିଥିଲେ।

-ଦେବେନ୍ଦ୍ର ଫଡ଼ନବିସ, ଭାଜପା ନେତା



# ମୃତ୍ୟୁ ନିଆଁରେ ରାଜନୀତି



**ଏଇ ପନ୍ଦର ଦିନ ମଧ୍ୟରେ ଏଭଳି ଚାରୋଟି ଚର୍ଚ୍ଚିତ ଘଟଣା ଘଟିଛି, ଯାହାକୁ ନିଦ ଭାଙ୍ଗୁ ଭାଙ୍ଗୁ ଦେଶବାସୀ ଜାଣିବାକୁ ପାଇଛନ୍ତି। ସେଗୁଡ଼ିକ ହେଲା:**

**ନଭେମ୍ବର ୨୩:** ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେ ମହାରାଷ୍ଟ୍ରର ମଙ୍ଗ ଧରିବାକୁ ଥିବାବେଳେ ଭାଜପା ନେତା ଦେବେନ୍ଦ୍ର ଫଡ଼ନବିସ ମୁଖ୍ୟମନ୍ତ୍ରୀ ଓ ଅଜିତ ପାୱାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ।

**ଡିସେମ୍ବର ୫:** ବର୍ଷକ ତଳେ ବଳାତ୍କାରର ଶିକାର ହୋଇଥିବା ଉନ୍ନାଓ ପୀଡ଼ିତା କୋର୍ଟକୁ ଯାଉଥିବାବେଳେ ତାଙ୍କ ଉପରେ ଜାମିନରେ ଆସିଥିବା ଅଭିଯୁକ୍ତମାନେ କିରୋସିନ ଢ଼ାଳି ଜାଳିଦେଇଥିଲେ।

**ଡିସେମ୍ବର ୬:** ହାଇଦ୍ରାବାଦର ମହିଳା ପ୍ରାଣୀ ଚିକିତ୍ସକଙ୍କୁ ବଳାତ୍କାର ଓ ହତ୍ୟା କରିଥିବା ଅଭିଯୋଗରେ ଗିରଫ ହୋଇଥିବା ୪ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟରରେ ମାରିଦେଇଥିଲା ପୋଲିସ।

**ଡିସେମ୍ବର ୮:** ଦିଲ୍ଲୀର ବ୍ୟସ୍ତବହୁଳ ଅନାଜ ମଣ୍ଡିସ୍ଥିତ ଏକ ବେଆଇନ ବ୍ୟାଗ୍ ଫ୍ୟାକ୍ଟ୍ରିରେ କୋଠା ମାଲିକଙ୍କ ଅବହେଳା ଯୋଗୁ ୪୩ ଶ୍ରମିକ ଜୀବନ୍ତ ଦଗ୍ଧ ହୋଇଥିଲେ।

ଏହି ୪ ଘଟଣାର ପରସ୍ପର ସହ କିଛି ସମ୍ପର୍କ ନ ଥିଲେ ବି ଯେଉଁ ଗୋଟିଏ ସମାନତା ରହିଛି ତାହା ହେଉଛି ନେତାଙ୍କ ରାଜନୀତି। ଅନାଜ ମଣ୍ଡିର ନିଆଁ ଦେଶବାସୀଙ୍କୁ ସ୍ତବ୍ଧ କରିଦେଇଥିବାବେଳେ ଏଥିରେ ବି ରାଜନୀତିର ରୁଟି ସେକିବାକୁ ପଛାଉନାହାନ୍ତି ଦଳ। କାରଣ ଆଗକୁ ଦିଲ୍ଲୀ ବିଧାନସଭା ନିର୍ବାଚନ।

ନୂଆଦିଲ୍ଲୀ,୮।୧୨

ଦିଲ୍ଲୀର ଅନାଜ ମଣ୍ଡି ନିଆଁରେ ଜଳିଯାଇଛି ୪୩ ଜୀବନ। ହେଲେ ଏହାକୁ ନେଇ ବି ରାଜନୀତି କରିବାରେ ଲାଗିଛନ୍ତି ରାଜନୈତିକ ଦଳ। ଭାଜପା ଏହି ଭୟାବହ ଅଗ୍ନିକାଣ୍ଡ ପାଇଁ ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ଦାୟୀ କରିଛି। କେନ୍ଦ୍ରମନ୍ତ୍ରୀ ହରଦୀପ ପୁରୀଙ୍କ ସହ ଅନାଜ ମଣ୍ଡିର ଅଗ୍ନିକାଣ୍ଡ ସ୍ଥଳ ପରିଦର୍ଶନ କରିଥିବା ଦିଲ୍ଲୀ ଭାଜପା ସଭାପତି ମନୋଜ ତିୱାରୀ କହିଛନ୍ତି, ସମ୍ପୃକ୍ତ ଅଞ୍ଚଳରେ ବିଦ୍ୟୁତ୍ ତାରଗୁଡ଼ିକ ଝୁଲି ରହିଥିଲା। ଏହାକୁ ନେଇ ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ ସରକାରୀ ସଂସ୍ଥାଗୁଡ଼ିକ ପକ୍ଷରୁ କିଛି ପଦକ୍ଷେପ ନିଆଯାଇ ନ ଥିଲା। ଭାଜପା ନେତା ବିଜୟ ଗୋଏଲ ମଧ୍ୟ ଏଥିଲାଗି ଦିଲ୍ଲୀ ସରକାରଙ୍କୁ ଦାୟୀ କରିଛନ୍ତି। କେଜ୍‌ରିୱାଲ ସରକାର ଏହି ଦୁଃଖଦ ଘଟଣାକୁ ନେଇ ରାଜନୀତି କରିବା ପରିବର୍ତ୍ତେ ନିଜ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହେବା ଉଚିତ। ଭବିଷ୍ୟତରେ ଏଭଳି ଘଟଣାକୁ ଏଡାଇବା ଲାଗି ସେମାନେ ପଦକ୍ଷେପ ନିଅନ୍ତୁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଅରବିନ୍ଦ କେଜ୍‌ରିୱାଲଙ୍କ ଦଳ ଏଏପି ଓଲଟା ଭାଜପା ଉପରେ ଦୋଷ ଲଦିଛି। ଦିଲ୍ଲୀ ମହାନଗର ନିଗମ (ଏମ୍‌ସିଡି)କୁ ଭାଜପା ଚଳାଉଥିବାରୁ ୪୩ ଶ୍ରମିକଙ୍କ ମୃତ୍ୟୁ ଲାଗି ଗୈରିକ ଦଳ ଉତ୍ତରଦାୟୀ ହେବା ଉଚିତ। କାରଣ ଭାଜପା ଚାହିଁଥିଲେ ବେଆଇନ ଭାବେ ଚାଲିଥିବା ଏହି ବ୍ୟାଗ୍ ଫ୍ୟାକ୍ଟ୍ରିକୁ ପୂର୍ବରୁ ବନ୍ଦ କରିପାରିଥାନ୍ତା ବୋଲି ବରିଷ୍ଠ ଏଏପି ନେତା ତଥା ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ସମାଲୋଚନା କରିଛନ୍ତି। ସେହିପରି ଏଏପି ମୁଖପାତ୍ର ରାଘବ ଚଢ଼ା କହିଛନ୍ତି, ଅଗ୍ନିକାଣ୍ଡକୁ ନେଇ ଭାଜପା ରାଜନୀତି କରିବା ଦୁର୍ଭାଗ୍ୟଜନକ। ଅନାଜ ମଣ୍ଡିରେ ଫ୍ୟାକ୍ଟ୍ରି ଚଳାଇବା ପାଇଁ ଭାଜପା କାହିଁକି ଲାଇସେନ୍ସ ଦେଇଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଅନୁରୂପ ଭାବେ କଂଗ୍ରେସ ଦିଲ୍ଲୀର ଏଏପି ସରକାର ଓ ଭାଜପା ନେତୃତ୍ୱାଧୀନ ଏମ୍‌ସିଡି ଉପରେ ଅଗ୍ନିକାଣ୍ଡ ପାଇଁ ଦୋଷ ଲଦିଛି। ଇତିମଧ୍ୟରେ ବିହାରର ମନ୍ତ୍ରୀ ତଥା ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତା ସଞ୍ଜୟ ଝା କହିଛନ୍ତି, ଅଧିକାଂଶ ମୃତକ ଆମ ରାଜ୍ୟର ମଧୁବନୀ ଓ ଦରଭଙ୍ଗାର ଲୋକ। ବିଦ୍ୟୁତ୍ ତାରଗୁଡ଼ିକ ଝୁଲୁଥିବାରୁ ଏହା ଘଟିଛି। ଏହା ଦିଲ୍ଲୀ ବିଦ୍ୟୁତ୍ ବିଭାଗର ବିଫଳତା।



ପରିବାର ଲୋକଙ୍କୁ ହରାଇ ଦୁଃଖରେ ମ୍ରିୟମାଣ ଦୁଇ ମହିଳା।





ଅନାଜ ମଣ୍ଡିରେ ନିଆଁ ଲିଭାଉଛନ୍ତି ଏନ୍‌ଡିଆର୍‌ଏଫ୍ ଟିମ୍।

## ରାକେଟକୁ ନେଇ ତଦନ୍ତ ହେଉ



୧୯୯୭ ଉପହାର ସିନେମା ଟ୍ରାଜେଡିରୁ ସରକାର କିଛି ଶିକ୍ଷାଲାଭ କରିନାହାନ୍ତି। ଦିଲ୍ଲୀର ଅନାଜ ମଣ୍ଡି ଅଗ୍ନିକାଣ୍ଡରୁ ଏହା ସ୍ପଷ୍ଟ ହେଉଛି। ସରକାରଙ୍କ ବିନା ପ୍ରୋତ୍ସାହନରେ ଏପରି ବେଆଇନ କୋଠା ଚାଲିପାରିବ ନାହିଁ। ଅନାଜ ମଣ୍ଡି ଅଞ୍ଚଳରେ ଥିବା ହଜାର ହଜାର ବେଆଇନ ବିଲ୍ଡିଂ ନିର୍ମାଣ ପାଇଁ କେଉଁ ରାକେଟ ଅନୁମତି ଦେଉଛି, ତାହାର ତଦନ୍ତ କରାଯାଉ ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ଦାବି କରିଛନ୍ତି।

## ଏଏପି-ଭାଜପା ଦୋଷ ଲଦାଲଦି

# ବଳାତ୍କାର, ପୋକ୍ସୋ ମାମଲା ତଦନ୍ତ ୨ ମାସରେ ସାର

ପାଟନା,୮।୧୨(ପି.ଟି.)



## ସବୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ବିଚାରପତିଙ୍କୁ ଜଣାଇବ କେନ୍ଦ୍ର

ବଳାତ୍କାର ମାମଲା ଏବଂ ପୋକ୍ସୋ ଆଇନରେ ରୁଜୁ ହୋଇଥିବା ମାମଲାଗୁଡ଼ିକର ତଦନ୍ତ ୨ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବା ଆବଶ୍ୟକ। ଏଥିପାଇଁ କେନ୍ଦ୍ର ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ ସବୁ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ହାଇକୋର୍ଟର ମୁଖ୍ୟ ବିଚାରପତିମାନଙ୍କୁ ପତ୍ର ଲେଖି ଅନୁରୋଧ କରିବେ ବୋଲି ରବିବାର କହିଛନ୍ତି। ଏହି ମାମଲାଗୁଡ଼ିକର ବିଚାର ୬ ମାସ ମଧ୍ୟରେ ଶେଷହେବା ଉଚିତ ବୋଲି ସେ ମତ ଦେଇଛନ୍ତି। ବଳାତ୍କାର ଓ ମହିଳାଙ୍କ ପ୍ରତି ଅପରାଧ ଦୁର୍ଭାଗ୍ୟଜନକ ଓ ଅତ୍ୟନ୍ତ ନିନ୍ଦନୀୟ। ତେଣୁ ଏଭଳି ମାମଲାଗୁଡିକୁ ଫାଷ୍ଟଟ୍ରାକ୍ କୋର୍ଟରେ ଶୀଘ୍ର ବିଚାର କରିବାକୁ ହାଇକୋର୍ଟ ମୁଖ୍ୟ ବିଚାରପତିମାନଙ୍କୁ ପତ୍ର ଲେଖିବେ ବୋଲି ପ୍ରସାଦ କହିଛନ୍ତି।

■ କର୍ଣ୍ଣାଟକ ଉପନିର୍ବାଚନ ଫଳାଫଳ ଆଜି

# ଫିଟିବ ୟେଦୁରପ୍ପାଙ୍କ ଭାଗ୍ୟ ପେଡ଼ି

ବେଙ୍ଗାଲୁରୁ,୮।୧୨(ପି.ଟି.)



## ସଂଖ୍ୟାଗରିଷ୍ଠତା ପାଇଁ ଭାଜପାକୁ ୬ ଆସନ ଜିତିବା ଜରୁରୀ

କର୍ଣ୍ଣାଟକର ୧୫ ଆସନ ପାଇଁ ହୋଇଥିବା ଉପନିର୍ବାଚନର ମତଗଣନା ସୋମବାର ଅନୁଷ୍ଠିତ ହୋଇ ଅପରାହ୍ନ ସୁଦ୍ଧା ଫଳାଫଳ ପ୍ରକାଶ ପାଇବା ଆଶା କରାଯାଉଛି। ୪ ମାସର ବି.ଏସ୍. ୟେଦୁରପ୍ପା ସରକାରଙ୍କ ଭାଗ୍ୟ ଉପନିର୍ବାଚନ ଫଳାଫଳ ଉପରେ ନିର୍ଭର କରୁଛି। ବିଧାନସଭାରେ ସଂଖ୍ୟାଗରିଷ୍ଠତା ବଜାୟ ରଖିବାକୁ ହେଲେ ଭାଜପା ସରକାର ପାଇଁ ୬ଟି ଆସନ ଜରୁରୀ ହୋଇପଡିଛି।

ପୂର୍ବର ଏଚ୍.ଡି. କୁମାରସ୍ୱାମୀ ସରକାରଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରିଥିବା ୧୭ କଂଗ୍ରେସ ଏବଂ ଜେଡିଏସ୍ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରାଯିବାରୁ ଏହି ଆସନଗୁଡ଼ିକ ଖାଲିପଡିଥିଲା। ସେଥିରୁ ୧୫ଟି ଆସନରେ ଉପନିର୍ବାଚନ ୫ ତାରିଖରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଆସନ ମଧ୍ୟରୁ ୧୨ଟି କଂଗ୍ରେସ ଏବଂ ୩ଟି ଜେଡିଏସ୍ ଅଧୀନରେ ଥିଲା।

୧୭ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରାଯିବାରୁ ୨୨୫ ଆସନ ବିଶିଷ୍ଟ କର୍ଣ୍ଣାଟକ ବିଧାନସଭାରେ ସଦସ୍ୟସଂଖ୍ୟା ୨୦୮କୁ ହ୍ରାସ ପାଇଥିଲା। ଫଳରେ ୧୦୫ ବିଧାୟକ ଥାଇ ଜୁଲାଇ ୨୯ରେ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ଆସ୍ଥାଭୋଟ ଜିତିଯାଇଥିଲେ। ଏବେ ୧୫ ନବନିର୍ବାଚିତ ବିଧାୟକଙ୍କୁ ମିଶାଇ ଗୃହର ସଦସ୍ୟସଂଖ୍ୟା ୨୨୩କୁ ବୃଦ୍ଧି ପାଇବାକୁ ଥିବାରୁ ସଂଖ୍ୟାଗରିଷ୍ଠତା ପାଇଁ ୧୧୨ ଜଣଙ୍କ ସମର୍ଥନ ଆବଶ୍ୟକ। ଭାଜପାର ୧୦୫ ବିଧାୟକ ଥିବାବେଳେ ଜଣେ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ରହିଛି। ଅନ୍ୟପକ୍ଷରେ କଂଗ୍ରେସର ୬୬ ଓ ଜେଡିୟୁର ୩୪ ବିଧାୟକ ଅଛନ୍ତି। ବୁଥ୍‌ଫେରନ୍ତା ଜନମତ ସର୍ଭେ (ଏକ୍‌ଜିଟ ପୋଲ୍)ରେ ଭାଜପାକୁ ୯ରୁ ୧୨ ଆସନ ମିଳିବ ବୋଲି ପୂର୍ବାନୁମାନ କରାଯାଇଛି। ତେବେ ଭାଜପା ୧୩ ଆସନରେ ଜିତିବ ବୋଲି ୟେଦୁରପ୍ପା କହିଛନ୍ତି।

# ଆଇପିସି, ସିଆର୍‌ପିସିରେ ପରିବର୍ତ୍ତନ ପାଇଁ ସରକାର ସଂକଳ୍ପବଦ୍ଧ: ଶାହା

ନୂଆଦିଲ୍ଲୀ,୮।୧୨(ପି.ଟି.)

ବଳତ୍କାର ଭଳି ଘୃଣ୍ୟ ଅପରାଧ ସମେତ ଫୌଜଦାରି ମାମଲାରେ ନ୍ୟାୟ ମିଳିବାରେ ବିଳମ୍ବକୁ ନେଇ ବିତର୍କ ଚାଲିଥିବାବେଳେ ଆଇପିସି ଏବଂ ସିଆର୍‌ପିସିରେ ସଂଶୋଧନ ଆଣିବାକୁ କେନ୍ଦ୍ରର ଏନ୍‌ଡିଏ ସରକାର ସଂକଳ୍ପବଦ୍ଧ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ଦେଶ ପାଇଁ ଅଧିକ ସହାୟକ ହେଲାଭଳି ସଂଶୋଧନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସବୁ ରାଜ୍ୟ ସରକାରଙ୍କଠାରୁ ମତାମତ ଲୋଡିଛି।

ପୁଣେଠାରେ ପୋଲିସ ଡିଜି ଏବଂ ଆଇଜିମାନଙ୍କ ୫୪ତମ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶାହା କହିଥିଲେ, ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ଲାଗି ଅଧିକ ସହାୟକ ହୋଇପାରିବା ଭଳି ସଂଶୋଧନ ଆଇପିସି ଏବଂ ସିଆର୍‌ପିସିରେ କରାଯିବ। ୨୦୧୨ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ଦୋଷୀଙ୍କୁ ଏପର୍ଯ୍ୟନ୍ତ ଦଣ୍ଡ ମିଳିନାହିଁ। ସେହିପରି ଅନ୍ୟ ଘୃଣ୍ୟ ଅପରାଧଗୁଡିକରେ ମଧ୍ୟ ନ୍ୟାୟ ମିଳିବାରେ ବିଳମ୍ବକୁ ନେଇ ବିଭିନ୍ନ ଫୋରମରେ ଆଲୋଚନା ହେଉଛି। ହାଇଦ୍ରାବାଦର ମହିଳା ପ୍ରାଣୀ ଚିକିତ୍ସକ ଗଣବଳାତ୍କାର ଓ ହତ୍ୟା ମାମଲାରେ ୪ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟରରେ ମାରିଦିଆଯିବା ଘଟଣାକୁ ନେଇ ଦେଶବ୍ୟାପୀ ବିତର୍କ ଲାଗି ରହିଛି। ଶନିବାର ଯୋଧପୁରଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେ କହିଥିଲେ, ତ୍ୱରିତ ନ୍ୟାୟ ପ୍ରଦାନ କରାଯାଇପାରିବ ନାହିଁ। ନ୍ୟାୟ ପ୍ରତିଶୋଧରେ ପରିଣତ ହେଲେ ତାହା ନିଜର ବିଶେଷତ୍ୱ ହରାଇବ ବୋଲି ସିଜେଆଇ ଚେତାଇ ଦେଇଥିଲେ।

# ଲୋକ ସଭାରେ ଆଜି ଆଗତ ହେବ ନାଗରିକତ୍ୱ ବିଲ୍

ନୂଆଦିଲ୍ଲୀ,୮।୧୨(ପି.ଟି.)

ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନରେ ଧର୍ମୀୟ ବିଦ୍ୱେଷର ସମ୍ମୁଖୀନ ହୋଇ ଭାରତରେ ଶରଣାର୍ଥୀ ଭାବେ ରହୁଥିବା ଅଣମୁସଲମାନମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ପାଇଁ ସରକାର ବିଲ୍ ଆଣୁଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସୋମବାର ଲୋକ ସଭାରେ ନାଗରିକତ୍ୱ (ସଂଶୋଧନ) ବିଲ୍ ଅନୁମୋଦନ ପାଇଁ ସୋମବାର ଆଗତ କରିବେ। ୬ ଦଶନ୍ଧିର ନାଗରିକତ୍ୱ ଆଇନରେ ସଂଶୋଧନ ପାଇଁ ସରକାର ଆଣୁଥିବା ଏହି ବିଲ୍ ଉପରେ ସେହିଦିନ ଆଲୋଚନା ପରେ ଗୃହୀତ କରାଇବାକୁ ସରକାର ଉଦ୍ୟମ କରିବେ। ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡିକରେ ବିଲ୍‌କୁ ଜୋର୍‌ଦାର ବିରୋଧ କରାଯାଉଛି। କଂଗ୍ରେସ ସମେତ ବିରୋଧୀ ଦଳଗୁଡିକ ବିଲ୍‌କୁ ବିରୋଧ କରିବା ପାଇଁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଉତ୍ତରପୂର୍ବାଞ୍ଚଳ ଛାତ୍ର ସଂଗଠନ ଉକ୍ତ ଅଞ୍ଚଳରେ ୧୦ ତାରିଖରେ ବନ୍ଦ ପାଳନ ଲାଗି ଡାକରା ଦେଇଛି।

ଉକ୍ତ ବିଲ୍ ଆଇନରେ ପରିଣତ ହେଲେ ୨୦୧୪ ଡିସେମ୍ବର ୩୧ ସୁଦ୍ଧା ଯେଉଁ ହିନ୍ଦୁ, ଶିଖ୍, ବୌଦ୍ଧ ଧର୍ମାବଲମ୍ବୀ, ଜୈନ, ପାର୍ସୀ ଓ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ସଦସ୍ୟମାନେ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ଧର୍ମୀୟ ବିଦ୍ୱେଷର ସମ୍ମୁଖୀନ ହୋଇ ଭାରତରେ ଆସି ରହିଛନ୍ତି, ସେମାନଙ୍କୁ ଆଉ ବେଆଇନ ଶରଣାର୍ଥୀ ଭାବେ ବିବେଚନା କରା ନ ଯାଇ , ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯିବ। ବେଆଇନ ଭାବେ ଆସି ରହିଥିବା ଲୋକମାନଙ୍କୁ ସ୍ଥାୟୀ ବସବାସ ପାଇଁ ଅନୁମତି ଦିଆଗଲେ ଆଞ୍ଚଳିକ ଜନସଂଖ୍ୟା ଗୁରୁତର ପ୍ରଭାବିତ ହେବ ବୋଲି ଉତ୍ତରପୂର୍ବାଞ୍ଚଳର ଆଦିମ ଅଧିବାସୀମାନେ ଆଶଙ୍କା କରୁଛନ୍ତି।

## ଉତ୍ତର ପୂର୍ବାଞ୍ଚଳରେ ପ୍ରବଳ ବିରୋଧ





# ଆଇଇଡି ବିସ୍ଫୋରଣରେ ୨ ଯବାନ ଆହତ

ରାଞ୍ଚି,୮।୧୨(ଆଇଏଏନ୍‌ଏସ୍)

ରାଞ୍ଚି ସହର ଉପକଣ୍ଠରେ ଆଇଇଡି ବିସ୍ଫୋରଣରେ ଦୁଇଜଣ ଯବାନ ଆହତ ହୋଇଛନ୍ତି। ରବିବାର ସକାଳେ ସିଆର୍‌ପିଏଫ୍ ଯବାନମାନେ ଟାମର ଆସନରେ ନିର୍ବାଚନୀ କାର୍ଯ୍ୟ ସାରି ଫେରୁଥିବାବେଳେ ମାଓବାଦୀମାନେ ବିସ୍ଫୋରଣ ଘଟାଇଥିଲେ। ଆହତ ୨ ଯବାନଙ୍କୁ ରାଞ୍ଚି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶନିବାର ଭୋଟଗ୍ରହଣ ବେଳେ ମାଓବାଦୀ ଖୁଣ୍ଟି ଜିଲାର ଅର୍‌କିଠାରେ ସୁରକ୍ଷା କର୍ମୀଙ୍କ ଉପରେ ଆକ୍ରମଣ କରିଥିଲେ।

## [ଇତିହାସର ଆଇନାରେ] ଡିସେମ୍ବର ୯ର ପ୍ରମୁଖ ଘଟଣା

୧୯୪୬ ଡିସେମ୍ବର ୯ରେ ଇଟାଲୀର ଲୁସିଆନାରେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଜନ୍ମଗ୍ରହଣ କରିଥିଲେ। ୧୯୬୮ରେ ସେ ରାଜୀବ ଗାନ୍ଧୀଙ୍କୁ ବିବାହ କରିଥିଲେ।

୧୯୯୨ ଡିସେମ୍ବର ୯ରେ ବ୍ରିଟେନ ଯୁବରାଜ ଚାର୍ଲ୍ସ ଓ ଯୁବରାଣୀ ଡାଏନାଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଆନୁଷ୍ଠାନିକ ଭାବେ ଘୋଷଣା ହୋଇଥିଲା।

# ଉନ୍ନାଓ ପୀଡ଼ିତାଙ୍କ ଶେଷକୃତ୍ୟ ସମ୍ପନ୍ନ

ଉନ୍ନାଓ,୮।୧୨(ପି.ଟି.)

ଉନ୍ନାଓର ୨୩ ବର୍ଷୀୟା ବଳାତ୍କାର ପୀଡ଼ିତାଙ୍କ ଶେଷକୃତ୍ୟ ରବିବାର ତାଙ୍କ ଗ୍ରାମରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସମ୍ପନ୍ନ ହୋଇଛି। ଗତ ଗୁରୁବାର ଅଭିଯୁକ୍ତମାନଙ୍କ ଆକ୍ରମଣରେ ତାଙ୍କ ଶରୀରର ୯୦ ଭାଗ ପୋଡ଼ିଯାଇଥିଲା ଓ ଶୁକ୍ରବାର ରାତିରେ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ପରିବାରର ଜମିରେ ଜେଜେଙ୍କ ମଜାର ପାଖରେ ପୀଡ଼ିତାଙ୍କ ଶେଷକୃତ୍ୟ କରାଯାଇଛି। ବହୁସଂଖ୍ୟାରେ ରାଜନେତା, ସ୍ଥାନୀୟ ଲୋକ ଓ ଅଫିସର ଉପସ୍ଥିତ ଥିଲେ। ସମାଜବାଦୀ ପାର୍ଟି ନେତା, ଉତ୍ତରପ୍ରଦେଶ ମନ୍ତ୍ରୀ ସ୍ୱାମୀ ପ୍ରସାଦ ମୌର୍ଯ୍ୟ, କମଳରାଣୀ ବରୁନ୍ ପ୍ରମୁଖ ଶେଷକୃତ୍ୟରେ ଯୋଗଦେଇଥିଲେ। ପୀଡ଼ିତାଙ୍କ ମୃତ୍ୟୁ କଦାପି ବ୍ୟର୍ଥ ଯିବ ନାହିଁ। ନ୍ୟାୟ ପାଇଁ ଲଢ଼େଇ ଜାରି ରହିବ ବୋଲି ସ୍ଥାନୀୟ କଂଗ୍ରେସ ନେତା ତଥା ଉନ୍ନାଓର ପୂର୍ବତନ ଏମ୍‌ପି ଅନୁ ଟଣ୍ଡନ କହିଛନ୍ତି। ଟଣ୍ଡନ ମଧ୍ୟ ପୀଡ଼ିତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଛନ୍ତି।

ଲକ୍ଷ୍ନୌ ଡିଭିଜନାଲ କମିଶନର ମୁକେଶ ମେଶ୍ରାମ୍ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ବୁଝାମଣା ପରେ ପୀଡ଼ିତାଙ୍କ ପରିବାର ଶେଷକୃତ୍ୟ ଲାଗି ରାଜି ହୋଇଥିଲେ। ପରିବାରକୁ ପୋଲିସ ପକ୍ଷରୁ ୨୪ ଘଣ୍ଟିଆ ସୁରକ୍ଷା ଯୋଗାଇଦିଆଯିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଦିଆଯିବ ବୋଲି ମେଶ୍ରାମ୍ କହିଛନ୍ତି। ଏହା ବ୍ୟତୀତ ପୀଡିତାଙ୍କ ଭଉଣୀ ମାମଲାର ସାକ୍ଷୀ ଥିବାରୁ ତାଙ୍କୁ ସ୍ୱତନ୍ତ୍ର ସୁରକ୍ଷା ଦିଆଯିବା ସହ ପରିବାରର ଜଣକୁ ସରକାରୀ ନିଯୁକ୍ତି ଯୋଗାଇଦିଆଯିବ। ଏତଦ୍‌ବ୍ୟତୀତ ପରିବାରର କେହି ଆତ୍ମରକ୍ଷା ପାଇଁ ବନ୍ଧୁକ ଲାଇସେନ୍ସ ଚାହିଁଲେ ପ୍ରଦାନ କରାଯିବ ବୋଲି ଡିଭିଜନାଲ କମିଶନର ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନ ପହଞ୍ଚିବା ପର୍ଯ୍ୟନ୍ତ ଶେଷକୃତ୍ୟ ହେବନାହିଁ ବୋଲି ପୂର୍ବରୁ ପୀଡିତାଙ୍କ ଭଉଣୀ କହିଥିଲେ। ଏଥିସହିତ ଆକ୍ରମଣ ଘଟଣାର ସିବିଆଇ ତଦନ୍ତ କରାଯାଇ ଅଭିଯୁକ୍ତମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯିବାକୁ ପରିବାର ପକ୍ଷରୁ ଦାବି ହୋଇଛି। ହାଇଦ୍ରାବାଦ ଗଣବଳାତ୍କାର ଓ ହତ୍ୟା ମାମଲାରେ ଅଭିଯୁକ୍ତମାନଙ୍କୁ ଯେପରି ଏନ୍‌କାଉଣ୍ଟରରେ ହତ୍ୟା କରାଗଲା ଉନ୍ନାଓ ବଳାତ୍କାରୀ ଓ ଆକ୍ରମଣକାରୀଙ୍କୁ ସେହିଭଳି ଦଣ୍ଡ ମିଳିବା ଆବଶ୍ୟକ ବୋଲି ପୀଡ଼ିତାଙ୍କ ବାପା କହିଥିଲେ।



## ନାବାଳିକାଙ୍କୁ ବଳାତ୍କାର, ଜିଅନ୍ତା ଜାଳିଦେଲେ

## ତ୍ରିପୁରାରେ ଲଜ୍ଜା

ଅଗରତାଲା, ୮।୧୨(ଆଇଏଏନ୍‌ଏସ୍)

ହାଇଦ୍ରାବାଦ ଓ ଉନ୍ନାଓ ଘଟଣାକୁ ଦେଶବ୍ୟାପୀ ନିନ୍ଦା କରାଯାଉଥିବାବେଳେ ତ୍ରିପୁରାରେ ସେହିଭଳି ଏକ ଘୃଣ୍ୟ ଅପରାଧ ଘଟିଛି। ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଦେଢ଼ମାସ ଧରି ବଳାତ୍କାର କରିବା ପରେ ତାଙ୍କୁ ଜିଅନ୍ତା ଜାଳିଦେଇଛନ୍ତି ଅଭିଯୁକ୍ତ ଯୁବକ ଓ ତାଙ୍କ ମାଆ। ଏପରିକି ବିବାହ ପାଇଁ ସେମାନେ ନାବାଳିକା ପରିବାରରୁ ଆଗୁଆ ଯୌତୁକ ନେଇଥିଲେ ବୋଲି ପୋଲିସ କହିଛି।

ଗୁରୁତର ଅବସ୍ଥାରେ ଅଗରତାଲାସ୍ଥିତ ଗୋବିନ୍ଦବଲ୍ଲଭ ପନ୍ତ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ପୀଡ଼ିତା ଶନିବାର ଆଖିବୁଜିବା ପରେ ପୋଲିସ ଅଭିଯୁକ୍ତ ଅଜୟ୍ ରୁଦ୍ର ପାଲ୍ (୨୫) ଓ ତାଙ୍କ ମାଆ ଅନିମା ରୁଦ୍ର ପାଲ୍(୫୯)ଙ୍କୁ ଗିରଫ କରିଛି। ପୀଡ଼ିତା ବାପାଙ୍କ କହିବା ଅନୁଯାୟୀ, ଅଜୟ୍ ଅକ୍ଟୋବର ୨୮ରେ ତାଙ୍କ ଝିଅକୁ ଘରୁ ଅପହରଣ କରିନେଇ ଦକ୍ଷିଣ ତ୍ରିପୁରାର ଶାନ୍ତିର ବଜାର ଘରେ ରଖିଥିଲେ। ସେ ପୀଡ଼ିତାଙ୍କୁ ବାରମ୍ବାର ବଳାତ୍କାର କରିବା ସହ ବିବାହ ପାଇଁ ୫ ଲକ୍ଷ ଟଙ୍କା ଯୌତୁକ ଦାବି କରୁଥିଲେ। ଶୁକ୍ରବାର ଯୌତୁକର ପ୍ରଥମ କିସ୍ତି ପାଇବା ପରେ ୧୧ ତାରିଖରେ ନାବାଳିକାଙ୍କୁ ବିବାହ କରିବା ପାଇଁ ଅଜୟ୍ ରାଜି ହୋଇଥିଲେ। ପରେ ଯୌତୁକକୁ ନେଇ ଅଜୟ୍ ଓ ତାଙ୍କ ମାଆଙ୍କ ମଧ୍ୟରେ ଝଗଡା ହୋଇଥିଲା। ଅଜୟ୍ ପୀଡିତାଙ୍କ ଉପରେ କିରୋସିନ ଢ଼ାଳି ନିଆଁ ଲଗାଇଦେଇଥିଲେ ବୋଲି ପୋଲିସ କହିଛି। ପୋଲିସ ପୀଡିତାଙ୍କ ମୃତ୍ୟୁ ପୂର୍ବରୁ ଜମାନବନ୍ଦୀ ରେକର୍ଡ କରି ତଦନ୍ତ ଚଳାଇଛି।



ଅଭିନେତ୍ରୀ ଦୀପିକା ପାଦୁକୋନ୍ ତାଙ୍କ ବାଲ୍ୟ ବାନ୍ଧବୀ ଦିବ୍ୟା ନାରାୟଣଙ୍କ ସହ ନେଇଥିବା ଏକ ଫଟୋ ସହ ନିଜର ଏକ ସେଲ୍ଫିକୁ ରବିବାର ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ଅଭିନେତ୍ରୀ ଆଲିଆ ଭଟ୍ଟ ଏଥିରେ କମେଣ୍ଟ ଦେଇଛନ୍ତି, 'ଓ ମାଇଁ ଗଡ୍! ବ୍ୟୁଟି !!!!'



## ମହାକାଶରେ ଖୋଲିବ ହୋଟେଲ

**ୱାଶିଂଟନ:** ସ୍ପେସ୍‌ସାଇନ୍ସ ଯୋଗେ ବୈଜ୍ଞାନିକମାନେ ମହାକାଶ ସମ୍ପର୍କରେ ଅନେକ ରିସର୍ଚ୍ଚ ଚଳାଇଥିବା ବେଳେ ଅନେକ ରହସ୍ୟମୟ ତଥ୍ୟ ପଦାକୁ ଆସୁଛି। ମହାକାଶ ସମ୍ପର୍କରେ ନୂଆ ନୂଆ ତଥ୍ୟ ଉଦ୍ଭାବନ କରିବା ପାଇଁ ଭାରତ ସମେତ ଆମେରିକା ଓ ଜାପାନ ଆଦି ଦେଶର ସ୍ପେସ୍ ଏଜେନ୍ସି ପକ୍ଷରୁ ନିରନ୍ତର ଉଦ୍ୟମ ଜାରି ରହିଛି। ବୈଜ୍ଞାନିକଙ୍କ ଉଦ୍ୟମ କ୍ରମେ ଲଙ୍କା ଚାଷଠାରୁ ଆରମ୍ଭ କରି ଅନେକ ଅବିଶ୍ୱସନୀୟ କାର୍ଯ୍ୟ ମହାକାଶରେ ହୋଇପାରିଛି। ଏବେ ଆମେରିକାର ସ୍ପେସ୍ ଏଜେନ୍ସି ନାସା (ନ୍ୟାଶନାଲ ଏରୋନେଟିକ୍ସ ଆଣ୍ଡ ସ୍ପେସ ଆଡ୍‌ମିନିଷ୍ଟ୍ରେଶନ) ରୋବୋଙ୍କ ପାଇଁ ମହାକାଶରେ ହୋଟେଲ ଖୋଲିବ ବୋଲି ନିଷ୍ପତ୍ତି ନେଇଛି। ଏହି ହୋଟେଲରେ ୨ଟି ରୋବୋ ରହିପାରିବେ। ହୋଟେଲ ନାଁ ଦିଆଯିବ 'ରୋବୋ ହୋଟେଲ'। ଆଗାମୀ ଦିନରେ ନାସା ମହାକାଶରେ ରୋବଟିକ୍ସ ଟୁଲ୍ ଷ୍ଟୋଜି (ଆର୍‌ଟିଏସ୍) ଲଞ୍ଚ କରିବ। ଏହି ଅବସରରେ ସେଠାରେ ରୋବୋ ହୋଟେଲ ବି ଆଟାଚ୍ କରାଯିବ। ଏହାକୁ ଅନ୍ତଃରାଷ୍ଟ୍ରୀୟ ରୋବୋ ଷ୍ଟେଶନ (ଆଇଏସ୍‌ଏସ୍) ବାହାରେ ରଖାଯିବ। ୧୯ତମ ସ୍ପେଶ୍‌ଏକ୍ସ କମର୍ସିଆଲ ଲଞ୍ଚିଂ ସମୟରେ ହୋଟେଲ ସ୍ଥାପନ କରାଯିବ ବୋଲି ନାସା ପକ୍ଷରୁ କୁହାଯାଇଛି। ହୋଟେଲରେ ଲାର୍ଜ ସ୍କେଲ ସ୍ପେକ୍ଟ୍ରୋମିଟର ଓ ଆଉଟ୍‌ଫିଟ୍ ରଖାଯିବ, ଯାହା ସାହାଯ୍ୟରେ ରୋବୋ ଆମୋନିଆ ଭଳି ଗ୍ୟାସ୍‌ର ଉପସ୍ଥିତି ଶୁଙ୍ଘି ପାରିବ। ଏହି ଉପକରଣ ସାହାଯ୍ୟରେ ସ୍ପେସ୍ ଷ୍ଟେଶନରେ ହେବାକୁ ଥିବା କୌଣସି ବି ଲିକ୍ ସମ୍ପର୍କରେ ସୂଚନା ମିଳିପାରିବ ବୋଲି ନାସା ପକ୍ଷରୁ ସୂଚନା ଦିଆଯାଇଛି।



## ସ୍ମାର୍ଟ୍‌ଫୋନ ସହ କିଲେ ପିଆଜ ଫ୍ରି

**ଚେନ୍ନାଇ:** ପିଆଜର ଦର କିଲୋ ୧୪୦ରେ ପହଞ୍ଚିଥିବାବେଳେ ଏହା ଏବେ କୌଣସି ମୂଲ୍ୟବାନ ଜିନିଷଠାରୁ କମ୍ ହୋଇନାହିଁ। ଫଳରେ ଏହାକୁ ନେଇ ଏବେ ଅନେକ ଘଟଣା ପଦାକୁ ଆସୁଛି। ନିକଟରେ ଜଣେ ଚାଷୀଙ୍କ ଖେତରୁ ପିଆଜ ଗଛ ଓପାଡ଼ି କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ନଜରକୁ ଆସିଥିବାବେଳେ ଏବେ ଏକ ରୋଚକ ଘଟଣା ସାମ୍ନାକୁ ଆସିଛି। ପିଆଜ ଦର ଅଧିକ ରହିଥିବାରୁ ତାମିଲ୍‌ନାଡୁର ଥାଞ୍ଜାଭୁର୍ ଜିଲାରେ ଜଣେ ମୋବାଇଲ୍ ଦୋକାନୀ ସ୍ମାର୍ଟଫୋନ୍ କିଣିଲେ କିଲେ ପିଆଜ ମାଗଣାରେ ଦେବା ପାଇଁ ଅଫର୍ ରଖିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଦୋକାନ ମାଲିକ କୁହନ୍ତି, ଆଗରୁ ୨ଟି ମୋବାଇଲ୍ ବିକ୍ରି ହେଉଥିବାବେଳେ ଲୋକେ ଏହି ଅଫର୍ ବିଷୟରେ ଜାଣିବା ପରେ ସ୍ମାର୍ଟଫୋନ୍‌ର ବିକ୍ରି ଯଥେଷ୍ଟ ବଢ଼ିଛି। ତେଣୁ ଗ୍ରାହକଙ୍କୁ ଏହି ଅଫର୍ ନିଶ୍ଚୟ ପସନ୍ଦ ଆସିଛି ବୋଲି ସେ କହିଛନ୍ତି।



## ଭିନ୍ନ ଲୁକ୍‌ରେ ଆମିର

**ମୁମ୍ବାଇ:** ବଲିଉଡ୍ ନାୟକ ଆମିର ଖାଁ ବେଶ୍ କିଛିଦିନ ହେବ ବଡ ପରଦାରେ ଆଉ ନଜର ଆସୁ ନାହାନ୍ତି। ହେଲେ ବଲିଉଡର ଏହି ମିଷ୍ଟର ପରଫେକ୍ସନିଷ୍ଟ ତାଙ୍କ ଅପ୍‌କମିଙ୍ଗ ଫିଲ୍ମକୁ ନେଇ ଏବେ ଚର୍ଚ୍ଚାରେ ରହୁଛନ୍ତି। ଖୁବ୍‌ଶୀଘ୍ର ସେ ଲାଲ ସିଂ ଚଡ୍ଡାରେ ନଜର ଆସିବେ। ଫିଲ୍ମର ପୋଷ୍ଟର ରିଲିଜ୍ କରାଯିବା ପରଠାରୁ ତାଙ୍କ ଫ୍ୟାନମାନଙ୍କ ମଧ୍ୟରେ ଫିଲ୍ମକୁ ନେଇ ଏକ୍ସାଇଟମେଣ୍ଟ ବଢିଯାଇଛି। ଫିଲ୍ମର ଟିଜର ଆସିବାକୁ ଏବେ ବହୁ ସମୟ ବାକିଥିବା ବେଳେ ଏବେ କିନ୍ତୁ ସୋସିଆଲ ମିଡିଆରେ ଏହାର ନୂଆଲୁକ୍ ଦେଖିବାକୁ ମିଳିଛି। ଯଦିଓ ଏହାକୁ ଅଫିସିୟାଲି ରିଲିଜ୍ କରାଯାଇନାହିଁ କିଛି ଫ୍ୟାନ୍ ପେଜ୍ ଶୁଟିଂ ସମୟରେ ଉଠାଇଥିବା ଫଟୋକୁ ସୋସିଆଲ ମିଡିଆରେ ଅପଲୋଡ କରି ଦେଇଛନ୍ତି। ଏହି ଫଟୋରେ ଆମିର ଖୋଲା ରହିଥିବା ଲମ୍ବା କେଶ ସାଙ୍ଗକୁ ଲମ୍ବା ଦାଢିରେ ନଜର ଆସିଛନ୍ତି। ସେ ମୁଣ୍ଡରେ ଟୋପି ଲଗାଇଥିବା ବେଳେ ତାଙ୍କ ଓଜନ ମଧ୍ୟ ବୃଦ୍ଧି ହେଲା ଭଳି ମନେ ହେଉଛି। କେତେଜଣ ପ୍ରଶଂସକ ତାଙ୍କୁ ଏହି ଫଟୋରେ ଚିହ୍ନି ପାରୁ ନ ଥିବା ବେଳେ କମେଣ୍ଟ ବକ୍ସରେ କମେଣ୍ଟ ମଧ୍ୟ ଦେଉଛନ୍ତି। ତେବେ ପୂର୍ବରୁ ପୋଷ୍ଟରରେ ଆମିରଙ୍କ ଲୁକ୍ ଯାହା ଅଛି ତା'ଠାରୁ ବହୁତ୍ ଫରକ୍ ଆସୁଛି ଏବେ ଭାଇରାଲ ହୋଇଥିବା ଫଟୋଟି।



## ୫ ହଜାର ଟଙ୍କାର କଏନ୍‌ରେ ନାମାଙ୍କନ ପତ୍ର ଦାଖଲ

**ରାୟପୁର:** ଛତିଶଗଡ଼ରେ ୧୫୧ଟି ପୌରସଂସ୍ଥା ଲାଗି ନିର୍ବାଚନ ଅନୁଷ୍ଠିତ ହେଉଛି। ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିବାରେ ଲାଗିଛନ୍ତି। ସନ୍ତୋଷ ପାଣ୍ଡେ ନାମକ ଜଣେ ମନ୍ଦିର ପୂଜକଙ୍କ ନାମାଙ୍କନକୁ ନେଇ ଏବେ ଏକ ରୋଚକ ଖବର ସାମ୍ନାକୁ ଆସିଛି। ରାୟପୁରର ରାଣୀ ଦୁର୍ଗାବତୀ ବାଈ ୱାର୍ଡ ନମ୍ବର ୫୦ରୁ ସନ୍ତୋଷ ତାଙ୍କ ସମର୍ଥକଙ୍କ ସହ ନାମାଙ୍କନ ଦାଖଲ କରିବାକୁ ଯାଇଥିଲେ। ସେ ନାମାଙ୍କନ ବାବଦରେ ପଇଠ କରିବାକୁ ୫ ହଜାର ଟଙ୍କାର କଏନ୍ ନେଇ ଯାଇଥିଲେ। ଏହାକୁ ଏକ ଅଖାରେ ନେଇ କ୍ୟାଶ୍ କାଉଣ୍ଟରରେ ଢାଳିଦେଇଥିଲେ। ପରେ କର୍ମଚାରୀମାନେ ଗଣିବା ଲାଗି ଖୁବ୍ କସରତ କରିଛନ୍ତି। ସବୁ କଏନ୍ ଗଣା ସରିବା ପରେ ସନ୍ତୋଷଙ୍କ ନାମାଙ୍କନ ଗ୍ରହଣ କରାଯାଇଥିଲା।

## ଭାଲୁ ପାଇଁ ଗୃହବନ୍ଦୀ



**ମସ୍କୋ:** ରୁଷିଆରେ ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବ ପଡ଼ିଛି ବନ୍ୟଜୀବନ ଉପରେ। ଏଠାକାର ବିରଳ ଧଳାଭାଲୁ ଏବେ ଜନବସତିମୁହାଁ ହୋଇଛନ୍ତି। ଖାସ୍ ଏହି କାରଣରୁ ବରଫାବୃତ ଗ୍ରାମଗୁଡ଼ିକରେ ଜୀବନଯାତ୍ରା ବ୍ୟାପକମାତ୍ରାରେ ପ୍ରଭାବିତ ହୋଇଛି। ଭାଲୁ ଭୟରେ ଲୋକମାନେ ଏକପ୍ରକାର ଗୃହବନ୍ଦୀ ହୋଇ ରହିଛନ୍ତି। ବର୍ଷତମାମ ବରଫରେ ଢାଙ୍କି ହୋଇ ରହୁଥିବା ଚୁକୋଟକା ଜନବସତି ଇଲାକାରେ ୫୬ଟି ବରଫ ଭାଲୁଙ୍କ ନୂଆ ଠିକଣା ପାଲଟିଛି। ଫଳରେ ଉକ୍ତ ଅଞ୍ଚଳରେ ରହୁଥିବା ପ୍ରାୟ ୭୦ହଜାର ବ୍ୟକ୍ତିଙ୍କ ପକ୍ଷେ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ଭୋକିଲା ଶିକାରୀ ଭାଲୁଙ୍କ ଭୟରେ ଲୋକମାନେ କବାଟ କିଳି ରହୁଛନ୍ତି। ପିଲାମାନେ ସ୍କୁଲ ଯିବା ବନ୍ଦ କରିଦେଇଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବା କଥା, ଏପରି ଘଟଣା ଦ୍ୱିତୀୟ ଥର ଘଟିଛି। ଆଗରୁ ମଧ୍ୟ ଭାଲୁମାନେ ଜନବସତିକୁ ପଶି ଆସି ଦୀର୍ଘଦିନ ଧରି ରହିଥିଲେ। ଏହି ଭାଲୁର ହାରାହାରି ଓଜନ ପ୍ରାୟ ୬୦୦ କେଜି। ୪୦ କିମି ଘଣ୍ଟା ପ୍ରତି ବେଗରେ ଦୌଡୁଥିବା ଏହି ଭାଲୁ ପ୍ରତି ସତର୍କ ରଖିବାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି। ରୁଷିଆରେ ବରଫ ଭାଲୁ ଶିକାର ବେଆଇନ। ଅନ୍ୟପଟେ ସେମାନଙ୍କ ଆତଙ୍କକୁ ନେଇ ଏବେ ସେଠାକାର ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି। ବନ୍ୟଜୀବ ବିଜ୍ଞାନୀ ଟାଡ ଏଟ୍‌ବୁଡ କୁହନ୍ତି, ସାଧାରଣତଃ ଗ୍ରୀଷ୍ମରେ ବରଫ ତରଳିବା ଆରମ୍ଭ ହୁଏ। ଫଳରେ ଭାଲୁମାନେ ଖାଦ୍ୟ ଅନ୍ୱେଷଣରେ ସେମାନଙ୍କ ମୂଳସ୍ଥାନ ବଦଳାଇଥାନ୍ତି। ଗ୍ଲୋବାଲ ୱାର୍ମିଂକୁ ନେଇ ଜର୍ନାଲ ସାଇନ୍ସ ଆଡଭାନ୍ସରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ପୃଥିବୀର ତାପମାତ୍ରା ୧୦୦ବର୍ଷରେ ଯେତିକି ବଢ଼ିଛି, ସେତିକି ୧୦ବର୍ଷରେ ବୃଦ୍ଧିଘଟିଛି ଉତ୍ତରମେରୁରେ। ଗତ ଦଶନ୍ଧିରେ ଏଠାକାର ତାପମାତ୍ରା ୦.୭୫ ଡିଗ୍ରୀ ସେଲ୍‌ସିୟସ ବଢ଼ିଛି, ଯାହା ୧୩୭ ବର୍ଷର ତାପମାତ୍ରା ବୃଦ୍ଧି ସହିତ ସମାନ।

## ବିନା ପାଣିରେ ବଞ୍ଚିଛନ୍ତି ଯୁବତୀ



ପାଣି ବିନା ମଣିଷ ବଞ୍ଚିପାରିବ ନାହିଁ। ଏକ କଥା ସମସ୍ତେ ଜାଣନ୍ତି। ମାତ୍ର ନୂଆଦିଲ୍ଲୀର ୧୯ ବର୍ଷୀୟା ଯୁବତୀ ଲିଣ୍ଡ୍‌ସେ ଚୌବା ବିନା ପାଣିରେ ବଞ୍ଚୁଛନ୍ତି। ଶୁଣି ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। କାରଣ ସେ ପାଣି ସଂସ୍ପର୍ଶରେ ଆସିବା କ୍ଷଣି ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଏପରି ବିଗିଡ଼ି ଯାଉଛି, ଯାହା ଦେଖି ଡାକ୍ତର ବି ଚକିତ ହୋଇପଡୁଛନ୍ତି। ସେ ପାଣି ସଂସ୍ପର୍ଶରେ ଆସିବା ମାତ୍ରେ ଏକ ଅଜବ ରୋଗର ଶିକାର ହେଉଛନ୍ତି। ପାଣି ପିଇଲେ, ଗାଧୋଇଲେ ଯାହା କଲେ ବି ତାଙ୍କ ଅବସ୍ଥା ଖରାପ ହୋଇଯାଉଛି। ଫଳରେ ସେ ପାଣି ନ ପିଇ ଶୋଷ ମେଣ୍ଟାଇବାକୁ କ୍ଷୀର ପିଉଛନ୍ତି। ପାଣିରେ ହାତ ଦେବା ମାତ୍ରେ ତାଙ୍କ ଦେହହାତ ଲାଲ୍ ହୋଇ କୁଣ୍ଡାଇ ହେବା ସହ ଫୁଲିଯାଉଛି। ଡାକ୍ତର କୁହନ୍ତି, ଲିଣ୍ଡ୍‌ସେଙ୍କୁ ଆକ୍ୱାଜେନିକ୍ ଅର୍ଟିକ୍ୟାରିୟା ନାମକ ଏକ ରୋଗ ହୋଇଛି। ଆଲର୍ଜି ଯୋଗୁ ଏହା ହୋଇଥାଏ। ଲିଣ୍ଡ୍‌ସେଙ୍କୁ ପ୍ରତିଦିନ ମେଡିସିନ ଖାଇବାକୁ ପଡୁଛି। ନଚେତ୍ ଦେହରେ ପାଣି ଲାଗିବା କ୍ଷଣି ତାଙ୍କର ଅବସ୍ଥା ବିଗିଡ଼ି ଯାଉଛି। ତେଣୁ ବିନା ପାଣିରେ ସେ ଜୀବନ ବଞ୍ଚାଇଛନ୍ତି।

## ଚୋରି କରି କୋଟିପତି



**ନୂଆଦିଲ୍ଲୀ:** ଜଣେ ଚୋରି କରି କୋଟିପତି ହେବା ଘଟଣା କମ୍ ଶୁଣିବାକୁ ମିଳେ। ହେଲେ ନୂଆଦିଲ୍ଲୀରେ ଜଣେ ୩୬ ବର୍ଷୀୟ ଚୋର ୨.୨୫ କୋଟି ଟଙ୍କା ଏବଂ ୨ଟି ଫ୍ଲାଟ୍‌ର ମାଲିକ ହୋଇଥିବା ଘଟଣା ସାମ୍ନାକୁ ଆସିଛି। ସେ ଅନ୍ୟ ଘରେ ଚୋରି, ଡକାୟତି କରିବାରେ ଏତେ ମାହିର୍ ଯେ, କିଛିବର୍ଷ ମଧ୍ୟରେ ସେ ଏତେ ସମ୍ପତ୍ତିର ଅଧିକାରୀ ହୋଇଛନ୍ତି। ନିଜ ଅଞ୍ଚଳ ସହ ଆଖପାଖ ଅଞ୍ଚଳରେ ବିଭିନ୍ନ ଚୋରି, ଡକାୟତି ମାମଲାରେ ପୋଲିସ ତାଙ୍କୁ ଗୁରୁବାର ଷଷ୍ଠଥର ପାଇଁ ଗିରଫ କରିଛି। ତଦନ୍ତବେଳେ ତାଙ୍କ ନିକଟରୁ ନଗଦ ୨୭ଲକ୍ଷ ଟଙ୍କା, ୨.୨୫ କେଜି ସୁନା ଗହଣା ଜବତ କରାଯାଇଥିବା ସୂଚନା ମିଳିଛି।



ଆୟୁଷ୍ମାନ୍ ଖୁରାନା

## କରଣଙ୍କ ରୋମାଣ୍ଟିକ୍ ଫିଲ୍ମରେ ନଜର ଆସିବେ ଆୟୁଷ୍ମାନ୍

**ମୁମ୍ବାଇ:** ଗୋଟିଏ ପରେ ଗୋଟିଏ ହିଟ୍ ଫିଲ୍ମ ଭେଟି ଦେବା ପରେ ଅଭିନେତା ଆୟୁଷ୍ମାନ ଖୁରାନାଙ୍କ ଚାହିଦା ବଢ଼ିଗଲାଣି। ନାମୀଦାମୀ ନିର୍ଦ୍ଦେଶକ ଆୟୁଷ୍ମାନଙ୍କୁ ତାଙ୍କ ଫିଲ୍ମରେ ନେବା ପାଇଁ ଚାହୁଁଛନ୍ତି। ଖୁବ୍‌ଶୀଘ୍ର ସେ ନିର୍ମାତା ତଥା ନିର୍ଦ୍ଦେଶକ କରଣ ଜୋହରଙ୍କ ଫିଲ୍ମରେ ନଜର ଆସିବେ। ଧର୍ମା ପ୍ରଡକ୍ସନ ସଂସ୍ଥାରେ ନିର୍ମାଣ ହେବାକୁ ଯାଉଥିବା ଏକ ରୋମାଣ୍ଟିକ୍, କମେଡି ଫିଲ୍ମରେ ଆୟୁଷ୍ମାନ କାମ କରିବେ ବୋଲି ଶୁଣିବାକୁ ମିଳୁଛି। ଫିଲ୍ମର ଟାଇଟଲ୍ କ'ଣ ରହିଛି ତାହା ଜଣା ପଡ଼ି ନ ଥିଲେ ହେଁ ଆୟୁଷ୍ମାନ ଫିଲ୍ମଟିରେ ସାଇନ୍ କରିଥିବା ସ୍ପଷ୍ଟ ହୋଇଛି। 'ଗୁଡ୍‌ନ୍ୟୁଜ୍', 'ସୂର୍ଯ୍ୟବଂଶୀ' ଏବଂ 'ବ୍ରହ୍ମାସ୍ତ୍ର'ପରେ ଧର୍ମା ପ୍ରଡକ୍ସନ ଆଉ ଏକ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି। ଯେଉଁଥିରେ ଆୟୁଷ୍ମାନ ଅଭିନୟ କରିବେ। ଯଦିଓ ଆୟୁଷ୍ମାନ ଏବଂ କରଣ ଜୋହର ଏନେଇ କିଛି କହି ନାହାନ୍ତି ତଥାପି ଆୟୁଷ୍ମାନ କହିଛନ୍ତି କରଣଙ୍କୁ କିଛି ଦିନ ପୂର୍ବରୁ ସେ ପଚାରିଥିଲେ ତାଙ୍କ ଫିଲ୍ମରେ ଅଭିନୟ କରିପାରିବେ କି। କିନ୍ତୁ ଏହି ଅଫରକୁ ସେତେବେଳେ ସେ ରିଜେକ୍ଟ କରିଦେଇଥିଲେ। ବର୍ତ୍ତମାନ କରଣ ତାଙ୍କୁ ଫିଲ୍ମରେ ନେବା ପାଇଁ ଚାହୁଁଛନ୍ତି।



ଜାହ୍ନବୀ କପୁର

## ଜାହ୍ନବୀଙ୍କ 'ଦେଶୀ ଗାର୍ଲ' ଅବତାର

**ମୁମ୍ବାଇ:** ବଲିଉଡ୍ ନାୟିକା ଜାହ୍ନବୀ କପୁରଙ୍କ ଦେଶୀ ଗର୍ଲ ଲୁକ୍‌କୁ ନେଇ ଆଜିକାଲି ଖୁବ୍ ଚର୍ଚ୍ଚା। ଲୋକପ୍ରିୟ ସେଲିବ୍ରିଟି ଫ୍ୟାଶନ୍ ଡିଜାଇନର ମନୀଷ ମଲ୍‌ହୋତ୍ରାଙ୍କ ଡିଜାଇନର୍ ଶାଢ଼ି ପିନ୍ଧି ସୋସିଆଲ ମିଡିଆରେ ପ୍ରଶଂସା ସାଉଁଟୁଛନ୍ତି ଜାହ୍ନବୀ। ମନୀଷଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଏକ ଲାଭେଣ୍ଡର ସ୍ୱରୋଭ୍‌ସ୍କି କ୍ରିଷ୍ଟାଲ୍ ସିକ୍ୱିନ୍ସ ଶାଢ଼ିରେ ସେ ଖୁବ୍ ଷ୍ଟାଇଲିଶ୍ ଆଉ ଗ୍ଲାମ୍‌ରସ୍ ଦେଖାଯାଉଛନ୍ତି। ଜାହ୍ନବୀଙ୍କ ଏହି ଲୁକ୍ ଦେଖି ଦର୍ଶକଙ୍କୁ 'ଦୋସ୍ତାନା' ଫିଲ୍ମରେ ପ୍ରିୟଙ୍କା ଚୋପ୍ରାଙ୍କ 'ଦେଶୀ ଗାର୍ଲ' ଅବତାର ମନେପଡ଼ିଯାଉଛି। ଅନ୍ୟପଟେ ଏହାର ସିକ୍ୱେଲ୍ 'ଦୋସ୍ତାନା-୨'ରେ ଜାହ୍ନବୀ ନଜରକୁ ଆସିବେ।

୨୨ ବର୍ଷୀୟା ଜାହ୍ନବୀ ନିକଟରେ ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମରେ ୪ଟି ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ତାଙ୍କୁ ମନୀଷଙ୍କ ଡିଜାଇନର ଶାଢ଼ିରେ ଦେଖିବାକୁ ମିଳିଛି। ଲାଇଟ୍ ମେକ୍‌ଅପ୍, ଖୁବ୍ କମ୍ ଜୁଏଲେରି ସହ ସେ ନିଜ ଲୁକ୍‌କୁ ସିମ୍ପଲ୍ ରଖିଛନ୍ତି। ଏହାସହ ଫଟୋରେ ତାଙ୍କ ଫିଟ୍‌ନେସ୍ ମଧ୍ୟ ବେଶ୍ ଜଣାପଡୁଛି। ନିଷ୍ଠାର ସହ ବ୍ୟାୟାମ କରି ସେ ନିଜକୁ ଫିଟ୍ ରଖିଛନ୍ତି, ଯାହା ତାଙ୍କ ଆବ୍‌ସ ଦେଖିଲେ ସ୍ପଷ୍ଟ ବାରିହୋଇଯାଉଛି। ଶ୍ରୀଦେବୀ-ବୋନୀଙ୍କ ତନୟା ଜାହ୍ନବୀଙ୍କ ପ୍ରଶଂସକ ସାରା ବିଶ୍ୱରେ ଅଛନ୍ତି। ଏବାବଦରେ ଏକ ସାକ୍ଷାତ୍‌କାରରେ ତାଙ୍କୁ ପଚରାଯିବାରୁ ସେ କହିଥିଲେ, ଜୀବନରେ ଆମ ଯାହା କିଛି କରୁ, ଭଲପାଇବା ତଥା ପ୍ରେମ ପାଇବାକୁ କରିଥାଉ। ଏଣୁ ସାରା ଦୁନିଆରୁ ପ୍ରଶଂସକଙ୍କ ଭଲପାଇବା ଓ ସ୍ନେହ ପାଇବାକୁ ମୁଁ ଜୀବନ ସାରା କଷ୍ଟ କରୁଥିବି ବୋଲି ଜାହ୍ନବୀ କହିଥିଲେ।

# ବ୍ରେନ୍ ଷ୍ଟ୍ରୋକ୍



''ନିକଟରେ କରାଯାଇଥିବା ଏକ ସର୍ଭେ ଅନୁସାରେ ଆମ ଦେଶରେ ମୃତ୍ୟୁର ଦ୍ୱିତୀୟ ମୁଖ୍ୟ କାରଣ ହେଉଛି ବ୍ରେନ ଷ୍ଟ୍ରୋକ୍। ଆମ ଦେଶର ରାଜ୍ୟଗୁଡ଼ିକ ମଧ୍ୟରେ ପଶ୍ଚିମ ବଙ୍ଗଳା ପରେ ଓଡ଼ିଶାରେ ସବୁଠାରୁ ଅଧିକ ଲୋକ ଷ୍ଟ୍ରୋକ୍ ଦ୍ୱାରା ଆକ୍ରାନ୍ତ ହୁଅନ୍ତି। ୧୫ ମିଲିୟନ ଲୋକ ପୃଥିବୀରେ ପ୍ରତିବର୍ଷ ଷ୍ଟ୍ରୋକ୍‌ର ଶିକାର ହୁଅନ୍ତି। ସେଥିରୁ ୬ ମିଲିୟନ ରୋଗୀ ମୃତ୍ୟୁମୁଖରେ ପଡ଼ନ୍ତି ଏବଂ ୫ ମିଲିୟନ ରୋଗୀ ଜୀବନସାରା ଅକର୍ମଣ୍ୟ ହୋଇଯାଆନ୍ତି। ପ୍ରତି ୬ ସେକେଣ୍ଡରେ ପୃଥିବୀରେ ଜଣେ ଲୋକ ଷ୍ଟ୍ରୋକ୍ ଦ୍ୱାରା ଆକ୍ରାନ୍ତ ହୁଅନ୍ତି।''





ଡା. ଶୁଭ୍ରାଂଶୁ ଶେଖର ଜେନା

ଆମ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ବ୍ରେନ୍ ବା ମସ୍ତିଷ୍କ। ଏହା ନିରବଚ୍ଛିନ୍ନ ଭାବେ କାମ କରିବା ଫଳରେ ଆମେ ସମସ୍ତ କାମ କରିପାରୁ। ଏହା ଶରୀରର ଅନ୍ୟ ସବୁ ଅଙ୍ଗକୁ ମଧ୍ୟ ନିୟନ୍ତ୍ରଣ କରିଥାଏ। ବ୍ରେନ୍‌କୁ ଆମ ଶରୀରର କନ୍‌ଟ୍ରୋଲର ରୁମ ବୋଲି କୁହାଯାଏ। ବ୍ରେନ୍ ନ୍ୟୁରୋ କୋଷିକା ମାଧ୍ୟମରେ ତିଆରି ହୋଇଥାଏ। ନ୍ୟୁରୋ କୋଷିକାଗୁଡ଼ିକ ଅହରହ ଅମ୍ଳଜାନ, ଗ୍ଲୁକୋଜ ବା ଅନ୍ୟାନ୍ୟ ସାର ପଦାର୍ଥ ଉପରେ ନିର୍ଭର କରିଥାଆନ୍ତି। ମାତ୍ର ଯେତେବେଳେ ବ୍ରେନକୁ ନିଜ କାମ କରିବା ଭିତରେ ଅର୍ଟି ବା ଧମନୀରେ ଆବଶ୍ୟକ ହେଉଥିବା ରକ୍ତ ଓ ଅମ୍ଳଜାନ ମିଳେନାହିଁ ତାହାକୁ 'ବ୍ରେନ ଷ୍ଟ୍ରୋକ୍' କୁହାଯାଏ। ବ୍ରେନ ଭିତରେ ରକ୍ତ ପ୍ରଭାବ ଠିକ ଭାବରେ ନ ହେଲେ ମିନିଟକୁ ୨ ଲକ୍ଷରୁ ଅଧିକ କୋଷ ବ୍ରେନ ଭିତରେ ମରିବାକୁ ଲାଗେ, ଯାହାଫଳରେ ରୋଗୀର ଜୀବନ ପ୍ରତି ମଧ୍ୟ ବିପଦ ଥାଏ।

ନିକଟରେ କରାଯାଇଥିବା ଏକ ସର୍ଭେ ଅନୁସାରେ ଆମ ଦେଶରେ ମୃତ୍ୟୁର ଦ୍ୱିତୀୟ ମୁଖ୍ୟ କାରଣ ହେଉଛି ବ୍ରେନ ଷ୍ଟ୍ରୋକ୍। ଆମ ଦେଶର ରାଜ୍ୟଗୁଡ଼ିକ ମଧ୍ୟରେ ପଶ୍ଚିମ ବଙ୍ଗଳା ପରେ ଓଡ଼ିଶାରେ ସବୁଠାରୁ ଅଧିକ ଲୋକ ଷ୍ଟ୍ରୋକ ଦ୍ୱାରା ଆକ୍ରାନ୍ତ ହୁଅନ୍ତି। ୧୫ ମିଲିୟନ ଲୋକ ପୃଥିବୀରେ ପ୍ରତିବର୍ଷ ଷ୍ଟ୍ରୋକ୍‌ର ଶିକାର ହୁଅନ୍ତି। ସେଥିରୁ ୬ ମିଲିୟନ ରୋଗୀ ମୃତ୍ୟୁମୁଖରେ ପଡନ୍ତି ଏବଂ ୫ ମିଲିୟନ ରୋଗୀ ଜୀବନସାରା ଅକର୍ମଣ୍ୟ ହୋଇଯାଆନ୍ତି। ପ୍ରତି ୬ ସେକେଣ୍ଡରେ ପୃଥିବୀରେ ଜଣେ ଲୋକ ଷ୍ଟ୍ରୋକ୍ ଦ୍ୱାରା ଆକ୍ରାନ୍ତ ହୁଅନ୍ତି।

ବ୍ରେନରେ ହେଉଥିବା ଅନ୍ୟାନ୍ୟ ରୋଗ ଅପେକ୍ଷା ବ୍ରେନ ଷ୍ଟ୍ରୋକ୍ ଏକ ସାଧାରଣ ସମସ୍ୟା, ଯାହା କେତେବେଳେ ବି ହୋଇପାରେ। ତୁରନ୍ତ ଏହାର ଚିକିତ୍ସା କରା ନ ଗଲେ ରୋଗୀ ପାରାଲିସିସ୍ ବା ପକ୍ଷାଘାତର ଶିକାର ହୋଇଥାଏ।

ଚିକିତ୍ସା ବିଜ୍ଞାନରେ ବ୍ରେନ ଷ୍ଟ୍ରୋକ୍‌କୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ପ୍ରଥମଟି ହେଲା ଇସକେମିକ ଷ୍ଟ୍ରୋକ୍ ଆଉ ଅନ୍ୟଟି ହେଲା ହେମୋରେଜିକ ଷ୍ଟ୍ରୋକ୍। ବ୍ରେନକୁ ରକ୍ତ ପ୍ରବାହ ବନ୍ଦ ହୋଇଗଲେ, ତାହାକୁ ଇସକେମିକ ଷ୍ଟ୍ରୋକ୍ କୁହାଯାଏ ଏବଂ ବ୍ରେନ ଭିତରେ ଥିବା ଧମନୀଗୁଡ଼ିକ ଫାଟିଯାଇ ରକ୍ତ ଜମିବା ଫଳରେ ହେଉଥିବା ଷ୍ଟ୍ରୋକ୍‌କୁ ହେମୋରେଜିକ ଷ୍ଟ୍ରୋକ୍ କୁହାଯାଏ।

**କେଉଁମାନଙ୍କୁ ଷ୍ଟ୍ରୋକ୍ ହେବାର ସମ୍ଭାବନା ଅଧିକ:** ଆଜିକାଲିର ସହରୀ ଜୀବନଶୈଳୀରେ ଆମ ଭିତରୁ କାହାକୁ ବି କେତେବେଳେ ହୋଇପାରେ ବ୍ରେନଷ୍ଟ୍ରୋକ୍। ତେବେ ଯେଉଁମାନଙ୍କର ଡାଇବେଟିସ, ଉଚ୍ଚ ରକ୍ତଚାପ, ରକ୍ତରେ କୋଲେଷ୍ଟରଲ ସମସ୍ୟା ଅଛି ଏବଂ ଏହାକୁ ନିୟନ୍ତ୍ରଣରେ ରହିବା ପାଇଁ ନିୟମିତ ଔଷଧ ଖାଆନ୍ତି ନାହିଁ। ସେମାନଙ୍କୁ ବ୍ରେନ ଷ୍ଟ୍ରୋକ୍ ହେବାର ଆଶଙ୍କା ଅଧିକଥାଏ। ଏହା ବୟସ୍କ ବ୍ୟକ୍ତି, ଅତ୍ୟଧିକ ମୋଟାବ୍ୟକ୍ତି, ନିୟମିତ ଧୂମପାନ କିମ୍ବା ମଦ୍ୟପାନ କରିଲେ। ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଖାଇଲେ ଏବଂ ଆଦୌ ଶାରୀରିକ ପରିଶ୍ରମ ନ କଲେ ବ୍ରେନ ଷ୍ଟ୍ରୋକ୍ ହେବାର ଆଶଙ୍କା ଅଧିକ ଥାଏ। ଏହାଛଡ଼ା ପରିବାରରେ କାହାକୁ ଏ ସମସ୍ୟା ଥିଲେ ଜନ୍ମଗତ ତ୍ରୁଟି, ବ୍ରେନ ଭିତରେ ଥିବା ସ୍ନାୟୁଗୁଡ଼ିକର କୌଣସି ଅସୁବିଧା ଥିଲେ, ବ୍ରେନ ଭିତରେ କୌଣସି ସଂକ୍ରମଣ ଥିଲେ ମଧ୍ୟ ବ୍ରେନ ଷ୍ଟ୍ରୋକ୍ ହୋଇପାରେ।

**ଲକ୍ଷଣ**

ବିଶ୍ୱ ଷ୍ଟ୍ରୋକ୍ ଅର୍ଗାନାଇଜେଶନ ଷ୍ଟ୍ରୋକ୍‌ର ଲକ୍ଷଣକୁ ସହଜରେ ମନେରଖିବା ପାଇଁ ଗୋଟେ ମିନୋମିକ୍ସ ଦେଇଛନ୍ତି। 'FAST'

F-FACE ମୁହଁଟି ବଙ୍କା ହୋଇଗଲେ ବା ବଧିରା ହୋଇଗଲେ।

A-ARM ହାତ ଦୁର୍ବଳ ବା ବଧିରା ହେଲେ।

S-SPEACH କହିବା ବେଳେ ଖନି ମାରିଲେ ବା କଥା ଅସ୍ପଷ୍ଟ ହେଲେ।

T-Time-ଶୀଘ୍ର ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

**ଅନ୍ୟ ଲକ୍ଷଣ**

ମୁଣ୍ଡ ବଥା ହେଲେ, ହଠାତ୍ ମୁଣ୍ଡ ବୁଲାଇଲେ, ଆଖି ଆଗରେ ଅନ୍ଧାର, ଧୀରେ ଧୀରେ ସ୍ମରଣଶକ୍ତି କମିଗଲେ ବା ବାତ ମାରିଲେ ଷ୍ଟ୍ରୋକ୍‌ର ଲକ୍ଷଣ ହୋଇପାରେ। ବ୍ରେନ ଷ୍ଟ୍ରୋକ୍ ହେଲେ ଆଦୌ ସମୟ ନଷ୍ଟ ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ସିଟି ସ୍କାନ ଏବଂ ଆବଶ୍ୟକ ହେଲେ ଏମ.ଆର.ଆଇ. ସ୍କାନ କରିବାକୁ ପଡ଼ିଥାଏ। ଏହାଦ୍ୱାରା ବ୍ରେନ ଭିତରେ କେଉଁ ସ୍ଥାନରେ ସମସ୍ୟା ହୋଇଛି ଏବଂ ଏହା କେଉଁ ପ୍ରକାରର ଷ୍ଟ୍ରୋକ୍ ତାହା ଜଣାପଡ଼ିଥାଏ। ଏହା ବ୍ୟତୀତ ଚିକିତ୍ସା ଆରମ୍ଭ କରିବା ପାଇଁ କିଛି ରକ୍ତ ପରୀକ୍ଷା କରିବା ସହିତ କିଡ୍‌ନୀ ଓ ଲିଭର ପରୀକ୍ଷା, ରକ୍ତ ଶର୍କରା, ଲିପଡ ପ୍ରୋଫାଇଲ, ହାର୍ଟର ପରୀକ୍ଷା ଇତ୍ୟାଦି କରିବାକୁ ପଡ଼ିଥାଏ।

**ଚିକିତ୍ସା ପଦ୍ଧତି:** ବ୍ରେନ ଷ୍ଟ୍ରୋକ ହେବାର ପ୍ରଥମ ୪-୫ ଘଣ୍ଟା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଠିକ ଚିକିତ୍ସା ଆରମ୍ଭ କଲେ ସଫଳତା ମିଳିଥାଏ। ଏହି ସମୟ ମଧ୍ୟରେ ଇସକେମିକ ଷ୍ଟ୍ରୋକ୍ ପାଇଁ ସାଧାରଣତଃ ଥମ୍ବୋଲାୟସିସ୍ ସାହାଯ୍ୟରେ ଚିକିତ୍ସା ଆରମ୍ଭ କରାଯାଇଥାଏ। ଏହି ଚିକିତ୍ସା ପଦ୍ଧତିରେ ବ୍ରେନ ଭିତରେ ରକ୍ତ ପ୍ରବାହରେ କୌଣସି ବାଧା ସୃଷ୍ଟି ହୋଇଥିଲେ ଇଞ୍ଜେକ୍‌ସନ ସାହାଯ୍ୟରେ ବ୍ଲକେଜକୁ ପରିଷ୍କାର କରାଯାଇଥାଏ। ଠିକ ସେହିପରି ବ୍ରେନ ଭିତରେ ହେମୋରେଜିକ ଷ୍ଟ୍ରୋକ ହୋଇଥିଲେ ସ୍ନାୟୁଶଲ୍ୟ ବିଭାଗର ପରାମର୍ଶ ଆବଶ୍ୟକ ହୋଇଥାଏ। ବ୍ରେନ ଷ୍ଟ୍ରୋକ ହେବାପରେ ରାତିରେ ଅତି କମରେ ୬ରୁ ୮ ଘଣ୍ଟା ଶୁଅନ୍ତୁ। ବୟସ ଅଧିକ ଥିଲେ ନିୟମିତ ବ୍ୟବଧାନରେ ଡାକ୍ତରୀ ପରୀକ୍ଷା କରନ୍ତୁ। ଏହିସବୁ ସତର୍କତା ଏବଂ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଧ୍ୟାନଦେଲେ ଏବଂ ସ୍ୱାସ୍ଥ୍ୟ ସଚେତନ ହୋଇପାରିଲେ ବ୍ରେନ ଷ୍ଟ୍ରୋକ୍ ଭଳି ମାରାତ୍ମକ ରୋଗଠାରୁ ଆପଣ ମଧ୍ୟ ସୁରକ୍ଷିତ ରହିପାରିବେ।

*-ବରିଷ୍ଠ ନ୍ୟୁରୋଲୋଜୀ ସ୍ପେଶିଆଲିଷ୍ଟ*
*କେୟାର ହସ୍ପିଟାଲ, ଭୁବନେଶ୍ୱର*
*ମୋ: ୯୬୫୮୬୦୯୪୯୫*

# ସ୍ମରଣ ଶକ୍ତି ବଢ଼ାଇବାର ସହଜ ଉପାୟ



ସ୍ମରଣ ଶକ୍ତି ବଢ଼ାଇବାର ଏକ ସହଜ ଉପାୟ ରହିଛି। ତାହା ପୁଣି ହାତପାଆନ୍ତାରେ। ଆପଣ ପ୍ରତିଦିନ କିଛି ସମୟ ସାଙ୍ଗମାନଙ୍କ ସହ ଗପୁଛନ୍ତି କି ? ଯଦି ହଁ, ତେବେ ଏହା ଆପଣଙ୍କ ସ୍ମରଣ ଶକ୍ତି ବଢ଼ାଇବାରେ ଅନେକାଂଶରେ ସହାୟକ ହୋଇପାରିବ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ଗୋଟିଏ ଗ୍ରୁପ୍‌କୁ ପ୍ରତିଦିନ ପରସ୍ପର ସହ ଗପିବାକୁ ପରାମର୍ଶ ଦିଆଯାଇଥିଲା। ଅପରପକ୍ଷରେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସେମାନଙ୍କର ସ୍ମରଣ ଶକ୍ତିରେ କି ପ୍ରକାର ସୁପ୍ରଭାବ ପଡୁଛି ତାହା ବିଶେଷଜ୍ଞମାନେ ଲକ୍ଷ୍ୟ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କର ସ୍ମରଣ ଶକ୍ତିରେ ଉନ୍ନତି ପରିଲକ୍ଷିତ ହୋଇଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଏହି ଗପିବା ସମୟ ଉପରେ ଧ୍ୟାନ ଦେବା ଆବଶ୍ୟକ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

# ମିନିରୋବଟ



ରୋବଟ୍‌ର ଚାହିଦା ଦିନକୁ ଦିନ ବଢ଼ି ଚାଲିଛି। ବିଭିନ୍ନ କ୍ଷେତ୍ରରେ ଏହାକୁ ବ୍ୟବହାର କରାଯାଇ ସେଥିରୁ ସଫଳତା ମିଳିବାର ନଜୀର ମଧ୍ୟ ରହିଛି। ନିକଟରେ ଇଂଲଣ୍ଡର ବୈଜ୍ଞାନିକମାନେ ଏକ କ୍ଷୁଦ୍ର ରୋବଟ ପ୍ରସ୍ତୁତ କରିଛନ୍ତି। ଏହି ମିନି ରୋବୋଟ କାନ୍ଥ ଉପରେ ଚଢ଼ି ତାହାକୁ ସଫା କରିପାରିବ। ଉକ୍ତ ହାଇଟେକ୍ ରୋବଟ୍‌ର ଶରୀର 'ଇଲେକ୍ଟ୍ରୋ ସ୍କିନ୍'ରେ ପ୍ରସ୍ତୁତ କରାଯାଇଛି। ଖାସ୍ କଥା ହେଲା କାନ୍ଥ ଉପରେ ଚଢ଼ି ସଫା କରିବା ସମୟରେ ଏହି ରୋବଟ୍ ନିଜ ଶରୀରକୁ ଅତି ସହଜରେ ସଙ୍କୋଚିତ ଏବଂ ପ୍ରସାରିତ କରିପାରିବ। ପରୀକ୍ଷାମୂଳକ ଭାବରେ ଏହି ମିନି ରୋବଟ୍‌ରୁ ସଫଳତା ମିଳିବା ପରେ ତାହାକୁ କିପରି ଆହୁରି କାର୍ଯ୍ୟଦକ୍ଷ କରାଯାଇପାରିବ ସେ ନେଇ ଚେଷ୍ଟା ଜାରି ରହିଛି।


-: ଶୁଭ ଅଭିନନ୍ଦନ :-



ଧରିତ୍ରୀର ୪୬ତମ ଜନ୍ମ ଉତ୍ସବ ଅବସରରେ ନାୟକାଣିଡିହୀ ଥାନା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହିତ ସମସ୍ତଙ୍କର ସୁସ୍ଥ, ନିରାମୟ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ଉମାଶଙ୍କର ନାୟକ
ଆଇ.ଆଇ.ସି. ନାୟକାଣିଡିହୀ ଥାନା, ବାସୁଦେବପୁର, ଭଦ୍ରକ

HONDA
ବୃକ୍ଷ ଆମ ଜୀବନ, ଆସନ୍ତୁ କରିବା ବୃକ୍ଷ ରୋପଣ ।
ହୋଣ୍ଡା ଦୁଇଚକିଆ ବାହନ ସହ ଗଛଚାରାଟିଏ ଘରକୁ ନିଅନ୍ତୁ ।
ଶିବ ଦୁର୍ଗା ମୋଟର୍ସ ଫେଭରେବଲ ହୋଣ୍ଡା
ମାର୍କୋଣା, ସିମୁଳିଆ, ବାଲେଶ୍ୱର



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସରେ ପୁରୁଷୋତ୍ତମପୁର ପଞ୍ଚାୟତର ସମସ୍ତ ଅଧିବାସୀମାନଙ୍କୁ ମୋର ଶୁଭେଚ୍ଛା ।

ଦୀପକ ରଞ୍ଜନ ଖିଲାର
ସରପଞ୍ଚ, ପୁରୁଷୋତ୍ତମପୁର ଗ୍ରାମପଞ୍ଚାୟତ, ସିମୁଳିଆ, ବାଲେଶ୍ୱର



ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଅପାର କୃପା ସମସ୍ତଙ୍କ ଉପରେ ଝରିପଡୁ । ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସରେ ଏତିକି କାମନା ।

ସୂର୍ଯ୍ୟକାନ୍ତ ମହାପାତ୍ର
ପୂର୍ବତନ ବ୍ଲକ ଅଧ୍ୟକ୍ଷ, ସିମୁଳିଆ, ବାଲେଶ୍ୱର



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହିତ ମେଣ୍ଢପୁର ପଞ୍ଚାୟତର ଜନସାଧାରଣଙ୍କୁ ନବବର୍ଷର ଅଭିନନ୍ଦନ ।

ପ୍ରତାପ ସାହୁ
ସରପଞ୍ଚ, ମେଣ୍ଢପୁର ପଞ୍ଚାୟତ



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଅଭିନନ୍ଦନ ଜଣାଇବା ସହିତ ଆଳି ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ସୁଖ, ଶାନ୍ତି କାମନା କରୁଛି ।

ବ୍ରଜସୁନ୍ଦର ଭୂୟାଁ
ଭାରତୀୟ ଜନତା ପାର୍ଟି, ଆଳି ନିର୍ବାଚନମଣ୍ଡଳୀ



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଆଳି ବ୍ଲକ ଭୂଇଁପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ପର୍ଶୁରାମ ରାଉତରାଏ
ସମାଜସେବୀ, ଭୂଇଁପୁର ଗ୍ରାମପଞ୍ଚାୟତ



ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀ ପରିବାରକୁ ଅଭିନନ୍ଦନ ଜଣାଇବା ସହିତ ନୂତନ ବର୍ଷ-୨୦୨୦ ଚଣ୍ଡିଆଗଡି ପଞ୍ଚାୟତର ଜନସାଧାରଣଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

ସସ୍ମିତା ମିଶ୍ର
ସରପଞ୍ଚ, ଚଣ୍ଡିଆଗଡି

'ଧରିତ୍ରୀ'ର ୪୬ତମ ଜନ୍ମ ଦିବସରେ ମୁଁ ଏହାର ଉନ୍ନତି କାମନା କରିବା ସହିତ ଆଳି ବ୍ଲକର ସମସ୍ତ ଜନସାଧାରଣଙ୍କୁ ଆଗୁଆ ନବବର୍ଷର ଅଭିନନ୍ଦନ ଜଣାଉଛି ।



ଭୀଷ୍ମ ମହାନ୍ତି
ଯୁବ ନେତା, ଆଳି, ବିଜୁ ଜନତା ଦଳ

'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଆଳି ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା । ପ୍ରଗତିପଥେ ମହିଳା ଶିଶୁ ବିକାଶ କଲ୍ୟାଣ ଯୋଜନା ଆଳି ।



କଳ୍ପନା ଧଳ
ସିଡିପିଓ, ଆଳି

'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସରେ ମୁଁ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।



ନିର୍ମଳ କୁମାର ବେହେରା
ସାଂସଦ ପ୍ରତିନିଧି, ଆଳି



'ଧରିତ୍ରୀ'ର ୪୬ତମ ସ୍ୱନକ୍ଷତ୍ର ଦିବସରେ ମୁଁ ଏହାର ଉତ୍ତରୋତ୍ତର ଉନ୍ନତି କାମନା ସହିତ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛି ।

ଶ୍ରୀମତୀ ଝରଣା ଦାଶ
ପଞ୍ଚାୟତ ସମିତି ଅଧ୍ୟକ୍ଷା, ଆଳି ବ୍ଲକ

## ସଂକ୍ଷେପରେ

■ଅଟୋ ସେକ୍ଟରରେ ସୁଧାରର ସଙ୍କେତ

### ନଭେମ୍ବରରେ ମାରୁତି ସୁଜୁକି ଉତ୍ପାଦନ ୪% ବଢ଼ିଲା



ନୂଆଦିଲ୍ଲୀ,୮-୧୨
ମାନ୍ଦାବସ୍ଥା ଯୋଗୁ ଦେଶର ଅଟୋମୋବାଇଲ ଶିଳ୍ପ କ୍ଷତିଗ୍ରସ୍ତ ହୋଇଥିବାବେଳେ ଯାନ ନିର୍ମାତାମାନେ ସେମାନଙ୍କ ଉତ୍ପାଦନ ହ୍ରାସ କରୁଥିବା ଦେଖାଯାଇଥିଲା। ହେଲେ ଏଥିରେ ଧୀରେ ଧୀରେ ସୁଧାର ଆସୁଥିବା ବଜାର ବିଶେଷଜ୍ଞମାନେ କହିଛନ୍ତି। ଚଳିତ ବର୍ଷ ନଭେମ୍ବରରେ ଦେଶର ପ୍ରମୁଖ ଯାନ ନିର୍ମାଣକାରୀ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ଉତ୍ପାଦନ ୪.୩୩% ବଢ଼ାଇଛି। ଲଗାତର ଭାବେ ୩ ମାସ ଉତ୍ପାଦନ କମାଇବା ପରେ କମ୍ପାନୀ ଏହାର ଉତ୍ପାଦନରେ ବୃଦ୍ଧି କରିଛି। ଶେୟାର ମାର୍କେଟକୁ କମ୍ପାନୀ ଦେଇଥିବା ସୂଚନା ମୁତାବକ ଏହି ସମୟ ମଧ୍ୟରେ ଏହା ୧.୪୧ ଲକ୍ଷ ଯାନ ଉତ୍ପାଦନ କରିଛି। ଏହା ଗତ ବର୍ଷ ସମାନ ସମୟ ତୁଳନାରେ ୧.୩୫ ଲକ୍ଷ ୟୁନିଟ ରହିଥିଲା। ଏହି ସମୟରେ ଯାତ୍ରୀବାହୀ ବାହାନ ଉତ୍ପାଦନ ୩.୬୭% ବଢ଼ିଛି। ସେହିଭଳି କମ୍ପାନୀର ୟୁଟିଲିଟି ଯାନ ଉତ୍ପାଦନ ୧୮% ବଢ଼ିଛି। ଅକ୍ଟୋବରରେ କମ୍ପାନୀର ଯାନ ଉତ୍ପାଦନ ୨୦% ହ୍ରାସ ଘଟିଥିଲା ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

> ଏନ୍‌ଡିଏ ସରକାରଙ୍କ ସକ୍ ଥେରାପି ଯୋଗୁ ଅର୍ଥନୀତି କ୍ଷତିଗ୍ରସ୍ତ। ସୁଧାର ପ୍ରକ୍ରିୟା ଗ୍ରହଣ ବେଳେ ବିତ୍ତୀୟ ନିୟଣ୍ଟକୁ ଦେଖିବା ଜରୁରୀ।
> -କ୍ରିସ୍ ଉଡ୍, ଇକ୍ୱିଟି ଷ୍ଟ୍ରାଟେଜିଷ୍ଟ



> ଦୀର୍ଘ ମିଆଦୀ ବିକାଶକୁ ନଜରରେ ରଖି ଭାରତ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ ଦିଗରେ କାର୍ଯ୍ୟ କରୁଛି।
> -ପ୍ରକାଶ ଜାଭଡେକର, କେନ୍ଦ୍ର ପରିବେଶ ମନ୍ତ୍ରୀ



■ସରକାରଙ୍କ ଉପରେ ବର୍ଷିଲେ ରଘୁରାମ ରାଜନ

# ମାନ୍ଦାବସ୍ଥା କବଳରେ ଭାରତ

ନୂଆଦିଲ୍ଲୀ,୮-୧୨

ଦେଶର ଅର୍ଥ ବ୍ୟବସ୍ଥା ଏବେ ମାନ୍ଦାବସ୍ଥା କବଳରେ ରହିଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନ କହିଛନ୍ତି। ଦେଶ ମଧ୍ୟରେ ଆର୍ଥିକ କାର୍ଯ୍ୟକଳାପ ଗଭୀର ଭାବେ ପ୍ରଭାବିତ ହୋଇଥିବା ବେଳେ ମନ୍ଥର ସ୍ଥିତିକୁ ଚାଲି ଯାଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ)ରେ କ୍ଷମତା କେନ୍ଦ୍ରୀକରଣ ଏବଂ କ୍ଷମତାହୀନ ମନ୍ତ୍ରୀଙ୍କ ଯୋଗୁ ଅର୍ଥ ବ୍ୟବସ୍ଥାରେ ବିଭିନ୍ନ ଅସୁବିଧା ସୃଷ୍ଟି ହୋଇଥିବା ରାଜନ ମତ ରଖିଛନ୍ତି। ଭାରତୀୟ ଅର୍ଥ ବ୍ୟବସ୍ଥାରେ ଏବେ ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତର ୪.୫%କୁ ଖସିଛି। ଅଭିବୃଦ୍ଧି ଖସୁଥିବା ଯୋଗୁ ଏହାକୁ ନେଇ ଅର୍ଥନୀତିଜ୍ଞମାନେ ଚିନ୍ତାପ୍ରକଟ କରୁଛନ୍ତି। ଅର୍ଥ ବ୍ୟବସ୍ଥାକୁ ମାନ୍ଦାବସ୍ଥା କବଳରୁ ବାହାରକୁ ଆଣିବା ଲାଗି ରାଜନ ଇଣ୍ଡିଆ ଟୁଡେ ମାଗାଜିନର ଏକ ଆଲେଖ୍ୟରେ କେତେକ ପ୍ରସ୍ତାବ ଦେଇଛନ୍ତି।

ଏଥିରେ ସେ କହିଛନ୍ତି ଯେ, ପୁଞ୍ଜି, ଭୂମି ଏବଂ ଶ୍ରମ ବଜାରରେ ସଂସ୍କାର ସହ ଉଦାରୀକରଣ ପ୍ରକ୍ରିୟାକୁ ସରକାର ଅଗ୍ରାଧିକାର ଦେବାର ଆବଶ୍ୟକତା ରହିଛି। ଏହା ହେଲେ ନିବେଶ ଏବଂ ଅଭିବୃଦ୍ଧିକୁ ଏହା ପ୍ରୋତ୍ସାହିତ କରିବା ଦିଗରେ କାର୍ଯ୍ୟ କରିବ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ଏବଂ ଘରୋଇ ଦକ୍ଷତାର ଉନ୍ନତୀକରଣ ଲାଗି ବିଭିନ୍ନ ପ୍ରସଙ୍ଗକୁ ବିଚାର କରି ଭାରତ ମୁକ୍ତ ବାଣିଜ୍ୟ ଚୁକ୍ତିରେ ସ୍ୱାକ୍ଷର କରିବା ନେଇ ସେ ପରାମର୍ଶ ଦେଇଛନ୍ତି। କେଉଁଠାରେ ଭୂଲ ରହିଛି ତାହା ବୁଝିବାକୁ ହେଲେ ବର୍ତ୍ତମାନ ସରକାରଙ୍କ କେନ୍ଦ୍ରୀକରଣ ନୀତିକୁ ବୁଝିବାକୁ ହେବ। କେବଳ ନିଷ୍ପତ୍ତି ନୁହେଁ ନୂଆ ଚିନ୍ତାଧାରା ଏବଂ ଯୋଜନା ପ୍ରଧାନମନ୍ତ୍ରୀଙ୍କ ଆଖ ପାଖରେ ରହୁଥିବା କିଛି ଲୋକ ଏବଂ ପିଏମ୍‌ଓ ନେଉଥିବା ମତ ରଖିଛନ୍ତି। ଏହାବାଦ ଏଭଳି କାର୍ଯ୍ୟପ୍ରଣାଳୀ କେବଳ ରାଜନୈତିକ ଦଳ ଏବଂ ସୋସିଆଲ ଏଜେଣ୍ଡା କ୍ଷେତ୍ରରେ କାର୍ଯ୍ୟ କରିଥାଏ। କିଛି ଲୋକଙ୍କର ଅଭିଜ୍ଞତା ଏହି କ୍ଷେତ୍ରରେ କାମ ଦିଏ। ମାତ୍ର ଅର୍ଥନୈତିକ ସଂସ୍କାର କ୍ଷେତ୍ରରେ ଏହା ପ୍ରଯୁଜ୍ୟ ହେବ ନାହିଁ। ଜାତୀୟ ସ୍ତରରେ ଅର୍ଥନୀତି କିଭଳି କାର୍ଯ୍ୟ କରୁଛି ସେ ଦିଗରେ ଲୋକଙ୍କର ଅନୁଭବ ନ ଥିବାରୁ ସମସ୍ୟା ସୃଷ୍ଟି ହେଉଥିବା ରାଜନ ତାଙ୍କ ଲେଖାରେ ଉଲ୍ଲେଖ କରିଛନ୍ତି।



■ ସବୁ କ୍ଷମତା ପିଏମ୍‌ଓରେ ଠୁଳ ହେବା ଠିକ୍ ନୁହେଁ
■ ସଂସ୍କାର ପ୍ରକ୍ରିୟା, ଉଦାରୀକରଣକୁ ଗୁରୁତ୍ୱ

### ମାକ୍ସିମମ୍ ଗଭର୍ନାନସ ଅର୍ଥକୁ ସରକାର ଭୁଲ ବୁଝିଛନ୍ତି

ସେହି ସମୟରେ ବିଭିନ୍ନ ରାଜନୈତିକ ଦଳ ମେଣ୍ଟରେ ରହି ସରକାର ଗଠନ କରୁଥିଲେ ମଧ୍ୟ ଅର୍ଥନୈତିକ ଉଦାରୀକରଣକୁ ଗୁରୁତ୍ୱ ଦେଇଥିଲେ। ବର୍ତ୍ତମାନର ସରକାର ଗଭର୍ନାନସକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଥିବା କହି କ୍ଷମତାକୁ ଫେରିଛନ୍ତି। ଏହି ସ୍ଲୋଗାନ ବୁଝା ପଡୁ ନାହିଁ। ସରକାରଙ୍କୁ ଅଧିକ ଦକ୍ଷ ହୋଇ କାମ କରିବାର ଆବଶ୍ୟକତା ରହିଛି। ମାତ୍ର ଘରୋଇ କ୍ଷେତ୍ର ଏବଂ ବ୍ୟକ୍ତିବିଶେଷ ଅଧିକ କରନ୍ତୁ ବୋଲି ସରକାର ଚିନ୍ତା କରୁଛନ୍ତି। ମାତ୍ର କିଛି ହାତ ଗଣତି କାମ କରି ଦେଲେ ସବୁ ହୋଇଗଲା ବୋଲି ନ ଭାବି ବିଭିନ୍ନ କ୍ଷେତ୍ରକୁ ଦୃଷ୍ଟି ଦେବାକୁ ହେବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି।

### ପ୍ରକୃତ ସମସ୍ୟାକୁ ଜାଣିବା ଜରୁରୀ

ମାନ୍ଦାବସ୍ଥା ବିରୋଧରେ ଲଢ଼େଇ କରିବା ପାଇଁ ହେଲେ ପ୍ରଥମେ ସରକାରଙ୍କୁ ସମସ୍ୟା କେଉଁଠି ରହିଛି ତାହା ଜାଣିବାକୁ ହେବ ବୋଲି ରାଜନ କହିଛନ୍ତି। ସମସ୍ୟା କ୍ଷଣସ୍ଥାୟୀ ବୋଲି ଭାବି ନ ନେଇ ପ୍ରକୃତ କଥା ବିଚାରକୁ ନେବାକୁ ହେବ। ଗ୍ରାମାଞ୍ଚଳରେ ଏବେ ଲାଗି ରହିଥିବା ଚାହିଦା ଏବଂ ନିଯୁକ୍ତି ହ୍ରାସ, ଦରଦାମ ବୃଦ୍ଧି, ରିୟଲ ଇଷ୍ଟେଟ,ନିର୍ମାଣ କ୍ଷେତ୍ରର ସଙ୍କଟ ନେଇ ସେ ଉଦବେଗ ପ୍ରକାଶ କରିଛନ୍ତି। ବ୍ୟକ୍ତିଗତ ଆୟକର ହ୍ରାସ ଏବଂ ଗ୍ରାମାଞ୍ଚଳରେ ବିଭିନ୍ନ ଯୋଜନା ଦ୍ୱାରା ଲୋକଙ୍କ ହାତକୁ କିଭଳି ଅଧିକ ଅର୍ଥ ଆସିପାରିବ ସେ ନେଇ ରାଜନ ଗୁରୁତ୍ୱାରୋପ କରିଛନ୍ତି।

### ୫ ଟ୍ରିଲିୟନ ଡଲାର ଅର୍ଥନୀତି ହାସଲ କଷ୍ଟସାଧ

୨୦୨୪ ସୁଦ୍ଧା ୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ କରିବା ଏକ କଷ୍ଟକର ବ୍ୟାପାର ବୋଲି ରାଜନ କହିଛନ୍ତି। ଏଥିପାଇଁ ବାର୍ଷିକ ୮ରୁ ୯% ଅଭିବୃଦ୍ଧି ଆବଶ୍ୟକତା ରହିଛି ହେଲେ ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଏହି ଲକ୍ଷ୍ୟ ହାସଲ କରିବା ଭଳି ପ୍ରତୀୟମାନ ହେଉ ନ ଥିବା ରାଜନ କହିଛନ୍ତି।

■ବିଶ୍ୱ ବ୍ୟାଙ୍କକୁ ଟ୍ରମ୍ପଙ୍କ ତାଗିଦ

# ଚାଇନାକୁ ଋଣ ପ୍ରଦାନ ବନ୍ଦ କର

ନୂଆଦିଲ୍ଲୀ,୮-୧୨

ଆମେରିକା ଏବଂ ଚାଇନା ମଧ୍ୟରେ ଲାଗି ରହିଥିବା ବାଣିଜ୍ୟ ଯୁଦ୍ଧ ଥମିବାର ନା ନେଉନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଚାଇନା ବିରୋଧରେ କଠୋର ପଦକ୍ଷେପ ଅନ୍ତର୍ଗତ ବିଶ୍ୱ ବ୍ୟାଙ୍କକୁ କିଛି ତାଗିଦ ଦେଇଛନ୍ତି। ଚାଇନାକୁ ଆଉ ଅଧିକ ଋଣ ନ ଦେଇ ଋଣ ଯୋଗାଣ ବନ୍ଦ କରିବାକୁ ଟ୍ରମ୍ପ କହିଛନ୍ତି। ସେପ୍ଟେମ୍ବର ୭ ପୂର୍ବାହ୍ନରେ ଏକ ଟୁଇଟ ଯୋଗେ କହିଛନ୍ତି ଯେ, ବିଶ୍ୱ ବ୍ୟାଙ୍କ ଚାଇନାକୁ କାହିଁକି ଋଣ ପ୍ରଦାନ କରୁଛି। ଚାଇନା ନିକଟରେ ପର୍ଯ୍ୟାପ୍ତ ପୁଞ୍ଜି ରହିଛି। ଯଦି ଚାଇନା ନିକଟରେ ପଇସା ନାହିଁ ତେବେ ସେ ଏହି ପ୍ରସଙ୍ଗକୁ ନିଜେ ସମାଧାନ କରୁ। ଚାଇନାକୁ ଋଣ ପ୍ରଦାନ ବନ୍ଦ ହେବାର ଆବଶ୍ୟକତା ରହିଛି ବୋଲି ଟ୍ରମ୍ପ ମତ ଦେଇଛନ୍ତି। ଟ୍ରମ୍ପଙ୍କ ଏହି ବୟାନ ପରେ ବିଶ୍ୱବ୍ୟାଙ୍କ ସଭାପତି ଡେଭିଡ ମାଲପାସ କହିଛନ୍ତି, ଚାଇନକୁ ଦିଆଯାଉଥିବା ଋଣ ହ୍ରାସ କରାଯାଉଛି। ଆଗାମୀ ଦିନରେ ଏହି ଧାରା ଜାରି ରହିବ। ଅଂଶୀଦାରଙ୍କ ସହ ହୋଇଥିବା ଚୁକ୍ତି ମୁତାବକ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି। ଆମେରିକା ମଧ୍ୟ ବିଶ୍ୱ ବ୍ୟାଙ୍କରେ ଏକ ପ୍ରମୁଖ ଶେୟାର ହୋଲ୍ଡର ରହି ଆସିଛି। ଯେତେବେଳେ କୌଣସି ଦେଶ ଧନୀ ହେବାକୁ ଲାଗେ ବିଶ୍ୱବ୍ୟାଙ୍କ ସେହି ଦେଶକୁ କମ୍ ଋଣ ଯୋଗାଇ ଦେଇଥାଏ। ଏଭଳି ସ୍ଥିତିରେ ଆମେରିକା ଚାଇନାକୁ ମିଳୁଥିବା ଋଣକୁ ନେଇ ପ୍ରଶ୍ନ ଉଠାଇଛି। ଗତ ୧୮ ମାସ ଧରି ଏହି ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଲାଗି ରହିଛି। ଚାଇନାରୁ ଆସୁଥିବା ପ୍ରାୟ ୫୫୦ ବିଲିୟନ ଡଲାର ଆମେରିକା ଟାରିଫ ବଢ଼ାଇଛି। ଚାଇନା ମଧ୍ୟ ଆମେରିକା ସାମଗ୍ରୀ ଉପରେ ଟାରିଫ ବଢ଼ାଇଛି। ଦୁଇ ଦେଶ ମଧ୍ୟରେ ଏହି ପ୍ରସଙ୍ଗରେ ଆଲୋଚନା ଲାଗି ଉଦ୍ୟମ ହେଉଥିଲେ ମଧ୍ୟ ବିବାଦ ସମାଧାନ ହୋଇ ନାହିଁ।



# ବଜେଟ ଟିମ୍‌ରେ ୨ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି

ନୂଆଦିଲ୍ଲୀ,୮-୧୨

ଅର୍ଥ ମନ୍ତ୍ରଣାଳୟର ବଜେଟ ଟିମ୍‌ରେ ୨ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡିଥିବା ଜଣାପଡିଛି। ସରକାରଙ୍କ ବଜେଟ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇ ସାରିଥିବାବେଳେ ଟିମ୍‌ରେ ଜଣେ ପୂର୍ଣ୍ଣକାଳୀନ ବ୍ୟୟ ସଚିବ ଏବଂ ଯୁଗ୍ମ ସଚିବ(ବଜେଟ) ଭାବେ କାମ କରୁଥିବା ପଦବୀ ଖାଲି ପଡିଛି। ୨୦୨୦ ଫେବୃୟାରୀରେ ସାଧାରଣ ବଜେଟ ଆସିବ। ଏହି ବଜେଟକୁ ନେଇ ଲୋକଙ୍କର ଅନେକ ଆଶା ରହିଛି। ଅର୍ଥ ବ୍ୟବସ୍ଥା ଏବେ ଜଟିଳ ସ୍ଥିତି ଦେଇ ଗତି କରୁଥିବାବେଳେ ଏହାକୁ ସ୍ଥିତାବସ୍ଥାକୁ ଆଣିବା ଲାଗି ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ବଜାର ବିଶେଷଜ୍ଞମାନେ ମତ ରଖିଛନ୍ତି। ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଥିବାବେଳେ ସରକାରଙ୍କ ବଜେଟ ଟିମରେ ୨ ଅଧିକାରୀଙ୍କ ସ୍ଥାନ ଗତ ୩ ମାସ ହେବ ପୂରଣ ହୋଇ ନାହିଁ। ବଜେଟ ପ୍ରସ୍ତୁତିରେ ଯୁଗ୍ମ ସଚିବଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଜି.ସି ମୁର୍ମୁ ଜମ୍ମୁ କଶ୍ମୀର ଲ୍ୟୁଟନାଣ୍ଟ ଗଭର୍ନର ହେବା ପରେ ସେ କାର୍ଯ୍ୟ କରୁଥିବା ବ୍ୟୟ ସଚିବ ସ୍ଥାନ ମଧ୍ୟ ଖାଲି ପଡିଛି। ଅତନୁ ଚକ୍ରବର୍ତ୍ତୀଙ୍କୁ ବ୍ୟୟ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଚଳିତ ବର୍ଷର ବଜେଟ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଦ୍ୱିତୀୟ ବଜେଟ ହେବ।

ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ସମସ୍ତ ଜନସାଧାରଣଙ୍କୁ ଶୁଭକାମନା ଓ ଶୁଭେଚ୍ଛା ।
ନିତିଶ ସାୟୀ
ଅନୁଗୁଳ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଅବସରରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଶୁଭକାମନା ଓ ଶୁଭେଚ୍ଛା ।



ରଶ୍ମିରଞ୍ଜନ ମହାପାତ୍ର
ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ
ଓଡ଼ିଶା ପ୍ରଦେଶ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଅବସରରେ ଖୋର୍ଦ୍ଧାବାସୀଙ୍କୁ ଶୁଭକାମନା ଓ ଶୁଭେଚ୍ଛା ।



ଦିଲ୍ଲୀପ କୁମାର ହୋତା
(ଦୀପୁ)
ବିଜେଡି ଯୁବନେତା, ଖୋର୍ଦ୍ଧା

ଦୈନିକ ସମ୍ବାଦପତ୍ର ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଅବସରରେ ଆମର ସଶ୍ରଦ୍ଧ ଅଭିନନ୍ଦନ ।
ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ପରିଚାଳନା ପରିଷଦ ତଥା ଅଧ୍ୟକ୍ଷ, ଅଧ୍ୟାପକ ଓ ଅଧ୍ୟାପିକା ବୃନ୍ଦ

ଶିକ୍ଷା, ଯୋଗ, ବ୍ୟାୟାମ, ଚାରିତ୍ରିକ ଗଠନର ପ୍ରୟୋଗଶାଳା ଖୋର୍ଦ୍ଧା ଗାନ୍ଧୀପଡ଼ିଆସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର । ଶ୍ରୀ ଅରବିନ୍ଦଙ୍କ ଆଦର୍ଶରେ ପରିଚାଳିତ ଏହି ସ୍କୁଲ ଧରିତ୍ରୀର ୪୬ତମ ଜନ୍ମ ବାର୍ଷିକ ଉପଲକ୍ଷେ ଶୁଭକାମନା ଓ ଶୁଭେଚ୍ଛା ଜଣାଉଛି ।




ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର
ଗାନ୍ଧୀପଡ଼ିଆ, ଖୋର୍ଦ୍ଧା

ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ ଖୋର୍ଦ୍ଧା ପୂର୍ବ ବିଭାଗ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶୁଭକାମନା ଓ ଶୁଭେଚ୍ଛା ଜଣାଉଛି ।

Your classified advertisement published in Dharitri will be listed free in Dharitri online edition : dharitriepaper.in

ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ
କୁବେରପୁରୀ ବ୍ୟବସାୟୀ ସଂଘ, ଆଇଗିଣିଆ, ଭୁବନେଶ୍ୱରର ସଭ୍ୟବୃନ୍ଦ ଦ୍ୱିଜବର ସାହୁ, ସନ୍ତୋଷ କୁମାର ସାହୁ, ଲେନିନ କୁମାର ଜେନା, ବିଧୂଭୂଷଣ ସାହୁ, ପ୍ରବୀଣ କୁମାର ସ୍ୱାଇଁ, ସଜ୍ଜନ କୁମାର ଅଗ୍ରୱାଲ, ଜୟେଶ୍ୱର ସାହୁ, ବଟକୃଷ୍ଣ ସାହୁ, ଗୁଣନିଧି ସାହୁ ପ୍ରମୁଖଙ୍କ ଶୁଭେଚ୍ଛା ।
ମନୋଜ କୁମାର ଜେନା
କାର୍ଯ୍ୟକାରୀ ସଭାପତି
ଶକ୍ତି ଶଙ୍କର ମିଶ୍ର
ସମ୍ପାଦକ
କୁବେରପୁରୀ ବ୍ୟବସାୟୀ ସଂଘ, ଆଇଗିଣିଆ, ଭୁବନେଶ୍ୱର

ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶୁଭକାମନା ଓ ଶୁଭେଚ୍ଛା ।
ସ୍ମୃତି ସମ୍ବେତା ପୃଷ୍ଟି
ଖୋର୍ଦ୍ଧା

ଧରିତ୍ରୀ
DHARITRI
ସୋମବାର, ୯ ଡିସେମ୍ବର, ୨୦୧୯





“ଏକ ମାରାଥନ ରେସ୍‌ରେ ଭାଗନେବାକୁ ହେଲେ ଆଥ୍‌ଲେଟ୍‌ଙ୍କୁ ମାନସିକ ସ୍ତରରେ ଖୁବ୍ ସୁଦୃଢ ହେବାକୁ ପଡ଼ିବ ।

–ଗୋପୀନାଥ ଥୋନାକଲ
ଭାରତୀୟ ମାରାଥନ ଧାବକ



“ନିଜ ଦଳକୁ ମ୍ୟାଚ୍ ଜିତାଇବା ଲାଗି ମୁଁ ଯେକୌଣସି କଠିନ ପରିସ୍ଥିତିରେ ସାମ୍ନା କରିବା ଲାଗି ପସନ୍ଦ କରିଥାଏ ।

–ଦୀନେଶ କାର୍ତ୍ତିକ, ବିଶିଷ୍ଟ କ୍ରିକେଟର

# ୱେଷ୍ଟଇଣ୍ଡିଜ ଜିତିଲା ଦ୍ୱିତୀୟ ଟି୨୦

ଥିରୁଭାନନ୍ତପୁରମ,୮।୧୨(ପି.ଟି.)

ୱେଷ୍ଟଇଣ୍ଡିଜ ରବିବାର ଅନୁଷ୍ଠିତ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଭାରତକୁ ୯ ଟି ବଲ ବାକି ରଖି ୮ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଭାରତ ୭ ଉଇକେଟ ହରାଇ ୧୭୦ ରନ ସଂଗ୍ରହ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୧୮.୩ ଓଭରରେ ୨ ଉଇକେଟ ହରାଇ ୧୭୩ ରନ କରି ବିଜୟୀ ହୋଇଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧–୧ ସମାନ ସ୍ତରକୁ ଆସିଛି।

୧୭୧ ରନ ଟାର୍ଗେଟର ପିଛା କରି ୱେଷ୍ଟଇଣ୍ଡିଜ ଭଲ ଆରମ୍ଭ କରିଥିଲା। ଦୁଇ ଓପନର ସିମନ୍ସ ଓ ଇଭିନ ଲୁଇସ୍ ୫୯ ବଲରୁ ୭୩ ରନ ସଂଗ୍ରହ କରିଥିଲେ। ୱାଶିଂଟନ ସୁନ୍ଦର ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ। ୩ଟି ଲେଖାଏ ଚୌକା ଓ ଛକା ସହ ୩୫ ବଲରୁ ୪୦ ରନ କରିଥିବା ବେଳେ ଲୁଇସ୍ ସୁନ୍ଦରଙ୍କ ବଲ୍‌ରେ ଉଇକେଟକିପର ରିଷଭ ପନ୍ତଙ୍କ ଦ୍ୱାରା ଷ୍ଟମ୍ପ ଆଉଟ ହୋଇଥିଲେ। ଏହାପରେ ୩ ଛକା ସହ ୧୪ ବଲରୁ ୨୩ ରନ କରି ସିମରନ ହେଟମେର ରବୀନ୍ଦ୍ର ଜାଡେଜାଙ୍କ ବଲ୍‌ରେ ଲଙ୍ଗ୍ ଅନ୍‌ରେ ବିରାଟ କୋହଲିଙ୍କୁ କ୍ୟାଚ୍ ଦେଇଥିଲେ। ସିମନ୍ସ ୪୫ ବଲରୁ ୪ ଚୌକା ଓ ୪ ଛକା ସହ ୬୭ ଏବଂ ଉଇକେଟକିପର ବ୍ୟାଟ୍ସମ୍ୟାନ ନିକୋଲାସ ପୁରନ ୧୮ ବଲରୁ ୪ ଚୌକା ଓ ୨ ଛକା ସହ ୩୮ ରନ କରି ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ। ତୃତୀୟ ଉଇକେଟରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୨୯ ବଲରୁ ଦ୍ରୁତ ଅପରାଜିତ ୬୧ ରନ କରିଥିଲେ। ବୋଲିଂରେ ଭାରତ ପାଇଁ ସୁନ୍ଦର ଓ ଜାଡେଜା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

- ଭାରତ ୨୦ ଓଭରରେ ୧୭୦/୭, (ଶିବମ ଦୁବେ- ୫୪, ରିଷଭ ପନ୍ତ- ୩୩*, ବିରାଟ କୋହଲି- ୧୯, ରୋହିତ ଶର୍ମା- ୧୫, ହେଡନ ୱାଲ୍ସ- ୨/୨୮, କେସରିକ ୱିଲିୟମ୍ସ- ୨/୩୦)।
- ୱେଷ୍ଟଇଣ୍ଡିଜ ୧୮.୩ ଓଭରରେ ୧୭୩/୨, (ଲେଣ୍ଡଲ ସିମନ୍ସ- ୬୭*, ଇଭିନ ଲୁଇସ୍- ୪୦, ନିକୋଲାସ ପୁରାନ- ୩୮*, ୱାଶିଂଟନ ସୁନ୍ଦର- ୧/୨୬, ରବୀନ୍ଦ୍ର ଜାଡେଜା- ୧/୨୨)।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ଏକଦା ଭଲ ସ୍ଥିତିରେ ଥିଲା ଓ ୨୦୦ ପାଖାପାଖି ରନ ସଂଗ୍ରହ କରିବା ଆଶା କାରାଯାଉଥିଲା। ତେବେ ଡେଥ୍ ଓଭରରେ ମାପଚୁପ୍


ଲେଣ୍ଡଲ ସିମନ୍ସ

ବୋଲିଂ କରି ୱେଷ୍ଟଇଣ୍ଡିଜ ବୋଲରମାନେ ଘରୋଇ ବ୍ୟାଟ୍ସମ୍ୟାନଙ୍କୁ ଏହି ସୁଯୋଗ ଦେଇ ନ ଥିଲେ। ବ୍ୟାକ ଅଫ୍ ଲେନ୍ଥ ସ୍ଲୋ ଏବଂ ଶର୍ଟ ବୋଲିଂ କରି ବୋଲରମାନ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲେ। ଅନ୍ତିମ ୫ ଓଭରରେ ଭାରତ ମାତ୍ର ୩୮ ରନ ସଂଗ୍ରହ କରିଥିଲା। ୱେଷ୍ଟଇଣ୍ଡିଜ ବୋଲର ୧୩ ୱାଇଡ ଓ ୨ଟି ନୋ ବଲ ପକାଇଥିଲେ।

ଦୁଇ ତାରକା ଓପନର ରୋହିତ ଶର୍ମା ଓ ଲୋକେଶ ରାହୁଲ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ଫଳରେ ଭାରତର ଆରମ୍ଭ ଭଲ ହୋଇ ନ ଥିଲା। ପ୍ରଥମ ମ୍ୟାଚ୍‌ରେ ୬୨ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ରାହୁଲ ୧୧ ରନ କରି ଖରି ପିଏରଙ୍କ ବଲ୍‌ରେ ଡିପ୍ ସ୍କୋୟାର ଲେଗ୍‌ରେ ସିମରନ ହେଟମେରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ସେହିପରି ୧୫ ରନ କରି ଇନିଂସକୁ ଆଗେଇ ନେଉଥିବା ବେଳେ ରୋହିତ ଲାଇନ୍ ମିସ୍ କରି ଜାସନ ହୋଲ୍ଡରଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ୩ ନମ୍ବରରେ ବ୍ୟାଟିଂ କରିବାକୁ ସୁଯୋଗ ପାଇଥିବା ମୁମ୍ବାଇ ଅଲରାଉଣ୍ଡର ଶିବମ୍ ଦୁବେ ଏହାର ଭରପୂର ଉପଯୋଗ କରିଥିଲେ। ସେ ପଡିଆର ସବୁଆଡକୁ ଶଟ୍‌ମାନ ଖେଳି ୩୦ଟି ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା ଓ ୪ ଛକା ସହ ୫୪ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ଇନିଂସକୁ ଆଗେଇ ନେଉଥିବା ବେଳେ ହେଡେନ ୱାଲ୍ସଙ୍କ ବଲ୍‌ରେ ଶଟ୍ ଖେଳିବାକୁ ଯାଇ କଭରରେ ହେଟମେରଙ୍କୁ କ୍ୟାଚ୍ ଦେଇଥିଲେ। ସେ ଏଥିସହ କ୍ୟାରିୟରର ପ୍ରଥମ ଟି୨୦ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ୯୪ରନର ଦ୍ରୁତ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିବା ଅଧିନାୟକ କୋହଲି ଫେଲ୍ ମାରିଥିଲେ। ୨ ଚୌକା ସହ ୧୭ ବଲରୁ ୧୯ ରନ କରିଥିବା ବେଳେ ସେ କେସରିକ ୱିଲିୟମ୍ସଙ୍କ ବଲ୍‌କୁ କଟ୍ କରିବାକୁ ଯାଇଥିଲେ। ତେବେ ତାଙ୍କ ଟାଇମିଂ ଠିକ୍ ନ ଥିଲା। ଫଳରେ ଶଟ୍ ଥାର୍ଡମ୍ୟାନରେ ଲେଣ୍ଡେଲ ସିମନ୍ସଙ୍କୁ କ୍ୟାଚ୍ ଦେଇ କୋହଲି ପ୍ୟାଭିଲିୟନ ଫେରିଥିଲେ। ତୃତୀୟ ଉଇକେଟରେ କୋହଲି ଓ ଶିବମ୍ ୪୧ ରନ କରିଥିଲେ। ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୨୨ ବଲରୁ ୩ ଚୌକା ଓ ଗୋଟିଏ ଛକା ସହ ୩୩ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ତେବେ ଅନ୍ୟମାନେ ବିଫଳ ହୋଇଥିଲେ। ଏହି କ୍ରମରେ ଶ୍ରେୟାସ ଆୟାର ୧୦, ଜାଡେଜା ୯ ରନ କରି ଆଉଟ ହୋଇଥିବା ବେଳେ ୱାଶିଂଟନ ସୁନ୍ଦର ଖାତା ଖୋଲିପାରି ନ ଥିଲେ। ଦୀପକ ଚହର ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ୱାଲ୍ସ ଓ ୱିଲିୟମ୍ସ ୨ଟି ଲେଖାଏ, ଶେଲଡନ କଟ୍ରେଲ, ପିଏର ଓ ହୋଲ୍ଡର ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

## ସଂକ୍ଷେପରେ

### ହେଭିୱେଟ୍ ଟାଇଟଲ ଫେରିପାଇଲେ ଆଣ୍ଟୋନୀ ଜୋଶୁଆ

ରିୟାଦ(ସୌଦି ଆରବିଆ),୮।୧୨(ଏଏଫ୍‌ପି)- ବ୍ରିଟେନର ଆଣ୍ଟୋନୀ ଜୋଶୁଆ ବିଶ୍ୱର ହେଭିୱେଟ୍ ବେଲ୍ଟ ଛଡ଼ାଇ ଆଣିଛନ୍ତି। ସେ ମେକ୍ସିକୋ-ଆମେରିକାନ ବକ୍ସର ଆଣ୍ଡି ରୁଇଜଙ୍କୁ ଏକତରଫା ମ୍ୟାଚ୍‌ରେ ହରାଇ ଦେଇଛନ୍ତି। ଗତ ଜୁନରେ ରୁଇଜ ଏକ ନକଆଉଟ୍ ମ୍ୟାଚ୍‌ରେ ଜୋଶୁଆଙ୍କୁ ହରାଇ ଟାଇଟଲ ହାତେଇ ନେଇଥିଲେ। ଏହି ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି ୨୦୧୨ ଅଲିମ୍ପିକ୍ ଚାମ୍ପିୟନ। ବିଜୟ ସହ ସେ ଆଇବିଏଫ୍, ଡବ୍ଲ୍ୟୁବିଏ ଓ ଡବ୍ଲ୍ୟୁବିଓ ବେଲ୍ଟ ହାତେଇଛନ୍ତି। ଗତ ଜୁନରେ ରୁଇଜଙ୍କଠାରୁ ପରାଜୟ ପରେ ନିଜ ବକ୍ସିଂ ଷ୍ଟାଇଲରେ ବହୁ ପରିବର୍ତ୍ତନ ଆଣିଥିଲି ବୋଲି ବିଜୟ ପରେ ଜୋଶୁଆ କହିଛନ୍ତି।

### ସର୍ବଭାରତୀୟ ରେଲୱେ ହକିରେ ନିଶାନ ଅମ୍ପାୟର



ଭୁବନେଶ୍ୱର, ୮।୧୨(କ୍ରୀଡ଼ା ପ୍ରତିନିଧି): ସିକନ୍ଦରାବାଦଠାରେ ଚାଲିଥିବା ସର୍ବଭାରତୀୟ ରେଲୱେ ହକି ଟୁର୍ନାମେଣ୍ଟର ଫାଇନାଲରେ କ୍ରମାଗତ ତୃତୀୟ ଥରପାଇଁ ଅମ୍ପାୟରିଂ କରିବାକୁ ଯାଉଛନ୍ତି ଓଡ଼ିଶାର ନିଶାନଜ୍ୟୋତି ମହାନ୍ତି। ସୋମବାର ପ୍ରତିଯୋଗିତାର ଫାଇନାଲ ଆରସିଏଫ ପଞ୍ଜାବ ଓ ନୂଆଦିଲ୍ଲୀର ନର୍ଦ୍ଦର୍ନ ରେଲୱେ ମଧ୍ୟରେ ଅନୁଷ୍ଠିତ ହେବ। ପୂର୍ବରୁ ନିଶାନ ୨୦୧୭ରେ ଗୁଆହାଟୀ ଓ ୨୦୧୮ରେ ଚେନ୍ନାଇରେ ଅନୁଷ୍ଠିତ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ମଧ ପରିଚାଳନା କରିଥିଲେ।

### କ୍ରିଷ୍ଣା 'ଆଇଏସ୍‌ଏଲ ହିରୋ ଅଫ୍ ଦି ମନ୍ଥ୍'

ଗୁଆହାଟୀ, ୮।୧୨ (ପି.ଟି.): ଫିଜିର ଅନ୍ତର୍ଜାତୀୟ ଫୁଟ୍‌ବଲ ଖେଳାଳି ରୟ କ୍ରିଷ୍ଣା 'ଆଇଏସଏଲ ହିରୋ ଅଫ୍ ଦି ମନ୍ଥ୍' ପୁରସ୍କାର ଲାଭ କରିଛନ୍ତି। ନଭେମ୍ବର ମାସରେ ଆଇଏସ୍‌ଏଲରେ ପ୍ରଭାବୀ ପ୍ରଦର୍ଶନ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି। ଏଟିକେ ଟିମ୍ ତରଫରୁ ପ୍ରତିନିଧିତ୍ୱ କରୁଥିବା ଏହି ଖେଳାଳି ପୁରସ୍କାର ପାଇଁ ଜାମସେଦ୍‌ପୁର ଏଫ୍‌ସିର ସର୍ଗିଓ କ୍ୟାସେଲ, ଓଡ଼ିଶା ଏଫ୍‌ସିର ଆରିଡେନ୍ ସାଣ୍ଟାନା, ଏଫ୍‌ସି ଗୋଆର ମୋର୍ଟାଡା ଫଲ୍ ଏବଂ ବେଙ୍ଗାଲୁରୁ ଏଫ୍‌ସି ଗୋଲକିପର ଗୁର୍‌ପ୍ରୀତ୍ ସିଂ ସାନ୍ଧୁଙ୍କଠାରୁ ପ୍ରତିଦ୍ୱନ୍ଦ୍ୱିତାର ସାମ୍ନା କରିବାକୁ ପଡ଼ିଥିଲା। ୩୨ ବର୍ଷୀୟ ଏହି ଖେଳାଳି ତିନୋଟି ମ୍ୟାଚରେ ସମାନ ସଂଖ୍ୟକ ଗୋଲ ସ୍କୋର କରିଥିଲେ। ତାଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଏଟିକେ ନଭେମ୍ବର ମାସରେ ଅପରାଜେୟ ରହିଥିଲା। ଚଳିତ ସିଜନରେ 'ହିରୋ ଅଫ୍ ଦି ମନ୍ଥ୍' ପୁରସ୍କାର ଜିତିବାରେ କ୍ରିଷ୍ଣା ହେଉଛନ୍ତି ଦ୍ୱିତୀୟ ଏଟିକେ ଖେଳାଳି। କ୍ରିଷ୍ଣାଙ୍କ



ଓଡ଼ିଶା ଟେନିସ୍ ପ୍ରିମିୟର୍ ଲିଗ୍: ଚାମ୍ପିୟନ୍ କ୍ୟାପିଟାଲ୍ କିଙ୍ଗ୍ସ ଦଳ ଅତିଥିଙ୍କ ସହ।

# କ୍ୟାପିଟାଲ୍ କିଙ୍ଗ୍ସ ଚାମ୍ପିୟନ

ଭୁବନେଶ୍ୱର, ୮।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ପଦାର୍ପଣକାରୀ ଦଳ କ୍ୟାପିଟାଲ୍ କିଙ୍ଗ୍ସ ଓଡ଼ିଶା ଟେନିସ ପ୍ରିମିୟର ଲିଗ୍ (ଓଟିପିଏଲ୍) ତୃତୀୟ ସିଜନରେ ଚାମ୍ପିୟନ ହୋଇ ଟ୍ରଫି ହାସଲ କରିଛି। ରବିବାର ଏହି ଦଳ ଭଦ୍ରକ ଭିକ୍ଟର୍ସ ବିପକ୍ଷରେ ୨୩–୨୧ରେ ବିଜୟ ହାସଲ କରିଛି। ରାଜ୍ୟ ବାଣିଜ୍ୟ ଓ ପରିବହନ ସେବା ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଚାମ୍ପିୟନ କ୍ୟାପିଟାଲ କିଙ୍ଗ୍ସକୁ ଟ୍ରଫି ସହ ୨ ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ। ରନର୍ସ ଅପ୍ ଭଦ୍ରକ ଭିକ୍ଟର୍ସକୁ ସେ ୧ଲକ୍ଷ ଟଙ୍କାର ଏକ ଚେକ୍ ଦେଇଥିଲେ। ଓଟିପିଏଲ ଜୁନିୟର ବିଭାଗରେ କେନ୍ଦ୍ରାପଡ଼ା ପ୍ୟାଟାଲ କିଙ୍ଗ୍ସକୁ ପରାସ୍ତ କରି ଟ୍ରଫି ହାସଲ କରିଛି। ଅନ୍ନପୂର୍ଣ୍ଣା ଫାଉଣ୍ଡେଶନ ତରଫରୁ ଦୁଇ ଜଣ ଖେଳାଳି ପ୍ରୟାଂଶି ପାଣିଗ୍ରାହୀ ଏବଂ ସମ୍ପ୍ରିତ ଶର୍ମାଙ୍କୁ ଶ୍ରେଷ୍ଠ ଉଦୀୟମାନ ଖେଳାଳି ଭାବେ ୫୦,୦୦୦ ଟଙ୍କା ଲେଖାଏଁ ପୁରସ୍କାର ଦିଆଯାଇଥିଲା। ଏମ୍‌ପି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଇଭେଣ୍ଟର ପ୍ରାୟୋଜକ ଏବଂ ପାର୍ଟନରଙ୍କୁ ପୁରସ୍କୃତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ରହିଥିବା ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଥିଲେ ଦେବେନ୍ଦ୍ର ପ୍ରସାଦ ମାଝି, ଏ.ବି. ଓତା, ଅରୁଣ ବୋତ୍ରା, ସବ୍ୟସାଚୀ ମିଶ୍ର ଏବଂ ଦିଲୀପ ମହାନ୍ତି।

## ପରାଜୟ ସତ୍ତ୍ୱେ ଭାରତ ଚାମ୍ପିୟନ

କାନବେରା,୮।୧୨(ପି.ଟି.): ଭାରତୀୟ ଜୁନିୟର ମହିଳା ହକି ଦଳ ଏଠାରେ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ହକି ସିରିଜ୍‌ରେ ପ୍ରଥମ ପରାଜୟବରଣ କରିଥିଲେ ହେଁ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ୪ର୍ଥ ମ୍ୟାଚ୍‌ରେ ଭାରତ ୧–୨ ଗୋଲରେ ଅଷ୍ଟ୍ରେଲିଆଠାରୁ ହାରିଛି। ତ୍ରିରାଷ୍ଟ୍ରୀୟରେ ଭାରତର ଏହାଥିଲା ପ୍ରଥମ ପରାଜୟ। ଦଳ ମୋଟ ୪ ମ୍ୟାଚ୍ ଖେଳି ୭ ପଏଣ୍ଟ ପାଇଛି। ଅଷ୍ଟ୍ରେଲିଆ ସମାନ ପଏଣ୍ଟ ପାଇଥିଲେ ହେଁ ଗୋଲ ବ୍ୟବଧାନରେ ଭାରତ ବାଜି ମାରିଛି। ୩ ପଏଣ୍ଟ ସହ ନ୍ୟୁଜିଲାଣ୍ଡ ୩ୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ପ୍ରତିଯୋଗିତାରେ ଭାରତ ଏହାର ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୨–୦ ଗୋଲରେ ହରାଇଥିବାବେଳେ ଅଷ୍ଟ୍ରେଲିଆ ସହିତ ୧–୧ରେ ମ୍ୟାଚ ଡ୍ର ରଖିଥିଲା। ପରବର୍ତ୍ତୀ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୪–୧ ଗୋଲରେ ହରାଇ ଟାଇଟଲ ଫେଭରାଇଟ ହୋଇ ଯାଇଥିଲା। ଅନ୍ୟ ପକ୍ଷରେ ନିଜର ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡଠାରୁ ୧–୩ ଗୋଲରେ ହାରିଥିବା ଅଷ୍ଟ୍ରେଲିଆ ଭାରତ ବିପକ୍ଷ ମ୍ୟାଚକୁ ଡ୍ର ରଖିବା ପରେ ନ୍ୟୁଜିଲାଣ୍ଡକୁ ୩–୧ ଗୋଲରେ ହରାଇଥିଲା।

## ରାଜ୍ୟ ବନବାସୀ କ୍ରୀଡ଼ା ଉଦ୍‌ଯାପିତ


ରାଜ୍ୟ ବନବାସୀ କ୍ରୀଡ଼ାର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୮।୧୨(କ୍ରୀଡ଼ା ପ୍ରତିନିଧି): ବନବାସୀ କଲ୍ୟାଣ ଆଶ୍ରମ ଆନୁକୂଲ୍ୟରେ ନୀଳାଦ୍ରି ବିହାର ସରସ୍ୱତୀ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ୨୨ତମ ରାଜ୍ୟ ବନବାସୀ କ୍ରୀଡ଼ା ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ କବାଡ଼ି ଓ ତୀରନ୍ଦାଜୀ ଇଭେଣ୍ଟର ଉଭୟ ଜୁନିୟର ଓ ସବ୍‌ଜୁନିୟର ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ୧୮ ଜିଲାର ୩୭୦ ଖେଳାଳି ଓ ୬୦ ଅଫିସିଆଲ ଯୋଗ ଦେଇଥିଲେ। ତୀରନ୍ଦାଜୀର ସବ୍‌ଜୁନିୟର ବାଳିକା ବର୍ଗରେ ସମ୍ବଲପୁରର ଅର୍ଚ୍ଚନା ଗୁରୁ, ସୁନ୍ଦରଗଡ଼ର ସୁଶୀଳା ପୂର୍ତ୍ତି ଓ ମୟୂରଭଞ୍ଜର ତୁମି ହେମ୍ବ୍ରମ ପ୍ରଥମ ତିନିସ୍ଥାନ ଅଧିକାର କରିଥିଲେ। ଜୁନିୟର ବାଳିକାରେ ସୁନ୍ଦରଗଡ଼ର ରଞ୍ଜିତା ତିର୍କୀ, କିସ୍ମିତା କିଷାନ ଓ ହରିପ୍ରିୟା ନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବାଳକ ବର୍ଗରେ କାରୁ କିସ୍କୁ, ମିହିର ହାଁସଦା, ଭୀମସେନ ପୂର୍ତ୍ତି ଏବଂ ଜୁନିୟରରେ ରଶ୍ମିରଞ୍ଜନ ନାୟକ, ଲବ ଛତର ଓ ବିଧାର ସୋରେନ ପ୍ରଥମ ତିନିସ୍ଥାନ ଅଧିକାର କରିଥିଲେ। ସଞ୍ଜୟ ଲାଠ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଲକ୍ଷ୍ମଣ ପହିପାଲ, ଅନନ୍ତ ପ୍ରସାଦ ଜେନା, ବିଶ୍ୱେଶ୍ୱର ଟୁଡୁ, ଏବଂ ଲକ୍ଷ୍ମୀଧର ବେହେରା ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ପୁରସ୍କୃତ ଖେଳାଳିମାନେ ଆସନ୍ତା ୨୬ ତାରିଖରେ ହେବାକୁଥିବା କାନ୍‌ପୁର ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## ଅଜିତ, ଅନିଲ, ଇଶାନ୍ତଙ୍କୁ ସର୍ବାଧିକ ଉଇକେଟ

**ବାରବାଟୀ ଦିନିକିଆ ଆଉ ୧୩ ଦିନ**

କଟକ ଅଫିସ, ୮।୧୨: ବାରବାଟୀ ଷ୍ଟାଡିୟମରେ ଭାରତୀୟ ବୋଲରମାନଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଛି। ଏହି ଗ୍ରାଉଣ୍ଡରେ ସର୍ବାଧିକ ଉଇକେଟ ଦଖଲ କରିଥିବା ଶ୍ରେଷ୍ଠ ୧୦ ବୋଲର ତାଲିକାରେ ଭାରତର ୮ଜଣ ରହିଛନ୍ତି। ବିଦେଶୀ ଖେଳାଳି ଭାବେ ଡି.ବି. ପାୱେଲ ଓ ଗ୍ରାହାମ୍ ଗୁଚ୍ ଅଛନ୍ତି। ଶ୍ରେଷ୍ଠ ୩ ସ୍ଥାନରେ ଅଛନ୍ତି ଅଜିତ ଅଗରକର, ଅନିଲ କୁମ୍ବଲେ ଓ ଇଶାନ୍ତ ଶର୍ମା। ଏହି ୩ଜଣ ଯାକ ୭ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। ଇଶାନ୍ତ ଓ ଅନିଲ ୩ଟି ଲେଖାଏ ମ୍ୟାଚ୍‌ରୁ ଏହି ସଫଳତା ପାଇଥିବା ବେଳେ ଅଜିତ ୫ଟି ମ୍ୟାଚ୍‌ରୁ ୭ଉଇକେଟ ଦଖଲ କରିଛନ୍ତି। ବୋଲିଂ ଆଭରେଜ ଦୃଷ୍ଟିରୁ ଅନିଲ କୁମ୍ବଲେ ଶ୍ରେଷ୍ଠ ସ୍ଥାନରେ ଅଛନ୍ତି। ବାରବାଟୀରେ ଅନିଲଙ୍କ ବୋଲିଂ ଆଭରେଜ ହେଉଛି ୧୬.୮୬।


ବାରବାଟୀ ଷ୍ଟାଡ଼ିୟମ୍ ୱାଚ୍ ଟାୱାରରେ ରଙ୍ଗଦିଆଯାଉଛି।

## ସର୍ବଭାରତୀୟ ଫୁଟ୍‌ବଲ: କେରଳ ଚାମ୍ପିୟନ

ନୟାଗଡ଼ ଅଫିସ,୮।୧୨

୭୮୬ ୟୁଥ୍ କ୍ଲବ ସିଦୂରିଆ ଓ ଜିଲା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ସର୍ବଭାରତୀୟ ନୟାଗଡ଼ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ରବିବାର ଫାଇନାଲ୍ ମ୍ୟାଚ୍ ଟାଟା ଫୁଟବଲ ଏକାଡ଼େମୀ, ଜାମସେଦପୁର ଓ କେରଳ ଇଲେକ୍ଟ୍ରିସିଟି ବୋର୍ଡ଼ ମଧ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ କେରଳ ଦଳ ୧–୦ ଗୋଲ୍‌ରେ ଟାଟାକୁ ହରାଇ ଚାମ୍ପିୟନ୍ ଟ୍ରଫି ହାସଲ କରିଛି। ପ୍ରଥମାର୍ଦ୍ଧରେ କେରଳ ଦଳର ୨୦ ନମ୍ବର ଖେଳାଳି ଏଲଡୋହୋସ ଜର୍ଜ ଏକ ଗୋଲ୍ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ଏହାପରେ କୌଣସି ଗୋଲ୍ ସ୍କୋର ହୋଇ ନ ଥିଲା। ଖେଳ ପୂର୍ବରୁ ପଡ଼ିଆରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅତ୍ୟାଧୁନିକ ଡ୍ରିଲ ପରିବେଷଣ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲାପାଳ ଡ. ପୋମା ଟୁଡୁ, ଏସ୍‌ପି ଶଶିଭୂଷଣ ଶତପଥୀ, ପିଡି ସୁବାସ ଚନ୍ଦ୍ର ରାୟ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କେରଳ ଦଳକୁ ଚାମ୍ପିୟନ ଟ୍ରଫି ସହିତ ୩୦ ହଜାର ଟଙ୍କା, ଟାଟା ଦଳକୁ ରନର୍ସ ଅପ୍ ଟ୍ରଫି ସହିତ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। କେରଳ ଦଳର ୧୦ ନମ୍ବର ଖେଳାଳି ଭିକି ମ୍ୟାନ ଅଫ ଦି ମ୍ୟାଚ୍ ଓ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ମୁଖ୍ୟ ରେଫରି ଭାବେ ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ଶେଷଦେବ ବେହେରା, କୀର୍ତ୍ତିରଞ୍ଜନ ସ୍ୱାଇଁ, ଭୀମ ଛତ୍ରୀ ଲାଇନ୍‌ରେ ସହାୟତା କରିଥିଲେ। ଟୁର୍ନାମେଣ୍ଟର କ୍ଲବ ସଦସ୍ୟ ଶେଖ ୟୁସୁଫ୍, ଅନୱର ଅଲି, ହଜରତ ଅଲି ଖାଁ, ଶେଖ ନଇମ, ସରିଫ ଖାଁ, ପ୍ରମୋଦ ପଟ୍ଟନାୟକ ଉପସ୍ଥିତଥିଲେ। ଶେଖ ଅବଦୁଲ ଖାଲିକ, ଆଶୁତୋଷ ମିଶ୍ର ଓ ଗଣେଶ୍ୱର ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ।


ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ କେରଳ ଦଳ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଡିସେମ୍ବର ୯/୨୦୧୯ Sambalpur, Monday, December 9 / 2019




# ଏସଡିସିସି ବ୍ୟାଙ୍କ ଚେକ୍ ଜାଲିଆତି କରି ୬.୮୨ ଲକ୍ଷ ଲୁଟ୍

ଭଟଲି,୮।୧୨(ଡି.ଏନ.ଏ.)

ସମ୍ବଲପୁର ଜିଲା କେନ୍ଦ୍ର ସମବାୟ (ଏସ୍‌ଡିସିସି) ବ୍ୟାଙ୍କ ଭଟଲି ଶାଖାର ଜଣେ ହିତାଧିକାରୀଙ୍କ ଆକାଉଣ୍ଟ ପେଇ ଚେକ୍ ଜାଲିଆତି ହେଇଛି । କେହି ଜଣେ ଚେକ୍ ଜାଲିଆତି କରି ଜାଲ୍ ଦସ୍ତଖତ ଦେଇ ୬ ଲକ୍ଷ ୮୨ହଜାର ଟଙ୍କା ଉଠାଇ ନେଇଛନ୍ତି। ଜାଲ ଚେକ୍‌ଟି ବରଗଡ଼ ଆହ୍ଲାବାଦ ବ୍ୟାଙ୍କରେ ଜମା ହୋଇ ବରଗଡ଼ ଏସ୍‌ଡିସିସି ବ୍ୟାଙ୍କରେ କ୍ଲିୟରାନ୍ସ ହୋଇଥିବା ଜଣାପଡ଼ିଛି। ଏହି ଘଟଣାରେ ଅଭିଯୁକ୍ତ ଖସିଯିବା ଏବଂ ଏଭଳି ଜାଲ ଦସ୍ତଖତ ଥିବା ଚେକ୍‌କୁ ବ୍ୟାଙ୍କ କର୍ତ୍ତୃପକ୍ଷ କିଭଳି ଜାଣି ନ ପାରି କ୍ଲିୟରାନ୍ସ କଲେ ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଘଟଣାଟି ରବିବାର ଭଟଲି ଥାନାକୁ ଯିବା ପରେ ପୋଲିସ ଏହାର ଖୋଳତାଡ଼ ଆରମ୍ଭ କରିଛି । ଅଭିଯୁକ୍ତ ଧରା ପଡ଼ି ନ ଥିବାବେଳେ ଉପଭୋକ୍ତା ଜଣକ ତାଙ୍କ ଟଙ୍କାକୁ ବି ଫେରି ପାଇପାରିନାହାନ୍ତି।

ଅଭିଯୋଗକାରିଣୀ ଅପରାଜିତା ମିଶ୍ରଙ୍କ କହିବା ଅନୁସାରେ, ସେ ଶୁକ୍ରବାର ନିଜ ଆକାଉଣ୍ଟରୁ ୨୦ହଜାର ଟଙ୍କା ଉଠାଣ ପାଇଁ ନିଜ ନାମରେ ବ୍ୟାଙ୍କରୁ ଇସ୍ୟୁ ହୋଇଥିବା ଚେକ୍ ନମ୍ବର (୭୦୦୫୪୭)କୁ ନେଇ ବରଗଡ଼ ଭଟଲି ଛକ ସ୍ଥିତ ସମ୍ବଲପୁର କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାକୁ ଯାଇଥିଲେ। ସେଠାରେ ଶାଖା ପରିଚାଳକ ଦସ୍ତଖତ କରିବା ପରେ ୧୩ ନମ୍ବରରେ ଏକ ଟୋକନ୍ ମଧ୍ୟ ଇସ୍ୟୁ ହୋଇଥିଲା। ପରେ ଜଣାପଡ଼ିଥିଲା ଯେ, ସେହି ଆକାଉଣ୍ଟରୁ ସେହି ସମାନ ଚେକ୍ ନମ୍ବର ବିଶିଷ୍ଟ ଏକ ଜାଲିଆତି ଚେକ୍ ବ୍ୟବହାର କରି କେହି ଜଣେ ୬ଲକ୍ଷ ୮୨ହଜାର ଟଙ୍କା ଉଠାଣ କରିଛନ୍ତି । ଅଭିଯୋଗକାରିଣୀ ମିଶ୍ର ଏ ନେଇ ଭଟଲି ଏସ୍‌ଡିସିସି ଶାଖା ପରିଚାଳକଙ୍କ ସହିତ ଯୋଗଯୋଗ କରିଥିଲେ । ତେବେ ଶାଖା ପରିଚାଳକ ଆମେ ଆପଣଙ୍କ ନାମରେ ଚେକ୍ ଇସ୍ୟୁ କରିଛୁ ସତ । ଯେହେତୁ ଚେକ୍‌ଟି ଆମ ଶାଖାରେ ଇନକ୍ୟାସ ହୋଇନାହିଁ ଆମେ ସେ ବିଷୟରେ ଅଧିକ ଜାଣିପାରିବୁ ନାହିଁ ବୋଲି କହିଥିଲେ । ଏହାସହିତ ବରଗଡ଼ ମୁଖ୍ୟ ଶାଖାକୁ ଆପଣଙ୍କ ଅଭିଯୋଗ ପତ୍ରକୁ ଅଧିକ ତଦନ୍ତ ପାଇଁ ପଠାଇ ଦେଉଛୁ ବୋଲି ଶାଖା ପରିଚାଳକ କହିଥିଲେ। ଏହିସବୁ ଘଟଣାରେ ଏକ ବଡ଼ ର୍‍ୟାକେଟ କାମ କରିଥିବା ସନ୍ଦେହ କରିବା ସହିତ ନିଜ ଟଙ୍କା ଫେରିପାଇବା ପାଇଁ ରବିବାର ଅପରାଜିତା ମିଶ୍ର ଭଟଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଏସଡିସିସି ବ୍ୟାଙ୍କ ଭଟଲି ଶାଖା ପରିଚାଳକ ଡୋଲାମଣି ପଧାନଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଲେ, ଆମ ବ୍ୟାଙ୍କରେ ଅପରାଜିତା ମିଶ୍ରଙ୍କ ଆକାଉଣ୍ଟ ରହିଛି । ଆମେ ତାଙ୍କ ଠାରୁ ଅଭିଯୋଗ ପାଇବା ପରେ ଘଟଣା ସମ୍ପର୍କରେ ଜାଣିଲୁ ଏବଂ ଯେହେତୁ ଚେକ୍‌ର କ୍ଲିୟରାନ୍ସ ବରଗଡ଼ ଜିଲା ଶାଖାରେ ହୋଇଛି, ସେଥିପାଇଁ ତାଙ୍କ ଅଭିଯୋଗକୁ ଜିଲା ଶାଖାକୁ ତଦନ୍ତ ପାଇଁ ପଠାଇ ଦେଇଛୁ ।

## ଟେର୍ ପାଇଲେନି ବ୍ୟାଙ୍କ କର୍ତ୍ତୃପକ୍ଷ



ହିତାଧିକାରୀଙ୍କ ଦ୍ୱାରା ବ୍ୟାଙ୍କରେ ଲଗାଯାଇଥିବା ଚେକ୍ ।

## ଉପ ଡାକଘରୁ ଚୋରି ସାମଗ୍ରୀ ଜବତ, ଜଣେ ଗିରଫ

ସମ୍ବଲପୁର,୮।୧୨(ବ୍ୟୁରୋ)

ସମ୍ବଲପୁର ସହରର ବଡବଜାର ଉପ ଡାକଘରୁ ଡିସେମ୍ବର ୪ ତାରିଖ ରାତିରେ ଚୋରି ହୋଇଥିବା କମ୍ପ୍ୟୁଟର ସମେତ ଅନ୍ୟାନ୍ୟ ସାମଗ୍ରୀକୁ କ୍ଷେତରାଜପୁର ଥାନା ପୋଲିସ ଜବତ କରିଛି। ଏହି ଘଟଣାରେ ଛତିଶଗଡ କୋଟୱାଲି ଜିଲାର ନଦୀମ ରାୟ (୨୦)ଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୩୦୭/୧୯) ରୁଜୁ ହୋଇଛି।

## ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ଯୁବକ ଗିରଫ

ରେଢାଖୋଲ, ୮।୧୨(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢାଖୋଲ ଥାନା ଅଧୀନ ଡଇଁଚା ଗାଁରେ ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡିଛି। ସମ୍ପୃକ୍ତା ଯୁବତୀଙ୍କୁ ଏକତରଫା ପ୍ରେମ କରି ବିବାହ କରିବାକୁ ଧମକ ଦେବା ସହିତ ତାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବା ଅଭିଯୋଗରେ ରେଢାଖୋଲ ପୋଲିସ ଯୁବକଙ୍କୁ ରବିବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଚିତ୍ତରଞ୍ଜନ ବେହେରା(୨୫)। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ଅଭିଯୁକ୍ତ ଚିତ୍ତରଞ୍ଜନଙ୍କ ପ୍ରେମ ନିବେଦନକୁ ଯୁବତୀ ଜଣକ ସ୍ୱୀକାର କରି ନ ଥିଲେ। ଫଳରେ ସେ ପ୍ରତିଶୋଧପରାୟଣ ହୋଇ ଯୁବତୀଙ୍କୁ ହଇରାଣ କରିବାକୁ ଉଦ୍ୟମ କରିଥିଲେ। ଗତ ୪ ତାରିଖରେ ଯୁବତୀ ଜଣକ ଗାଧୋଉଥିଲାବେଳେ ଅଭିଯୁକ୍ତ ଯୁବକ ପହଞ୍ଚି ନିଜ ମୋବାଇଲରେ ଭିଡିଓ ରେକର୍ଡ କରିଥିଲେ। ପରେ ତାହାକୁ ଭାଇରାଲ କରି ଦେଇଥିଲେ। ଏହାପରେ ପୁଣି ୬ ତାରିଖ ଯୁବତୀଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ତାଙ୍କୁ ବିବାହ କରିବାକୁ କହିଥିଲେ। ହେଲେ ଯୁବତୀ ଜଣକ ରାଜି ନ ହେବାରୁ ତାଙ୍କୁ ଧମକ ଚମକ ଦେବା ସହିତ ମାରପିଟ କରି ତାଙ୍କ ତଣ୍ଟି ଚିପି ମାରି ଦେବାର ଉଦ୍ୟମ କରିଥିଲେ। ଏ ନେଇ ଯୁବତୀ ଜଣକ ଶନିବାର ରାତିରେ ରେଢାଖୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଦଫା ୪୫୨, ୩୫୪, ୩୫୪ (ଗ), ୨୯୪, ୩୦୭, ୫୦୬, ୨୯୨ (ଖ), ଆଇଟି ଆକ୍ଟର ଧାରା ୬୬(ଗ) ଓ ୬୭(କ)ରେ ମାମଲା (ନଂ. ୨୮୦/୧୯) ରୁଜୁ କରି ତଦନ୍ତ ପରେ ଯୁବକଙ୍କୁ ଗିରଫ କରିବା ସହିତ ମୋବାଇଲ ଜବତ କରିଛି।



#TVS Apache RTR 160 starts at Low Down Payment of Rs 10999. *OD means Own Damage. Applicable on purchase through Cash & non special RF schemes. Maximum Savings on Apache RTR 200 4V. ##Savings on retail finance scheme. Schemes are mutually exclusive & can't be clubbed together. Offer applicable only till 31st Dec'19. Applicable only on BS IV Variant. T & C apply.

TVS CREDIT | IDFC FIRST Bank | HDFC BANK We understand your world

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR**: Kishore TVS, Ph.: 9778371171. **BOLANGIR:** Rajlaxmi TVS, Ph.: 918260437538. **BARGARH:** Subhamm TVS, Ph.: 8860625628. **BHAWANIPATNA:** Barun TVS, Ph: 8260430746; **ROURKELA:** Unique TVS, Ph : 8114372182, 8114372181, Gurugobind TVS, Ph: 9776280601, 9437203299 ; **JHARSUGUDA:** Gunnu TVS, Ph: 8586977624; **SONEPUR:** Minerva TVS, Ph : 6370700730, 6370700732 **Authorised Dealers:** Rengali, Ph.: 9437052831; Deogarh, Ph : 9437392892; Charbahal, Ph.: 9853406294; Junagarh, Ph.: 9437092284, 9437939586; Nuapara, Ph.: 9937653638; Raj Khariar, Ph : 9439144433; Muniguda, Ph : 9583860028; Dharmagarh, Ph : 9938883405; Kutra, Ph : 6370312667, 7796501441; Belpahar, Ph.: 9238581791; Binka, Ph : 7894255589; Attabira, Ph : 9853157276; Barpali, Ph.: 9777703149; Patnagarh, Ph.: 9938621078; Dungripally, Ph.: 9937926986; Sundergarh, Ph.: 06622-274361, 9437139011; Rajgangpur, Ph : 9861265188 ; San Balichuan, Ph : 8658502167; Khariar Road, Ph.: 9938098888; Sohela, Ph.: 9938739550; Thuvapali, Ph : 9937452169 ; Bhatli, Ph : 9090140103; Titlagarh, Ph : 9438096285; Boudh, Ph.: 9439238768; Kantabanji, Ph : 9437210599; Gaisilat, Ph : 9937408645; Jaipatna, Ph : 9178280401;Padampur, Ph : 9938110070; Sambalpur, Ph : 9337016000; Bamra, Ph : 9437535172; Kuchinda, Ph : 9437058129; Tarbha : Ph : 9439135679 ; Redhakhol : Ph : 7978349822; Saintala : Ph : 9853781372; Gaisilat, Ph: 7683848645, Kantapali, Ph: 8342939695; Paikmal, Ph : 9938119999, 9777822622; Laikera, Ph : 9938465363 Bheden, Ph : 7008024042, 7008822177; Godbhaga, Ph : 6372444931, 6372445813; Bangamunda, Ph : 9937526500; Tusura, Ph : 9437890955, 9439581200; Bandhabahal, Ph : 6371909005 ; Bagdehi, Ph : 7008977491; Udanbandh, Ph : 7326042333, 7326042335; Lathor, Ph : 7008086417; Kantamal, Ph : 7008225996.

McCann/Blr/Tvs/1058/12/19

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ DHARITRI
ସମ୍ବଲପୁର, ସୋମବାର, ୯ ଡିସେମ୍ବର, ୨୦୧୯



ଭାରତୀୟ ପାସ୍‌ପୋର୍ଟ ଲାଗି ମୁଁ ଆବେଦନ କରିଥିବାବେଳେ ଜାତୀୟତାର ପ୍ରମାଣ ମଗାଯିବା ମୋତେ ବହୁତ ବାଧୁଛି।
-ଅକ୍ଷୟ କୁମାର,
ବଲିଉଡ୍ ଅଭିନେତା



## ସଂକ୍ଷେପରେ

### ମଦ୍ୟପ ଗାଡ଼ି ଚାଳକ ଗିରଫ

ପଦ୍ମପୁର, ୮।୧୨ (ଡି.ଏନ.ଏ)
ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ପକ୍ଷରୁ ମଦ୍ୟପ ଗାଡି ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପାଟଣାଗଡର ଟ୍ରକ୍ (ନଂ.ଓଡିଠ୩ଏନ/୨୩୪୯)ର ଚାଳକ ଅଶ୍ୱିନୀ ଦାଶ (୪୯) ଓ ପୁଇଁତଳା ବଲାଙ୍ଗୀରର ଟ୍ରକ୍ (ନଂ.ଓଡିଠ୩/୨୬୫୫)ର ଚାଳକ କରୁଣା ନାଗ (୪୨) ମଦ ପିଇ ଗାଡି ଚାଳନା କରିଥିବା ରବିବାର ଯାଞ୍ଚ ବେଳେ ଜଣାପଡିଥିଲା । ତେଣୁ ପୋଲିସ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଥାନାଧିକାରୀ ଲିଲିମା ଲଳିତା ବାର୍ଲାଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ସତ୍ୟାନନ୍ଦ ଭୋଇ, କେତନ ଧରୁଆ ଓ ସହକର୍ମୀ ଗାଡି ଯାଞ୍ଚ କରୁଥିଲେ ।

### ଦିବ୍ୟାଙ୍ଗ ଚିହ୍ନଟ ଶିବିର

ପଦ୍ମପୁର, ୮।୧୨ (ଡି.ଏନ.ଏ)
ପଦ୍ମପୁର ରାଜବୋଡସମ୍ବର ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ସ୍ୱାମୀ ବିବେକାନନ୍ଦ ଜାତୀୟ ଥଇଥାନ ଓଲଟପୁର (କଟକ)ର ମିଳିତ ସହଯୋଗରେ ଦିବ୍ୟାଙ୍ଗ ଚିହ୍ନଟ ଓ ସହାୟତା ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. ଜିତେନ୍ଦ୍ର ଷଡଙ୍ଗୀ, ଡା. ଚିତ୍ତରଞ୍ଜନ ମିଶ୍ର, ଡା. ଶୁଭଶ୍ରୀ ମିଶ୍ର, ଡା. ଗୌରାଙ୍ଗ ଚରଣ ପାତ୍ର, ଡା. ସୁରେନ୍ଦ୍ର ଭୋଇ ଯୋଗଦେଇ ପ୍ରାୟ ୨୪୬ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସେମାନଙ୍କ ମଧ୍ୟରୁ ୧୨୫ଜଣ ଦିବ୍ୟାଙ୍ଗଙ୍କୁ ସହାୟତା ଦେବାକୁ ସୁପାରିଶ କରାଯାଇଥିଲା । ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ଚୌଧୁରୀ ଓ ସହକର୍ମୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

### ବକୁଳ ମହୋତ୍ସବ ପ୍ରସ୍ତୁତି ବୈଠକ

ଗଣ୍ଡତୁରୁମ, ୮।୧୨ (ଡି.ଏନ.ଏ)
ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ କେଶରିପାଲି ସ୍ଥିତ ଗୌରାଙ୍ଗ ମଠରେ ଆସନ୍ତା ୧୯ ତାରିଖରେ ହେବାକୁ ଥିବା ବକୁଳ ମହୋତ୍ସବ ପାଇଁ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଠ ମହନ୍ତ ଗଙ୍ଗାଧର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚନ୍ଦ୍ରଶେଖର ଦାସ କୋଷାଧକ୍ଷ ଏବଂ ବିଦେଶ ଦାଶ, ଦୂତିଆ ସେଟ, ମନବୋଧ ସାହୁ, ସୁରଥ ସାହୁ, ଆନନ୍ଦ ଦାଶ, ଦାଶରଥି ପରିଡା, ଘନଶ୍ୟାମ ବଢ଼େଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବେ । ସେହିପରି ମଠ ସହକାରୀ ମହନ୍ତ ତୁଳସୀ ଦାସ ସମସ୍ତ କାର୍ଯ୍ୟ ତଦାରଖ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା । ୯ ଦିନ ଧରି ହେବାକୁ ଥିବା ଏହି ମହୋତ୍ସବରେ ପ୍ରତ୍ୟହ ବ୍ୟାସ ରୋଶନ ପୁରୋହିତଙ୍କ ଦ୍ୱାରା ରାମାୟଣ ପାରାୟଣ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ■ ରାଜସ୍ଥାନରେ ମହିଳାଙ୍କୁ ବିକ୍ରି ଘଟଣା

# ମହିଳାଙ୍କ ସମେତ ୨ ମଧ୍ୟସ୍ଥ ଗିରଫ

ସୋହେଲା,୮।୧୨(ଡି.ଏନ.ଏ)

ବରଗଡ ଜିଲା ସୋହେଲା ଥାନା ଚିଚିଣ୍ଡା ଗ୍ରାମର ଜନୈକା ବିଧବା ମହିଳାଙ୍କୁ ରାଜସ୍ଥାନର ଜଣେ ବୃଦ୍ଧଙ୍କୁ ୨ଲକ୍ଷ ଟଙ୍କାରେ ବିକ୍ରି କରିବା ଘଟଣାରେ ସୋହେଲା ପୋଲିସ ୨ଜଣ ମଧ୍ୟସ୍ଥଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଈଶ୍ୱର ସାହୁ ଓ ଜଣେ ମହିଳା।

ପୋଲିସ ସୂଚନା ଅନୁସାରେ, ଚିଚିଣ୍ଡା ଗ୍ରାମର ମାୟାବତୀ ନାୟକ ସେହି ଗ୍ରାମର ଝସ ସାହୁଙ୍କୁ ବିବାହ କରିଥିଲେ। ସେମାନଙ୍କ ଗୋଟିଏ ୮ବର୍ଷର ପୁତ୍ର ସନ୍ତାନ ଅଛି। ପ୍ରାୟ ୨ବର୍ଷ ତଳେ ଝସଙ୍କ ମୃତ୍ୟୁ ହେବା ପରେ ମାୟାବତୀ ପୁଅ ସହିତ ଗାଁରେ ରହି ଅନ୍ୟ ଲୋକଙ୍କ ଘରେ କାମଧନ୍ଦା କରି ଚଳୁଥିଲେ। ଏହି ସମୟରେ ଚିଚିଣ୍ଡା ଗ୍ରାମର ଈଶ୍ୱର ସାହୁ ଓ ଜଣେ ମହିଳା ମାୟାବତୀଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ତାଙ୍କୁ ରାଜସ୍ଥାନର ଜଣକ ଘରେ ରଖି ଦେବାକୁ ରାଜି କରାଇଥିଲେ। ଗତ ନଭେମ୍ବର ୨୬ ତାରିଖରେ ସେମାନେ ମାୟାବତୀ ଓ ତାଙ୍କ ପୁଅକୁ ବରପାଲି ରେଳଷ୍ଟେଶନରୁ ଟ୍ରେନ ଯୋଗେ ରାଜସ୍ଥାନର କୋଟାକୁ ନେଇଥିଲେ। ସେଠାରେ ପୂର୍ବରୁ ରହୁଥିବା ସୋହେଲା ଥାନା ଜାମପାଲି ଗ୍ରାମର ଜନୈକା ମହିଳାଙ୍କ ସହାୟତାରେ ମାୟାବତୀ ଓ ତାଙ୍କ ପୁଅକୁ ଜଣେ ବୃଦ୍ଧଙ୍କ ନିକଟରେ ୨ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ। ଏହାସହ ସେମାନେ ନିଜ ଗାଁକୁ ଫେରି ଆସିଥିଲେ। ଏହି ଘଟଣା ଜଣାପଡିବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ମାୟାବତୀଙ୍କ କାକା ପାରାଧୀ ସାହୁ ସୋହେଲା ଥାନାକୁ ଆସି ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ପାରାଧୀଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୨୦୩/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷେ ସମସ୍ତ ଘଟଣା ଜାଣିବା ପରେ ମାୟାବତୀ ସେଠାରେ ରହିବାକୁ ମନା କରିବାରୁ ତାଙ୍କୁ କିଣିଥିବା ବୃଦ୍ଧ ଜଣକ ତାଙ୍କୁ ଗାଁକୁ ଫେରିଯିବାକୁ କହିଥିଲେ। ଇତ୍ୟବସରେ ମଧ୍ୟସ୍ଥ ସାଜିଥିବା ଜାମପାଲି ଗ୍ରାମର ମହିଳା ଜଣକ ମାୟାବତୀଙ୍କୁ ଧରି ଟ୍ରେନରେ ଘରକୁ ଫେରିଥିଲେ। ପୋଲିସ ଏ ସମ୍ପର୍କରେ ମାୟାବତୀଙ୍କୁ ପଚରାଉଚୁରା କରିବାରୁ ସେ ପ୍ରଥମେ ଘଟଣାକୁ ଅସ୍ୱୀକାର କରିଥିଲେ। କିନ୍ତୁ ପରେ ସତ୍ୟାସତ୍ୟ ବର୍ଣ୍ଣନା କରିଥିଲେ । ଏହାପରେ ପୋଲିସ ମାୟାବତୀଙ୍କୁ ତାଙ୍କ କାକା ପାରାଧୀଙ୍କୁ ହସ୍ତାନ୍ତର କରିବା ସହିତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା।

## ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ



ଅତିଥିଙ୍କ ଗହଣରେ ମହିଳା ଫୁଟବଲ ଖେଳାଳି ।

ବରପାଲି, ୮।୧୨ (ଡି.ଏନ.ଏ)

ବଗଡ଼ ଜିଲା ବରପାଲି ଅନ୍ତର୍ଗତ କଦଳୀପାଲି ମହିଳା ଫୁଟବଲ ଦଳର ଏକ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି । ଆମର ଝି ଆମର ସ୍ୱାଭିମାନ କାର୍ଯ୍ୟକ୍ରମ ଉପରେ ହେଲପିଙ୍ଗ ହାର୍ଟସ ପକ୍ଷରୁ ଆୟୋଜିତ ଖେଳରେ ସୁନୀତା ମୁଣ୍ଡ, ଘରଜୁଗି ଗଡତିଆ, ସୁକାନ୍ତି ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଖେଳକୁ କ୍ରୀଡା ଶିକ୍ଷକ ସମ୍ପୂର୍ଣ୍ଣ ଭୋଇ ପରିଚାଳନା କରିଥିଲେ ।

## ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା



ପ୍ରତିଯୋଗିତାରେ ଭାଗ ନେଇଥିବା ପିଲାମାନେ ଚିତ୍ର ଆଙ୍କୁଛନ୍ତି ।

ବରଗଡ଼ ଅଫିସ୍,୮।୧୨

ବରଗଡ଼ର ଚିତ୍ରଶିକ୍ଷା ଅନୁଷ୍ଠାନ କଳା ନିକେତନ ପକ୍ଷରୁ ରବିବାର ରାଜ୍ୟସ୍ତରୀୟ ଚିତ୍ରାଙ୍କନ, ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ)ରେ ଅନୁଷ୍ଠିତ ଏହି ପ୍ରତିଯୋଗିତା ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାରେ ଦିଲୀପ କୁମାର ସିଂଦେଓ, ଜବାହାରଲାଲ ନନ୍ଦ, ସୁଲୋଚନା ମହାପାତ୍ର ପ୍ରମୁଖ ବିଚାରକ ଭାବେ ଯୋଗଦାନ କରିଥିଲେ। ଚିତ୍ରାଙ୍କନ ବିଭାଗରେ ପ୍ରତି ଗ୍ରୁପର ୧୦ଜଣ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୧୫ତାରିଖରେ କଳା ନିକେତନ ଚିତ୍ରଶିକ୍ଷା ଅନୁଷ୍ଠାନରେ ପୁଣିଥରେ ଚୟନ କରାଯିବ। ଆସନ୍ତା ୨୨ତାରିଖରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ହେବାକୁ ଥିବା ଅନୁଷ୍ଠାନର ବାର୍ଷିକୋତ୍ସବରେ ପୁରସ୍କାର ପ୍ରଦାନର କାର୍ଯ୍ୟକ୍ରମ ରହିଛି ବୋଲି କଳା ନିକେତନର ସଭାପତି ପ୍ରୀତମ ସିଂ ପକ୍ଷରୁ ସୂଚନା ଦେଇଛନ୍ତି । ଅନୁଷ୍ଠାନର ଉପସଭାପତି ନବକୃଷ୍ଣ ମିଶ୍ର, କୋଷାଧ୍ୟକ୍ଷ କମଳ ଯୋଶୀ, ଅଧ୍ୟକ୍ଷ ଅଭିମନ୍ୟୁ ଭୋସାଗର, ନୀଳାମ୍ବର ମେହେର ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ ।

## ଗୋପପୁର କମିଟି ବୈଠକ
## ଆଜି ଶୁଭ ଧ୍ୱଜା ସ୍ଥାପନ

ବରଗଡ଼ ଅଫିସ୍,୮।୧୨

ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଗୋପପୁର ଯାତ୍ରା ଅନ୍ୟତମ। ଗୋପପୁର ଯାତ୍ରାକୁ ଏଥର ଅନ୍ୟବର୍ଷ ତୁଳନାରେ ଅଧିକ ଆକର୍ଷଣୀୟ କରିବା ପାଇଁ ନିଷ୍ପତ୍ତି ହୋଇଛି । ଏହି କ୍ରମରେ ରବିବାର ଗୋପପୁର କମିଟିର ଏକ ବୈଠକ ବସିଥିଲା। ଗୋପପୁର ଯାତ୍ରା କମିଟିର ଆବାହକ ତଥା ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ସବ୍ କମିଟି ଗଠନ ସହିତ ମନୋନୀତ କର୍ମକର୍ତ୍ତା, ସଭ୍ୟଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହିପରି ସୋମବାର ଅପରାହ୍ନରେ ଗୋପପୁର ଯାତ୍ରା ପାଇଁ ଶୁଭଧ୍ୱଜା ସ୍ଥାପନ ହେବ ବୋଲି ସୂଚନା ଦିଆଯାଇଥିଲା। ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ସହିତ କୃଷ୍ଣ,ବଳରାମ, ରାଧା କଳାକାରଙ୍କୁ ବରଣ କରାଯିବ । ପରେ ଏକ ସାଂସ୍କୃତିକ ଶୋଭାଯାତ୍ରାରେ ଜିରା ନଦୀ କୂଳ ବୃନ୍ଦାବନ ପଡ଼ିଆକୁ ଯାଇ ସେଠାରେ ଶୁଭଧ୍ୱଜା ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ, ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, କୃଷ୍ଣଚନ୍ଦ୍ର ମହାପାତ୍ର, ଦୟାନିଧି ପ୍ରଧାନ, ପଦ୍ମଲୋଚନ ମଲ୍ଲିକ, ଈଶ୍ୱର ବାଗ, ସୁନୀଲ ଶର୍ମା, ସୁରେନ୍ଦ୍ର ହୋତା, ନାରାୟଣ ଭୋଇ, ମୀନକେତନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ: ନାକଟାସର ଚାମ୍ପିୟନ

ପାଇକମାଲ, ୮।୧୨ (ଡି.ଏନ.ଏ)

ପାଇକମାଲ ବ୍ଲକ ମାଣ୍ଡିଆଡ଼ିପା ଗ୍ରାମରେ ଆଜାଦ କ୍ଲବ ଆନୁକୂଲ୍ୟରେ ୨୧ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ପଦ୍ମପୁରକୁ ହରାଇ ନାକଟାସର ଚାମ୍ପିୟନ ହୋଇଛି । ଆଜି ପ୍ରଥମ ସେମିଫାଇନାଲରେ ନାକଟାସର ଦଳ ସମ୍ବଲପୁରକୁ ୧-୦ ଗୋଲରେ ହରାଇ ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ ପଦ୍ମପୁର ଓ ଅଇଁଠାପାଲି ମଧ୍ୟରେ ଅନୁଷ୍ଠିତ ହୋଇ ଟାଇବ୍ରେକର ଜରିଆରେ ପଦ୍ମପୁର ବିଜୟୀ ହୋଇଥିଲା। ଫାଇନାଲ ଖେଳରେ ବଲାଙ୍ଗୀରର ନାକଟାସର ଦଳ ପଦ୍ମପୁରକୁ ୨-୦ ଗୋଲରେ ହରାଇ ବିଜୟୀ ହୋଇଥିଲା। ଭୈରବ ସେଠଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂହ ବରିହା ମୁଖ୍ୟଅତିଥି, ଡୋଲାମଣି ମାହାର ମୁଖ୍ୟବକ୍ତା, ବ୍ଲକ ଅଧ୍ୟକ୍ଷ ଅଲତାଫ ମହମ୍ମଦ, ସରପଞ୍ଚ ବାବୁଲାଲ ଧରୁଆ, ସରପଞ୍ଚ ଚୈତନ୍ୟ ଭୋଇ, ହୃଦାନନ୍ଦ ବାରିକ, ନନ୍ଦକିଶୋର ଶ୍ରୀବାସ୍ତବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ । ଅଲେଖ ଛତର, କ୍ଷୀରସାଗର ବରିହା, ହେମନ୍ତ ସାହୁ, ସୁଶାନ୍ତ ବାଗ, ହିମାଂଶୁ ସାହୁ, ଭୋଜରାଜ ବରିହା, ଦେବେନ୍ଦ୍ର ଶତପଥି, ସନ୍ତୋଷ ସାହୁ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।



ମୁଖ୍ୟଅତିଥି କୃତୀ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

## ଗାଇସିଲେଟ ଶିକ୍ଷକ ଏକାଦଶ ବିଜୟୀ

ଗାଇସିଲେଟ୍,୮।୧୨(ଡି.ଏନ.ଏ)

ବରଗଡ଼ ଜିଲା ଗାଇସିଲେଟ୍ ମିନି ଷ୍ଟାଡ଼ିୟମରେ ରବିବାର ଗାଇସିଲେଟ୍ ଶିକ୍ଷକ ଏକାଦଶ ଏବଂ ପଦ୍ମପୁର ଶିକ୍ଷକ ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗାଇସିଲେଟ ଶିକ୍ଷକ ଏକାଦଶ ୧ ଉଇକେଟ୍‌ରେ ବିଜୟୀ ହୋଇଥିଲା। ଗାଇସିଲେଟ୍ ଏକାଦଶର ମନୋଜ ରଣା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମକରଧ୍ୱଜ ବିଶ୍ୱାଳ, ଅଶୋକ ବେହେରା ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ । ସରୋଜ ସା ସ୍କୋରର ଦାୟିତ୍ୱରେ ଥିଲେ । ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଦେବେନ୍ଦ୍ର କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ କୁନା ସେଠ ଧନ୍ୟବାଦ ଅର୍ପଣ କରିଥିଲେ ।

## ଖଲିଆପାଲିରେ ବିଜୟଲକ୍ଷ୍ମୀ ମହୋତ୍ସବ

ବରଗଡ଼ ଅଫିସ୍,୮।୧୨

ବରଗଡ଼ ସହର ଉପକଣ୍ଠ ଖଲିଆପାଲିରେ ଶନିବାର ବିଜୟଲକ୍ଷ୍ମୀ ମହୋତ୍ସବ ଉଦ୍‌ଯାପିତ ହୋଇଛି । ମହୋତ୍ସବ ସମିତିର ଚୈତନ୍ୟ ପାଇକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ ମୁଖ୍ୟଅତିଥି, ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଝାରୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ସେହିପରି ଦୁଃଖିଶ୍ୟାମ ସାହୁ, ଅଶ୍ୱିନୀ ସାହୁ, ପ୍ରଭୋଦ ଦୋରା, ରାଜେଶ ମୁଗ୍ରୀ, ସୁଦାମ କଲାରୀ, ନିତ୍ୟାନନ୍ଦ ବାଗ, ହୀରାଲାଲ ସୁନା, ଗୋପାଳ ମୁଗ୍ରୀ, ସଦାନନ୍ଦ ବାଗ, ରମାକାନ୍ତ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଅତିଥିମାନଙ୍କୁ ମହୋତ୍ସବ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନିରୁଦ୍ଧ ପାଇକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ ।



ବିଜୟଲକ୍ଷ୍ମୀ ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

## ■ ସାହାଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଭୁବନେଶ୍ୱର, ସମ୍ବଲପୁର ବିଜୟୀ

ବରପାଲି, ୮।୧୨ (ଡି.ଏନ.ଏ)

ବରପାଲି ବ୍ଲକ କଦଳୀପାଲିରେ ଚାଲିଥିବା ୬୦ତମ ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଷଷ୍ଠ ଦିନର ଖେଳ ଭୁବନେଶ୍ୱର ଏକାଦଶ ଓ ନୟାଗଡ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର ଦଳ ୨-୦ ଗୋଲରେ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଛି । ଖେଳକୁ କିଶନ ଦାଶ, ଦେବାଶିଷ ବାଗ, ପ୍ରଶାନ୍ତ ବେହେରା ପରିଚାଳନା କରିଥିବା ବେଳେ ନିରଞ୍ଜନ ମହାକୁର ଓ ସୁଜିତ ପାତ୍ର ସହଯୋଗ କରିଥିଲେ। ଏହି ଅବସରରେ ଅଧ୍ୟାପକ ସୁବଳ ମେହେର ମୁଖ୍ୟଅତିଥି ଓ ବ୍ୟବସାୟୀ ବିକାଶ ଅଗ୍ରୱାଲ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଶିକ୍ଷକ ଅଶୋକ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ । ସୋମବାର ବରଗଡ ଓ ଭୁବନେଶ୍ୱର ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ ।

**ସୋହେଲା,(ଡି.ଏନ.ଏ):** ସୋହେଲା ମିନି ଷ୍ଟାଡିୟମରେ ଚାଲିଥିବା ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତାରେ ରବିବାର ସମ୍ବଲପୁର ଓ ଅନୁଗୋଳ ମଧ୍ୟରେ ମ୍ୟାଚ୍ ହୋଇଥିଲା । ଏଥିରେ ସମ୍ବଲପୁର ଦଳ ଅନୁଗୋଳକୁ ୧-୦ ଗୋଲରେ ହରାଇ ବିଜୟୀ ହୋଇଛି। ଏହି ପ୍ରତିଯୋଗୀତାର ଦ୍ୱିତୀୟ ପ୍ରି କ୍ୱାର୍ଟର ଫାଇନାଲ ମ୍ୟାଚରେ ସମ୍ବଲପୁର ବିଜୟୀ ହୋଇ ବରଗଡ ଜୋନ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଛି। ଆଜିର ମ୍ୟାଚରେ ପ୍ରଥମାର୍ଦ୍ଧ ଖେଳ ଗୋଲ ଶୂନ୍ୟ ଭାବେ ସମାପ୍ତ ହୋଇଥିଲା। ଦ୍ୱିତୀୟାର୍ଦ୍ଧ ଖେଳର ୫୧ତମ ମିନିଟରେ ସମ୍ବଲପୁର ଦଳର ପ୍ରଶାନ୍ତ ଓରାମ ଦଳ ପାଇଁ ପ୍ରଥମ ତଥା ମ୍ୟାଚର ଏକମାତ୍ର ଗୋଲ କରି ଦଳକୁ ବିଜୟୀ କରିଥିଲେ। ପ୍ରଥମାର୍ଦ୍ଧ ଖେଳର ୩୫ତମ ମିନିଟରେ ଅନୁଗୋଳ ଦଳର ଖେଳାଳି ଦେବବ୍ରତ ବେହେରାଙ୍କୁ ରେଫରୀ ରେଡ୍ କାର୍ଡ ଦେଇଥିଲେ। ଫଳରେ ଅନୁଗୋଳ ଦଳ ୧୦ଜଣ ଖେଳାଳିଙ୍କୁ ନେଇ ଅବଶିଷ୍ଟ ମ୍ୟାଚ୍ ଖେଳିଥିଲେ ମଧ୍ୟ ସମ୍ବଲପୁର ଦଳକୁ କଡା ମୁକାବିଲା କରିଥିଲେ ଓ ଦ୍ୱିତୀୟାର୍ଦ୍ଧ ଖେଳର ୭୭ତମ ମିନିଟରେ ଅନୁଗୋଳ ଦଳକୁ ଏକ ପେନାଲଟି ମିଳିଥିଲା। କିନ୍ତୁ ଅନୁଗୋଳ ଦଳ ଏହାର ସଦବିନିଯୋଗ କରି ପାରି ନ ଥିଲା ଏବଂ ପ୍ରତିଯୋଗିତାରୁ ବିଦାୟ ନେଇଥିଲା। ଆଜିର ମ୍ୟାଚରେ ସୋହେଲା ଥାନା ଆଇଆଇସି ନିର୍ମଳ କୁମାର ମହାପାତ୍ର ମୁଖ୍ୟଅତିଥି, ବରଗଡ ଜିଲା କ୍ରୀଡା ସଂସଦ ଉପସଭାପତି ଯୁଗଳ ପ୍ରସାଦ ସିଂ, ଆନ୍ତର୍ଜାତୀୟ ଖେଳାଳି ହାରାଧନ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମ୍ୟାଚ୍‌କୁ ରେଫରୀ ବିପୁଳ ବିଦ୍ୟାଧର ପରିଚାଳନା କରିଥିବା ବେଳେ ରମଣୀ ମାଝୀ ଓ ଆଶୀର୍ବାଦ କାନୁନ୍‌ଗୋ ତାଙ୍କୁ ଲାଇନରେ ସହାୟତା କରିଥିଲେ। ଶୁଭମ ପାତ୍ର, ସୁରେଶ ଦାସ ଚତୁର୍ଥ ରେଫରୀ ଏବଂ ଦୁର୍ଗାମାଧବ ନାଏକ ମ୍ୟାଚ କମିଶନର ଦାୟିତ୍ୱରେ ରହିଥିଲେ ।



ବରପାଲି କଦଳୀପାଲି ପଡିଆରେ ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳି ।



ସୋହେଲା ମିନି ଷ୍ଟାଡିୟମରେ ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ ।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



**ସଂକ୍ଷେପରେ**

## ପିଆଜ ଦର ବୃଦ୍ଧି, ଖାଉଟି ହନ୍ତସନ୍ତ

ବିନିକା, ୮।୧୨(ଡି.ଏନ୍.ଏ.)
ପିଆଜର ଅହେତୁକ ଦରବୃଦ୍ଧି ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ଖାଉଟିଙ୍କ ଉପରେ ଜୋରଦାର ପ୍ରଭାବ ପକାଇଛି। ଏଠାରେ ପିଆଜ କିଲୋପ୍ରତି ୧୩୦ରୁ ୧୫୦ଟଙ୍କା ଯାଏ ବିକ୍ରି ହେଉଛି। ଏପରି ଦରରେ ପିଆଜ କିଣିବା ଖାଉଟି ପକ୍ଷରେ କାଠିକର ପାଠ ହୋଇ ଯାଉଛି। କେବଳ ପିଆଜ ନୁହେଁ, ରସୁଣ କିଲୋ ପ୍ରତି ୨ଶହ ଓ ଅଦା ୧୮୦ଟଙ୍କାରେ ପହଞ୍ଚିଲାଣି। ଏସବୁ ସହ ଅନ୍ୟାନ୍ୟ ପନିପରିବାର ଦର ବି ଆକଶଛୁଆଁ। ଯୋଗାଣ ବିଭାଗ ଦରବୃଦ୍ଧି ନିୟନ୍ତ୍ରଣ ଦିଗରେ କୌଣସି ପଦକ୍ଷେପ ନେଉନାହିଁ। ଫଳରେ କେତେକ ଅସାଧୁ ବେପାରୀ ବେଆଇନଭାବେ ସାମଗ୍ରୀ ମହଜୁଦ ରଖି ମୁନାଫା କମାଉଥିବା ଅଭିଯୋଗ ହେଉଛି।

## ଅବାଧରେ ଚାଲିଛି ଘୁଡୁଘୁଡି ପଟ୍ଟି ଖେଳ

ବିନିକା, ୮।୧୨(ଡି.ଏନ୍.ଏ.)
ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅର୍ଏଁଲାମୁଣ୍ଡା ଗାଁ ସମୀପ ଏବଂ ହୁଡୁମା ଜୀରା ନଦୀକୂଳରେ ଗତ ସାତଦିନ ହେଲା ଘୁଡୁଘୁଡୁ ପଟ୍ଟି ତଥା ଜୁଆ ଖେଳ ଚାଲିଛି। ଗୁରୁବାର, ଶୁକ୍ରବାର ଓ ଶନିବାର ଅର୍ଏଁଲାମୁଣ୍ଡା ଗ୍ରାମ ମୁଣ୍ଡ ଏବଂ ବୁଧବାର, ଗୁରୁ, ରବିବାର ଓ ସୋମବାର ହୁଡୁମା ଗ୍ରାମ ଜୀରାନଦୀ କୂଳରେ ଘୁଡୁଘୁଡୁ ପଟ୍ଟି ଖେଳ ଚାଲୁଛି। ବିନିକା ପୋଲିସ ସବୁ ଜାଣି ନୀରବଦ୍ରଷ୍ଟା ରହିଥିବା ଅଭିଯୋଗ ହୋଉଛି। ଏନେଇ ବିନିକା ଥାନା ଆଇଆଇସି କୁଶ ପାଣିଗ୍ରାହୀଙ୍କୁ ପଚାରିବାରୁ ହୁଡୁମା ଓ ଅର୍ଏଁଲାମୁଣ୍ଡାରେ ଘୁଡୁଘୁଡୁ ପଟ୍ଟି ତଥା ଜୁଆ ଖେଳ ଚାଲିଥିବା ନେଇ ଆମ ପାଖରେ ଖବର ନାହିଁ ଏବେ ଜାଣିଲା ପରେ ସେଠାରେ ଚଢାଉ କରାଯିବ। ପୋଲିସ ପାଟ୍ରୋଲିଂକୁ ଆଗାମୀ ଦିନରେ କଡାକଡା କରାଯିବ ବୋଲି କହିଥିଲେ।

## ଭାଗବତ ମନ୍ଦିର ପ୍ରତିଷ୍ଠା ମହୋତ୍ସବ

ବିନିକା, ୮।୧୨(ଡି.ଏନ୍.ଏ.)
ସୁବର୍ଣ୍ଣପୁର ଜିଲା ବିନିକା ଏନ୍ଏସି ଅନ୍ତର୍ଗତ ଗୌଡପଡାଠାରେ ନବନିର୍ମିତ ଭଗବତ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ରବିବାର ଧୁମ୍ଧାମରେ ପାଳିତ ହୋଇଯାଇଛି। ବିନିକା ଏନଏସି ନିର୍ବାହୀ ଅଧିକାରୀ ଦୁଃଖିରାମ ନାଏକ, ସ୍ଥାନୀୟ ଥାନା ଅଧିକାରୀ କୁଶ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ମନ୍ଦିରର ଶୁଭ ଉଦ୍‌ଘାଟନ କରିଥିଲେ। କର୍ତ୍ତାକର୍ତ୍ତୀ ଭାବେ ପଞ୍ଚାନନ ସାହୁ ଓ ଦମୟନ୍ତୀ ସାହୁ ଦାୟିତ୍ୱ ତୁଲାଇଥିଲେ। ଶନିବାର ଗୌଡପଡାବାସୀଙ୍କ ଦ୍ୱାରା ଏକ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରିୟମ୍ବଦା ମିଶ୍ର ସୁନ୍ଦରାକାଣ୍ଡ ପାରାୟଣ କରିଥିଲେ। ସନ୍ତୋଷ ପଣ୍ଡା, ବୃଷଭ ମାହାଣା, ଗଙ୍ଗାଧର ମାହାର, ଶ୍ରୀକାନ୍ତ ସାହୁ, ଚୈତନ୍ୟ ସାଲମା, ଗୋବିନ୍ଦ ମାହାଣ, କାହ୍ନୁ କର୍ଣ୍ଣ ଓ ଗୌଡପଡା ବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ବୀରମହାରାଜପୁର-ଅମରପାଳି ପିଡବ୍ଲ୍ୟୁଡି ରାସ୍ତା

# ଯନ୍ତ୍ରୀଙ୍କ ଅଜାଣତରେ ଚାଲିଛି କାମ

ଅମରପାଲି, ୮।୧୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରଠାରୁ ଅମରପାଲି ପର୍ଯ୍ୟନ୍ତ ନୂତନ ଭାବରେ ହେଉଥିବା ପୂର୍ତ୍ତ ବିଭାଗର ରାସ୍ତାର ଦ୍ୱିତୀୟ ପିଟ କାମ ଯନ୍ତ୍ରୀଙ୍କ ଅଜାଣତରେ ହେଉଛି। କାମ କଲାବେଳେ ଆବଶ୍ୟକ ଯନ୍ତ୍ର ଉପକରଣ ବ୍ୟବହାର ନକରି ତରବରିଆ ଭାବରେ ରାସ୍ତାରେ ଦ୍ୱିତୀୟ ପିଟ ମେଟାଲିଙ୍ଗ କରୁଥିବା ବେଳେ ବହଳପଦର ସମିତି ସଭ୍ୟ ପିତାମ୍ବର ସାହୁ ବିଭାଗୀୟ ଯନ୍ତ୍ରୀ ମହେଶ୍ୱର ପାଶାଙ୍କୁ ଫୋନ କରି ପଚାରିଥିଲେ। ମାତ୍ର ଯନ୍ତ୍ରୀ ରବିବାର ଏହି କାମ ହେଉ ନ ଥିବା କହିଥିଲେ। ଫୋନ ଯୋଗେ କାମ କରାଉଥିବା ସୁପରଭାଇଜରଙ୍କୁ ଯନ୍ତ୍ରୀଙ୍କ ସହ କଥା କରାଇବାରୁ ବଳି ଯାଇଥିବ କିଛି ଅଂଶକୁ ମେଟାଲିଙ୍ଗ କରୁଥିବା କହିଥିଲେ। ପରେ ଯନ୍ତ୍ରୀ କାମ ବନ୍ଦ କରିବାକୁ କହିଥିଲେ। ଏହାପରେ ସେଠାରେ କାମ ବନ୍ଦ ରହିଥିଲା। ସୂଚନାଯୋଗ୍ୟ ଯେ, ବୀରମହାରାଜପୁର ମୁଖ୍ୟଛକଠାରୁ ଅମରପାଲି ସୀମା ପର୍ଯ୍ୟନ୍ତ ପ୍ରାୟ ୨୩ କିମି ୫୫୦ ମିଟର ରାସ୍ତାକୁ ବ୍ରିଲିଏଣ୍ଟ ଇନଫା ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ ନାମକ ଏକ ସଂସ୍ଥା କାମ କରୁଛି। ଏହି କାମ ପାଇଁ ପ୍ରାୟ ୨୬କୋଟି ୨୯ ଲକ୍ଷ ୩୮ ହଜାର ୭୧୦ ଟଙ୍କାର ଅଟକଳ ହୋଇଛି। ରାସ୍ତାର କିଛି ଅଂଶରେ ପ୍ରଥମ ପିଟ ମେଟାଲିକ ହୋଇସାରିଛି। ଦ୍ୱିତୀୟ ପିଟ ପାଇ ମୁର୍ଷୁଣ୍ଡୀ ପଟରୁ କିଛି ଅଂଶ କାମ ମଧ ହୋଇଛି। ରବିବାର ମେଣ୍ଡିଲିପାଲି ଓ ଲୁତୁରପଙ୍କ ଗୋହିରା ଛକ ମଝିରୁ ଦ୍ୱିତୀୟ ପିଟ ମେଟାଲିଙ୍ଗ କରାଯାଉଥିଲା। ଯେଉଁ ଯନ୍ତ୍ର ସାହାଯ୍ୟରେ ଦ୍ୱିତୀୟ ପିଟ କାମ ହେବା କଥା ତାହା ନଆଣି ସାଧାରଣ ଜେସିବିରେ କରାଯାଉଥିଲା। ଆବଶ୍ୟକ




ରବିବାର ଯନ୍ତ୍ରୀଙ୍କ ଅଜାଣତରେ କରାଯାଇଥିବା ରାସ୍ତା କାମ ।

### ଆବଶ୍ୟକ ଉପକରଣ ନଥାଇ କରାଯାଉଛି କାମ

ମେଶିନ ଓ ଯନ୍ତ୍ର ନଥିବାରୁ ବିଭାଗୀୟ ଯନ୍ତ୍ରୀ ରାସ୍ତାରେ ଦ୍ୱିତୀୟ ପିଟ କାମ ରବିବାର କରିବାକୁ ମନା କରିଥିଲେ। ମାତ୍ର ଉକ୍ତ ସଂସ୍ଥା ଏହି କାମକୁ ଠିକରେ କରୁ ନ ଥିଲା କି ଉପଯୁକ୍ତ ଯନ୍ତ୍ର ବ୍ୟବହାର କରି ନଥିଲା। ପୂର୍ବରୁ ଉକ୍ତ ରାସ୍ତାକାମ ନିମ୍ନମାନର କରାଯାଉଥିବା ଅଭିଯୋଗ ହେବା ପରେ ଅମରପାଲିଠାରେ ନିର୍ମାଣକୁ ବନ୍ଦ କରିଥିଲେ ସ୍ଥାନୀୟ ଲୋକେ। ମୁର୍ଷୁଣ୍ଡୀରେ ମଧ ସମାନ ଅଭିଯୋଗ ହୋଇଥିଲା। ବିଭାଗୀୟ ଅଧିକାରୀମାନେ ଠିକ୍‌ରେ ତଦାରଖ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏବେ ଯନ୍ତ୍ରୀଙ୍କ ଅଜାଣତରେ ପୁଣି କାମ ହେଉଥିବାରୁ କାମର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ଦେଖାଯାଇଛି। ତେଣୁ ଯନ୍ତ୍ରୀଙ୍କ ଅଜାଣତରେ ହୋଇଥିବା ପ୍ରାୟ ୧କିମି ରାସ୍ତାରୁ ମେଟାଲିଙ୍ଗ ଖୋଲି ଆଉଥରେ ଆବଶ୍ୟକ ମେଶିନ ଲଗାଇ ନୂତନ ଭାବରେ କାମ କରିବାକୁ ସାଧାରଣରେ ଦାବି ହେଉଛି।



ଜିଲାପାଳ ଶସ୍ୟକାଟ ପ୍ରକ୍ରିୟାକୁ ତଦାରଖ କରୁଛନ୍ତି।

## ଶସ୍ୟକାଟ କାର୍ଯ୍ୟକ୍ରମ ତଦାରଖ କଲେ ଜିଲାପାଳ

ସୋନପୁର,୮।୧୨(ନି.ପ୍ର.)

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତ ଶାରଦୀୟ ଶସ୍ୟକାଟ କାର୍ଯ୍ୟକ୍ରମ ଚାଲୁ ରହିଛି। ପ୍ରତି ପଞ୍ଚାୟତର ୪ଟି ସ୍ଥାନରେ ପରିସଂଖ୍ୟାନ, କୃଷି ବିଭାଗ ଓ ରାଜସ୍ୱ ବିଭାଗର କର୍ମଚାରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ହେଉଛି। ଏହିକ୍ରମରେ ସୋନପୁର ବ୍ଲକ ହରଡଖୋଲ ଗ୍ରାମ ପଞ୍ଚାୟତ ଛେପାପାଲି ଗ୍ରାମର ଅଶ୍ୱିନୀ ସାହୁଙ୍କ ଅଣ ଜଳସେଚିତ ଜମିରେ ଶସ୍ୟ କାଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାହୁ ତାଙ୍କ ଜମିରେ ଏମଟିୟୁ-୧୦୦୧ କିସମର ଧାନ ଚାଷ କରିଥିଲେ। ଜିଲାପାଳ ତଥା ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଜିଲାସ୍ତରୀୟ ମନିଟରିଂ କମିଟିର ଅଧ୍ୟକ୍ଷ ମୋନିଷା ବାନାର୍ଜୀ କ୍ଷେତରେ ଉପସ୍ଥିତ ରହି କାର୍ଯ୍ୟକୁ ତଦାରଖ କରିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, କୃଷି ବିଭାଗ ତରଫରୁ ମୁଖ୍ୟ ଜିଲା କୃଷି ଅଧିକାରୀ ସନ୍ତୋଷ ଜେନା, ସହକାରୀ କୃଷି ଅଧିକାରୀ ପଙ୍କଜ ମେହେର, ସ୍ଥାନୀୟ ହରଡଖୋଲ ଗ୍ରାମ୍ୟ କୃଷି କର୍ମଚାରୀ ଆଶିଷ କୁମାର ସେଠୀ ଏବଂ ଏଚଡିଏଫସି ଇଆରଜିଓ ଇନସ୍ୟୁରାନ୍ସ କମ୍ପାନୀର କର୍ମକର୍ତ୍ତା ଓ ଛେପାପାଲି ଗ୍ରାମର କେତେକ ଚାଷୀ ଉପସ୍ଥିତ ଥିଲେ। ହରଡଖୋଲ ପଞ୍ଚାୟତର କୃଷକ ସାଥୀ ପଦ୍ମନାଭ ଚାଉଳିଆ ଓ ସୁନାସିର ରଣା ଶସ୍ୟକାଟ ପ୍ରକ୍ରିୟାକୁ ସାହଯୋଗ କରିଥିଲେ। ଶସ୍ୟକାଟ ପରେ ଜମିରେ ୧୫.୫୬ କୁଇଣ୍ଟାଲ ଧାନ ଅମଳ ହୋଇଥିବା ଜଣା ପଡିଛି। ଚାଷୀଙ୍କ ବୀମା ପାଇଁ ଜିଲାସ୍ତରରୁ ଏହି ରିପୋର୍ଟ ଭୁବନେଶ୍ୱରସ୍ଥିତ ନିର୍ଦ୍ଦେଶକ ଅର୍ଥନୀତି ଓ ପରିସଂଖ୍ୟାନଙ୍କ କାର୍ଯ୍ୟାଳୟକୁ ପଠାଯିବ ବୋଲି ଜଣାପଡିଛି।

## ମହାରାଜା ହାଇସ୍କୁଲ ପୁରାତନ ଛାତ୍ର ସଂଘ ବୈଠକ




କାର୍ଯ୍ୟକାରୀ ସମିତି ବୈଠକରେ ଉପସ୍ଥିତ ପୁରାତନ ଛାତ୍ର ।

ସୋନପୁର,୮।୧୨(ନି.ପ୍ର.)

ମହାରାଜା ହାଇସ୍କୁଲ ପୁରାତନ ଛାତ୍ର ସଂଘ କାଯ୍ରକାରୀ ସମିତିର ଏକ ଜରୁରୀ ବୈଠକ ବିଦ୍ୟାଳୟର ଶତବାର୍ଷିକୀ ସମ୍ମିଳନୀ କକ୍ଷରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ସକାଶେ ଆଲୋଚନା ହୋଇଥିଲା। ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ତଥା ବୌଦ୍ଧିକ ବିକାଶ ସକାଶେ ଉପସ୍ଥିତ ସଭ୍ୟମାନେ ମତ ଦେଇଥିଲେ। ସରକାରଙ୍କ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ ସକାଶେ ମତପ୍ରକାଶ ପାଇଥିଲା। ସଂଘ ପକ୍ଷରୁ ବ୍ୟାଙ୍କରେ ଜମାଥିବା ପାଣ୍ଠିର ଗୋଟିଏ ବର୍ଷର ସୁଧ ମୋ ସ୍କୁଲ ଅଭିଯାନ ପାଣ୍ଠିକୁ ଦାନ ସକାଶେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ପାଣ୍ଠିକୁ ୧ଲକ୍ଷ ଟଙ୍କା ଦାନ ସକାଶେ ପୁରାତନ ଛାତ୍ରୀଛାତ୍ରମାନଙ୍କୁ ଅନୁରୋଧ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସଂଘ ସଭାପତି ଗୋରେଖନାଥ ସାହୁ ବୈଠକରେ ଅଧକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ବ୍ୟୋମକେଶ ଦାଶ ବିବରଣୀ ପାଠ କରିଥିଲେ। କୋଷାଧକ୍ଷ ନିତ୍ୟାନନ୍ଦ ମାଝି ଆୟବ୍ୟୟର ହିସାବ ଉପସ୍ଥାପିତ କରିଥିଲେ। ଆସନ୍ତା ୨୦୨୦ଜାନୁୟାରୀ ୫ ତାରିଖରେ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଥିଲା। ବୈଠକରେ ସଂଘର ଉପଦେଷ୍ଟା ମଣ୍ଡଳୀ ସଭ୍ୟ ଶରତ ଚନ୍ଦ୍ର ମହାନ୍ତି, ହରପ୍ରସାଦ ରଥ, ଡାକ୍ତର ରାଜେନ୍ଦ୍ର କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନାରାୟଣ ପ୍ରସାଦ ରାୟଗୁରୁ, ଉପସଭାପତି ବାଳଗୋପାଳ ମହାପାତ୍ର, ଲକ୍ଷ୍ମୀନାରାୟଣ ମେହେର, ଲକ୍ଷ୍ମୀନାରାୟଣ ସାହୁ, ମଧୁସୂଦନ ପୂଜାହାରୀ, ଦିଲ୍ଲିପ କୁମାର ରଥ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଘନଶ୍ୟାମ ମେହେର ଓ ଶିକ୍ଷୟତ୍ରୀ ପ୍ରତିଭା ପଣ୍ଡା ବିଦ୍ୟାଳୟ ସମ୍ପର୍କରେ ସୂଚନା ଦେଇଥିଲେ। ସହଯୋଗୀ ସାଧାରଣ ସମ୍ପାଦକ କଇରୁ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଆମ୍ବେଡକରଙ୍କ ତିରୋଧାନ ଦିବସ

ସୋନପୁର,୮।୧୨(ନି.ପ୍ର.)

ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ଏକତା ମଞ୍ଚ ପକ୍ଷରୁ ଡ. ବି. ଆର. ଆମ୍ବେଡକରଙ୍କ ୬୪ତମ ତିରୋଧାନ ଦିବସ ସ୍ଥାନୀୟ ଡ. ଭୀମରାଓ କ୍ଲବରେ ପାଳିତ ହୋଇଯାଇଛି। ଏଥିରେ ସୁରେଶ ଚନ୍ଦ୍ର ବାଗ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ବ୍ଲକ ଶିକ୍ଷା ଅଧିକାରୀ ଟଙ୍କଧର ଛତ୍ରିଆ ଯୋଗ ଦେଇଥିଲେ । ଅଚ୍ୟୁତ ଛତ୍ର, ମୁନିଲାଲ ମହାନନ୍ଦ, ସରୋଜ ପ୍ରଧାନ, ଦଧି ହରିପାଲ, ଶ୍ରୀରାମ ଚରଣ ସୁନା,ମହେନ୍ଦ୍ର ସୁନା, ସୁବାଷ ସୁନା, ସେକ୍ ରିଆଜ୍ ଉଦ୍ଦିନ, ହାଡୁ ମରିଆ, ଟିକେଶ୍ୱର ଛତ୍ରୀ, ଶୈଳେନ୍ଦ୍ରୀ ବାଗ ଓ ରାକେଶ ନାଗ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଡ. ଆମ୍ବେଡକରଙ୍କ ସ୍ମୃତିଚାରଣ କରିଥିଲେ। ଆମ୍ବେଡକରଙ୍କ ବିଚାରଧାରା ଉପରେ ଆଲୋଚନା କରାଯିବା ସହିତ ସମାଜର ସବୁ ବର୍ଗଙ୍କ ମଧ୍ୟରେ ଶାନ୍ତି, ମୈତ୍ରୀ ଓ ସଦ୍‌ଭାବନା ବଜାୟ ରଖିବାକୁ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ସଭା ଡ. ଭୀମରାଓ କ୍ଲବ, ନ୍ୟୁ ଷ୍ଟାର କ୍ଲବ ଓ ମହିଳା ସ୍ୱୟଂ ସହାୟକ ମହାସଂଘର ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ।

## ବ୍ଲକସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ: ଉଲୁଣ୍ଡା ଚାମ୍ପିୟନ

ଉଲୁଣ୍ଡା, ୮।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମଗଧେଶ୍ୱର କ୍ଲବ ଏବଂ ନେହେରୁ ଯୁବକେନ୍ଦ୍ରର ମିଳିତ ଆୟୋଜନରେ ରବିବାର ବ୍ଲକସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କଲେଜ ପଡିଆଠାରେ ଖେଳାଯାଇଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ଖେଳରେ ଉଲୁଣ୍ଡା ପଞ୍ଚାୟତ ଦଳ ଚଡେଇପଙ୍କ ପଞ୍ଚାୟତକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଜଉଁରାଭଉଁରା ପଞ୍ଚାୟତ ରକ୍ସାକୁ ୨-୦, ଜାଲୋଏ ଦଳ ବିଶିପଡାକୁ ୪-୩, ଚଡେଇପଙ୍କ ଦଳ ନିମ୍ନାକୁ ୧-୦ ଏବଂ ଉଲୁଣ୍ଡା ଦଳ ଲସ୍ତଲାକୁ ୧-୦ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ସେହିପରି ପ୍ରଥମ ସେମିରେ ଚଡେଇପଙ୍କ ଦଳ ଜଉଁରାଭଉଁରାକୁ ୪-୩ ଏବଂ ଦ୍ୱିତୀୟ ସେମିରେ ଉଲୁଣ୍ଡା ଦଳ ଜାଲୋଏକୁ ୩-୨ ଗୋଲରେ ପରାସ୍ତ କର ଫାଇନାଲ ଖେଳିବାକୁ ମନୋନୀତ ହୋଇଥିଲେ। ରବିବାର ସକାଳେ ଉଲୁଣ୍ଡା ସରପଞ୍ଚ ସନ୍ତୋଷିନୀ ଭୋଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଖେଳସବୁକୁ ସୁଦାମ ଜଗଦଲା, ପ୍ରଶାନ୍ତ ସେଠୀ, ଅଭିଳାଶ ରାୟ ଓ ଗଙ୍ଗା ମିଞ୍ଜ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜକ ସଭାପତି ମଞ୍ଜିତ ଆଚାର୍ଯ୍ୟଙ୍କ ଅଧକ୍ଷତା ଓ ଉରୁକ୍ରମ ପାଣ୍ଡିଆଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବକୁ ଅତିଥି ଭାବେ ବ୍ଲକ ଉପାଧକ୍ଷ ଅଶୋକ କୁମାର ପଣ୍ଡା, ଆଇଆଇସି ବିଦ୍ୟୁଭୂଷଣ ପୁଟା, ରମେଶ ମାହାର, ସନ୍ତୋଷ ଭୁକ୍ତା, ସୁଜିତ ପଣ୍ଡା ଓ ସ୍ଥାନୀୟ ଯୁବ ମହାସଂଘ ସଭାପତି ପ୍ରମୋଦ ପଧାନ ପ୍ରମୁଖ ଯୋଗଦେଇ ବିଜୟୀ ଉଲୁଣ୍ଡା ପଞ୍ଚାୟତ ଦଳକୁ ଟ୍ରଫି ସହ ୫ ହଜାର ଏବଂ ଉପବିଜେତା ଚଡେଇପଙ୍କ ଦଳକୁ ଟ୍ରଫି ସହ ୩ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଶ୍ରେଷ୍ଠ ରକ୍ଷଣଭାଗରେ ବିମଳ ଗରିଆ, ସ୍କୋରର ଭାବେ ଶିନୁ ଏକ୍କା, ଗୋଲକିପର ଆଶୁ ପଧାନ, ଶ୍ରେଷ୍ଠ ଖେଳାଳି କୃଷ୍ଣ ମାହାର, ମ୍ୟାନ ଅଫ ଦି ଫାଇନାଲ ମନୋଜ ପାଣ୍ଡେ ଓ ମ୍ୟାନ ଅଫ ଦି ସିରିଜ ଭାବରେ ପ୍ରକାଶ ସେଠଙ୍କୁ ପୁରସ୍କୃତ କରାଯାଇଥିଲା। ଆକାଶ ବେହେରା, ସୀତାରାମ ମେହେର, ଶ୍ରୀତମ କର୍ଣ୍ଣ, ସାନୁ ମହାକୁର ଓ କ୍ଷୀରୋଦ କର୍ମୀ ପରିଚାଳନାରେ ସହଯୋଗ କରିଥିଲେ।



ଫାଇନାଲ ମ୍ୟାଚ ଖେଳିଥିବା ଉଭୟ ଦଳର ଖେଳାଳିଙ୍କ ସହ ଅତିଥିମାନେ।

## ତୁରେକେଲା ବ୍ଲକସ୍ତରୀୟ ଲୋକ ଉତ୍ସବ ଉଦ୍‌ଯାପିତ

କଣ୍ଟାବାଞ୍ଜି,୮।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ପରିସରରେ ବ୍ଲକସ୍ତରୀୟ ଲୋକଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ବ୍ଲକର ୧୯ଟି ପଞ୍ଚାୟତର କଳାକାର ଯୋଗଦେଇ ନିଜ କଳା ପରିବେଷଣ କରିଥିଲେ। ଲୋକ ଉତ୍ସବ କମିଟି ସମ୍ପାଦକ ତଥା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ହେମାନନ୍ଦ ବିଶ୍ୱାଳଙ୍କ ଉଦ୍ୟମରେ ଉତ୍ସବ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ବିଡିଓ ପ୍ରଭାତ କୁମାର ସାହୁ ଅଧକ୍ଷତା କରିଥିଲେ। ବ୍ଲକ ଅଧକ୍ଷା ଅନୁ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ତୁରେକେଲା ସରପଞ୍ଚ କୁନ୍ତି ସୁନା, ଝରଣୀ ପଞ୍ଚାୟତ ସମିତି ସଭ୍ୟ କୌଶିକ ମେହେର, ଜିଲା ପରିଷଦ ସଭ୍ୟ ପ୍ରସୁଧନ ମାଝି, କଳାକାର ହରିଶ୍ଚନ୍ଦ୍ର ବାରିକ, ଅମିଲ ପୁଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମଟିକୁ କଳାକାର ଭକ୍ତ ମେହେର ପରିଚାଳନା କରିଥିଲେ। ଉତ୍ସବରେ ଅଂଶ ଗ୍ରହଣ କରିଥିବା ଶ୍ରେଷ୍ଠ ୩ଟି ଦଳକୁ ଟିଟିଲାଗଡ଼ ଉପଖଣ୍ଡସ୍ତରୀୟ ମହୋତ୍ସବକୁ ମନୋନିତ କରାଯାଇଥିବା ଜଣାପଡିଛି। ବିଚାରକ ଭାବେ କାର୍ତ୍ତିକ ସାହୁ, ହରିଶ୍ଚନ୍ଦ୍ର ବାରିକ ଓ ଅର୍ଜୁନ ଦାସ ଦାୟୀତ୍ୱ ତୁଲାଇଥିଲେ।

## ଡୁମାଲ ଯୁବ ପରିଷଦ ବୈଠକ

ଅମରପାଲି, ୮।୧୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପିତାମହୁଲ ଶିବ ମନ୍ଦିରରେ ଡୁମାଲ ଯୁବ ପରିଷଦର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀକାନ୍ତ କର୍ମୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅଶ୍ୱିନୀ ପାତ୍ର, ବୈଦ୍ୟନାଥ ଭୋଇ, ବାଳ ମକୁନ୍ଦ, ଦିବାକର କର୍ମୀ, ବିଜୟ ପାତ୍ର, ନରୋତ୍ତମ, ଜିତେନ୍ଦ୍ର ମହାକୁର ପ୍ରମୁଖ ଆଲୋଚନାରେ ମତ ପ୍ରକାଶ କରିଥିଲେ। ଡୁମାଲ ସମାଜର ଯୁବ ସଂଗଠନକୁ ସଦୃଢ଼ କରିବାକୁ ଆଲୋଚନାରେ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ଦିବ୍ୟଲୋଚନ ଗଡୁଆ ଧନ୍ୟବାଦ ଅର୍ପଣ କରିଥିଲେ।



ପିତାମହୁଲଠାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

## କ୍ରିକେଟ ଟୁର୍ନାମେଣ୍ଟ: ପାଣ୍ଡେଲ ଚାମ୍ପିୟନ

ଦେଓଗାଁ,୮।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଅନ୍ତର୍ଗତ କୁଲିଆବାହାଲ ଖେଳ ପଡିଆରେ ରବିବାର ସ୍ଥାନୀୟ କ୍ରିକେଟ ଟିମ୍‌ର ଆୟୋଜନରେ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପାଣ୍ଡେଲ ଏବଂ ମହମ୍ମଦପୁର ମଧରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଣ୍ଡେଲ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ବାବୁ ସିଂ ଓ ବାସୁଦେବ ମିର୍ଦ୍ଧା ଖେଳ ପରିଚାଳନା କରିଥିଲେ। ପବିତ୍ର ଥନାପତି ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ। କିଶୋର ମିର୍ଦ୍ଧା, ଭୂଦେବ ମିର୍ଦ୍ଧା, କୁଶଳ ଭୋଇ, ନବ ମିର୍ଦ୍ଧା, ବୁନା ସିଂ, ଜିତୁ ଝାଙ୍କର, ବବୁଲୁ ଭୋଇ, ରିଷଭ ସିଂ, ସୁଶାନ୍ତ ସାହାଣୀ, ନରେନ୍ଦ୍ର ପୁଟା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

■ ସ୍ୱାସ୍ଥ୍ୟ ଭିତ୍ତିଭୂମି ଲାଗି ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜ୍‌କୁ ସ୍ୱାଗତ

# ସ୍ୱାସ୍ଥ୍ୟକେନ୍ଦ୍ର କୋଠା ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେଉ

ସୋନପୁର,୮।୧୨(ନି.ପ୍ର.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁବର୍ଣ୍ଣପୁର ଜିଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି ଲାଗି ଶନିବାର ପ୍ୟାକେଜ୍ ଘୋଷଣା କରିଛନ୍ତି। ଏହା ଜିଲାବାସୀଙ୍କୁ ଖୁସି ଆଣି ଦେଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମୋ ସରକାର କାର୍ଯ୍ୟକ୍ରମକୁ ଅଧିକ ଦକ୍ଷ ଓ ଉତ୍ତରଦାୟୀ କରିବା ପାଇଁ ଯୋଜନା ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ନଭେମ୍ବର ୭ତାରିଖରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଓ ୫-ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ କରି ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ମୋ ସରକାର ଟିମ୍‌ର ଗସ୍ତ ପରେ ରୋଗୀମାନଙ୍କ ଫିଡବ୍ୟାକ୍ ଓ ଡାକ୍ତରମାନଙ୍କ ସହ ଆଲୋଚନାକୁ ଭିତ୍ତିକରି ମୁଖ୍ୟମନ୍ତ୍ରୀ ଠିକ୍ ୧ମାସ ପରେ ଜିଲା ମୁଖ୍ୟ ଚିକିତ୍ସାଳୟର ରୋଗୀ କଲ୍ୟାଣ ସମିତିକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୫ ଲକ୍ଷ ଟଙ୍କାର ସହାୟତା ଦେବେ ବୋଲି ଘୋଷଣା କରିଛନ୍ତି। ସେହିପରି ଜିଲାରେ ରକ୍ତଦାନ ଭଳି ମହତ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ପାଇଁ ଏସ୍‌ପିଙ୍କୁ ୧୦ଲକ୍ଷ ଟଙ୍କାର ସହାୟତା ସହିତ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ସହାୟକଙ୍କ ପାଇଁ ଆଶ୍ରୟସ୍ଥଳ ନିର୍ମାଣ କରାଯିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଜିଲା ସଦର ମହକୁମା ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦୦ଶଯ୍ୟା ବିଶିଷ୍ଟ ୭ ମହଲା କୋଠାର ନିର୍ମାଣ କାର୍ଯ୍ୟ ୧ ମାସ ମଧ୍ୟରେ ଆରମ୍ଭ କରାଯିବ। ଏହା ସହିତ ବର୍ତ୍ତମାନ କାର୍ଯ୍ୟ କରୁଥିବା ଜିଲା ହସ୍ପିଟାଲ ସେବାର ମାନ ବୃଦ୍ଧି ପାଇଁ ଅତିରିକ୍ତ ଭାବେ ଅଲଟ୍ରାସାଉଣ୍ଡ ମେଶିନ, ସେମି ଅଟୋ ଆନାଲାଇଜର, ମଲ୍ଟି ପାରା ମନିଟର ଓ ସିବିସି ମେଶିନ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ପ୍ରକାଶ ଯେ, ୨୦୧୭ ମସିହା ଜୁଲାଇ ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁବର୍ଣ୍ଣପୁର ଜିଲା ଗସ୍ତ କରି ଜିଲା ସଦର ମହକୁମାରେ ନୂତନ କୋଠା ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ । ତେବେ ପ୍ରଶାସନ ଏଥିପାଇଁ ଆବଶ୍ୟକ ଜମି ଯୋଗାଇ ଦେଲାନି। ଇଡକୋ ଜମି ବାଲାଜି ସ୍ପିନିଂ ମିଲ୍‌କୁ ବିକ୍ରି କରି ଦେଇଥିବାରୁ ସମସ୍ୟା ସୃଷ୍ଟି ହେଲା। ସରକାରଙ୍କ ଅନୁଦାନ ମିଳିଲାନି। ଫଳରେ ମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସର ୨ ବର୍ଷ ପରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନି । ୫-ଟି ସଚିବ ପାଣ୍ଡିଆନଙ୍କ ଗସ୍ତ ପରେ ବାସ୍ତବରେ ଏହି କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା। ଜିଲାପାଳ ମୋନିଷା ବାନାର୍ଜୀ ଓ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡାଙ୍କ ଉଦ୍ୟମ କ୍ରମେ ଗତ ୧୮ ତାରିଖରେ ହିଁ ଜମି ସମସ୍ୟାର ସମାଧାନ ହୋଇଛି । ନିର୍ମାଣଧିନ ଥିବା ୫୦ ଶଯ୍ୟା ବିଶିଷ୍ଟ ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ପାର୍ଶ୍ୱରେ ୮୪ କୋଟି ବ୍ୟୟରେ ୨୦୦ ଶଯ୍ୟା ବିଶିଷ୍ଟ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ୭ ମହଲା କୋଠା ନିର୍ମାଣ ହେବ। ଏ ସମ୍ପର୍କରେ ବରିଷ୍ଠ ଆଇନଜୀବୀ ତଥା ଜିଲା ଓକିଲ ସଂଘର ସଭାପତି ସର୍ବେଶ୍ୱର ପୁରୋହିତ କୁହନ୍ତି ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ଆମେ ସ୍ୱାଗତ କରୁଛୁ। କିନ୍ତୁ ମୁଖ୍ୟ କଥା ହେଉଛି ୧ ମାସ ଭିତରେ କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ଦରକାର। କାରଣ ମୁଖ୍ୟମନ୍ତ୍ରୀ ୨୦୧୭ରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ମାତ୍ର କିଛି ମୂଲ୍ୟ ରହିଲାନି। ନିର୍ମାଣ ଆରମ୍ଭ ତ ଦୂରର କଥା ଏ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ କୋଠାର ଏଷ୍ଟିମେଟ ସ୍ୱାସ୍ଥ୍ୟ ବିଭାଗକୁ ପଠାଇ ନାହିଁ। ତେଣୁ ଘୋଷଣା ଅପେକ୍ଷା ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଆରମ୍ଭ ହେଲେ ହିଁ ଜିଲାବାସୀ ଏହାକୁ ସ୍ୱାଗତ କରିବେ ।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ଖପ୍ରାଖୋଲରେ ବ୍ଲକସ୍ତରୀୟ ଲୋକ ମହୋତ୍ସବ

**ଖପ୍ରାଖୋଲ,୮।୧୨(ଡି.ଏନ.ଏ.) :** ସ୍ଥାନୀୟ ବ୍ଲକ କଲୋନୀ ପରିସରରେ ଥିବା ସାଂସ୍କୃତିକ ମଞ୍ଚରେ ବ୍ଲକସ୍ତରୀୟ ଲୋକ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗାଁର ଇଷ୍ଟଦେବୀ ମା' ଡୁମେରତଲିଏନ୍ଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ମଶାଲ ଶୋଭାଯାତ୍ରା ସାଂସ୍କୃତିକ ମଞ୍ଚକୁ ଅଣାଯାଇଥିଲା । ଉଦ୍‌ଘାଟନୀ ସଭାରେ ଧରମ ସିଂ ଧରୁଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଡିଓ ତରଣୀ ସୁନା ସଭାରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ପ୍ରକାଶ ମେହେର, ଏମ୍‌ପିଙ୍କ ପ୍ରତିନିଧି ଅଭୟ ତ୍ରିପାଠୀ, ବିଧାୟକଙ୍କ ପ୍ରତିନିଧି ପଞ୍ଚୁଦେବ ସାହୁ ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ଲୁଚି ରହିଥିବା କଳାକାରଙ୍କ ପ୍ରତିଭାକୁ ଲୋଚନକୁ ଆଣିବା ନେଇ ଲୋକ ମହୋତ୍ସବ ଆୟୋଜିତ ହୋଇଥିବା ଅତିଥିମାନେ କହିଥିଲେ। ଏହି ଅବସରରେ ବିଭିନ୍ନ ଗାଁରୁ ଆସିଥିବା କଳାକାରମାନେ ନିଜ କଳା ପରିବେଷଣ କରିଥିଲେ। ପଞ୍ଚ ବାଦ୍ୟ, ଖଞ୍ଜଣୀ, ଢୋଲ ଏବଂ ମାଦଳ ବାଦ୍ୟରେ ମଞ୍ଚସ୍ଥଳ ଉତ୍ସବ ମୁଖର ହୋଇଉଠିଥିଲା । ଲୋକ ମହୋତ୍ସବରେ ଭାଗ ନେଇଥିବା ବିଭିନ୍ନ ଦଳ ଉପଖଣ୍ଡସ୍ତରୀୟ ଲୋକମହୋତ୍ସବରେ ଯୋଗଦେବା ନେଇ ମନୋନୀତ ହୋଇଥିଲେ। ଲୋକ ନାଟକରେ କଟାପାଲି ରାମଲୀଳା, ଲୋକସଂଗୀତ ଦଳୀୟରେ ବାଘମୁଣ୍ଡ ପାରାୟଣ ଦଳ, ଲୋକସଂଗୀତ ଏକକରେ ଟେଙ୍ଗେରାପଥରର ରାମ ବିଶି, ପିଟା ବାଦ୍ୟ ଏକକରେ କାଦୋପାଣିର ସୁବାସ ବଗର୍ତ୍ତା, ଦଳୀୟରେ ବିନ୍ଧ୍ୟବାଶିନୀ ଢୋଲ ପାର୍ଟି, ଝାଙ୍କରପାଲି, ଲୋକବାଦ୍ୟ ଦଳୀୟରେ ସଙ୍କିର୍ତ୍ତନ୍ୟ ସର୍ଗିପାଲି, ଲୋକନୃତ୍ୟ ଏକକରେ ଭାରତୀ ବିନ୍ଧାଣୀ ଡୁଡୁମଦର୍ହା, ଲୋକନୃତ୍ୟ ଦଳୀରେ କଲଙ୍ଗା ଦଣ୍ଡାନୃତ୍ୟ ପତ୍ରାପାଲି ପ୍ରଥମ ସ୍ଥାନ ଅଧିକାର କରିଥିବା ଜଣାପଡିଛି। ବିଚାରକ ଭାବେ କାର୍ତ୍ତିକେଶ୍ୱର ବେହେରା, କଲ୍ୟାଣ ସାହୁ, ଜଗଦାନନ୍ଦ ବେହେରା, ହରିବୋଲ ପୋଢ଼, ସୁରେଶ ନନ୍ଦ, ଥବିର ମେହେର, ଆଶିସ ଠେଲା, ଦାମୋଦର ବେହେରା, କାହ୍ନା ଥନାପତି ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ସନ୍ତୋଷ ବାଗ, ହୃଷୀକେଶ ବେହେରା, ବାହୁବଳେନ୍ଦ୍ର ପୁରୋହିତ, ସ୍ମୃତିରେଖା ସାହୁ, ନନ୍ଦକିଶୋର ତାଣ୍ଡି, ରାହାସ ବିହାରୀ ମଲ୍ଲିକ, ରାଧେଶ୍ୟାମ ମେହେର, ରାମାନନ୍ଦ ବେହେରା ପ୍ରମୁଖ ପରିଚାଳନା କରିଥିବା ବେଳେ ଜିପିଇଓ ସୁଶାନ୍ତ କୁମାର ପାଣି ଧନ୍ୟବାଦ ଅର୍ପଣ କରିଥିଲେ ।









ପଥୋତ୍ସବର କଂସ ଦରବାରରେ କଂସ ମହାରାଜ ସହ ଉପସ୍ଥିତ କଳାକାର ଓ ଅନ୍ୟମାନେ(ବାମ) । ଛାତ୍ରୀମାନେ ରଙ୍ଗ ମୁରୁଜରେ ସଚେତନତା ବାର୍ତ୍ତା ଦେଉଛନ୍ତି(ମଝି) । ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ଓମ୍‌ପ୍ରକାଶ ସାହୁଙ୍କ ବାଲୁକା କଳା ।

### ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲି ପାଇଁ ପଥୋତ୍ସବ

# କଳା ଝଲକିଲା, ନୃତ୍ୟରେ ଝୁମିଲେ

**ବଲାଙ୍ଗୀର ଅଫିସ,୮।୧୨**

ଆସନ୍ତା ୨୭ରୁ ୩୧ତାରିଖ ପର୍ଯ୍ୟନ୍ତ ପଶ୍ଚିମ ଓଡ଼ିଶାର ସର୍ବପୁରାତନ ରାଜେନ୍ଦ୍ର କଲେଜର ୭୫ବର୍ଷ ପୂର୍ତ୍ତି ଅବସରରେ ପ୍ଲାଟିନମ୍ ଜୁବିଲି ପାଳନ କରାଯିବ। ଏହି ଉପଲକ୍ଷେ ରବିବାର ପ୍ଲାଟିନମ୍ ଜୁବିଲି ପାଳନ କରୁଥିବା ଆଲୁମ୍‌ନି ଆସୋସିଏଶନ୍ ପକ୍ଷରୁ ଏକ ନିଆରା କାର୍ଯ୍ୟକ୍ରମ ପଥୋତ୍ସବ ଆୟୋଜନ କରାଯାଇଥିଲା। ଏହି ଅବସରରେ ରାଜେନ୍ଦ୍ର କଲେଜ ଛକରୁ କଲେଜ ପର୍ଯ୍ୟନ୍ତ ବିଭିନ୍ନ ସ୍କୁଲ, କଲେଜ, ସାଂସ୍କୃତିକ ଦଳ ନିଜ କଳା, ନୃତ୍ୟ, ସଙ୍ଗୀତ, କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ। ପ୍ଲାଟିନମ୍ ଜୁବିଲି ଉତ୍ସବକୁ ଏଭଳି କଳାତ୍ମକ ଢ଼ଙ୍ଗରେ ସ୍ୱାଗତ କରିବାକୁ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର, କଳାକାର ଓ ଜନସାଧାରଣ ଯୋଗ ଦେଇଥିଲେ। ଆସୋସିଏଶନ ସଭାପତି ଲଳିତ କୁମାର ନାୟକ, ସମ୍ପାଦକ ଅରବିନ୍ଦ ଦାସ, ସଂଯୋଜକ ହରି ନାରାୟଣ ପୂଝାରୀ, ସାଂସ୍କୃତିକ କମିଟି ଅଧ୍ୟକ୍ଷ ଅଜୟ ଦାସ ଓ ପୁରାତନ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଏହାକୁ ବିଶିଷ୍ଟ ଚିତ୍ରଶିଳ୍ପୀ, ନାଟ୍ୟ ଓ ସଙ୍ଗୀତ ନିର୍ଦ୍ଦେଶକ ବାସୁଦେବ ମେହେର ଓ ଚଳଚ୍ଚିତ୍ର ଅଭିନେତା ରତନ ମେହେର ଶୁଭାରମ୍ଭ କରିଥିଲେ। ଏଥିରେ କଂସ ଦରବାର ଆକର୍ଷଣର କେନ୍ଦ୍ର ପାଲଟିଥିଲା । କଳାକାର ସୁରେଶ ସାହୁ କଂସ ଭୂମିକାରେ ଅବତୀର୍ଣ୍ଣ ହୋଇ ଦର୍ଶକଙ୍କ ମନ ଜିଣିଥିଲେ । କଲେଜ ରାସ୍ତାର ଉଭୟ କଡରେ ସହରର ବିଭିନ୍ନ ସ୍କୁଲ, କଲେଜ ଛାତ୍ରୀଛାତ୍ର, ସାଂସ୍କୃତିକ ଅନୁଷ୍ଠାନ ଓ ରାଜେନ୍ଦ୍ର କଲେଜର ବର୍ତ୍ତମାନ ଛାତ୍ରୀଛାତ୍ର ଓ ପୁରାତନ ଛାତ୍ରୀଛାତ୍ର ନିଜ କଳା ପ୍ରଦର୍ଶନ କରିଥିଲେ। ଆୟୁର୍ବେଦ କଲେଜ, ଜିଲା କରାଟେ ଆସୋସିଏଶନ, ଅସୀମ କରାଟେ ଏକାଡେମୀ, କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଆର୍ଟ ଓ ପଥପ୍ରାନ୍ତ ନାଟକ, ହାସ୍ୟ କବି ସମ୍ମିଳନୀ, ରୋସ୍‌ନୀ ପବ୍ଲିକ ସ୍କୁଲ, ବିଶ୍ୱାମ୍ବ ବିଦ୍ୟାମନ୍ଦିର, ବିବେକାନନ୍ଦ ସ୍କୁଲର ସଙ୍ଗୀତ, ହାରମୋନୀ ମ୍ୟୁଜିକାଲର ମେଲୋଡି, ରାଜେନ୍ଦ୍ର କଲେଜ ଛାତ୍ରୀଛାତ୍ରଙ୍କ ଲୋକନୃତ୍ୟ ସହ ପୃଥ୍ୱୀରାଜ ହାଇସ୍କୁଲ, ଲିଟିଲ ଏଞ୍ଜେଲ ସ୍କୁଲ, ଟାଉନ ହାଇସ୍କୁଲ, ଗାୟତ୍ରୀ କଲେଜ, ଯୁବୋଦୟ କଲେଜ, ଡ୍ରିମ ଇଣ୍ଡିଆ ସ୍କୁଲ, ସେମଫୋର୍ଡ ସ୍କୁଲ, ବିଦ୍ୟାଭାରତୀ ସ୍କୁଲ, ବ୍ୟଙ୍ଗ କବିତା, ଇମ୍ପେରିଆଲ ହେଲଥ କ୍ଲବ ପକ୍ଷରୁ ବଡି ବିଲ୍ଡିଂ, ଓମପ୍ରକାଶ ସାହୁଙ୍କ ବାଲୁକା ଶିଳ୍ପ ସହ ମ୍ୟୁଜିକାଲ ଦଳ ପଥୋତ୍ସବରେ ଅଂଶଗ୍ରହଣ କରିଥିଲେ। ପୁରାତନ ଛାତ୍ରୀଛାତ୍ରମାନେ ନୃତ୍ୟଗୀତରେ ମସଗୁଲ ରହିଥିଲେ । ରାଜେନ୍ଦ୍ର କଲେଜ ଅଧ୍ୟକ୍ଷ ପ୍ରଫେସର ବିନୟ କୁମାର ଜେନା, ପୁଇଁତଲା ବିଇଓ ନେପାଳ ଚନ୍ଦ୍ର ବାଗ, ପୂର୍ବତନ ଛାତ୍ରନେତା ସୁଧୀର ଚାନ୍ଦ, ଜୟନ୍ତ ମହାନ୍ତି, ରତନ ମହାରଣା, ମାନଭଞ୍ଜନ ପାଢ଼ୀ, ଉଚିତ ଚନ୍ଦ୍ର ପଣ୍ଡା, ଶ୍ରୀକାନ୍ତ ମିଶ୍ର, ଭବାନୀ ଶଙ୍କର ଶତପଥୀ, ସରସ୍ୱତୀ ନନ୍ଦ, ରଞ୍ଜନ ତ୍ରିପାଠୀ ଓ ଅନ୍ୟମାନେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମକୁ ସାଂସ୍କୃତିକ କମିଟି ଅଧ୍ୟକ୍ଷ ଅଜୟ ଦାସ, ସଂଯୋଜକ ଜ୍ୟୋତି ରଞ୍ଜନ ପାଣିଗ୍ରାହୀ, ସଭ୍ୟ ସୁବଳ ମହାକୁର, ସୁରେଶ ସାହୁ, ହିମାଂଶୁ ଖମାରୀ, ସରୋଜ ମହାରଣା, ଅଶୋକ ମିଶ୍ର, ମନୋରଞ୍ଜନ ପଟେଲ, ସନ୍ଦୀପ ବାଗ, ଜୟପ୍ରକାଶ ପୂଝାରୀ, ରାଜୁ ବାଗ, କପିଳେଶ୍ୱର ଖମାରୀ, ଲଳିତ ପୂଜାରୀ, ରାମଚନ୍ଦ୍ର ସାହୁ, ଅଙ୍କିତ ସାହୁ, ସୁମନ ନନ୍ଦ, ସିଦ୍ଧେଶ୍ୱର ମିଶ୍ର, ନବଘନ ଦାସ, ଦୀପକ ପଣ୍ଡା, ଅର୍ଜ୍ଜୁନ ସାହୁ, ଜ୍ୟୋତି ରଞ୍ଜନ ବେଦବାକ, କୀର୍ତ୍ତିଚନ୍ଦ୍ର ଗହୀର ପରିଚାଳନା କରିଥିଲେ ।







ମହାପୁରୁଷଙ୍କ ବେଶରେ କୁନି ଛାତ୍ରୀଛାତ୍ର(ବାମ)। କଳାକାରମାନେ ଲୋକନୃତ୍ୟ ଦଣ୍ଡ ପରିବେଷଣ କରୁଛନ୍ତି(ମଝି) । କରାଟେ ଆସୋସିଏଶନ୍‌ର ଛାତ୍ରୀଛାତ୍ରମାନେ କୌଶଳ ପ୍ରଦର୍ଶନ କରୁଛନ୍ତି ।

### ଉଦାହରଣ ସାଜିଛନ୍ତି

# ସୁଲୋଚନା

## ମାଛ, ପରିବା ଚାଷ କରିଛି ସ୍ୱାବଲମ୍ବୀ



ପୋଖରୀରେ ଜାଲ ପକାଇ ମାଛ ଧରୁଛନ୍ତି ସୁଲୋଚନା ।

**ଉତ୍କଳ ବନ୍ଧୁ ପଣ୍ଡା**
**ଖଇରା,୮।୧୨**

ରାତି ନପାହୁଣୁ ଘର କାମ ସାରିଦେଇ ବାହାରିଯାଆନ୍ତି କର୍ମକ୍ଷେତ୍ରକୁ। ପୋଖରୀରେ ମାଛଙ୍କୁ ଖାଦ୍ୟ ଦେଇସାରି ପରିବା ଲଗାଇଥିବା ବାଡିକୁ ଯାଇ ଗଛରେ ପାଣି ଦେବା ସହ ପରିବା ତୋଳି ଥାଆନ୍ତି। ଅନ୍ୟ ଲୋକେ ବଜାରରେ ପରିବା ଓ ମାଛ ଦର ବୃଦ୍ଧିକୁ ନେଇ ଚିନ୍ତାରେ ରହୁ ଥିବାବେଳେ ତାଙ୍କର ଏ ସବୁରେ ବ୍ୟସ୍ତତା ନଥାଏ। ନିଜ ଉପରେ ଭରସା ରଖି ମାଛ ଓ ପରିବା ଚାଷ କରି ଆର୍ଥିକ ସ୍ୱାବଲମ୍ବୀ ହୋଇପାରିଥିବା ଏହି ମହିଳା ହେଲେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗ ଗ୍ରାମର ସୁଲୋଚନା ରାଉତ।

୨୦୦୨ରେ ତାଙ୍କର ବିବାହ ଅଜୟ ବେହେରାଙ୍କ ସହ ହୋଇଥିଲା। ୧୦ବର୍ଷ ତଳେ ପରିବାର ଭାଗ ହୋଇଯିବାରୁ ସ୍ୱାମୀ ଅଭୟ ଓ ପତ୍ନୀ ସୁଲୋଚନାଙ୍କ ଚିନ୍ତା ବଢିଥିଲା। ୨ଝିଅଙ୍କୁ ପାଠ ପଢ଼ାଇ ମଣିଷ କରି ଅଣ୍ଟାସଳଖି ଚାଲିବା ଲାଗି ସୁଲୋଚନା ଅଭୟଙ୍କୁ ସହଯୋଗର ହାତ ବଢ଼ାଇଥିଲେ। ଧାନଚାଷରୁ ବିଶେଷ ଲାଭ ମିଳୁ ନ ଥିବାରୁ ସେ ପ୍ରଥମେ କିଛି ଜମିକୁ ବାଡ଼ ଘେରା କରି ପରିବା ଚାଷ ଆରମ୍ଭ କରିଥିଲେ। ଏଥିରୁ ଘର ଖର୍ଚ୍ଚ ଚଳିବା ସହ ପିଲାଙ୍କ ପାଠପଢ଼ା ପାଇଁ କଷ୍ଟେମଷ୍ଟେ ଅର୍ଥ ଯୋଗାଡ଼ ହୋଇ ପାରିଥିଲା। ଏବେ ୨ବର୍ଷ ତଳେ ତାଙ୍କ ପଞ୍ଚାୟତକୁ ୱାଲ୍ଡଫିସ ନାମକ ସଂଗଠନ ମାଛ ଚାଷର ଜ୍ଞାନ କୌଶଳ ବତାଇ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାକୁ ସଚେତନତା ସୃଷ୍ଟି କରିବା ଉଦ୍ୟମ କଲା ବେଳେ ଏହି ମୌକାକୁ ହାତଛଡ଼ା କରି ନ ଥିଲେ ସୁଲୋଚନା। ନିଜେ ବାଡିରେ ଥିବା ୨ଟି ଦଳଭର୍ତ୍ତି ପୋଖରୀକୁ ସେ ପରିଷ୍କାର କରାଇ ମୌରାଳି ଓ ପହଣା ଚାଷ ଆରମ୍ଭ କରିଥିଲେ। ପ୍ରଥମ ବର୍ଷର ସଫଳତା ତାଙ୍କୁ ଉତ୍ସାହିତ କରିଥିଲା। ବର୍ଷସାରା ଘର ଖାଇବାକୁ ଛାଡି ସେ ୧୮ହଜାର ଟଙ୍କାର ଚୂନା ଓ ବଡ଼ ପହଣା ବିକ୍ରି କରିଥିଲେ। ଏହି ସମୟ ମଧ୍ୟରେ ଉନ୍ନତ ପ୍ରଣାଳୀର ମାଛ ଚାଷର ସମସ୍ତ କୌଶଳ ଶିଖି ଅଞ୍ଚଳରେ ସେ ଚର୍ଚ୍ଚାକୁ ଆସିବା ସହ ଅନ୍ୟମାନଙ୍କ ଲାଗି ଉଦାହରଣ ପାଲଟିଛନ୍ତି। ଏପରି କି ସୁଲୋଚନା ଅନ୍ୟମାନଙ୍କ ଉପରେ ନିର୍ଭର ନ କରି ନିଜେ ଜାଲ ପକାଇ ମାଛ ଧରିବା କୌଶଳ ଶିଖି ସାରିଛନ୍ତି। ଉଭୟ ମାଛ ଓ ପରିବା ଚାଷ ଯୋଗୁ ତାଙ୍କୁ ବର୍ତ୍ତମାନର ମହଙ୍ଗା ବଜାର ଲାଗି ବ୍ୟସ୍ତ ହେବାକୁ ପଡୁନାହିଁ। ସ୍ଥାନୀୟ ସରପଞ୍ଚ ସସ୍ମିତା ପଟ୍ଟନାୟକ ଓ ତାଙ୍କ ସ୍ୱାମୀ ରାଜେନ୍ଦ୍ର ଦାସ ତାଙ୍କୁ ପ୍ରୋତ୍ସାହନ ଦେବା ଏବଂ ୱାଲ୍ଡଫିସ ସଂଗଠନ ଅଧିକାରୀ ଉଚିତ ପରାମର୍ଶ ଦେଇଥିବାରୁ ସୁଲୋଚନା ସେମାନଙ୍କୁ ସାଧୁବାଦ ଜଣାଇଛନ୍ତି। ସରକାରଙ୍କ ଠାରୁ ପ୍ରୋତ୍ସାହନ ମିଳିଲେ ସେ ପୋଖରୀକୁ ଆଉ ଟିକିଏ ବଡକରି ଅଧିକ ମାଛ ଚାଷ କରି ପରିବାରର ଆର୍ଥିକ ସ୍ଥିତିକୁ ଅଧିକ ମଜବୁତ କରିପାରନ୍ତେ ବୋଲି କହିଛନ୍ତି।

# କୋସଲେଶ୍ୱରୀ ମନ୍ଦିରର ଭୂମିପୂଜା ସମ୍ପନ୍ନ

**ବଲାଙ୍ଗୀର ଅଫିସ, ୮।୧୨**

ବଲାଙ୍ଗୀର ସହର ଠାରୁ ୬ କି.ମି. ଦୂର ଚନ୍ଦନଭାଟି ପଞ୍ଚାୟତ ଅନ୍ତର୍ଗତ ସିନ୍ଦୁରବାହାଲ ଗାଁରେ ରବିବାର କୋସଲାଞ୍ଚଳର ଇଷ୍ଟଦେବୀ କୋସଲଶ୍ୱେରୀଙ୍କ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜା ସମ୍ପନ୍ନ ହୋଇଛି। ମନ୍ଦିର ନିର୍ମାଣ ପାଇଁ ସାରସ୍ୱତ ସାଧକ ନିମାଇଁ ଚରଣ ପାଣିଗ୍ରାହୀ ଭୂମିଦାନ କରିଛନ୍ତି । ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ.ଶ୍ରୀନିବାସ ଉଦ୍‌ଗାତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୋସଲୀ ଭାଷା ସଂସ୍କୃତିଗବେଷଣା କେନ୍ଦ୍ର ପକ୍ଷରୁ ରବିବାର ପୂର୍ବାହ୍ନରେ ସିନ୍ଦିରବହାଲ ଗାଁରେ ଭୂମିପୂଜା କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପଶ୍ଚିମ ଓଡ଼ିଶା ଯାଦବ ସମାଜ ନେତା ବଳରାମ ସିଂ ଯାଦବ, କୃଷ୍ଣଚନ୍ଦ୍ର ବାରିକ, ରାମଭକ୍ତ ଫରିକାର, ଗୋପବନ୍ଧୁ ଶତପଥୀ, ଭିକାରୀ ଚରଣ ମିଶ୍ର, ସେବକ ଚରଣ ମିଶ୍ର, ବିଶ୍ୱଜିତ୍ ନାୟକ, ସତ୍ୟ ନାରାୟଣ ନାୟକ, ସୁଶାନ୍ତ ବାଗ, ଶାନ୍ତନୁ କୁମାର ନାଏକ, ବିଶ୍ୱଜିତ୍ ନାୟକ, ସନ୍ଦୀପ କୁମାର କୁଅଁର, ଗୋବର୍ଦ୍ଧନ ପାଣ୍ଡିଆ, ହୃଷୀକେଶ ପୁରୋହିତ, ପ୍ରଦୀପ ଆଚାର୍ଯ୍ୟ, ମୁରଲୀ ପତି, ପୁରୁଷମ କୁଆଡି, ବିହାରୀଲାଲ ମିଶ୍ର, ଧନମତ ପାଣିଗ୍ରାହୀ ଉପସ୍ଥିତ ଥିଲେ। କର୍ତ୍ତା ଭାବେ ପଦ୍ମଶ୍ରୀ ଉଦ୍‌ଗାତା ଓ ନିମାଇଁ ପାଣିଗ୍ରାହୀ ଦାୟିତ୍ୱ ତଲାଇଥିଲେ। ଗୋକୁଳାନନ୍ଦ ମିଶ୍ର ପୂଜା କାର୍ଯ୍ୟ କରିଥିଲେ। ଗ୍ରାମର କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ସଂକିର୍ତ୍ତନ ପରିବେଷଣ କରିଥିଲେ।



କୋସଲେଶ୍ୱରୀ ମନ୍ଦିରର ଭୂମିପୂଜନ କରାଯାଉଛି।

### ଅବେବସ୍ଥା ଘେରରେ ଦୁମଦୁମି ସେବାଶ୍ରମ ସ୍କୁଲ

# ୧୦ଟା ଶ୍ରେଣୀକେ ୨୬୮ ଛାତ୍ରୀଛାତ୍ର, ୪ ଶିକ୍ଷକ

**ଲୋଇସିଂହା, ୮।୧୨(ଡି.ଏନ.ଏ.)**

ଆଦିବାସୀ ଛାତ୍ରୀଛାତ୍ରଙ୍କର ଶିକ୍ଷାର ବିକାଶ ଲାଗି ସରକାର ଖାସ୍ ପଦକ୍ଷେପ ନେଉଥିବାର କହୁଛନ୍। ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଦୁମଦୁମିରେ ଥିବାର ଆଦିବାସୀ ସେବାଶ୍ରମ ସ୍କୁଲର ଶିକ୍ଷକ ଥିତିକେ ଦେଖିଲେ ସରକାରଙ୍କର ଦରଦ୍ ଫଟିକ୍ ବୁଝାପଡୁଛେ। ସ୍କୁଲରେ ଶିକ୍ଷକ ଅଭାବୁ ଅନେକ ସମିଆରେ ଛାତ୍ରୀଛାତ୍ର ବାହାରେ ବୁଲୁଥିବାର ନଜରକେ ଆସୁଛେ। ସ୍କୁଲର ଏନ୍‌ତା ଅବେବସ୍ତାକେ ନେଇ ସାଧାରନରେ ଅସନ୍‌ତୋଷ ଦେଖାଦେଇଛେ। ସୂଚନା ହିସାବେ କୁଟେନପାଲି ପଁଚେଟ୍ ଅଧୀନ ଦୁମଦୁମି ଗାଁରେ ରହିଛେ ସରକାରଙ୍କର ଆଦିବାସୀ ଓ ହରିଜନ କଲ୍ୟାଣ ବିଭାଗ ସେବାଶ୍ରମ ବିଦ୍ୟାଳୟ। ଏହେଦେ ସ୍କୁଲ ଛାତ୍ରାବାସରେ ରହି ୧ମରୁ ୧୦ମ ଶ୍ରେଣୀ ତକ୍ ୨୬୮ ଛାତ୍ରୀଛାତ୍ର ପାଠ୍ ପଢୁଛନ୍। ୧ମରୁ ୫ମ ଶ୍ରେଣୀରେ ୧୧୬ ଆଉ ୬ଷ୍ଠରୁ ୮ମ ଶ୍ରେଣୀ ତକ୍ ୧୫୨ ଛାତ୍ରୀଛାତ୍ର ରହିଛନ୍। ସ୍କୁଲରେ ଶିକ୍ଷାଦାନ ଲାଗି ପ୍ରଧାନଶିକ୍ଷକଙ୍କର ସମେତ ୯ ଝନ୍ ଶିକ୍ଷୟିତ୍ରୀ ଶିକ୍ଷକଙ୍କର ଦରକାର ଥିଲାବେଲେ ରହିଛନ୍ କୁଲ ୪ ଝନ୍ ଶିକ୍ଷକ। ଛାତ୍ରୀଛାତ୍ରଙ୍କର ଲାଗି ବେଲାର ରଁଧାଖଁଜା, ସ୍କୁଲ ଗାଜପତର ଆଉ ଉନିଆ କାମ୍‌ଧଁଦା ଲାଗି ପ୍ରଧାନଶିକ୍ଷକ ପାଠ୍‌ପଢ଼ାବାର ଲାଗି ସମିଆ ନାଇଁ ପାଏବାର। ବାକି ୩ ଝନ୍ ଶିକ୍ଷକ ଆଉ ଝନେ ସ୍ୱେଚ୍ଛାସେବୀ ଶିକ୍ଷୟିତ୍ରୀ ୧ମରୁ ୮ମ ତକ୍ ପାଠ୍‌ପଢ଼ା ବୁଝୁଛନ୍। ଗଲା ନଭେମ୍ବର ମାସୁ ଝନେ ଶିକ୍ଷୟିତ୍ରୀ ପ୍ରସୂତିକାଳିନ ଛୁଟିରେ ରହିଛନ୍। ଏନ୍‌ତାଥି ୩ ଝନ୍ ଶିକ୍ଷକ ପାଠ୍ ପଢ଼ଉଥିଲାବେଲେ ବାକି ଶ୍ରେଣୀମାନେ ଖାଲି ପଡୁଛେ। ସ୍କୁଲ ପରିସରରେ ହାଟବଜାର ବସ୍‌ଲା ଲେଖେଁ ପିଲାକର ରଡାକିର୍‌ଲା ଶୁଭୁଛେ। ବଡ଼ଭାଗି ସମିଆ ପିଲାମାନେ ସ୍କୁଲ ବାହାରେ ବୁଲୁଥିବାର ଦେଖିବାକେ ମିଳୁଛେ। ଗଲା ଶନିବାର ଦିନର ୧୧ ବଜେ ପ୍ରଧାନଶିକ୍ଷକ ନୃସିଂହଚରଣ ପ୍ରଧାନୀ ବେଲାର ରଁଧାଖଁଜା ଲାଗି ବାହାରୁ ଅଣ୍ଡା ଧରି ଆସୁଥିଲାବେଲେ ବାକି ଶିକ୍ଷକମାନେ ନିଜର ନିଜର ଶ୍ରେଣୀରେ ଛୁଆକୁ ପାଠ୍ ପଢ଼ଉଥିଲେ। ଖାଲିପଡ଼ିଥିବାର ଶ୍ରେଣୀର ଛାତ୍ରମାନେ ସ୍କୁଲ ପାସେ ତିଆର ହେଉଥିବାର ହଷ୍ଟେଲ ଜାଗାରେ ଆଉ କେତେ ଛାତ୍ରୀ ସ୍କୁଲ ପରିସରରେ ଥିବାର ନଲ୍‌ଟୁଆଁରେ ଖେଲୁଥିବାର ଦେଖିବାକେ ମିଳିଥିଲା। ଇତାର ପରେ ସ୍କୁଲକେ ଯାଇ ଇ ଘଟନା ବାବ୍‌ଦେ ପ୍ରଧାନଶିକ୍ଷକଙ୍କୁ କହେଲାରୁ ଶିକ୍ଷକ ଅଭାବୁ ଇ ସବୁ ସମସିଆ ହେଉଛେ ବଲି ମନ୍‌ଦୁଖ କରି ସେ କହିଥିଲେ। ଫିମାସ ଜିଲାସ୍ତରୀୟ ବଇଠକ୍‌ରେ ଶିକ୍ଷକ ସମସିଆକେ ନେଇ ବିଭାଗୀୟ ଅଧିକାରୀ ଆଉ ଜିଲା ପରଶାସନକେ ଜନେଇ ଆସୁଛୁଁ। ହେଲେ ଇ ସମସିଆ ଉପରେ ପରଶାସନ ଦୃଷ୍ଟି ନାଇଁ ଦେବାର ଲାଗି ଏନ୍‌ତା ଅସୁବିଧା ଦେଖାଦେଉଛେ ବଲି ସେ କହିଥିଲେ। ସ୍କୁଲ ସମସିଆ ଉପରେ ଜିଲାପାଳ ଦୃଷ୍ଟି ଦେଇ ପଦକ୍ଷେପ ନେବାକେ ଆଦିବାସୀ ସଂଘ ଦାବି କରିଛେ।



ସ୍କୁଲ ସମିଆରେ ଛାତ୍ରମାନେ ବାହାରେ ବୁଲୁଛନ୍।



ଅସଲ କଥା ହେଲା ବିଶ୍ୱାସ। ବାଳକର ବିଶ୍ୱାସ ଭଳି, ଗୁରୁବାକ୍ୟରେ ବିଶ୍ୱାସ କର।
- ଶ୍ରୀରାମକୃଷ୍ଣ ପରମହଂସ



**ସଂକ୍ଷେପରେ**

## ଗୀତା ଜୟନ୍ତୀ ସପ୍ତାହ ପାଳିତ

ବରଗଡ଼ ଅଫିସ୍,୮।୧୨
ପୂଜ୍ୟପାଦ ଶ୍ରୀମଦ୍ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ପ୍ରତିଷ୍ଠିତ ପୀଠ ପରିଷଦ, ଆଦିତ୍ୟବାହିନୀ ଏବଂ ଆନନ୍ଦ ବାହିନୀ ପକ୍ଷରୁ ପାଳିତ ହେବାକୁ ଥିବା ଗୀତା ଜୟନ୍ତୀ ସପ୍ତାହ ପାଳନ ଅବସରରେ ରବିବାର ବରଗଡ଼ ଟାଉନ ଥାନା ପରିସରରେ ରହିଥିବା ଶ୍ରୀ ଶ୍ରୀ ବଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗୀତାପାଠ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଲଳିତ କୁମାର ପଣ୍ଡା ସସ୍ତ୍ରୀକ ପୂଜାକର୍ତ୍ତା ଥିବାବେଳେ ନିଗମାନନ୍ଦ ମିଶ୍ର ବ୍ରହ୍ମା ଏବଂ ସନକ କୁମାର ଷଡ଼ଙ୍ଗୀ ଆଚାର୍ଯ୍ୟ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ବରଗଡ଼ ଶାଖାର ଶତାଧିକ ଶିଷ୍ୟାଶିଷ୍ୟଙ୍କ ସମେତ ପୂର୍ଣ୍ଣଚନ୍ଦ୍ର ଦାଶ, ବିଜୟ କୁମାର ମିଶ୍ର, ରାମଚନ୍ଦ୍ର ଷଡ଼ଙ୍ଗୀ, ରବି ନାରାୟଣ ମିଶ୍ର, ଶାନ୍ତନୁ ପାଣିଗ୍ରାହୀ, ଭରତ ଚନ୍ଦ୍ର ପାଢ଼ୀ, ଲକ୍ଷ୍ମୀ ନାରାୟଣ ପଣ୍ଡା, ବନମାଳି ଦାଶ, ରବି ନାରାୟଣ ମିଶ୍ର, ସବିତା ପଣ୍ଡା, ସୁଜାତା ମିଶ୍ର, ନିତମ୍ବିନୀ ପଣ୍ଡା, ସୁବର୍ଣ୍ଣା ଶତପଥୀ, ଅରକ୍ଷିତ ଦାଶ, ସୌଦାମିନୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍କୁଲରେ ପୁଷ୍ଟି ବଗିଚାକୁ ଗୁରୁତ୍ୱ







ସ୍କୁଲରେ ପୁଷ୍ଟି ଅନୁଭବ ପ୍ରଦାନ ଉତ୍ସବରେ ଯୋଗ ଦେଇଥିବା ଛାତ୍ରୀଛାତ୍ର (ବାମ)। କାର୍ଯ୍ୟକ୍ରମରେ ପୁରସ୍କୃତ ଛାତ୍ରୀଛାତ୍ର ।

ବରଗଡ଼ ଅଫିସ୍,୮।୧୨

ବରଗଡ଼ ସୌଖୀନ ରଙ୍ଗମଞ୍ଚରେ ରବିବାର ସ୍କୁଲରେ ପୁଷ୍ଟି ଅନୁଭବ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଦେଶୀ ବିହନ ସୁରକ୍ଷା ମଞ୍ଚର ଆବାହକ ସରୋଜ ମହାନ୍ତି, ଲିଙ୍ଗରାଜ, ଅମିୟ ସାହୁ, ମୁରଲୀଧର ସାହୁ, ଟଙ୍କଧର ପ୍ରଧାନ, ରଙ୍କମଣି କ୍ଷେତି, ଜୟ କିଶାନ ଆନ୍ଦୋଳନର ଆବାହକ ରମେଶ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍କୁଲରେ ପୁଷ୍ଟି ବଗିଚା କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ସେମାନେ କହିଥିଲେ, ଆଗାମୀ ପିଢ଼ି କିଭଳି ଚାଷ ପ୍ରତି ଆଗ୍ରହ ପ୍ରକାଶ କରିବେ, ସେଥିପାଇଁ ସ୍କୁଲରେ ପୁଷ୍ଟି ଅନୁଭବ ପ୍ରଦାନ ଉତ୍ସବ ଆୟୋଜନ କରାଯାଇଛି । ଏହା ସହିତ ସଫଳ ଜୈବିକ ଚାଷ ଉପରେ ଜ୍ଞାନ ବାଣ୍ଟିବା, ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ଦିଗରେ ସହାୟକ ହେବା ତଥା ବିଦ୍ୟାଳୟରେ ମଧ୍ୟ ପୁଷ୍ଟି ବଗିଚା ସମ୍ଭବ ବୋଲି ସନ୍ଦେଶ ଦେବା ହିଁ ଉକ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସେମାନେ କହିଥିଲେ । ଶିକ୍ଷା ବିଭାଗ ସମସ୍ତ ସ୍କୁଲରେ ପୁଷ୍ଟି ବଗିଚା ଆରମ୍ଭ କରିବା ସହିତ ଗାଁ ଗୁଡ଼ିକରେ ଚାଷୀମାନେ ମଧ୍ୟ ଜୈବିକ ଚାଷକୁ ଆଦରି ନେବା ଜରୁରୀ ବୋଲି ସେମାନେ ମତବ୍ୟକ୍ତ କରିଥିଲେ ।

ଆୟୋଜକମାନେ ଦୃଷ୍ଟାନ୍ତ ଦେଇ କହିଥିଲେ, ଗତ ବର୍ଷ ଜୁନ୍ ମାସରୁ ବରଗଡ଼ ଜିଲାର ଲେବିଡ଼ି, କମଗାଁ, ଝିଟକି, ଭେଙ୍ଗରାଜପୁର, ନୃସିଂହାନାଥର ସ୍କୁଲ ସମେତ ସମ୍ବଲପୁର ଜିଲାର ୩ଟି ଏବଂ ସୁନ୍ଦରଗଡ଼ ଜିଲାର ୨ଟି ସ୍କୁଲରେ ଜୈବିକ ଉପାୟରେ ପନିପରିବା ଚାଷ ଛାତ୍ରୀଛାତ୍ରଙ୍କ ଦ୍ୱାରା କରାଯାଇଥିଲା । ଜୈବିକ ଚାଷ ଉପରେ ଆଧାରିତ ପାଠ୍ୟ ପୁସ୍ତକ ଉପରୋକ୍ତ ସ୍କୁଲ ଛାତ୍ରୀଛାତ୍ରଙ୍କୁ ପଢ଼ିବା ପାଇଁ ଦିଆଯାଇଥିଲା। ସ୍କୁଲରେ ହେଉଥିବା ଜୈବିକ ଚାଷରୁ ଉତ୍ପାଦିତ ଶସ୍ୟ ତଥା ପନିପରିବା ମଧ୍ୟାହ୍ନ ଭୋଜନ(ଏମଡ଼ିଏମ)ରେ ରନ୍ଧାଯାଉଛି । ଫଳରେ ଅନ୍ୟ ସ୍କୁଲରେ ମଧ୍ୟ ତାହା ସମ୍ଭବ ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲରେ ଜୈବିକ ଚାଷ କରୁଥିବା ବରଗଡ଼ ଜିଲାର ଉପରୋକ୍ତ ୫ଟି ସ୍କୁଲକୁ ଟ୍ରଫି ପ୍ରଦାନ କରାଯାଇଥିଲା । ଛାତ୍ରୀଛାତ୍ର ଜୈବିକ ଚାଷ ଉପରେ ପାଲା, ନୃତ୍ୟଗୀତ ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ ।

## ଚାରିଶମ୍ଭୁ ପୀଠରେ ଗୀତା ଜୟନ୍ତୀ

ଜହ୍ନାପଙ୍କ, ୮।୧୨ (ଡି.ଏନ.ଏ)
ବୌଦ୍ଧ ଜିଲା ଐତିହାସିକ ଚାରିଶମ୍ଭୁ ପୀଠ ନୀଳମାଧବ ମନ୍ଦିର ପରିସରରେ ଚାରିଶମ୍ଭୁ ବ୍ରହ୍ମସମାଜ ପକ୍ଷରୁ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି । ସକାଳୁ ନୀତିକାନ୍ତି ପରେ ପୂଜାର୍ଚ୍ଚନା କରି ପୂର୍ବାହ୍ନ ୧୧ଟାରୁ ଗୀତାପାଠ ହୋଇ ୩ଟାରେ ଶେଷ ହୋଇଥିଲା। ପୂଜକ ଭାବେ ପଣ୍ଡିତ ରାମଚନ୍ଦ୍ର ପାଣିଗ୍ରାହୀ ଦାୟିତ୍ୱ ତୁଲାଇଥିବା ବେଳେ କର୍ତ୍ତା ଭାବେ କିଶୋର ଚନ୍ଦ୍ର ପୁରୋହିତ ଦାୟିତ୍ୱ ନିର୍ବାହ କରିଥିଲେ। ରବି ନାରାୟଣ ହୋତା ଆହୂତି ପ୍ରଦାନ କରିଥିଲେ। ଏହାପରେ ବ୍ରାହ୍ମଣ ସମାଜର ଏକ ସାଧାରଣ ବୈଠକ କିଶୋର ଚନ୍ଦ୍ର ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କୋଷାଧ୍ୟକ୍ଷ ପ୍ରଭାତ କୁମାର ଶତପଥି ବୈଠକର ଉଦ୍ଦେଶ୍ୟ କହିଥିଲେ । ସମ୍ପାଦକ ସୁଶୀଲ କୁମାର ପାଣିଗ୍ରାହୀ ଯୁବଗୋଷ୍ଠୀ ଗୁରୁ ଦାୟିତ୍ୱ ନେଲେ ସମାଜ ଠିକ୍ ଭାବେ ଚାଲିବ ବୋଲି ମତ ଦେଇଥିଲେ । ଶେଷରେ ବିପୁନ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବିରମଣି ପୁରୋହିତ, ନାରାୟଣ ଶତପଥି, ସୁରେଶ ପାଣିଗ୍ରାହୀ, ସିଦ୍ଧେଶ୍ୱର ପଣ୍ଡା, ନୀଳକଣ୍ଠ ପାଣିଗ୍ରାହୀ, ଅଜିତ ପାଣିଗ୍ରାହୀ ଗୀତାପାଠ କରିଥିଲେ।

# ଭିନ୍ନକ୍ଷମଙ୍କୁ ମନ୍ତ୍ରୀ ବାଣ୍ଟିଲେ ଟ୍ରାଇ ସାଇକେଲ

ସୋହେଲା,୮।୧୨(ଡି.ଏନ.ଏ)

ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଶନିବାର ହଳଦୀପାଲି ପଡିଆଠାରେ ସୋହେଲା ବ୍ଲକ କାର୍ଯ୍ୟାଳୟ ତରଫରୁ ମଧୁବାବୁ ପେନସନ ଯୋଜନାର ହିତାଧିକାରୀ ମାନଙ୍କୁ ଭତ୍ତା ବଣ୍ଟନ କରାଯାଇଛି । ସୋହେଲା ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଶ୍ରମ, ଇଏସଆଇ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ । ମଧୁବାବୁ ପେନସନ ଯୋଜନାରେ ବ୍ଲକର ୨୭ଟି ପଞ୍ଚାୟତର ୨୩୪୦ ଜଣ ହିତାଧିକାରୀଙ୍କ ଭତ୍ତା ମଞ୍ଜୁର ହୋଇଥିଲା। ଦୁଇଟି ପର୍ଯ୍ୟାୟରେ ସମସ୍ତ ହିତାଧିକାରୀଙ୍କୁ ଏହି ଭତ୍ତା ପ୍ରଦାନ କରାଯିବ । ଏହି କ୍ରମରେ ଶନିବାର ବ୍ଲକର ୧୩ଟି ପଞ୍ଚାୟତର ମୋଟ ୧୦୮୫ଜଣଙ୍କୁ ମୁଖ୍ୟ ଅତିଥି ମନ୍ତ୍ରୀ ସିଂ ଭତ୍ତା ଦେଇଥିଲେ। ଏହି ଅବସରରେ ୪ଜଣଙ୍କୁ ଶ୍ରବଣ ଯନ୍ତ୍ର, ୬ଜଣଙ୍କୁ ହୁଇଲ ଚେୟାର ଓ ୨ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସୋହେଲା ବିଡିଓ ବିଶ୍ୱରଞ୍ଜନ କର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲା ପରିଷଦ ସଦସ୍ୟ ସୁବ୍ରତ ବେହେରା, ଜିଲା ପରିଷଦ ସଭ୍ୟ ଦୟାନିଧି ପଟେଲ, ବ୍ଲକ ଉପାଧ୍ୟକ୍ଷା ହିମାଳୟା ସାହୁ, ଜିପିଓ ମହମ୍ମଦ ଆକବର ପ୍ରମୁଖ ମଞ୍ଚାସୀନ ଥିଲେ । ଡବ୍ଲୁଇଓ ଅତୀଶ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ମୁଖ୍ୟ ଅତିଥି ଭିନ୍ନକ୍ଷମମାନଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରୁଛନ୍ତି ।

# ସରକାରୀ ସୁବିଧାରୁ ବଁଚିତ୍ ଦିବ୍ୟାଙ୍ଗ ବୀଣା

ଜାମଟିକ୍ରା, ୮।୧୨(ଡି.ଏନ୍.ଏ.)

ବରଗଡ଼ ଜିଲା ଅତାବିରା ଏନ୍ଏସି ଅଧୀନ ୧୧ ନମ୍ବର ୱାର୍ଡ ରେଙ୍ଗାଲିପାଲି କୁଡ଼ାପଡ଼ାର ଟିକେଶ୍ୱର ସାହୁ ଆର ତିଲୋତ୍ତମାକଁର ସାନ ଝି’ ବୀଣା ସାହୁ(୨୫)। ସେ ଜନ୍ମୁ ପୋଲିଓ ରୋଗ୍‌ରେ ପୀଡ଼ିତ ଅଛନ୍। ଏନ୍ତାଥି ଝି’ ବଡ଼ ହେଲା ଉତାରୁ ତାକର ସେବାରେ ମା’ବାପ୍‌ର ଦିନ୍ ବିତିଯାଉଛେ। ହେଲେ ବୀଣା ଆଏଜ୍‌ତକ ସବୁପରକାର ସରକାରୀ ସୁବିଧାରୁ ବଁଚିତ୍ ହେଇ ରହିଛନ୍।

ସୂଚନା ଅନ୍‌ସାରେ ରେଙ୍ଗାଲିପାଲି କୁଡ଼ାପଡ଼ାର ଟିକେଶ୍ୱର ସାହୁକଁର ପରିବାର କହେଲେ ମାଏକିନା ତିଲୋତ୍ତମା, ଦୁଇ ଝି’ ଆର ଗୁଟେ ପୁଓକେ ନେଇ ସଁସାର। ସାନ୍ ଝି’ ବୀଣା ଜନମ୍ ବେଲେ ପୋଲିଓ ରୋଗ୍‌ରେ ଆକ୍ରାଁତ ହେଇଥିଲେ। ସେଦିନ୍‌ଠାନୁ ତାକର ଦୁଇ ଗୋଡ଼ ଅଚଲ ହେଇଯାଇଛେ। ସେ ସମିଆରେ ମା’ବାପ୍ ବୀଣାକେ ଅନେକ ଡାକ୍ତରଖାନା ନେଇ ଚିକିଛା କରେଇ ନିରାଶ ହେଇଥିଲେ। ଏହେଦେ ବୀଣା ଗୁଟେ ପରକାର ମା’ବାପ୍ ଉପରେ ବୋଝ୍ ପାଲଟିଯାଇଛନ୍। ସେ ଚାଲି ନାଇଁ ପାରବାର, ଘେସ୍‌ରି ଘେସ୍‌ରି ଯିବାର ଆଏବାର କରୁଛନ୍। ମା’ ତିଲୋତ୍ତମା ବୀଣାର ଖିଆପିଆ, ଗଧାମଘା, ଝାଡ଼ାଝପଟ୍ ସବୁ କଥା ବୁଝୁଛନ୍। ଇଆଡ଼େ ପରିବାରର ସଁପତି କହେଲେ ୨ ଏକର ଜମି। ଏହେଦେ ବୀଣାର ବଏସ୍ ବଢ଼ବାର ଲାଗି ତାହାକୁ କେନ୍‌କେ ନେବାର ଆନ୍‌ବାରେ ବହୁତ୍ ଅସ୍‌ବିଧା ହେଉଛେ। ଆଏଜ୍‌ତକ ତାକର ଆଧାର କାର୍ଡ ତିଆର ନାଇଁ ହେଇପାରି। ଭିନେ ଭିନେ ଜାଗାରେ ମା’ବାପ୍ ବୀଣାର ଆଧାର କାର୍ଡ ଲାଗି ଅନ୍‌ଲାଇନ ଆବେଦନ କରି ନିରାଶ ହେଇଛନ୍। ସେନ୍ତା ବୀଣାର ପାସେ ଆଏଜ୍‌ତକ ଦିବ୍ୟାଙ୍ଗ ପରମାନପତର ବି ନାଁଇଁନ। ଇଆଡ଼େ ଆଧାର କାର୍ଡ ଅଭାବୁ ସେ ସବୁ ପରକାର ସରକାରୀ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ବୀଣା ଝନେ ଦିବ୍ୟାଙ୍ଗ ଆର ଗୁଟେ ଗରିବ୍ ପରିବାରର ଝି’ ହେଇଥିଲେ ବି ଦିବ୍ୟାଙ୍ଗ ଭତା, ରାଶନ ସାମାନ, ତିନ୍ ଚକିଆ ସାଇକେଲ, ଦିବ୍ୟାଙ୍ଗ ପରମାନପତର, ଆଧାର କାର୍ଡ ପାଏବାରୁ ବଁଚିତ୍ ହେଇ ରହିଛନ୍। ଉପେ ଶୂଇନ୍ ମା’ବାପ୍ ଝି’କେ ସବୁପରକାର ସରକାରୀ ସବୁଧା ଯୁଗେଇ ଦେବାକେ ଗଣମାଧ୍ୟମ ଜରିଆରେ ରାଏଜ୍ ସରକାର ଆର ବରଗଡ଼ ଜିଲା ପରଶାସନକେ ଗୁହାରି କରିଛନ୍।



ଦିବ୍ୟାଙ୍ଗ ବୀଣା ସାହୁ।

# ସ୍କୁଲ ସମସ୍ୟା ସମାଧାନ କରିବେ ପୁରାତନ ଛାତ୍ରୀଛାତ୍ର

ମନମୁଣ୍ଡା, ୮।୧୨ (ଡି.ଏନ.ଏ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଦମାମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ଆଜି ମୋ ସ୍କୁଲ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଗୋବିନ୍ଦ ମହାକୁଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସହକାରୀ ଶିକ୍ଷକ ସତ୍ୟନାରାୟଣ ସାହୁ ବିଦ୍ୟାଳୟର ବିଭିନ୍ନ ସୁବିଧା, ଅସୁବିଧା ସମ୍ପର୍କରେ ଉପସ୍ଥିତ ପୂରାତନ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଶିକ୍ଷକ ମନୋଜ ବଘାର, ପ୍ରଫୁଲ୍ଲ କୁମାର ପଲିଆ, ହେମନ୍ତ ମହାକୁଡ, ବିଶ୍ୱମ୍ବର ପ୍ରଧାନ ପ୍ରମୁଖ ବିଦ୍ୟାଳୟର ଶ୍ରେଣୀକୋଠରୀ, ଶିକ୍ଷଣ ଉପକରଣ, ଖେଳ ସାମଗ୍ରୀ ଅଭାବ ଉପରେ ଆଲୋକପାତ କରିଥିଲେ। ଏହାସହ ପୁରାତନ ଛାତ୍ରୀଛାତ୍ରମାନଙ୍କ ସହଯୋଗ କ୍ରମେ ପାଣ୍ଠି ସଂଗ୍ରହ କରାଯାଇ ଏହାର ଅସୁବିଧା ଦୂର କରାଯିବାକୁ ପ୍ରସ୍ତାବ ଦେଇଥିଲେ । ପୁରାତନ ଛାତ୍ରମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା । ଏଥିରେ ସଭାପତି ଭାବେ ନିରଞ୍ଜନ କର୍ଣ୍ଣ, ଉପସଭାପତି ପ୍ରଶାନ୍ତ ମହାକୁଡ, ସମ୍ପାଦକ ରାଜୀବ ପ୍ରଧାନ, ସହ ସମ୍ପାଦକ ଅମରିଶ ବାଘ, କୋଷାଧ୍ୟକ୍ଷ ରଜନୀକାନ୍ତ ନାୟକ ଏବଂ ଉପଦେଷ୍ଟା ଭାବେ ଗଜେନ୍ଦ୍ର ଭଞ୍ଜଙ୍କୁ ମନୋନିତ କରାଯାଇଥିଲା । ପୁରାତନ ଛାତ୍ରୀଛାତ୍ରମାନେ ନିଜ ଶକ୍ତି ସାମର୍ଥ୍ୟ ମୁତାବକ ବିଦ୍ୟାଳୟର ଉନ୍ନତି ପାଇଁ ଅର୍ଥ ଦାନ କରିବାକୁ ସଭାପତି ନିରଞ୍ଜନ କର୍ଣ୍ଣ ନିବେଦନ କରିଥିଲେ । ବିଶ୍ୱମ୍ବର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



ମୋ ସ୍କୁଲ ଅଭିଯାନ ବୈଠକରେ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର ।

# କାମେ ନାଇଁ ଲାଗବାର ଯାତ୍ରୀ ପ୍ରତିକ୍ଷାଳୟ

ଗଣ୍ଡତୁରୁମ, ୮।୧୨ (ଡି.ଏନ.ଏ)

ରଏଜ୍ ସରକାର ଲୁକ୍‌କର ଯିବାର ଆଏବାର ସୁବିଧା ଲାଗି ରାସ୍‌ତାଘାଟ ତିଆର କରୁଛନ୍। ସେନ୍ତା ବସ୍‌ଷ୍ଟାଣ୍ଡ, ଭିନେ ଭିନେ ଗାଁଗଁଡ଼ାର ଛକେ ଗାଡ଼ିମଟର ଟାକ୍‌ବାକେ ଲୁକ୍‌କର ଲାଗି ଯାତ୍ରୀ ପ୍ରତିକ୍ଷାଳୟ ତିଆର କରୁଛନ୍। ହେଲେ କେନ୍‌ଠାନେ ଇ ଯାତ୍ରୀ ପ୍ରତିକ୍ଷାଳୟ ହଲ୍‌କା କାମ୍ ଲାଗି ବିପଦ୍ ଅବସ୍‌ତାରେ ରହିଛେ ତ ଆର କେନ୍‌ଠାନେ ବସ୍‌ଷ୍ଟାଣ୍ଡରୁ ଦୂରେ ତିଆର ହେଇଥିବାର ଲାଗି ଲୁକ୍‌କର କାମେ ନାଇଁ ଲାଗ୍‌ବାର। ଏନ୍ତା ଉଦାହରନ୍ ଦେଖିବାକେ ମିଳିଛେ ଗୋଡ଼ଭଗା–ସୋନପୁର ୫୪ ନମ୍ବର ଜାତୀୟ ରାଜପଥରେ ଥିବାର ଅନେକ ଜାଗାର ଯାତ୍ରୀ ପ୍ରତିକ୍ଷାଳୟରେ।

ସୂଚନା ଅନ୍‌ସାରେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ଗଣ୍ଡତୁରୁମ, ମହୁଲପାଲି, ମେହେନା, ଗର୍ଭଣା, ଉଦେପୁର, ଖୁଣ୍ଟୁଲିପାଲି, ଡାଲବ ଆଦି ଛକେ ଥିବାର ଯାତ୍ରୀ ପ୍ରତିକ୍ଷାଳୟମାନ ଲୁକ୍‌କର କାମେ ନାଇଁ ଲାଗ୍‌ବାର। ରାଏଜ୍ ସରକାର ଲକ୍ଷାଧିକ୍ ଟଁକା ଖରଚ୍‌ରେ ଲୁକ୍‌କର ସୁବିଧା ଲାଗି ଇ ସବୁ ଜାଗାମାନକେ ଯାତ୍ରୀ ପ୍ରତିକ୍ଷାଳୟ ସଂଗେ ପରିସ୍ରାଗାର ତିଆର କରିଛନ୍। ହେଲେ ଅନେକ ଜାଗାରେ ହଲ୍‌କା କାମ୍ ଲାଗି କୁଠାମାନ ବିପଦ ଅବସ୍‌ତାରେ ରହିଛେ। ଯେନ୍‌ଥିରଲାଗି ଇ ଯାତ୍ରୀ ପ୍ରତିକ୍ଷାଳୟମାନ ଲୁକ୍‌କର କାମେ ନାଇଁ ଲାଗ୍‌ବାର। ଯାତ୍‌ରୀମାନେ କେନ୍ ଗଛ୍‌ତଲେ, ଦୁକାନ୍ ତରେ ଗାଡ଼ିମଟରକେ ଟାକୁଥିବାର ଦେଖିବାକେ ମିଳୁଛେ। ସେନ୍ତା ଯାତ୍ରୀ ପ୍ରତିକ୍ଷାଳୟମାନ୍‌କେ ବେଲବୁଡ଼ଲେ ଅସାମାଜିକ ଲୁକ୍‌କର ଆସର ଜମୁଛେ। ଇ ଦିଗେ ପରଶାସନ ଦୁରୁଷ୍ଟି ଦେଇ ପରତିକାର ବେବସ୍‌ତା କରବାକେ ସାଧାରନରେ ଦାବି ହେଉଛେ।

# ୩ଟା କୁଠିରେ ୮ଟା ଶ୍ରେଣୀର ୧୩୮ ଛାତ୍ରୀଛାତ୍ର

ଗୁଡ଼ଭେଲିପଦର, ୮।୧୨(ଡି.ଏନ୍.ଏ.)

କଣ୍ଟାମାଳ ବ୍ଲକ ବିଲାସପୁର ପଁଚେତ୍ ସଦର ଗାଁରେ ଥିବାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାନା ସମସିଆରେ ଛଁଦି ହେଇ ରହିଛେ। ଇ ବାବ୍‌ଦେ ଶନିବାର ସ୍କୁଲ ପରିଚାଲନା କମିଟିର ସଦସିଅମାନେ ଜିଲାପାଳଙ୍କୁ ଭେଟି ଗୁଟେ ଦାବିପତର ଦେବାର ସଂଗେ ସମସିଆର ସମାଧାନ ଲାଗି ଗୁହାରି କରିଛନ୍।

ସୂଚନା ଅନ୍‌ସାରେ ୬୫ ବଛର ପୁରନା ଇ ସ୍କୁଲରେ ଏହେଦେ ୧ମରୁ ୮ମ ଶ୍ରେଣୀ ତକ୍ ଛାତ୍ରୀଛାତ୍ର ପାଠ୍‌ପଢ଼ବାର ବେବସ୍‌ତା ରହିଛେ। ସେନ୍ତା ୮ଟା ଶ୍ରେଣୀରେ ଏହେଦେ ୧୩୮ ଛାତ୍ରୀଛାତ୍ର ପାଠ୍‌ପଢୁଛନ୍। ଆଗରୁ ସ୍କୁଲଟା ୨ ଡେସିମିଲ ଜାଗାରେ ରହିଥିଲା। ଜାଗାଠାନ୍ ଅଭାବୁ ଅନେକ ସମିଆରେ ସ୍କୁଲର ଉନ୍ନତିକରନ ଲାଗି ଆସୁଥିବାର ସରକାରୀ ଅନୁଦାନ ଫିରିଯାଉଥିଲା। ୨୦୧୭ ସାଲେ ସ୍କୁଲର ସେବେଲର ଚେୟାରମେନ ପ୍ରତ୍ୟୁଷ ସାହୁ ଆର ସୁବେଦାର ଲଳିତ ସାହୁକଁର ଉଦିଅମ୍‌ରେ ଜବରଦଖଲ ସରକାରୀ ଜମିକେ ବିଲାସପୁରବାସୀ ଉଚ୍ଛେଦ କରି ସେଠାନେ ସ୍କୁଲର ନୂତନ କୁଠା ତିଆର କରିଥିଲେ। ହେଲେ ଅଲପ ଅନୁଦାନ ଲାଗି ୩ଟା କୁଠି ତିଆର ହେଇଥିଲାବେଲେ କୁଠାର ଶେଷ୍ ବିଲ ଆଏଜ୍‌ଯାଏ ନାଇଁ ମିଳିଥିବାର ସ୍କୁଲ କମିଟି ତରଫୁ ଜନାଯାଇଛେ। ଇଆଡ଼େ ସ୍କୁଲରେ ରଁଧାଘର ଆଭାବୁ ରାଁଧେନ୍ ଆର ଛାତ୍ରୀଛାତ୍ର ନାନା ସମସିଆର ସାମ୍‌ନା କରୁଛନ୍। ସେନ୍ତା ଛାତ୍ରୀଛାତ୍ରକଁର ପିଇଲା ପାଏନ୍ ସୁବିଧା ଲାଗି ଗୁଟେ ନଲ୍‌ତୁଆଁ କୁଡ଼ାଯାଇଥିଲେ ବି ପାଏନ୍ ନାଇଁ ବାହାରଲା। ସ୍କୁଲଟା ଗାଁନୁ ୩ଶହ ମିଟର ଦୂରେ ଥିଲାବେଲେ ସ୍କୁଲକେ ଯିବାର ଲାଗି ଭଲ ରାସ୍‌ତାଟେ ନାଁଇଁନ। ଇଆଡ଼େ ୮ଟା ଶ୍ରେଣୀର ୧୩୮ ଛାତ୍ରୀଛାତ୍ର ୩ଟା କୁଠିରେ ବସି ପାଠ୍ ପଢ଼ବାର ସୁବିଧା ନାଇଁ ହେବାର। ଏନ୍ତାଥି ଛୁଆକର ପାଠ୍‌ପଢ଼ାରେ ଖେଲ୍‌ଢ଼େପ ହେଉଛେ ବଲି ଅଭିଭାବ ଆର ସ୍କୁଲ ପରିଚାଲନା କମିଟି ଅଭିଯୋଗ କରିଛନ୍। ସେଥିରଲାଗି ଗଲା ଶନିବାର ସ୍କୁଲ ପରିଚାଲନା କମିଟିର ଅଧ୍ୟକ୍ଷ ବନମାଳି ପାତ୍ରକଁର ମଂଗୁଆଲତିରେ ସଦସିଅମନେ ବୌଦ୍ଧ ଜିଲାପାଳ ଅର ଜିଲା ପ୍ରକଳ୍ପ ସଂଯୋଜକକୁଁ ଭେଟି ଗୁଟେ ଦାବି ପତର ଦେଇଛନ୍। ସେମାନେ ଦାବିପତରରେ ସ୍କୁଲ ଲାଗି ଆର ଦୁଇ ବଖରା ଘର, ରଁଧାଘର, ନୂତନ ନଲ୍‌ତୁଆଁ, ସ୍କୁଲକେ ରାସ୍‌ତା ତିଆରି କରବାକେ ଲେଖି କରି ଦେଇଛନ୍।





ବିଲାସପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

# ମହାଲକ୍ଷ୍ମୀ ପୂଜା, ଶ୍ରୀସୁଧା ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ

ସୋହେଲା,୮।୧୨(ଡି.ଏନ.ଏ)

ସୋହେଲା ବ୍ଲକ ଛୁରିଆପାଲି ଗ୍ରାମରେ ମହାଲକ୍ଷ୍ମୀ ପୂଜା ଓ ଶ୍ରୀସୁଧା ମହୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ରାଜଦରବାର କାର୍ଯ୍ୟକ୍ରମରେ ଛୁରିଆପାଲି ଗ୍ରାମ ସିନ୍ଧୁ ନଗରୀରେ ପରିଣତ ହେବା ସହ ମହାରାଜ ଜଳନ୍ଧରଙ୍କ ରାଜୁତି ଏବଂ ମହାରାଜଙ୍କ ନଗରଭ୍ରମଣ ଓ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜଦରବାରେ ଅଧ୍ୟାପକ ଟେକଚାନ୍ଦ ଦୁଆନ ଓ ବ୍ୟଙ୍ଗକବି ଲଳିତ ବାରିକ ରାଜଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ସରୋଜ କୁମାର ମାଝିଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଟେକଚାନ୍ଦ ଦୁଆନ ଲକ୍ଷ୍ମୀପୂଜାର ସାଂସ୍କୃତିକ ଓ ବୌଦ୍ଧିକ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଲଳିତ କୁମାର ବାରିକ ବ୍ୟଙ୍ଗ ମାଧ୍ୟମରେ ଦେଶର ସୈନିକମାନେ ତାଙ୍କ ଜୀବନକୁ ଉତ୍ସର୍ଗ କରି କିପରି ଆମ ଦେଶକୁ ରକ୍ଷା କରିଛନ୍ତି ତାହା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏଡି ଅବସରରେ କମିଟି ତରଫରୁ ଚିତାକଟା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।





ଶ୍ରୀସୁଧା ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି।



ଅସଲ କଥା ହେଲା ବିଶ୍ୱାସ। ବାଳକର ବିଶ୍ୱାସ ଭଳି, ଗୁରୁବାକ୍ୟରେ ବିଶ୍ୱାସ କର।
- ଶ୍ରୀରାମକୃଷ୍ଣ ପରମହଂସ



**ସଂକ୍ଷେପରେ**

## ଗୀତା ଜୟନ୍ତୀ ସପ୍ତାହ ପାଳିତ

ବରଗଡ଼ ଅଫିସ୍,୮।୧୨
ପୂଜ୍ୟପାଦ ଶ୍ରୀମଦ୍ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ପ୍ରତିଷ୍ଠିତ ପୀଠ ପରିଷଦ, ଆଦିତ୍ୟବାହିନୀ ଏବଂ ଆନନ୍ଦ ବାହିନୀ ପକ୍ଷରୁ ପାଳିତ ହେବାକୁ ଥିବା ଗୀତା ଜୟନ୍ତୀ ସପ୍ତାହ ପାଳନ ଅବସରରେ ରବିବାର ବରଗଡ଼ ଟାଉନ ଥାନା ପରିସରରେ ରହିଥିବା ଶ୍ରୀ ଶ୍ରୀ ବଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗୀତାପାଠ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଲଳିତ କୁମାର ପଣ୍ଡା ସସ୍ତ୍ରୀକ ପୂଜାକର୍ତ୍ତା ଥିବାବେଳେ ନିଗମାନନ୍ଦ ମିଶ୍ର ବ୍ରହ୍ମା ଏବଂ ସନକ କୁମାର ଷଡ଼ଙ୍ଗୀ ଆଚାର୍ଯ୍ୟ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ବରଗଡ଼ ଶାଖାର ଶତାଧିକ ଶିଷ୍ୟାଶିଷ୍ୟଙ୍କ ସମେତ ପୂର୍ଣ୍ଣଚନ୍ଦ୍ର ଦାଶ, ବିଜୟ କୁମାର ମିଶ୍ର, ରାମଚନ୍ଦ୍ର ଷଡ଼ଙ୍ଗୀ, ରବି ନାରାୟଣ ମିଶ୍ର, ଶାନ୍ତ ପାଣିଗ୍ରାହୀ, ଭରତ ଚନ୍ଦ୍ର ପାଢ଼ୀ, ଲକ୍ଷ୍ମୀ ନାରାୟଣ ପଣ୍ଡା, ବନମାଳି ଦାଶ, ରବି ନାରାୟଣ ମିଶ୍ର, ସବିତା ପଣ୍ଡା, ସୁଜାତା ମିଶ୍ର, ନିତମ୍ବିନୀ ପଣ୍ଡା, ସୁବର୍ଣ୍ଣା ଶତପଥୀ, ଅରକ୍ଷିତ ଦାଶ, ସୌଦାମିନୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସ୍କୁଲରେ ପୁଷ୍ଟି ବଗିଚାକୁ ଗୁରୁତ୍ୱ





ସ୍କୁଲରେ ପୁଷ୍ଟି ଅନୁଭବ ପ୍ରଦାନ ଉତ୍ସବରେ ଯୋଗ ଦେଇଥିବା ଛାତ୍ରୀଛାତ୍ର (ବାମ)। କାର୍ଯ୍ୟକ୍ରମରେ ପୁରସ୍କୃତ ଛାତ୍ରୀଛାତ୍ର ।

ବରଗଡ଼ ଅଫିସ୍,୮।୧୨

ବରଗଡ଼ ସୌଖୀନ ରଙ୍ଗମଞ୍ଚରେ ରବିବାର ସ୍କୁଲରେ ପୁଷ୍ଟି ଅନୁଭବ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଦେଶୀ ବିହନ ସୁରକ୍ଷା ମଞ୍ଚର ଆବାହକ ସରୋଜ ମହାନ୍ତି, ଲିଙ୍ଗରାଜ, ଅମିୟ ସାହୁ, ମୁରଲୀଧର ସାହୁ, ଟଙ୍କଧର ପ୍ରଧାନ, ରଙ୍ଗମଣି କ୍ଷେତି, ଜୟ କିଶାନ ଆନ୍ଦୋଳନର ଆବାହକ ରମେଶ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍କୁଲରେ ପୁଷ୍ଟି ବଗିଚା କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ସେମାନେ କହିଥିଲେ, ଆଗାମୀ ପୀଢ଼ି କିଭଳି ଚାଷ ପ୍ରତି ଆଗ୍ରହ ପ୍ରକାଶ କରିବେ, ସେଥିପାଇଁ ସ୍କୁଲରେ ପୁଷ୍ଟି ଅନୁଭବ ପ୍ରଦାନ ଉତ୍ସବ ଆୟୋଜନ କରାଯାଇଛି । ଏହା ସହିତ ସଫଳ ଜୈବିକ ଚାଷ ଉପରେ ଜ୍ଞାନ ବାଣ୍ଟିବା, ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ଦିଗରେ ସହାୟକ ହେବା ତଥା ବିଦ୍ୟାଳୟରେ ମଧ୍ୟ ପୁଷ୍ଟି ବଗିଚା ସମ୍ଭବ ବୋଲି ସନ୍ଦେଶ ଦେବା ହିଁ ଉକ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସେମାନେ କହିଥିଲେ । ଶିକ୍ଷା ବିଭାଗ ସମସ୍ତ ସ୍କୁଲରେ ପୁଷ୍ଟି ବଗିଚା ଆରମ୍ଭ କରିବା ସହିତ ଗାଁ ଗୁଡ଼ିକରେ ଚାଷୀମାନେ ମଧ୍ୟ ଜୈବିକ ଚାଷକୁ ଆଦରି ନେବା ଜରୁରୀ ବୋଲି ସେମାନେ ମତବ୍ୟକ୍ତ କରିଥିଲେ ।

ଆୟୋଜକମାନେ ଦୃଷ୍ଟାନ୍ତ ଦେଇ କହିଥିଲେ, ଗତ ବର୍ଷ ଜୁନ୍ ମାସରୁ ବରଗଡ଼ ଜିଲାର ଲେବିଡ଼ି, କମଗାଁ, ଝିଟକି, ଭେଙ୍ଗରାଜପୁର, ନୃସିଂହାନାଥର ସ୍କୁଲ ସମେତ ସମ୍ବଲପୁର ଜିଲାର ୩ଟି ଏବଂ ସୁନ୍ଦରଗଡ଼ ଜିଲାର ୨ଟି ସ୍କୁଲରେ ଜୈବିକ ଉପାୟରେ ପନିପରିବା ଚାଷ ଛାତ୍ରୀଛାତ୍ରଙ୍କ ଦ୍ୱାରା କରାଯାଇଥିଲା । ଜୈବିକ ଚାଷ ଉପରେ ଆଧାରିତ ପାଠ୍ୟ ପୁସ୍ତକ ଉପରୋକ୍ତ ସ୍କୁଲ ଛାତ୍ରୀଛାତ୍ରଙ୍କୁ ପଢ଼ିବା ପାଇଁ ଦିଆଯାଇଥିଲା। ସ୍କୁଲରେ ହେଉଥିବା ଜୈବିକ ଚାଷରୁ ଉତ୍ପାଦିତ ଶସ୍ୟ ତଥା ପନିପରିବା ମଧ୍ୟାହ୍ନ ଭୋଜନ(ଏମଡ଼ିଏମ)ରେ ରନ୍ଧାଯାଉଛି । ଫଳରେ ଅନ୍ୟ ସ୍କୁଲରେ ମଧ୍ୟ ତାହା ସମ୍ଭବ ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲରେ ଜୈବିକ ଚାଷ କରୁଥିବା ବରଗଡ଼ ଜିଲାର ଉପରୋକ୍ତ ୫ଟି ସ୍କୁଲକୁ ଟ୍ରଫି ପ୍ରଦାନ କରାଯାଇଥିଲା । ଛାତ୍ରୀଛାତ୍ର ଜୈବିକ ଚାଷ ଉପରେ ପାଲା, ନୃତ୍ୟଗୀତ ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ ।

## ଚାରିଶମ୍ଭୁ ପୀଠରେ ଗୀତା ଜୟନ୍ତୀ

ଜହ୍ନାପଙ୍କ, ୮।୧୨ (ଡି.ଏନ.ଏ)
ବୌଦ୍ଧ ଜିଲା ଐତିହାସିକ ଚାରିଶମ୍ଭୁ ପୀଠ ନୀଳମାଧବ ମନ୍ଦିର ପରିସରରେ ଚାରିଶମ୍ଭୁ ବ୍ରହ୍ମସମାଜ ପକ୍ଷରୁ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି । ସକାଳୁ ନୀତିକାନ୍ତି ପରେ ପୂଜାର୍ଚ୍ଚନା କରି ପୂର୍ବାହ୍ନ ୧୧ଟାରୁ ଗୀତାପାଠ ହୋଇ ୩ଟାରେ ଶେଷ ହୋଇଥିଲା । ପୂଜକ ଭାବେ ପଣ୍ଡିତ ରାମଚନ୍ଦ୍ର ପାଣିଗ୍ରାହୀ ଦାୟିତ୍ୱ ତୁଲାଇଥିବା ବେଳେ କର୍ତ୍ତା ଭାବେ କିଶୋର ଚନ୍ଦ୍ର ପୁରୋହିତ ଦାୟିତ୍ୱ ନିର୍ବାହ କରିଥିଲେ। ରବି ନାରାୟଣ ହୋତା ଆହୂତି ପ୍ରଦାନ କରିଥିଲେ। ଏହାପରେ ବ୍ରାହ୍ମଣ ସମାଜର ଏକ ସାଧାରଣ ବୈଠକ କିଶୋର ଚନ୍ଦ୍ର ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କୋଷାଧ୍ୟକ୍ଷ ପ୍ରଭାତ କୁମାର ଶତପଥି ବୈଠକର ଉଦ୍ଦେଶ୍ୟ କହିଥିଲେ । ସମ୍ପାଦକ ସୁଶୀଲ କୁମାର ପାଣିଗ୍ରାହୀ ଯୁବଗୋଷ୍ଠୀ ଗୁରୁ ଦାୟିତ୍ୱ ନେଲେ ସମାଜ ଠିକ୍ ଭାବେ ଚାଲିବ ବୋଲି ମତ ଦେଇଥିଲେ । ଶେଷରେ ବିପୁନ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବିରମଣି ପୁରୋହିତ, ନାରାୟଣ ଶତପଥି, ସୁରେଶ ପାଣିଗ୍ରାହୀ, ସିଦ୍ଧେଶ୍ୱର ପଣ୍ଡା, ନୀଳକଣ୍ଠ ପାଣିଗ୍ରାହୀ, ଅଜିତ ପାଣିଗ୍ରାହୀ ଗୀତାପାଠ କରିଥିଲେ।

# ଭିନ୍ନକ୍ଷମଙ୍କୁ ମନ୍ତ୍ରୀ ବାଣ୍ଟିଲେ ଟ୍ରାଇ ସାଇକେଲ

ସୋହେଲା,୮।୧୨(ଡି.ଏନ.ଏ)

ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଶନିବାର ହଳଦୀପାଲି ପଡିଆଠାରେ ସୋହେଲା ବ୍ଲକ କାର୍ଯ୍ୟାଳୟ ତରଫରୁ ମଧୁବାବୁ ପେନସନ ଯୋଜନାର ହିତାଧିକାରୀ ମାନଙ୍କୁ ଭତ୍ତା ବଣ୍ଟନ କରାଯାଇଛି । ସୋହେଲା ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଶ୍ରମ, ଇଏସଆଇ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ । ମଧୁବାବୁ ପେନସନ ଯୋଜନାରେ ବ୍ଲକର ୨୭ଟି ପଞ୍ଚାୟତର ୨୩୪୦ ଜଣ ହିତାଧିକାରୀଙ୍କ ଭତ୍ତା ମଞ୍ଜୁର ହୋଇଥିଲା । ଦୁଇଟି ପର୍ଯ୍ୟାୟରେ ସମସ୍ତ ହିତାଧିକାରୀଙ୍କୁ ଏହି ଭତ୍ତା ପ୍ରଦାନ କରାଯିବ । ଏହି କ୍ରମରେ ଶନିବାର ବ୍ଲକର ୧୩ଟି ପଞ୍ଚାୟତର ମୋଟ



ମୁଖ୍ୟ ଅତିଥି ଭିନ୍ନକ୍ଷମମାନଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରୁଛନ୍ତି ।

୧୦୮୫ଜଣଙ୍କୁ ମୁଖ୍ୟ ଅତିଥି ମନ୍ତ୍ରୀ ସିଂ ଭତ୍ତା ଦେଇଥିଲେ। ଏହି ଅବସରରେ ୪ଜଣଙ୍କୁ ଶ୍ରବଣ ଯନ୍ତ୍ର, ୬ଜଣଙ୍କୁ ହୁଇଲ ଚେୟାର ଓ ୨ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସୋହେଲା ବିଡିଓ ବିଶ୍ୱରଞ୍ଜନ କର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲା ପରିଷଦ ସଦସ୍ୟ ସୁବ୍ରତ ବେହେରା, ଜିଲା ପରିଷଦ ସଭ୍ୟ ଦୟାନିଧି ପଟେଲ, ବ୍ଲକ ଉପାଧ୍ୟକ୍ଷା ହିମାଳୟା ସାହୁ, ଜିପିଓ ମହମ୍ମଦ ଆକବର ପ୍ରମୁଖ ମଞ୍ଚାସୀନ ଥିଲେ । ଡବ୍ଲ୍ୟୁଇଓ ଅତୀଶ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସରକାରୀ ସୁବିଧାରୁ ବଁଚିତ୍ ଦିବ୍ୟାଙ୍ଗ ବୀଣା

ଜାମଟିକ୍ରା, ୮।୧୨(ଡି.ଏନ୍.ଏ.)

ବରଗଡ଼ ଜିଲା ଅତାବିରା ଏନ୍ଏସି ଅଧୀନ ୧୧ ନମ୍ବର ୱାର୍ଡ ରେଙ୍ଗାଲିପାଲି କୁଡ଼ାପଡ଼ାର ଟିକେଶ୍ୱର ସାହୁ ଆର ତିଲୋତ୍ତମାକଁର ସାନ ଝିʼ ବୀଣା ସାହୁ(୨୫)। ସେ ଜନମୁ ପୋଲିଓ ରୋଗ୍ରେ ପୀଡ଼ିତ ଅଛନ୍। ଏନ୍ତାଥି ଝିʼ ବଡ଼ ହେଲା ଉତାରୁ ତାକର ସେବାରେ ମାʼବାପ୍ର ଦିନ୍ ବିତିଯାଉଛେ। ହେଲେ ବୀଣା ଆଏଜ୍ତକ ସବୁପରକାର ସରକାରୀ ସୁବିଧାରୁ ବଁଚିତ୍ ହେଇ ରହିଛନ୍।

ସୂଚନା ଅନ୍ସାରେ ରେଙ୍ଗାଲିପାଲି କୁଡ଼ାପଡ଼ାର ଟିକେଶ୍ୱର ସାହୁକଁର ପରିବାର କହେଲେ ମାଏକିନା ତିଲୋତ୍ତମା, ଦୁଇ ଝିʼ ଆର ଗୁଟେ ପୁଓକେ ନେଇ ସଁସାର। ସାନ୍ ଝିʼ ବୀଣା ଜନମ୍ ବେଲେ ପୋଲିଓ ରୋଗ୍ରେ ଆକ୍ରାଁତ ହେଇଥିଲେ। ସେଦିନ୍ଠାନୁ ତାକର ଦୁଇ ଗୋଡ଼ ଅଚଲ ହେଇଯାଇଛେ। ସେ ସମିଆରେ ମାʼବାପ୍ ବୀଣାକେ ଅନେକ ଡାକ୍ତରଖାନା ନେଇ ଚିକିଛା କରେଇ ନିରାଶ ହେଇଥିଲେ। ଏହେଦେ ବୀଣା ଗୁଟେ ପରକାର ମାʼବାପ୍ ଉପରେ ବୋଝ୍ ପାଲଟିଯାଇଛନ୍। ସେ ଚାଲି ନାଇଁ ପାରବାର, ଘେସ୍ରି ଘେସ୍ରି ଯିବାର ଆଏବାର କରୁଛନ୍। ମାʼ ତିଲୋତ୍ତମା ବୀଣାର ଖିଆପିଆ, ଗଧାମଘା, ଝାଡ଼ାଝପଟ୍ ସବୁ କଥା ବୁଝୁଛନ୍। ଇଆଡ଼େ ପରିବାରର ସଁପତି କହେଲେ ୨ ଏକର ଜମି। ଏହେଦେ ବୀଣାର ବଏସ୍ ବଢ଼ବାର ଲାଗି ତାହାକୁ କେନ୍କେ ନେବାର ଆନ୍ବାରେ ବହୁତ୍ ଅସ୍ବିଧା ହେଉଛେ। ଆଏଜ୍ତକ ତାକର ଆଧାର କାର୍ଡ ତିଆର ନାଇଁ ହେଇପାରି। ଭିନେ ଭିନେ ଜାଗାରେ



ଦିବ୍ୟାଙ୍ଗ ବୀଣା ସାହୁ।

ମାʼବାପ୍ ବୀଣାର ଆଧାର କାର୍ଡ ଲାଗି ଅନ୍ଲାଇନ ଆବେଦନ କରି ନିରାଶ ହେଇଛନ୍। ସେନ୍ତା ବୀଣାର ପାସେ ଆଏଜ୍ତକ ଦିବ୍ୟାଙ୍ଗ ପରମାନପତର ବି ନାଁଇଁନ। ଇଆଡ଼େ ଆଧାର କାର୍ଡ ଅଭାବୁ ସେ ସବୁ ପରକାର ସରକାରୀ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ବୀଣା ଝନେ ଦିବ୍ୟାଙ୍ଗ ଆର ଗୁଟେ ଗରିବ୍ ପରିବାରର ଝିʼ ହେଇଥିଲେ ବି ଦିବ୍ୟାଙ୍ଗ ଭତା, ରାଶନ ସାମାନ, ତିନ୍ ଚକିଆ ସାଇକେଲ, ଦିବ୍ୟାଙ୍ଗ ପରମାନପତର, ଆଧାର କାର୍ଡ ପାଏବାରୁ ବଁଚିତ୍ ହେଇ ରହିଛନ୍। ଉପେ ଶୁଇନ୍ ମାʼବାପ୍ ଝିʼକେ ସବୁପରକାର ସରକାରୀ ସବୁଧା ଯୁଗେଇ ଦେବାକେ ଗଣମାଧ୍ୟମ ଜରିଆରେ ରାଏଜ୍ ସରକାର ଆର ବରଗଡ଼ ଜିଲା ପରଶାସନକେ ଗୁହାରି କରିଛନ୍।

# ସ୍କୁଲ ସମସ୍ୟା ସମାଧାନ କରିବେ ପୁରାତନ ଛାତ୍ରୀଛାତ୍ର

ମନମୁଣ୍ଡା, ୮।୧୨ (ଡି.ଏନ.ଏ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଦମାମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ଆଜି ମୋ ସ୍କୁଲ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଗୋବିନ୍ଦ ମହାକୁଡଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସହକାରୀ ଶିକ୍ଷକ ସତ୍ୟନାରାୟଣ ସାହୁ ବିଦ୍ୟାଳୟର ବିଭିନ୍ନ ସୁବିଧା, ଅସୁବିଧା ସମ୍ପର୍କରେ ଉପସ୍ଥିତ ପୂରାତନ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଶିକ୍ଷକ ମନୋଜ ବଘାର, ପ୍ରଫୁଲ୍ଲ କୁମାର ପଲିଆ, ହେମନ୍ତ ମହାକୁଡ, ବିଶ୍ୱମ୍ଭର ପ୍ରଧାନ ପ୍ରମୁଖ



ମୋ ସ୍କୁଲ ଅଭିଯାନ ବୈଠକରେ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର ।

ବିଦ୍ୟାଳୟର ଶ୍ରେଣୀକୋଠରୀ, ଶିକ୍ଷଣ ଉପକରଣ, ଖେଳ ସାମଗ୍ରୀ ଅଭାବ ଉପରେ ଆଲୋକପାତ କରିଥିଲେ। ଏହାସହ ପୁରାତନ ଛାତ୍ରୀଛାତ୍ରମାନଙ୍କ ସହଯୋଗ କ୍ରମେ ପାଣ୍ଠି ସଂଗ୍ରହ କରାଯାଇ ଏହାର ଅସୁବିଧା ଦୂର କରାଯିବାକୁ ପ୍ରସ୍ତାବ ଦେଇଥିଲେ । ପୁରାତନ ଛାତ୍ରମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା । ଏଥିରେ ସଭାପତି ଭାବେ ନିରଞ୍ଜନ କର୍ଣ୍ଣ, ଉପସଭାପତି ପ୍ରଶାନ୍ତ ମହାକୁଡ, ସମ୍ପାଦକ ରାଜୀବ ପ୍ରଧାନ, ସହ ସମ୍ପାଦକ ଅମରିଶ ବାଘ, କୋଷାଧ୍ୟକ୍ଷ ରଜନୀକାନ୍ତ ନାୟକ ଏବଂ ଉପଦେଷ୍ଟା ଭାବେ ଗଜେନ୍ଦ୍ର ଭଞ୍ଜଙ୍କୁ ମନୋନିତ କରାଯାଇଥିଲା । ପୁରାତନ ଛାତ୍ରୀଛାତ୍ରମାନେ ନିଜ ଶକ୍ତି ସାମର୍ଥ୍ୟ ମୁତାବକ ବିଦ୍ୟାଳୟର ଉନ୍ନତି ପାଇଁ ଅର୍ଥ ଦାନ କରିବାକୁ ସଭାପତି ନିରଞ୍ଜନ କର୍ଣ୍ଣ ନିବେଦନ କରିଥିଲେ । ବିଶ୍ୱମ୍ଭର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# କାମେ ନାଇଁ ଲାଗବାର ଯାତ୍ରୀ ପ୍ରତିକ୍ଷାଳୟ

ଗଣ୍ଡତୁରୁମ, ୮।୧୨ (ଡି.ଏନ.ଏ)

ରଏଜ୍ ସରକାର ଲୁକ୍କର ଯିବାର ଆଏବାର ସୁବିଧା ଲାଗି ରାସ୍ତାଘାଟ ତିଆର କରୁଛନ୍। ସେନ୍ତା ବସ୍ଷ୍ଟାଣ୍ଡ, ଭିନେ ଭିନେ ଗାଁଗଁଡ଼ାର ଛକେ ଗାଡ଼ିମଟର ଟାକ୍ବାକେ ଲୁକ୍କର ଲାଗି ଯାତ୍ରୀ ପ୍ରତିକ୍ଷାଳୟ ତିଆର କରୁଛନ୍। ହେଲେ କେନ୍ଠାନେ ଇ ଯାତ୍ରୀ ପ୍ରତିକ୍ଷାଳୟ ହଲ୍କା କାମ୍ ଲାଗି ବିପଦ୍ ଅବସ୍ତାରେ ରହିଛେ ତ ଆର କେନ୍ଠାନେ ବସ୍ଷ୍ଟାଣ୍ଡରୁ ଦୂରେ ତିଆର ହେଇଥିବାର ଲାଗି ଲୁକ୍କର କାମେ ନାଇଁ ଲାଗ୍ବାର। ଏନ୍ତା ଉଦାହରନ୍ ଦେଖିବାକେ ମିଳିଛେ ଗୋଡ଼ଭଗା–ସୋନପୁର ୫୪ ନମ୍ବର ଜାତୀୟ ରାଜପଥରେ ଥିବାର ଅନେକ ଜାଗାର ଯାତ୍ରୀ ପ୍ରତିକ୍ଷାଳୟରେ।

ସୂଚନା ଅନ୍ସାରେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ଗଣ୍ଡତୁରୁମ, ମହୁଲପାଲି, ମେହେନା, ଗର୍ଭଣା, ଉଦେପୁର, ଖୁଣ୍ଟୁଲିପାଲି, ଡାଲବ ଆଦି ଛକେ ଥିବାର ଯାତ୍ରୀ ପ୍ରତିକ୍ଷାଳୟମାନ ଲୁକ୍କର କାମେ ନାଇଁ ଲାଗ୍ବାର। ରାଏଜ୍ ସରକାର ଲକ୍ଷାଧିକ୍ ଟଁକା ଖରଚ୍ରେ ଲୁକ୍କର ସୁବିଧା ଲାଗି ଇ ସବୁ ଜାଗାମାନକେ ଯାତ୍ରୀ ପ୍ରତିକ୍ଷାଳୟ ସଂଗେ ପରିସ୍ରାଗାର ତିଆର କରିଛନ୍। ହେଲେ ଅନେକ ଜାଗାରେ ହଲ୍କା କାମ୍ ଲାଗି କୁଠାମାନ ବିପଦ ଅବସ୍ତାରେ ରହିଛେ। ଯେନ୍ଥିରଲାଗି ଇ ଯାତ୍ରୀ ପ୍ରତିକ୍ଷାଳୟମାନ ଲୁକ୍କର କାମେ ନାଇଁ ଲାଗ୍ବାର। ଯାତ୍ରୀମାନେ କେନ୍ ଗଛତଲେ, ଦୁକାନ୍ ତରେ ଗାଡ଼ିମଟରକେ ଟାକୁଥିବାର ଦେଖିବାକେ ମିଳୁଛେ। ସେନ୍ତା ଯାତ୍ରୀ ପ୍ରତିକ୍ଷାଳୟମାନ୍କେ ବେଲବୁଡ଼ଲେ ଅସାମାଜିକ ଲୁକ୍କର ଆସର ଜମୁଛେ। ଇ ଦିଗେ ପରଶାସନ ଦୁରୁଷ୍ଟି ଦେଇ ପରତିକାର ବେବସ୍ତା କରବାକେ ସାଧାରନରେ ଦାବି ହେଉଛେ।

# ୩ଟା କୁଠିରେ ୮ଟା ଶ୍ରେଣୀର ୧୩୮ ଛାତ୍ରୀଛାତ୍ର

ଗୁଡ଼ଭେଲିପଦର, ୮।୧୨(ଡି.ଏନ୍.ଏ.)

କଣ୍ଟାମାଳ ବ୍ଲକ ବିଲାସପୁର ପଁଚେତ୍ ସଦର ଗାଁରେ ଥିବାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାନା ସମସିଆରେ ଛଁଦି ହେଇ ରହିଛେ। ଇ ବାବ୍ଦେ ଶନିବାର ସ୍କୁଲ ପରିଚାଳନା କମିଟିର ସଦସିଅମାନେ ଜିଲାପାଳଙ୍କୁଁ ଭେଟି ଗୁଟେ ଦାବିପତର ଦେବାର ସଂଗେ ସମସିଆର ସମାଧାନ ଲାଗି ଗୁହାରି କରିଛନ୍।

ସୂଚନା ଅନ୍ସାରେ ୬୫ ବଛର ପୁରନା ଇ ସ୍କୁଲରେ ଏହେଦେ ୧ମରୁ ୮ମ ଶ୍ରେଣୀ ତକ୍ ଛାତ୍ରୀଛାତ୍ର ପାଠ୍ପଢ଼ବାର ବେବସ୍ତା ରହିଛେ। ସେନ୍ତା ୮ଟା ଶ୍ରେଣୀରେ ଏହେଦେ ୧୩୮ ଛାତ୍ରୀଛାତ୍ର ପାଠ୍ପଢୁଛନ୍। ଆଗରୁ ସ୍କୁଲଟା ୨ ଡେସିମିଲ ଜାଗାରେ ରହିଥିଲା। ଜାଗାଠାନ୍ ଅଭାବୁ ଅନେକ ସମିଆରେ ସ୍କୁଲର ଉନ୍ନତିକରନ ଲାଗି ଆସୁଥିବାର ସରକାରୀ ଅନୁଦାନ ଫିରିଯାଉଥିଲା। ୨୦୧୭ ସାଲେ ସ୍କୁଲର ସେବେଲର ଚେୟାରମେନ ପ୍ରତ୍ୟୁଷ ସାହୁ ଆର ସୁବେଦାର ଲଳିତ ସାହୁକଁର ଉଦିଅମ୍ରେ ଜବରଦଖଲ ସରକାରୀ ଜମିକେ ବିଲାସପୁରବାସୀ ଉଛେଦ କରି ସେଠାନେ ସ୍କୁଲର ନୂତନ କୁଠା ତିଆର କରିଥିଲେ। ହେଲେ ଅଲପ ଅନୁଦାନ ଲାଗି ୩ଟା କୁଠି ତିଆର ହେଇଥିଲାବେଲେ କୁଠାର ଶେଷ୍ ବିଲ ଆଏଜ୍ଯାଏ ନାଇଁ ମିଲିଥିବାର ସ୍କୁଲ କମିଟି ତରଫୁ ଜନାଯାଇଛେ। ଇଆଡ଼େ ସ୍କୁଲରେ ରଁଧାଘର ଆଭାବୁ ରାଁଧେନ୍ ଆର ଛାତ୍ରୀଛାତ୍ର ନାନା ସମସିଆର ସାମ୍ନା କରୁଛନ୍। ସେନ୍ତା ଛାତ୍ରୀଛାତ୍ରକଁର ପିଇଲା ପାଏନ୍ ସୁବିଧା ଲାଗି ଗୁଟେ ନଲ୍ଚୁଆଁ କୁଡ଼ାଯାଇଥିଲେ ବି ପାଏନ୍ ନାଇଁ ବାହାରଲା। ସ୍କୁଲଟା ଗାଁନୁ ୩ଶହ ମିଟର ଦୂରେ ଥିଲାବେଲେ ସ୍କୁଲକେ ଯିବାର ଲାଗି ଭଲ ରାସ୍ତାଟେ ନାଁଇଁନ। ଇଆଡ଼େ ୮ଟା ଶ୍ରେଣୀର ୧୩୮ ଛାତ୍ରୀଛାତ୍ର ୩ଟା କୁଠିି ବସି ପାଠ୍ ପଢ଼ବାର ସୁବିଧା ନାଇଁ ହେବାର। ଏନ୍ତାଥି ଛୁଆକର ପାଠ୍ପଢ଼ାରେ ଖେଲ୍ଢ଼େପ ହେଉଛେ ବଲି ଅଭିଭାବ ଆର ସ୍କୁଲ ପରିଚାଳନା କମିଟି ଅଭିଯୋଗ କରିଛନ୍। ସେଥିରଲାଗି ଗଲା ଶନିବାର ସ୍କୁଲ ପରିଚାଳନା କମିଟିର ଅଧକ୍ଷ ବନମାଳି ପାତ୍ରକଁର ମଂଗୁଆଲତିରେ ସଦସିଅମନେ ବୌଦ୍ଧ ଜିଲାପାଳ ଅର ଜିଲା ପ୍ରକଳ୍ପ ସଂଯୋଜକଙ୍କୁଁ ଭେଟି ଗୁଟେ ଦାବି ପତର ଦେଇଛନ୍। ସେମାନେ ଦାବିପତରରେ ସ୍କୁଲ ଲାଗି ଆର ଦୁଇ ବଖରା ଘର, ରଁଧାଘର, ନୂତନ ନଲ୍ଚୁଆଁ, ସ୍କୁଲକେ ରାସ୍ତା ତିଆରି କରବାକେ ଲେଖି କରି ଦେଇଛନ୍।



ବିଲାସପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

# ମହାଲକ୍ଷ୍ମୀ ପୂଜା, ଶ୍ରୀସୁଧା ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ

ସୋହେଲା,୮।୧୨(ଡି.ଏନ.ଏ)

ସୋହେଲା ବ୍ଲକ ଛୁରିଆପାଲି ଗ୍ରାମରେ ମହାଲକ୍ଷ୍ମୀ ପୂଜା ଓ ଶ୍ରୀସୁଧା ମହୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ରାଜଦରବାର କାର୍ଯ୍ୟକ୍ରମରେ ଛୁରିଆପାଲି ଗ୍ରାମ ସିନ୍ଧୁ ନଗରୀରେ ପରିଣତ ହେବା ସହ ମହାରାଜ ଜଳନ୍ଧରଙ୍କ ରାଜୁତି ଏବଂ ମହାରାଜଙ୍କ ନଗରଭ୍ରମଣ ଓ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜଦରବାରେ ଅଧ୍ୟାପକ ଟେକଚାନ୍ଦ ଦୁଆନ ଓ ବ୍ୟଙ୍ଗକବି ଲଳିତ ବାରିକ ରାଜଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ସରୋଜ କୁମାର ମାଝିଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଟେକଚାନ୍ଦ ଦୁଆନ ଲକ୍ଷ୍ମୀପୂଜାର ସାଂସ୍କୃତିକ ଓ ବୌଦ୍ଧିକ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଲଳିତ କୁମାର ବାରିକ ବ୍ୟଙ୍ଗ ମାଧ୍ୟମରେ ଦେଶର ସୈନିକମାନେ ତାଙ୍କ ଜୀବନକୁ ଉତ୍ସର୍ଗ କରି କିପରି ଆମ ଦେଶକୁ ରକ୍ଷା କରିଛନ୍ତି ତାହା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଅବସରରେ କମିଟି ତରଫରୁ ଚିତାକଟା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।




ଶ୍ରୀସୁଧା ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରାର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ



### କୋଶଲୀ କବିତା ଆସର

ଲୋଇସିଂହା,୮ା୧୨(ଡି.ଏନ୍‌କ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଗାନ୍ଧୀ ସ୍ମୃତି ପାଠାଗାରଠାରେ ରବିବାର ଆଦ୍ୟାଶା କୋଶଲୀ ସାହିତ୍ୟ ଅନୁଷ୍ଠାନର ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ପାଠାଗାର ପରିସରରେ କୋଶଲୀ କବିତା ଆସର ହୋଇଥିଲା। ଏଥିରେ ଅନୁଷ୍ଠାନର ସଭାପତି ପ୍ରକାଶ ସାହୁ ଅଧ୍ୟକ୍ଷତା କରିଥିଲେ। ଚନ୍ଦ୍ରବତୀ ପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ଉପଦେଷ୍ଟା ଧର୍ମସିଂ ମିଶ୍ର, ରାମଚନ୍ଦ୍ର ପଟେଲ, ରାଜେଶ ଦଣ୍ଡସେନା, କୁନା ଭୋଇ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ଦଣ୍ଡସେନା ସାହିତ୍ୟ ସମାଜକୁ ପରିମାର୍ଜିତ କରିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ମିଶ୍ର ବିଭିନ୍ନ ଭାଷା ମଧ୍ରୁ ସମ୍ବଲପୁରୀ ଭାଷା ଶୁଣିବାକୁ ମାଧୁର୍ଯ୍ୟ ବୋଲି କହିଥିଲେ। ଅତିଥି ପଟେଲ, ଭାଷା ଉପରେ ମତବ୍ୟକ୍ତ କରିଥିଲେ। ପରମେଶ୍ୱର ପଧାନ, ରଙ୍କଣ ବିଶ୍ୱାଳ, ଉମେଶ ବିଶ୍ୱାଳ, ନିତ୍ୟାନନ୍ଦ ଜୁଏଡ, ଅଶୋକ ବେହେରା, କବି ରାଏ ପ୍ରମୁଖ କୋଶଲୀ କବିତା ପାଠ କରିଥିଲେ। ଏହି ଅବସରରେ କବିମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସରୋଜ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ରଜମୋହନ ବିଷୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### ତୁରେକେଲା ବ୍ଲକସ୍ତରୀୟ ଲୋକଉତ୍ସବ ଉଦ୍‌ଯାପିତ

କଣ୍ଟାବାଞ୍ଜି,୮ା୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ପରିସରରେ ବ୍ଲକସ୍ତରୀୟ ଲୋକଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ବ୍ଲକର ୧୯ଟି ପଞ୍ଚାୟତର କଳାକାର ଯୋଗଦେଇ ନିଜ କଳା ପରିବେଷଣ କରିଥିଲେ। ଲୋକ ଉତ୍ସବ କମିଟି ସମ୍ପାଦକ ତଥା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ହେମାନନ୍ଦ ବିଶ୍ୱାଳଙ୍କ ଉଦ୍ୟମରେ ଉତ୍ସବ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ବିଡିଓ ପ୍ରଭାତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧକ୍ଷା ଅନୁ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ତୁରେକେଲା ସରପଞ୍ଚ କୁନ୍ତି ସୁନା, ଝରଣୀ ପଞ୍ଚାୟତ ସମିତି ସଭ୍ୟ କୌଶିକ ମେହେର, ଜିଲା ପରିଷଦ ସଭ୍ୟ ପ୍ରସୁଧନ ମାଝି, କଳାକାର ହରିଶ୍ଚନ୍ଦ୍ର ବାରିକ, ଅମିଲ ପୁଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମଟିକୁ କଳାକାର ଭକ୍ତ ମେହେର ପରିଚାଳନା କରିଥିଲେ। ଉତ୍ସବରେ ଅଂଶ ଗ୍ରହଣ କରିଥିବା ଶ୍ରେଷ୍ଠ ୩ଟି ଦଳକୁ ଟିଟିଲାଗଡ଼ ଉପଖଣ୍ଡସ୍ତରୀୟ ମହୋତ୍ସବକୁ ମନୋନିତ କରାଯାଇଥିବା ଜଣାପଡିଛି। ବିଚାରକ ଭାବେ କାର୍ତ୍ତିକ ସାହୁ, ହରିଶ୍ଚନ୍ଦ୍ର ବାରିକ ଓ ଅର୍ଜୁନ ଦାସ ଦାୟୀତ୍ୱ ତୁଲାଇଥିଲେ ।

# ବେଲପଡ଼ା ବ୍ଲକସ୍ତରୀୟ ଲୋକ ମହୋତ୍ସବ

■ ଦୁଲଦୁଲିରେ ଦୁଲୁକିଲା ମଞ୍ଚ
■ ୧୩ଟି ଦଳ ଉପଖଣ୍ଡୀୟ ଲୋକ ମହୋତ୍ସବକୁ ମନୋନୀତ

ବେଲପଡ଼ା,୮ା୧୨(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକସ୍ତରୀୟ ଲୋକ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ବ୍ଲକ ଅଧ୍ୟକ୍ଷ ବୈଜୟନ୍ତୀ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ବେଲପଡ଼ା ବିଡିଓ ଭିକ୍ଟର ସୋରେଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଏବିଡିଓ ରାମବିଳାସ ମଙ୍ଗରାଜ, ଜିପିଇଓ ବିହାରୀଲାଲ ବାରିକ, ବ୍ଲକ ଉପାଧ୍ୟକ୍ଷ ରୁକ୍ମଣ ସୁନା ଯୋଗଦେଇ ଗ୍ରାମାଞ୍ଚଳରେ ରହିଥିବା ଲୁକ୍କାୟିତ ପ୍ରତିଭାମାନଙ୍କୁ ରାଜ୍ୟ ଓ ଜାତୀୟସ୍ତରରେ ପରିଚିତ କରିବା ବ୍ଲକସ୍ତରୀୟ ଲୋକମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତପ୍ରକାଶ କରିଥିଲେ। ଚଳିତ ବର୍ଷ ଉତ୍ସବରେ ୧୦୫ଜଣ କଳାକାର ନିଜ ନାମ ପଞ୍ଜୀକୃତ କରି କଳା ପ୍ରଦର୍ଶନ କରିଥିଲେ। ଉତ୍ସବରେ ସିହିନୀ ଗ୍ରାମର ଦୁଲଦୁଲି ବଜାର ତାଳେତାଳେ ଦର୍ଶକମାନେ ଝୁମି ଉଠିଥିଲେ। କଳାକାରଙ୍କ କଳା ପ୍ରତିଭା ଜନସାଧାରଣଙ୍କୁ ଆକୃଷ୍ଟ କରିପାରିଥିଲା। ବିଚାରକ ଭାବେ


ବେଲପଡ଼ା ବ୍ଲକସ୍ତରୀୟ ଲୋକ ମହୋତ୍ସବରେ କଳାକାରମାନେ ନିଜ କଳା ପରିବେଷଣ କରୁଛନ୍ତି।

ହରେକୃଷ୍ଣ ବାରିକ, ରୁକ୍ମଣ ସୁନା, ରଶରାଜ ବୁଡେକ ଦାୟିତ୍ୱ ତୁଲାଇଥିଲେ। ମହୋତ୍ସବରେ ନଚନିଆଁ, ଖଞ୍ଜଣି, ଘୁମରା, ଡାବଘୁଡକା, ସଂକୀର୍ତ୍ତନ୍ୟ, ବାୟକ, ପାଲା, ଗଣାବାଜା, ସଂପ୍ରଦା, କରମା, ସଙ୍ଗୀତ ଏକକ ଆଦି ବିଭିନ୍ନ କଳା ସ୍ଥାନ ପାଇଥିଲା । ନଚନିଆଁରେ ଡୁଙ୍ଗୁରିପାଲି ଗ୍ରାମର କୃପାସିନ୍ଧୁ ପୁଟେଲ, ଦେବରାଜ ପୁଟେଲ(ଚପକରାଟି), ସିହିନୀ ଗ୍ରାମର ମା' ବସ୍ତ୍ରେନ ଦୁଲଦୁଲି, ଘୁମରାରେ ଖରଖରା ଗ୍ରାମର ଟିକେରାମ ପଂଜି ଓ ସାଥୀ, ମୁନାପାଲିର କରମସାନୀ, କୀର୍ତ୍ତନ ଖୋଲା ବାଦ୍ୟରେ ଗୌରଚନ୍ଦ୍ର ପୁଟେଲ, ସଂପ୍ରଦାରେ ବନମାଲ ଗ୍ରାମର ଜଗନ୍ନାଥ କଳା ପରିଷଦ, ପାଲାରେ ମା' ପରଦେଶେନ ପାଲା ବାଗଉଡାର, ଦଶମତି ପାଲା ଜାମଖାରୀ, ଖଞ୍ଜଣୀରେ ଓସ୍ତ ବର୍ଗେ ଓ ସାଥୀ ତୁଲସୀ, ବାୟକରେ ସର୍ଗୀଗୁଡା ଗ୍ରାମର କିଶୋର ମଣିବାଗ ଓ ସାଥୀ, ନନୁହାଡ ଗ୍ରାମର ମାଗୁଣି ତାଣ୍ଡି ଓ ସାଥୀ, ଘୁଡକା ବାଦ୍ୟରେ ଶ୍ରୀବସ୍ତବ ବେଣ୍ଟକାର ଓ ସାଥୀ ମନୋନୀତ ହୋଇଥିଲେ। ମନୋନୀତ କଳାକାରମାନେ ଉପଖଣ୍ଡୀୟ ଲୋକ ମହୋତ୍ସବରେ ଯୋଗ ଦେଇ ନିଜ କଳାପ୍ରତିଭା ପ୍ରଦର୍ଶନ କରିବେ ବୋଲି ଏବିଡିଓ ମଙ୍ଗରାଜ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମକର୍ତ୍ତାଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ଜନ ପ୍ରତିନିଧିମାନେ ଯୋଗ ଦେଇଥିଲେ।


ମୁଖ୍ୟଅତିଥି ଜଣେ କଳାକାରଙ୍କୁ ସମ୍ମାନିତ କରୁଛନ୍ତି।

## ଗୁଡ଼ଭେଲା ବ୍ଲକସ୍ତରୀୟ ଲୋକଉତ୍ସବ

ଗୁଡ଼ଭେଲା,୮ା୧୨(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ କାର୍ଯ୍ୟାଳୟ ପରିଷରରେ ରବିବାର ବିଡିଓ ସୂର୍ଯ୍ୟ କୁମାର ନାୟକଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ଲୋକଉତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ତଥା ବ୍ଲକ ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବ ମାଧ୍ୟମରେ ଗ୍ରାମାଞ୍ଚଳରେ ଲୁକାୟିତ ହୋଇ ରହିଥିବା ଲୋକକଳା ଲୋକଲୋଚନକୁ ଆସିପାରିବ ବୋଲି ମତ ପ୍ରକାଶ କରିଥିଲେ। ଉପାଧକ୍ଷ ନଳିନୀ ସେଠ, ଗୁଡଭେଲା ସମିତି ସଭ୍ୟ ଚିତ୍ରସେନ ଭୋଇ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ୮ଟି ଦଳଗତ ଏବଂ ୯ଟି ଏକକ କଳା ପ୍ରଦର୍ଶନ ହୋଇଥିଲା। ଘୁନା ଗ୍ରାମର କମଳ ରଣା ଓ ସାଥୀ(ଲୋକ ଗୀତ, ଦାଶ କାଠିଆ), ସନ୍ଧିସରା ଗ୍ରାମର କେଶବ ବଡିଆ ଓ ସାଥୀ(ରାଧାକୃଷ୍ଣ ଦଣ୍ଡନୃତ୍ୟ), ମାଡେକେଲା ଗ୍ରାମର ତୋଳାମଣି ଚନ୍ଦନ(ହଳିଆ ଗୀତ), ଘୁନା ଗ୍ରାମର ରୁଦ୍ର ମହାନନ୍ଦ ଓ ସାଥୀ(ଦୁଲ ଦୁଲି) ଏବଂ ଜମାଦାର ସାନ୍ତ(ଖଜଣୀ ଭଜନ)ଙ୍କୁ ଆଗାମୀ ଦିନରେ ହେବାକୁ ଥିବା ଉପଖଣ୍ଡ ଲୋକଉତ୍ସବରେ ଯୋଗଦେବା ନେଇ ଚୟନ କରାଯାଇଥିଲା। କଳାକାର ଗୋଲାପ ମନହିରା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ହିମାଂଶୁ ଶେଖର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ସ୍ୱଚ୍ଛତା ଓ ସଫେଇ କାର୍ଯ୍ୟକ୍ରମରେ ସାମିଲ ଅତିଥି ଓ ଯୁବକ ସଂଘ ସଦସ୍ୟମାନେ।

## ଯୁବଗୋଷ୍ଠୀ କଲେ ଗାଁ ସଫେଇ

ସ୍ୱଚ୍ଛତା ଉପରେ ସଚେତନତା ସଭା

ମୁରିବାହାଲ, ୮ା୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ଗ୍ରାମର ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ସଭ୍ୟମାନେ ରବିବାର ଗାଁ ସଫେଇ କରିଥିଲେ। ଯୁବକ ସଂଘର ଆଇନ ପରାମର୍ଶଦାତା ଶ୍ରୀବସ୍ତ ବେହେରାଙ୍କ ଅଧକ୍ଷତାରେ ମୁରିବାହାଲ ବଜାରପଡାଠାରେ ଶତାଧିକ ଯୁବକମାନଙ୍କୁ ନେଇ ସ୍ୱଚ୍ଛତା ଉପରେ ଏକ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁରିବାହାଲ ବିଡିଓ ଶିପକ କୁମାର ପାତ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ସ୍ୱଚ୍ଛତା ଦ୍ୱାରା ରୋଗମୁକ୍ତ ହୋଇପାରିବ ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ମୁରିବାହାଲ ତହସିଲଦାର ଅମୃତଲାଲ ବେହେରା, ବ୍ଲକ ଯୁବ ଯାଦବ ସଭାପତି ଗଙ୍ଗାଧର ହେର୍ଣ୍ଣା, ସମ୍ବାଦିକ ସଂଘ ସଭାପତି ଭଗବାନ ମହାନ୍ତି, ସାମାଜିକକର୍ମୀ ନିମାଇଁଚରଣ ବଘାର, ନକୁଳ ମାଝୀ ପ୍ରମୁଖ ଯୋଗଦେଇ ସଂଘ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏହାପରେ ସଂଘ ସଭାପତି ସୁଧାଂଶୁ ପୋଢ଼ ଯାଦବ, କାର୍ଯ୍ୟକାରୀ ସଭାପତି ସୁଦାମ ସାହୁ, ବରିଷ୍ଠ ସଭ୍ୟ ରାଜୀବ କୁମାର ମହାନ୍ତି, ତରୁଣ ପୋଢ଼ଙ୍କ ନେତୃତ୍ୱରେ ବଜାରପଡା ସମ୍ବାଦିକ ଭବନ, ରାଧାକୃଷ୍ଣ ଓ ଶିବ ମନ୍ଦିର, ବଜାରପଡା ଛକ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ପରିସର, ଷ୍ଟେଶନ ରାସ୍ତା, ରେଲୱେ ଷ୍ଟେଶନ, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ଅନେକ ଦିନର ଅଳିଆ ଆବର୍ଜନାକୁ ସଫା କରାଯାଇଥିଲା। ଏଥିରେ ପ୍ରେମାନନ୍ଦ ମାଝୀ, ରିତିକ ସାହୁ, ନାରାୟଣ ସାହୁ, ଅଶୋକ ଆଚାର୍ଯ୍ୟ, ମଧୁସୂଦନ ନାଗ, ବ୍ରହ୍ମ ପୋଢ଼ ପ୍ରମୁଖ ସହଯୋଗ କରିଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ: ପାଣ୍ଡେଲ ଚାମ୍ପିୟନ

ଦେଓଗାଁ,୮ା୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଅନ୍ତର୍ଗତ କୁଲିଆବାହାଲ ଖେଳ ପଡିଆରେ ରବିବାର ସ୍ଥାନୀୟ କ୍ରିକେଟ ଟିମ୍‌ର ଆୟୋଜନରେ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପାଣ୍ଡେଲ ଏବଂ ମହମ୍ମଦପୁର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଣ୍ଡେଲ


ଚାମ୍ପିୟନ ପାଣ୍ଡେଲ ଦଳର ଖେଳାଳିମାନେ।

ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ବାବୁ ସିଂ ଓ ବାସୁଦେବ ମିର୍ଦ୍ଧା ଖେଳ ପରିଚାଳନା କରିଥିଲେ। ପବିତ୍ର ଥନାପତି ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ। କିଶୋର ମିର୍ଦ୍ଧା, ଭୂଦେବ ମିର୍ଦ୍ଧା, କୁଶଳ ଭୋଇ, ନବ ମିର୍ଦ୍ଧା, ବୁନା ସିଂ, ଜିତୁ ଝାଙ୍କର, ବବୁଲୁ ଭୋଇ, ରିଷଭ ସିଂ, ସୁଶାନ୍ତ ସାହାଣୀ, ନରେନ୍ଦ୍ର ପୁଟା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ବେଲପଡ଼ା ନବୋଦୟ ଛାତ୍ର ଜାତୀୟସ୍ତରକୁ ମନୋନୀତ

ବେଲପଡ଼ା,୮ା୧୨(ଡି.ଏନ.ଏ.)

ରାୟପୁରଠାରେ ଅନୁଷ୍ଠିତ ଭୋପାଲ ରିଜିଓନାଲ ବିଜ୍ଞାନ କଂଗ୍ରେସରେ ବଲାଙ୍ଗୀର ଜିଲା ବେଲପଡ଼ା ନବୋଦୟ ବିଦ୍ୟାଳୟର ଛାତ୍ର ଅନୀଷ ମିଶ୍ର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରି ଜାତୀୟସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଛନ୍ତି। ମେଳାରେ ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ ତଥା ନବୋଦୟ ଭୋପାଲ ରିଜିଓନର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଡିସେମ୍ବର ୨୭/୨୮ରେ ସର୍ବଭାରତୀୟସ୍ତରରେ ବିଜ୍ଞାନ ମେଳା କେରଳର ତିରୁଭନନ୍ତପୁରମଠାରେ ଅନୁଷ୍ଠିତ ହେବ। ଏଥିରେ ଅନୀଷଙ୍କ ପ୍ରକଳ୍ପ ମନୋନୀତ ହୋଇଥିବା ଗାଇଡ ଶିକ୍ଷକ ପ୍ରେମାନନ୍ଦ ସାହୁ ସୂଚନା ଦେଇଛନ୍ତି।

## ବ୍ଲକସ୍ତରୀୟ ଓଷ୍ଟା ସଂଘର ସାଧାରଣ ବୈଠକ

ମୁରିବାହାଲ,୮ା୧୨(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ଓଷ୍ଟା ସଂଘର ସାଧାରଣ ପରିଷଦର ବୈଠକ ଶନିବାର ମଧୁସୂଦନ ହୃଷୀକେଶ ମେହେର ହାଇସ୍କୁଲ କୁର୍ଲୁବାହାଲରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ୧୮ ତାରିଖରେ ଗଁରେଇ ମାଧ୍ୟମିକ ବିଦ୍ୟାଳୟରେ ଶିଶୁ ମେଳା ଉତ୍ସବ କରିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମୁରିବାହାଲ ଓଷ୍ଟା ସଂଘ ସଭାପତି ବିନୋଦ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଜଳନ୍ଧର ମହାକୁର ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଘର ବିକାଶ, ସାଂଗଠନିକ ପ୍ରକ୍ରିୟା ସହ ପ୍ରତ୍ୟେକ ଶିକ୍ଷକ ଠିକ୍ ଭାବେ ନିଜ କର୍ତ୍ତବ୍ୟ ସମ୍ପାଦନା କରିବା ଉପରେ ଆଲୋକପାତ କରିଥିଲେ। ସମ୍ମାନୀୟ ଅତିଥି ଭାବେ


ମୁରିବାହାଲ ବ୍ଲକସ୍ତରୀୟ ଓଷ୍ଟା ସଂଘର ସାଧାରଣ ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

ଓଷ୍ଟା ସଂଘ ଜିଲା ଉପସଭାପତି ପ୍ରଦୀପ କୁମାର ପୁଟେଲ, ବଙ୍ଗୋମୁଣ୍ଡା ବ୍ଲକ ସଭାପତି ଅରୁଣ ବାରିକ, ସମ୍ପାଦକ ରସାନନ୍ଦ ମହାପାତ୍ର, ତୁରେକେଲା ବ୍ଲକ ସମ୍ପାଦକ କୃଷ୍ଣଚନ୍ଦ୍ର ବାରିକ, ପ୍ରଧାନଶିକ୍ଷକ ପୀତବାସ ସାହୁ, କୋଦଣ୍ଡଧର ପାଢ଼ୀ, ରଘୁନାଥ ଗିରି ପ୍ରମୁଖ ମଞ୍ଚାସୀନ ରହି ମାଧ୍ୟମିକ ବିଦ୍ୟାଳୟର ରହିଥିବା ସମସ୍ୟାର ସମାଧାନ ନେଇ ସରକାରଙ୍କୁ ଅବଗତ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ଏପରି କି ଶିଶୁ ମେଳାରେ ଛାତ୍ରୀଛାତ୍ରମାନଙ୍କ ଦକ୍ଷତାର ବିକାଶ ନେଇ ବିଭିନ୍ନ ପ୍ରତିଯୋଗିତା କରିବାକୁ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ ଓଷ୍ଟା ସଂଘର ସାଧାରଣ ସମ୍ପାଦକ ପୋରୁଷୋତ୍ତମ ବାଗ ପରିଚାଳନା କରିଥିବା ବେଳେ ସଂଘ ତରୁଣ ପୋଢ଼, ରାଜୀବ କୁମାର ମହାନ୍ତି, ବସନ୍ତ ବାଗ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ସଂଘ ୧୪ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗଦେଇଥିଲେ।

# ଲୋଇସିଂହା ବ୍ଲକସ୍ତରୀୟ ଲୋକଉତ୍ସବ ଉଦ୍‌ଯାପିତ

ଲୋଇସିଂହା,୮ା୧୨(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପରିସରରେ ବ୍ଲକସ୍ତରୀୟ ଲୋକଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ କଳାକାରମାନେ ହଜିଯାଉଥିବା ଲୋକଗୀତ, ଲୋକବାଦ୍ୟ, ଲୋକ ନାଟକ, ଲୋକ ସଂସ୍କୃତି ଓ ପରମ୍ପରାକୁ ଉଜାଗର କରିଥିଲେ। ଉତ୍ସବରେ ଉତ୍କୃଷ୍ଟ କଳା ପ୍ରଦର୍ଶନ କରିଥିବା କଳାକାରମାନଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ କରାଯାଇଥିଲା। ଏହି ଅବସରରେ କଳାକାର ଦାଶରଥୀ ଦାଶ, ଏକା ପାଣ୍ଡେ, ଉଦୟନାଥ ପଟେଲ, ହୃଷୀକେଶ ଦଳପତି, ଗୌର ସେଠ ପ୍ରମୁଖଙ୍କୁ ବ୍ଲକ କଳାକାର ସଂଘ ଓ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ କଳାକାର ସଂଘ ସଭାପତି ତଥା ବିଡିଓ ରାମଚନ୍ଦ୍ର ଖାଡିଆଙ୍କ ଅଧ୍ୟକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷା କାନ୍ତା ସେଠ, ଉପାଧ୍ୟକ୍ଷ ଯତିନ୍ଦ୍ର ପଟେଲ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ସମ୍ପ୍ରସାରଣ ଅଧିକାରୀ ସ୍ନିଗ୍ଧାମୟୀ ବାରିକ ସଭା ସଂଯୋଜନା କରି ଉତ୍ସବର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଡିଓ ଖାଡିଆ ଭାଷଣରେ ଲୋଇସିଂହା କଳା ଓ ସଂସ୍କୃତିର ମାଟି । ଏଠିକାର କଳା, ସଂସ୍କୃତି ଦେଶ ତଥା ବିଦେଶରେ ପ୍ରଶଂସିତ ହୋଇପାରିଛି ବୋଲି କହିଥିଲେ। ଏହି ଅବସରରେ ଲୋକଉତ୍ସବକୁ ପ୍ରୋତ୍ସାହିତ କରି ଆସିଥିବା ରାଜେନ୍ଦ୍ର ବିଶ୍ୱାଳ, ଦିଲୀପ କୁମାର ବେହେରା ଓ ସୁରେଶ ଚନ୍ଦ୍ର ଅଗ୍ରୱାଲଙ୍କୁ ଉତ୍ସବ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ବ୍ଲକର ୨୦ଟି ପଞ୍ଚାୟତ ଶତାଧିକ କଳାକାର ଯୋଗଦେଇ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆଶିଷ ଦଲାଇ ସଂଯୋଜନା କରିଥିଲେ। ଗୌରି ଶଙ୍କର ବେଜ, ନିସର ଅହମ୍ମଦ ନିସାର, କୁନା ମିସ୍ତ୍ରୀ, ମଞ୍ଜୁବାଳା ମେହେର, ବିଚାରକ ଭାବେ ନିୟୋଜିତ ହୋଇଥିଲେ। କଳାକାର ସଂଘ ସଭ୍ୟ ସରୋଜ ମହାକୁରଙ୍କ ସମେତ ବ୍ଲକ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



ଲୋଇସିଂହା ବ୍ଲକସ୍ତରୀୟ ଲୋକଉତ୍ସବରେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

■ ଦେଓଗାଁ ବ୍ଲକସ୍ତରୀୟ ଲୋକଉତ୍ସବ

# 'କଳା, ସଂସ୍କୃତିକୁ ଉଜ୍ଜୀବିତ ରଖିବା ଆମର ନୈତିକ ଦାୟିତ୍ୱ

ଦେଓଗାଁ,୮ା୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ରବିବାର ବ୍ଲକସ୍ତରୀୟ ଲୋକଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଡିଓ ବେର୍ଣ୍ଣଦେତ ଲାକ୍ରାଙ୍କ ସଭାପତିତ୍ୱ ତଥା ଓଡ଼ିଶା ଜୀବିକା ମିଶନ ପ୍ରକଳ୍ପ ସଂଯୋଜକ ପ୍ରଦୀପ କୁମାର ଛତ୍ରିୟାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସିନେ ତାରକା ରତନ ମେହେର ଯୋଗଦେଇ କଳା, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ଆମର ନୈତିକ ଦାୟିତ୍ୱ ବୋଲି କହିଥିଲେ। ଏପରି କି ଗ୍ରାମାଞ୍ଚଳରେ ଲୁକାୟୀତ ରହିଯାଉଥିବା କଳାକାରମାନଙ୍କ ପାଇଁ ମଞ୍ଚର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ରୀନା ମେହେର, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନା ,କଳାସଂସ୍କୃତି ସଂଘର ଉପସଭାପତି ସୁଦାମ ବିଶି ପ୍ରମୁଖ ଯୋଗଦେଇ



ଦେଓଗାଁ ବ୍ଲକସ୍ତରୀୟ ଲୋକଉତ୍ସବ ଅବସରରେ କୁତୁର୍ଲା ଲୋକନୃତ୍ୟ ଏକାଡେମୀ ସଂଗଠନକୁ ସମ୍ବର୍ଦ୍ଧିତ କରାଯାଉଛି।

କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବରିଷ୍ଠ କଳାକାର ଭାବେ ନିରଞ୍ଜନ ଦଣ୍ଡସେନା, ଧ୍ରୁବଲେ ମନହିରା, ନାରାୟଣ ଦଣ୍ଡସେନା, ରାଧେଶ୍ୟାମ ବରିହା, ଦୁଃଶାସନ ଦୀପ, ହିଂମାଶୁ ମିଶ୍ର, ଶଙ୍କର ପ୍ରସାଦ ସାହୁ, ଚଣ୍ଡାଳ ମେର୍ଲି, ମା' ବୁଢ଼ିଆଇ କଳାପରିଷଦ ଜରସିଂହା, କୋଶଳୀ ଲୋକନୃତ୍ୟ ଏକାଡେମୀ କୁତୁର୍ଲାକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧରଣୀଧର ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ଲକର ୨୬ପଞ୍ଚାୟତରୁ ଲୋକବାଦ୍ୟ ଦଳୀୟରେ ୪୫, ଲୋକବାଦ୍ୟ ଏକକରେ ୨୫ ଜଣ, ଲୋକଗୀତ ଦଳୀୟରେ ୯ଜଣ, ଏକକରେ ୬୪ଜଣ, ଲୋକନୃତ୍ୟ ଦଳୀୟରେ ୨୦ଟି ଦଳ ଓ ଲୋକନାଟ୍ୟ ଦଳୀୟରେ ୧୯ଟି ଦଳ ଅଂଶ ଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶିତ କରିଥିଲେ। ବ୍ଲକ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ସୁଶାନ୍ତ ବାଗ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଭାରପ୍ରାପ୍ତ ପଞ୍ଚାୟତ ଅଧିକାରୀ ପ୍ରତାପ ସିଂ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଚାରକ ଭାବେ ନିରଞ୍ଜନ ଦଣ୍ଡସେନା, ନାରାୟଣ ଦଣ୍ଡସେନା, ଗଣ୍ଡାରାମ କପାଟ, ଗୌରଚନ୍ଦ୍ର ସାହୁ, ସୁଦାମ ବିଶି, ମହାଦେବ ମେହେର, ଶ୍ରୀବତ୍ସ ସାହୁ, ଯୌବନ ନନ୍ଦ, ଶରତ କୁମାର ପୁଟେଲ, ବାସୁଦେବ ମେହେର, ବିଭୂତରଣ ରଣା ପ୍ରମୁଖ ରହିଥିଲେ । କାର୍ଯ୍ୟକ୍ରମକୁ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆଁ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ



## ସଂକ୍ଷେପରେ



### ବଲୋଦାରେ ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ନୂଆପଡା ଅଫିସ, ୮।୧୨:** ସ୍ଥାନୀୟ ବଲୋଦା ଛକଠାରେ ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବତନ ସରପଞ୍ଚ ପ୍ରେମଲାଲ ନାଏକ ସଭାପତିତ୍ୱ କରିଥିବାଲେ ମୁଖ୍ୟଅତିଥି ଭାବେ ରାଜ୍ୟ ଭାଜପା ସଭାପତି ବସନ୍ତ କୁମାର ପଣ୍ଡା ଯୋଗ ଦେଇଥିବାବେଳେ ବିଶେଷ ଅତିଥି ଭାବେ ବୈଜୟନ୍ତ ପଣ୍ଡା, ଛତିଶଗଡ ଏମପି ଚୁନିଲାଲ ସାହୁ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏ.ଭି.ସ୍ୱାମୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ଉପସଭାପତି ପ୍ରସନ୍ନ କୁମାର ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ମନ୍ଦିରକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିବାବେଳେ ପରେ ସଭା କାର୍ଯ୍ୟ ଚାଲିଥିଲା। ଏହି ଅବସରରେ ଛତିଶଗଡ ସୀମାନ୍ତରେ ନିର୍ମିତ ହୋଇଥିବା ସାଇ ମନ୍ଦିର କେବଳ ଆଧ୍ୟାତ୍ମିକ ନୁହେଁ ସାମାଜିକସ୍ତରରେ ଦୁଇ ରାଜ୍ୟ ମଧ୍ୟରେ ଏକ କାନ୍ଥ ଭଳି କାମ କରିବ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଭକ୍ତ ଯୋଗଦେଇଥିଲେ। ଦିନତମାମ ଭଜନ ଏବଂ ପ୍ରବଚନ ଚାଲିଥିଲା।

### ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

**ଖଡିଆଳ,୮।୧୨ (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ଶିକ୍ଷକ ଭବନଠାରେ ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗୀତା ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ୧୯ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ସନାତନ ମହାରତି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ପ୍ରଜ୍ଞାନ ମିଶନ ପ୍ରତିନିଧି ଜୟକୃଷ୍ଣ ପଣ୍ଡା ଯୋଗଦାନ କରିଥିଲେ। ପ୍ରଜ୍ଞାନ ମିଶନ ପ୍ରତିନିଧି ପ୍ରଧାପକ ଚନ୍ଦ୍ରଶେଖର ଚନ୍ଦ୍ରକାର ପ୍ରଜ୍ଞାନ ମିଶନ ଓ ଗୀତା ଆବୃତ୍ତି ପ୍ରତିଯୋଗୀତା ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଖଡିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରଧାପକ ବିଜୟ କୁମାର ବାରିକ ଓ ଅଧପିକା ଆନନ୍ଦ ମିଶ୍ର ପ୍ରତିଯୋଗୀତାର ମୂଲ୍ୟାଙ୍କନ କରିଥିଲେ । ପ୍ରତିଯୋଗୀତାରେ ଗ୍ରୁପ-ଏରେ ପ୍ରଥମ ଚର୍ଚ୍ଚିତା ଚିନ୍ମୟୀ ସାହୁ, ଦ୍ୱିତୀୟ କୁମକୁମ ତାଣ୍ଡି, ତୃତୀୟ ସାଇତୁଳସୀ ବନ୍ଧାଛୋର ଓ ଆର୍ଯ୍ୟନ ମିଶ୍ର । ସେହିଭଳି ଗ୍ରୁପ- ବିରେ ପ୍ରଥମ ସତ୍ୟମ ସାହୁ, ଦ୍ୱିତୀୟ ବିଶ୍ୱଜିତ ବାରିକ, ତୃତୀୟ ନମ୍ରତା ମେହେର, ଗ୍ରୁପ- ସିରେ ପ୍ରଥମ ନିବେଦିତା ରାଉତରାୟ, ଦ୍ୱିତୀୟ କାଦମ୍ବିନୀ ବେମାଲ, ତୃତୀୟ ଶ୍ରୀବେସ ପ୍ରଧାନ, ଗ୍ରୁପ- ଡିରେ ଗାୟତ୍ରୀ ସାହୁ, ଦ୍ୱିତୀୟ ସୁନୀଲ ସେଠୀ ହୋଇଥିଲେ । ପ୍ରତିଯୋଗିତାକୁ ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିବା ବେଳେ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ଜୟକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

୨୦ ଦିନରେ ଉଠିଛି ୧, ୬୦,୦୦୦ କୁଇଣ୍ଟାଲ ଧାନ

# କଟନି ଛଟନିରେ ଚାଷୀ ବେହାଲ

**ନୂଆପଡା ଅଫିସ, ୮।୧୨**



ମଣ୍ଡିରେ ଧାନ ପଡିରହିଛି । ଚାଷୀ ଜଗି ରହିଛନ୍ତି ।

ସରକାର ଚାଷୀଙ୍କୁ ଧାନର ସର୍ବନିମ୍ନ ଦର ସହଜରେ ଯୋଗାଇ ଦେବାକୁ ବଦ୍ଧପରିକର ଥିବା ଘୋଷଣା କରୁଥିବାବେଳେ ତଳସ୍ତରରେ ଯୋଗାଣ ବିଭାଗର ଉଦାସୀନତା ଯୋଗୁ ଚାଷୀ ଠିକ ଭାବେ କଷ୍ଟୋପାର୍ଜିତ ଧାନକୁ ବିକ୍ରି କରିବାକୁ ବାର ଦୁଆର ହେଉଛନ୍ତି । ଧାନ କିଣା ଆରମ୍ଭ ହେବାର ଆଜକୁ ୩ ସପ୍ତାହ ବିତିଗଲାଣି । ହେଲେ ଧାନସବୁ ମଣ୍ଡିରେ ପଡି ରହିଛି। ମାତ୍ର ୧ଲକ୍ଷ ୬୦ ହଜାର କୁଇଣ୍ଟାଲ କିଣାଯାଇଛି। ମଣ୍ଡିରେ ୩୦ ହଜାର ବସ୍ତା ଏବେ ବି ପଡିରହିଛି । ଚାଷୀ ଦିନରେ ଖରା ଏବଂ ରାତିରେ ପ୍ରଚଣ୍ଡ ଶୀତକାକରରେ ଜଗି ରହୁଛନ୍ତି । ଏହାକୁ ନେଇ ଧୀରେ ଧୀରେ ଚାଷୀ ଅସନ୍ତୋଷ ବଢି ଚାଲିଛି ।

ରିପୋର୍ଟ ଅନୁସାରେ ମୋଟ ୨୬ଟି ପ୍ୟାକ୍ସ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଜିଲାରେ ଧାନକିଣା ଯାଉଛି। ଏହିକ୍ରମରେ ଜିଲାରେ ମୋଟ ୬୯ଟି ଜାଗାରେ ମଣ୍ଡି ଖୋଲାଯାଇଛି। ଏହି ସବୁ ମଣ୍ଡିଗୁଡିକରେ ମିଲର୍ସମାନଙ୍କୁ ଟ୍ୟାଗ କରାଯାଇଛି। ମଣ୍ଡିରେ ଧାନ କିଣାଯିବା ପରେ ତାକୁ ମିଲର୍ସମାନେ କଷ୍ଟମ ମିଲିଂ

#### ଧିମେଇ ଯାଉଛି ଧାନକିଣା

ପାଇଁ ଉଠାଇଥାନ୍ତି। ହେଲେ ଏଠାରେ ସବୁ ବ୍ୟତିକ୍ରମ ଦେଖାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ମଣ୍ଡିଗୁଡିକରେ ପ୍ରତିଦିନ ୫/୬ଶହ କୁଇଣ୍ଟାଲ ଧାନ କିଣାଯିବାକୁ ଜିଲା ଯୋଗାଣ ବିଭାଗ ଧାର୍ଯ୍ୟ କରିଛି। ହେଲେ ରାଜ୍ୟ ସରକାରଙ୍କ ଖାଦ୍ୟ ଓ ଯୋଗାଣ ବିଭାଗ ପକ୍ଷରୁ ମଣ୍ଡିପିଛା ୧୫୦୦ କୁଇଣ୍ଟାଲ ଟୋକନ ପ୍ରଦାନ କରାଯାଉଛି। ସମସ୍ତ ଚାଷୀ ଧାନକୁ ମଣ୍ଡିକୁ ଆଣି ଥୋଇଦେଉଛନ୍ତି। ଅନ୍ୟପଟେ ମିଲର୍ସମାନେ ମଣ୍ଡିକୁ ଆସୁ ନ ଥିବାରୁ ମଣ୍ଡିଗୁଡିକରେ ଅଯଥାରେ ଧାନବସ୍ତା ଜମା ହେବାରେ ଲାଗିଛି। ଚାଷୀମାନେ ଧାଁଦୌଡ ହେଲେ ମଣ୍ଡିରୁ କିଛି ଧାନ ଉଠୁଛି । ଏଥିରେ ପୁଣି ମିଲର୍ସମାନେ କୁଇଣ୍ଟାଲ ପିଛା ୪/୫ କିଗ୍ରା କଟନୀ କଲେ ଧାନ ଉଠାଇବେ ବୋଲି ମୂଲଚାଲ କରୁଛନ୍ତି । ଚାଷୀମାନେ ବାଧ୍ୟ ହୋଇ ରାଜି ହେଉଥିବା ଦେଖାଯାଉଛି । ଏହି ଭୟରେ ବହୁ ଚାଷୀ ମଣ୍ଡିକୁ ଧାନ ନ ଆଣି ଖୋଲ ବଜାରରେ କମ ଦରରେ ବିକ୍ରି କରୁଥିବା ଦେଖାଯାଉଛି । ମିଳିଥିବା ତଥ୍ୟମୁତାବକ ପ୍ୟାକ୍ସ ଜରିଆରେ ୫୬ଟି ମଣ୍ଡିରୁ ୩୩୦୫ଜଣ ଚାଷୀଙ୍କଠାରୁ ୧ ଲକ୍ଷ ୪୭ ହଜାର ୬୯୬ କିଗ୍ରା ଧାନ କିଣାଯାଇଥିବାବେଳେ ୧୩ ଗୋଟି ସ୍ୱୟଂ ସହାୟକ ଦଳ ମାଧ୍ୟମରେ ୨୭୦ ଜଣ ଚାଷୀଙ୍କଠାରୁ ୧୨ ହଜାର ୯୬.୭୦ କିଗ୍ରା ଧାନ କିଣାଯାଇଛି । ଅନ୍ୟପକ୍ଷେ ମଣ୍ଡିଗୁଡିକରେ ୧୫ ହଜାର କୁଇଣ୍ଟାଲ ଅର୍ଥାତ ୩୦ ହଜାର ବସ୍ତା ଧାନ ପଡିରହିଛି। ଏସବୁକୁ ମଣ୍ଡିଗୁଡିକରେ ଚାଷୀମାନେ ଖୋଲା ଆକାଶତଳେ ଜଗି ରହିଛନ୍ତି। ଏଭଳି ପରିସ୍ଥିତିରେ ମଣ୍ଡିଗୁଡିକରୁ ଟାର୍ଗେଟ ବୃଦ୍ଧି କରାଗଲେ ସବୁ ଧାନ ଠିକ ସମୟରେ ଉଠିପାରନ୍ତା ବୋଲି ଚାଷୀମାନେ କହୁଛନ୍ତି। ଏହା ଉପରେ ଅତିରିକ୍ତ ଉପନିବନ୍ଧକ ସମବାୟ ସମିତି ଭିକାରୀ ଚରଣ ସେଠଙ୍କୁ ପଚାରିବାରୁ ଧାନକିଣା ଉପରେ ବାରମ୍ବାର ସମୀକ୍ଷା କରାଯାଉଛି। ସମସ୍ୟା ଉପରେ ସେ ଜିଲାପାଳଙ୍କୁ ଅବଗତ କରି ଏହାକୁ କିପରି ତ୍ୱରାନ୍ୱିତ କରାଯିବ ସେ ଦିଗରେ ପଦକ୍ଷେପ ନେଉଥିବା କହିଛନ୍ତି।

ମାଣ୍ଡିଆ ମଣ୍ଡି କ୍ରୟକେନ୍ଦ୍ର ଉଦ୍‌ଘାଟିତ

# ପ୍ରଥମ ଦିନରେ ୪୫ ଚାଷୀଙ୍କଠାରୁ ୨୫ କୁଇଣ୍ଟାଲ କିଣା

**ବୋଡେନ, ୮।୧୨ (ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ବଜାର ପ୍ରାଙ୍ଗଣଠାରେ ମାଣ୍ଡିଆ ମଣ୍ଡି କ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ ପ୍ରଥମ ଦିନରେ ୨୫ କୁଇଣ୍ଟାଲ କିଣା ହୋଇଥିଲା। କୃଷି ଓ କୃଷକ ସ୍ୱଶକ୍ତି କରଣ ବିଭାଗ ପକ୍ଷରୁ ଚାଷୀଙ୍କଠାରୁ ମାଣ୍ଡିଆ ମଣ୍ଡି କିଣିବା ପାଇଁ ରବିବାର ନୂଆପଡା ଆଦିବାସୀ ଉନ୍ନୟନ ସମବାୟ ସମିତି ଶାଖା ପରିଚାଳକ ରଞ୍ଜନ କୁମାର ପାଢିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏଥିରେ ଜିଲା ମୁଖ୍ୟ କୃଷି ଅଧିକାରୀ ଯାବେଦ ମହମ୍ମଦ, ସୁରେଶ କୁମାର ରାଉତ, ଯୁଗଳ କିଶୋର ଚଳାନ କୃଷି ସମବାୟ ସମିତି ସମ୍ପାଦକ ପ୍ରମୁଖ ସମସ୍ତେ ଉପସ୍ଥିତ ଥିଲେ। ସ୍ଥାନୀୟ ବୋଡେନ, ଫରସରା, ବୋଇରଗାଁ, ଲିଟିସର୍ଗି ପଞ୍ଚାୟତର ୪୫ ଜଣ ଚାଷୀ ଉପସ୍ଥିତ ଥିଲେ। ଚାଷୀଙ୍କୁ ୩,୧୫୦ ଟଙ୍କା କୁଇଣ୍ଟାଲ ପ୍ରତି ଦର ଦେବା ପାଇଁ ଘୋଷଣା କରାଯାଇଥିଲା । ଏଥିରେ ଭଲ ମାଣ୍ଡିଆ ଆଣି ଚାଷୀ ବିକ୍ରି କରି ଉଚିତ ଦର ପାଇ ବାରିବେ ବୋଲି ଚାଷୀମାନଙ୍କୁ ବୁଝାଯାଇଛି।



ବୋଡେନ ବଜାର ପ୍ରାଙ୍ଗଣରେ ମାଣ୍ଡିଆ ମଣ୍ଡି କ୍ରୟ କେନ୍ଦ୍ର ଉଦ୍‌ଘାଟିତ ।

# ଜିଲାସ୍ତରୀୟ ଶକ୍ତିସଂରକ୍ଷଣ ଆଧାରିତ ଜ୍ଞାନବିଜ୍ଞାନ ପ୍ରତିଯୋଗିତା

**ନୂଆପଡା ଅଫିସ,୮।୧୨**

ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ନୂଆପଡାରେ ଶକ୍ତି ସଂରକ୍ଷଣ ବିଭାଗ ଓଡିଶା ସରକାର ଏବଂ ଜଙ୍ଗଲ ଓ ପରିବେଶ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଶକ୍ତି ସଂରକ୍ଷଣ ଆଧାରିତ ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଧାନଶିକ୍ଷୟିତ୍ରୀ ଚିତେଶ୍ୱରୀ ସାହୁ ସଭାପତିତ୍ୱ କରିଥିବାବେଳେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ ମୁଖ୍ୟଅତିଥି, ଜିଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନୂଆପଡା ବ୍ଲକ ଶିକ୍ଷାଧିକାରୀ ଡ.ରେଶମଲାଲ ନାଏକ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ଏଥିରେ ୫ଟି ବ୍ଲକରୁ ୧୫ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗୀତାରେ ଓଡିଶା ଆଦର୍ଶ ବିଦ୍ୟାଳୟ ବାଦୀର ସମୀକ୍ଷାରାଣୀ ଗୁରୁ ପ୍ରଥମ, ଦ୍ୱାରସନୀ ଉଚ୍ଚବିଦ୍ୟାଳୟ କେରାପଦରର ଗୁରୁଜୁ ବନଛୋର ଦ୍ୱିତୀୟ, କେନ୍ଦ୍ରିୟ ବିଦ୍ୟାଳୟ ନୂଆପଡାର ଅମ୍ରିତା ସାହୁ ତୃତୀୟ ସ୍ଥାନ ଅକ୍ତିଆର କରିଛନ୍ତି। ସେମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅକ୍ତିଆର କରିଥିବା ଛାତ୍ରୀଛାତ୍ରମାନଙ୍କୁ ଯଥାକ୍ରମେ ୧୫ ଶହ, ୧୨ ଶହ ଏବଂ ୮ଶହ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ ଭୋଇ ଧନ୍ୟବାଦ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମକୁ ତୋର୍ଗା ଉନ୍ନୀତ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ କିଶୋର କୁମାର ପରିଡା ପରିଚାଳନା କରିଥିବାବେଳେ ବାଳିକା ହାଇସ୍କୁଲର ମନୋଜ ମାଝି, ହରପ୍ରିୟା ସୁନାନୀ, ଟିକେଲାଲ ବାଗ ପ୍ରମୁଖ ସହଯୋଗ କରିଥିଲେ।




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

### ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର

**ଭବାନୀପାଟଣା, ୮।୧୨ (ଡି.ଏନ.ଏ.)**

ସ୍ଥାନୀୟ ଶାସ୍ତ୍ରୀଜୀ ମହିଳା ଡିଗ୍ରୀ ମହାବିଦ୍ୟାଳୟଠାରେ ଛାତ୍ରୀମାନଙ୍କ ଏକ ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହିଳା ମହାବିଦ୍ୟାଳୟ ଚେୟାରପର୍ସନ୍ ନମିତା ସାହୁଙ୍କ ଅଧ୍ୟକ୍ଷତାରେ ଗତ ଶନିବାର ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟର ପ୍ରଫେସର ପୂର୍ଣ୍ଣଚନ୍ଦ୍ର ଦଳେଇ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସରକାରୀ ମହାବିଦ୍ୟାଳୟ ଇଂଲିଶ ବିଭାଗ ମୁଖ୍ୟ ତଥା ସିନିୟର ଡିଭିଜନ୍ ଏସ୍‌ସିସି ଅଫିସର କ୍ୟା. ଜୟଦେବ ସାହୁ ଉପସ୍ଥିତ ରହି ଛାତ୍ରୀମାନଙ୍କ ଆତ୍ମସୁରକ୍ଷାର ଆବଶ୍ୟକତା ସମ୍ପର୍କରେ ବିଭିନ୍ନ ସୂଚନା ଦେଇଥିଲେ। ଏହି ଆତ୍ମସୁରକ୍ଷା ଶିବିର ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଜିଲାର ୨ ଜଣ ବରିଷ୍ଠ ମହିଳା ପ୍ରଶିକ୍ଷିକା ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଦେବେ ବୋଲି ଜଣାପଡିଛି। ଉଦ୍‌ଘାଟନୀ ଉତ୍ସବ ସଭା କାର୍ଯ୍ୟ ପରେ ପରେ ମହିଳା ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଦିଗେଶ୍ୱର ବେମାଲ ଧନ୍ୟବାଦ ଅର୍ପଣ କରିଥିଲେ।

ଖଡିଆଳ ମିଶନ ହସ୍ପିଟାଲରେ ଚିକିତ୍ସା ଅବହେଳା ଘଟଣା

# ଆହତ ଛାତ୍ରଙ୍କୁ ଚିକିତ୍ସା କରାଇଲେ ସିଡିଏମଓ

**ଖଡିଆଳ,୮।୧୨(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ସହରସ୍ଥିତ ମିଶନ ହସ୍ପିଟାଲରେ ଜଣେ ଛାତ୍ରଙ୍କୁ ଚିକିତ୍ସାରେ ଅବହେଳା କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ରବିବାର ତତ୍ପରତା ଦେଖାଇ ଆହତ ଛାତ୍ରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ଚିକିତ୍ସା ଆରମ୍ଭ କରିଛନ୍ତି। ସୋମବାର ସମସ୍ତ କାଗଜାତ ଠିକ କରି ରାୟପୁରସ୍ଥିତ ରାମକ୍ରିଷ୍ଣ ବେସରକାରୀ ଡାକ୍ତରଖାନାରେ ଆହତ ଛାତ୍ରଙ୍କୁ ଭର୍ତ୍ତିକରି ଚିକିତ୍ସା କରାଯିବ ଏବଂ ଏହି ଚିକିତ୍ସା ଖର୍ଚ୍ଚ ଓ ଏସଟି ଏଫରୁ ଖର୍ଚ୍ଚ କରାଯିବ ବୋଲି ସୂଚନା ଦେଇଛନ୍ତି। ଏହା ସହ ଆହତ ଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫାଣ୍ଡିରୁ ମଧ ସହାୟତ ଯୋଗାଇ ଦିଆଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ କାଳି ପ୍ରସାଦ ବେହେରା ଖଡିଆଳ ଶହୀଦ ଭଗତ ସିଂ ମୋର୍ଚ୍ଚା ସଭାପତି ବିକାଶ ନାଏଖୋରଙ୍କୁ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ ଖଡିଆଳ ଥାନା ଅନ୍ତର୍ଗତ ତିଖାଲି ଗ୍ରାମର ଭୋଲାନାଥ ବେହେରାଙ୍କ ପୁଅ ସନାତନ ବେହେରା (୧୬) ସାନ ମହେଶ୍ୱର ହାଇସ୍କୁଲରେ ପାଠପଢ଼ି ଘରକୁ ଯାଉଥିବା ସମୟରେ ପଡି ଯାଇଥିଲେ । ତାଙ୍କର ବାମ ଗୋଡ ମାଡ଼ ହୋଇଥିଲା । ପରିବାର ଲୋକେ ବାମ ଗୋଡ ଚିକିତ୍ସା ପାଇଁ ଗତ ନଭେମ୍ବର ୧୬ ତାରିଖରେ ଖଡିଆଳ ମିଶନ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ମିଶନ ଡାକ୍ତରଖାନାରେ ପରୀକ୍ଷା ପରେ ଗୋଡର ଭ୍ୟାନ ଚୋକ ହୋଇଯାଇଥିବା ନେଇ ସୂଚନା ଦେଇ ଦୁଇ ମାସ କାଳ ଚିକିତ୍ସା କରାଇଥିଲେ। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ପରିବାର ଲୋକେ ଭବାନୀପାଟଣା ନେଇ ଚିକିତ୍ସା କରିଥିଲେ। ହେଲେ ସେଠାରେ ଚିକିତ୍ସା କରୁଥିବା ଡାକ୍ତର ଏମଆରଆଇ କଲେ ଜଣାପଡିବ ବୋଲି କହିଥିଲେ । ପରିବାର ଲୋକେ ଆହତ ଛାତ୍ରଙ୍କୁ ବିଶାଖାପାଟଣା ନେଇ ଚିକିତ୍ସା କରିବାରୁ ଆହାତ ଛାତ୍ରଙ୍କ ଅପ୍ରେସନ କରାଯିବ ଏବଂ ୨ ଲକ୍ଷ ଟଙ୍କା ଜମା କରିବାକୁ ପରାମର୍ଶ ଦେଇଥିଲେ। ପାରିବାରିକ ସ୍ଥିତି ଠିକ ନ ଥିବାରୁ ପରିବାର ଲୋକେ ଆହତ ସନାତନଙ୍କୁ ଘରକୁ ଆଣି ଖଡିଆଳର ସହୀଦ ଭଗତସିଂ ମୋର୍ଚ୍ଚାର କର୍ମକର୍ତ୍ତା ଏବଂ ସଭାପତି ବିକାଶ ନାଏଖୋରଙ୍କ ନେତୃତ୍ୱରେ ନୂଆପଡା ଜିଲା ମୁଖ୍ୟଚିକିତ୍ସା ଅଧିକାରୀଙ୍କୁ ସାକ୍ଷାତ କରି ସମସ୍ୟା ବିଷୟରେ ଜଣାଇଥିଲେ । ପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଆହତ ଛାତ୍ରଙ୍କ ସମସ୍ତ ଚିକିତ୍ସା ବ୍ୟବସ୍ଥା କରାଇବାର ପ୍ରତିଶ୍ରୁତି ଦେଇ ରବିବାର ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ସୋମବାର ରାୟପୁର ଘରୋଇ ଡାକ୍ତରଖାନା ରାମକ୍ରିଷ୍ଣା ହସ୍ପିଟାଲରେ ଭର୍ତ୍ତି କରାଯିବାର ପ୍ରତିଶ୍ରୁତି ଦେଇଛନ୍ତି ।



ଆହତ ଛାତ୍ର ସନାତନ ବେହେରା ।

ଧର୍ମଗଡ଼ ପ୍ରିମିୟର ଲିଗ ନକଆଉଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# କୋରାପୁଟକୁ ହରାଇ ୟୁପି ୧୧ ଚାମ୍ପିୟନ

**ଧର୍ମଗଡ,୮।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡଠାରେ ଚାଲିଥିବା ଆନ୍ତଃ ରାଜ୍ୟ ବିଜୁ ପଟ୍ଟନାୟକ ମେମୋରିଆଲ ନକଆଉଟ କ୍ରିକେଟ ଟୁର୍ନାମେଣ୍ଟ ଡିପିଏଲ-୬ ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ଉତ୍ତରପ୍ରଦେଶର ୟୁପି ୧୧ ଏବଂ କୋରାପୁଟ ଜିଲା ସିମିଳିଗୁଡା ୧୧ ଦଳ ମଧ୍ୟରେ ହୋଇଥିଲା। ସିମିଳିଗୁଡା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୮୩ ରନ ସଂଗ୍ରହ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ୟୁପି ୧୧ ଦଳ ୬ ଉଇକେଟରେ ବିଜୟୀ ହୋଇଥିଲା। ଶିଳ୍ପ ଓ ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଡିପିଏଲ-୬ର ଫାଇନାଲରେ ବିଜୟୀ ଦଳକୁ ୩୫ ହଜାର ୫୫୫ ଟଙ୍କା ଏବଂ ରନର୍ସଅପ୍ ଦଳକୁ ୨୫ ହଜାର ୫୫୫ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ସିରିଜ ୟୁପି ୧୧ ଦଳର ସଞ୍ଜୁ କୁମାର ପୁରସ୍କୃତ ହୋଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ୟୁପି ୧୧ ଦଳର ମାଷ୍ଟର ଗେଲ୍ ଘୋଷିତ ହୋଇଥିଲେ। ଫାଇନାଲ ଖେଳରେ ଅମ୍ପାୟାର ପିନଟୁ ପଣ୍ଡା ଓ ମନଟୁ ପଣ୍ଡା ଦାୟିତ୍ୱ ତୁଲାଉ ଥିବା ବେଳେ କମେନ୍ଟ୍ରେଟର ଭାବରେ ବିନୟ ସାହୁ କ୍ଷିରାବ୍ଦୀ ମଶ୍ରା ଏବଂ ସଚିନ ଅଗ୍ରୱାଲ ତାଙ୍କର ସୁନ୍ଦର କମେଂଟ୍ରି କରିଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ, ଏନଏସି ଅଧ୍ୟକ୍ଷା ହୀରା ବାଗ, ଜିଲା ବିଜେଡି ଯୁବ ସଭାପତି ଆଦିତ୍ୟ ନନ୍ଦ, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରବୋଧ ରଥ, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ତୁଳେଶ୍ୱର ନାଏକ, ହୃଷିକେଶ ମିଶ୍ର, ଅଂଶୁମାନ ପାତ୍ର ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ଜୁନାଗଡ ଆରଏମସି ଉପାଧ୍ୟକ୍ଷ ବିବେକ ମିଶ୍ର ପରିଚାଳନା କରିଥିଲେ। ଧର୍ମଗଡ କ୍ରିକେଟ ଆସୋସିଏଶନ ସଭାପତି ଆଶିଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଧର୍ମଗଡ କ୍ରିକେଟ ଆସୋସିଏଶନ ସମ୍ପାଦକ ରାଜାରାମ ହାତୀ, ସୁନିଲ ମେହେର, ସ୍ୱାଧୀନ ବାଗ, ପିନଟୁ ଭଇଁସାଲ, ସଞ୍ଜୟ ଜାଲ, ମଦନ ନାଏକ, ଉମେଶ ଚନ୍ଦ୍ର ହଂସଙ୍କ ସମେତ ସମସ୍ତେ ସହେଯାଗ କରିଥିଲେ। ଟୁର୍ନାମେଣ୍ଟରେ ଛତିଶଗଡ, ଉତ୍ତରପ୍ରଦେଶ, ସମ୍ବଲପୁର, କୋରାପୁଟ, ବଲାଙ୍ଗୀର, ନୂଆପଡା, ନବରଙ୍ଗପୁର ଜିଲା ସମେତ କଳାହାଣ୍ଡି ଜିଲାରୁ ସମୁଦାୟ ୧୬ଟି ଦଳ ଭାଗ ନେଇଥିଲା ।



ଚାମ୍ପିୟନ ୟୁପି ୧୧ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

ଦୁର୍ଗମ ଅଞ୍ଚଳରେ ପୁଣି ହାତୀ ଆତଙ୍କ

# ଭାଙ୍ଗିଲେ ଘର, ଉଜାଡ଼ିଲେ ଫସଲ

**ଭବାନୀପାଟଣା, ୮।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଦୁର୍ଗମ ଅଞ୍ଚଳରେ ପୁଣି ହାତୀ ଉପଦ୍ରବ ବନବାସୀଙ୍କୁ ଆତଙ୍କିତ କରିଛି। ବ୍ଲକର ପୋଖରୀବନ୍ଧ ପଞ୍ଚାୟତ ମେଲଭୁଟୁ ଗାଁରେ ଏବେ ହାତୀପଲ ଉତ୍ପାତ ଦେଖାଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ହାତୀପଲ ଗାଁର ୫ଟି ଘର ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛନ୍ତି। ଧାନ ଓ ମାଣ୍ଡିଆ ଫସଲ ମାଡି ଦଳି ଚକଟି ଦେଇଛନ୍ତି। ବନବିଭାଗ ସୂଚନା ଅସୁସାରେ କିଛିଦିନ ହେଲା ଏକ ହାତୀପଲ ବେଡାଗାଁ ପଞ୍ଚାୟତ ବିଭିନ୍ନ ଗାଁରେ ଫସଲ ନଷ୍ଟ କରିବା ସହ ଅନେକ ଲୋକଙ୍କ ଘର ଭାଙ୍ଗି ଦେଇଛନ୍ତି। ବର୍ତ୍ତମାନ ହାତୀ ପୋଖରୀବନ୍ଧ ଆଡକୁ ମୁହାଁଇଛନ୍ତି। ବିଳମ୍ବିତ ରାତିରେ ପଞ୍ଚାୟତର ମେଲଭୁଟୁ ଗାଁରେ ହାତୀ ପହଞ୍ଚିଥିଲେ। ପ୍ରଥମେ ଗାଁର ଠେଲା ମାଝିଙ୍କ ଖଳାରେ ଗଦା ହୋଇଥିବା ୭ କୁଇଣ୍ଟାଲ ଧାନ ଖାଇ ଦେଇଥିଲେ। ରିଞ୍ଚା ମାଝି ଓ ଧ୍ରୁବ ମାଝିଙ୍କ ଧାନ ଓ ମାଣ୍ଡିଆ ଚାଷକୁ ଦଳି ଦେଇଥିଲେ। ପରେ ଗାଁକୁ ପସି ଲକ୍ଷ୍ମଣ ମାଝି, ତୁପୁରା ମାଝି, କ୍ରିଷ୍ଣା ମାଝି, ସୁଶାନ୍ତି ମାଝି ଓ ବୁଦ୍ଧୁ ମାଝିଙ୍କ ଘର ଭାଙ୍ଗିରୁଜି ନଷ୍ଟ କରି ଦେଇଛନ୍ତି। ବର୍ତ୍ତମାନ ବିପନ୍ନ ପରିବାର ଲୋକେ ଖୋଲା ଆକାଶ ତଳେ ପ୍ରଶାସନିକ ସହାୟତାକୁ ଅନେଇ ରହିଛନ୍ତି। ବନବିଭାଗ ପକ୍ଷରୁ ବିଶ୍ୱନାଥପୁର ରେଞ୍ଜର ଲକ୍ଷ୍ୟ ମହାନନ୍ଦଙ୍କ ନେତୃତ୍ୱରେ ଏକ ଟିମ୍ ଯାଇ ତଦନ୍ତ କରି ଫେରି ଆସିଛନ୍ତି। ଘଟଣାକୁ ନେଇ ବ୍ଲକ ଅଧ୍ୟକ୍ଷ ଇ.ଫକୀର ମୋହନ ମାଝି କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ସେମାନଙ୍କୁ ପଲିଥିନ ଯୋଗାଇ ଦେବା ପାଇଁ ଲାଞ୍ଜିଗଡ ତହସିଲଦାରଙ୍କୁ ଅନୁରୋଧ କରିଥିବା ବେଳେ ଘଟଣାକୁ ୨୦ ଘଣ୍ଟା ବିତି ଯାଇଥିଲେ ସୁଦ୍ଧା ବ୍ଲକ ପ୍ରଶାସନ ପକ୍ଷରୁ ବିପନ୍ନଙ୍କ ନିକଟରେ କେହି ପହଞ୍ଚି ନ ଥିବା ଅଭିଯୋଗ କରିଚନ୍ତି। ଏ ସମ୍ପର୍କରେ ଲାଞ୍ଜିଗଡ ତହସିଲଦାର ମୁନିନ୍ଦ୍ର ହେନ୍ନାଗାଁଙ୍କୁ ପଚାରିବାରୁ କହିଛନ୍ତି, ସମ୍ପୃକ୍ତ ଅଞ୍ଚଳର ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯିବ। ସେ ତଦନ୍ତ କରିବେ ଓ ତାଙ୍କ ରିପୋର୍ଟ ଅନୁସାରେ ପଲିଥିନ ପ୍ରଦାନ କରାଯିବ ବୋଲି କହିଥିଲେ। ତେବେ ପ୍ରଶାସନ ପକ୍ଷରୁ ତଦନ୍ତ କେବେ ହେବ ଓ କେବେ ପଲିଥିନ ମିଳିବ ତାହା ଦେଖିବାକୁ ବାକି ରହିଲା। ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ରେ ମିଶ୍ର କହିଛନ୍ତି, ଉକ୍ତ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ପଞ୍ଚାୟତ କର୍ମକର୍ତ୍ତାଙ୍କୁ କ୍ଷୟକ୍ଷତି ହୋଇଥିବା ପରିବାରର କ'ଣ ଅସୁବିଧା ହୋଇଛି ବୋଲି ଦେଖିବା ପାଇଁ କହିଥିବା ବେଳେ ଆମ ତରଫରୁ ଯାହା ସହଯୋଗ କରିବୁ ବୋଲି ପ୍ରକାଶ କରିଛନ୍ତି।



ଘଟଣାସ୍ଥଳରେ ବନ ଅଧିକାରୀ ପହଞ୍ଚି କ୍ଷେତ୍ର ପରିଦର୍ଶନ କରୁଛନ୍ତି ।



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ,
ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ



## ସଂକ୍ଷେପରେ



### ଲାଞ୍ଜିଗଡ଼ ବ୍ଲକରେ ମାଓବାଦୀଙ୍କ ବ୍ୟାନର, ପୋଷ୍ଟର

**ଲାଞ୍ଜିଗଡ଼,୮।୧୨(ଡି.ଏନ.ଏ.)**- ଗତ ୨ ତାରିଖରୁ ମାଓବାଦୀଙ୍କ ଶହୀଦ ସପ୍ତାହ ଚାଲିଥିବା ବେଳେ ବର୍ତ୍ତମାନ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅର୍ନ୍ତଗତ ତ୍ରିଲୋଚନପୁର ପଞ୍ଚାୟତ ଖେମଡିପଦର ଗାଁରେ ମାଓବାଦୀଙ୍କ ହାତଲେଖା ପୋଷ୍ଟର ଓ ବ୍ୟାନର ଦେଖିବାକୁ ମିଳିଛି । ଏହି ପୋଷ୍ଟର ବଶଂଧାରା ଘୁମସର ନାଗାବଳି ଡିଭିଜନ (ସିପିଆଇ ମାଓବାଦୀ) ଜାରି କରିଥିବା ଦର୍ଶାଯାଇଛି। ତ୍ରିଲୋଚନପୁର ରାସ୍ତା କାମକୁ ବନ୍ଦ କର ଏହି ରାସ୍ତା ଲୋକଙ୍କ ପାଇଁ ନିର୍ମାଣ କରାଯାଉ ନାହିଁ, ନିୟମଗିରିର ଖଣିଜ ସମ୍ପଦ ଟେକି ନେବା ପାଇଁ ଏହା ନିର୍ମାଣ ହେଉଛି, ବାରମ୍ବାର ବନ୍ଦ କରିବା ପାଇଁ କୁହାଯାଉଛି ଜଦି ବନ୍ଦ ନ କରିବ ଦଣ୍ଡ ପାଇ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି । ସେହିଭଳି ଶିବପଦର ପଞ୍ଚାୟତ ସେରକପାଡି ରାସ୍ତା ଓ ମୁନିଖୋଲ ପଞ୍ଚାୟତର ମାଣ୍ଡାଜିବା ରାସ୍ତାକୁ ମଧ ବନ୍ଦ କରାଯାଉ ବୋଲି ପୋଷ୍ଟରରେ ଦାବି କରିଛନ୍ତି । ତାରିଖରୁ ୮ତାରିଖ ପର୍ଯ୍ୟନ୍ତ ଚାଲିଥିବା ଶହୀଦ ଦିବସକୁ ପାଳନ କରନ୍ତୁ ଜଳ, ଜମି, ଜଙ୍ଗଲ ଓ ନିଜର ଅଧିକାର ପାଇଁ ପିଏଲଜିଏରେ ଯୋଗ ଦିଅନ୍ତୁ । ଫାସିବାଦୀ ମୋଦି ଓ ନବୀନ ସରକାର ମୁର୍ଦାବାଦ, ଜନଯୁଦ୍ଧରେ ସାମିଲ ହୁଅନ୍ତୁ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି। ତ୍ରିଲୋଚନପୁର ପଞ୍ଚାୟତରେ ଅସ୍ଥାୟୀ ଭାବେ ଥିବା ସିଆରପିଏଫ୍ କ୍ୟାମ୍ପକୁ ହଟା ଯାଉ ବୋଲି ମାଓବାଦୀମାନେ ପୋଷ୍ଟରରେ ଲେଖିଛନ୍ତି। ଏହି ପୋଷ୍ଟର ଲାଗିଲା ପରେ ଅଞ୍ଚଳରେ ଏକ ପ୍ରକାର କୋକୁଆଭୟ ଲାଗି ରହିଛି ।

### ଭବାନୀପାଟଣାରେ ରେଳ ଡିଭିଜନ ସ୍ଥାପନ ପାଇଁ ଚିଠି

**ଭବାନୀପାଟଣା, ୮।୧୨ (ଡି.ଏନ.ଏ.)**- କଳାହାଣ୍ଡି ଜିଲା ଭବାନୀପାଟଣାଠାରେ ରେଳବାଇ ଡିଭିଜନ ସ୍ଥାପନ ପାଇଁ ପରିବହନ ବିଭାଗ ଅତିରିକ୍ତ ସଚିବ ରେଳବାଇ ବୋର୍ଡ ସଚିବଙ୍କୁ ଚିଠି ଲେଖିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। କଳାହାଣ୍ଡି ରେଳଯାତ୍ରୀ ସଂଘ ଅଧକ୍ଷ ଭବାନୀଶଙ୍କ ନିଆଲ ପରିବହନ ବିଭାଗ ଅତିରିକ୍ତ ସଚିବ ପ୍ରେମାନନ୍ଦ ଖୁଣ୍ଟିଆଙ୍କୁ ଭବାନୀପାଟଣାଠାରେ ରେଳବାଇ ଡିଭିଜନ ସ୍ଥାପନ ପାଇଁ ଲିଖିତ ଦାବି କରିଥିଲେ। ଏହାକୁ ଭିତ୍ତି କରି ଅତିରିକ୍ତ ସଚିବ ରେଳବାଇ ବୋର୍ଡ ସଚିବଙ୍କୁ ଚିଠି ନଂ ୮୦୬୫ ତା.୨୧।୧୧।୨୦୧୯ରେ ଚିଠି ଲେଖି ଅନୁରୋଧ କରିଛନ୍ତି। ଦୀର୍ଘଦିନରୁ ଭବାନୀପାଟଣାଠାରେ ରେଳବାଇ ଡିଭିଜନ ସ୍ଥାପନ ପାଇଁ ଦାବି ହୋଇ ଆସୁଥିଲା।

# ଫଳକରେ ସୀମିତ ପ୍ରକଳ୍ପ

**ଜୁନାଗଡ,୮।୧୨ (ଡି.ଏନ.ଏ.)**



ଗୌଡସର୍ଗିଗୁଡା ନିକଟସ୍ଥ ପୁରୁଣା ଚିନିକଳ।



- ଭିତ୍ତିପ୍ରସ୍ତର ସ୍ଥାପନ ୩ ବର୍ଷ ବିତିଲା
- ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଗୌଡସର୍ଗିଗୁଡା ନିକଟସ୍ଥ ପୁରୁଣା ଚିନିକଳଠାରେ ଗତ ୨୦୧୬ ନଭେମ୍ବର ୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ୩ଟି ପ୍ରକଳ୍ପ ମଧ୍ୟରେ ୬୪୮ ପାରା ବଏଲ ରାଇସ ମିଲ, ୨ଡ଼୩ ମେଗାୱାଟ୍ କ୍ଷମତା ସମ୍ପୂର୍ଣ୍ଣ ବାୟୋମାସ୍ ପାୱାର ପ୍ରୋଜେକ୍ଟ ଓ ସମନ୍ୱିତ ଗ୍ରେନ ବେସ୍ଡ ଡିଷ୍ଟିଲାରୀ ପ୍ରକଳ୍ପ ଆଦି ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ପ୍ରକଳ୍ପଗୁଡିକର ଭିତ୍ତିପ୍ରସ୍ତର ସ୍ଥାପନ ପରେ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଚିନିକଳ ବନ୍ଦ ହେବା ପରେ ଦୀର୍ଘ ବର୍ଷ ହେବ ଅଞ୍ଚଳର ଅନେକ ଲୋକ ଜୀବିକା ହରାଇ ହତାଶ ହୋଇ ଘରେ ବସିଥିଲେ। ପୁଣିଥରେ ନୂତନ ପ୍ରକଳ୍ପ ହେବ ଓ ଅଞ୍ଚଳର ଲୋକଙ୍କୁ କାମ ମିଳିବ ବୋଲି ଆଶା କରାଯାଉଥିଲା। ଅଞ୍ଚଳବାସୀଙ୍କ ଏହି ଆଶା କେବଳ ଆଶାରେ ହିଁ ରହିଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହେବାର ଇତି ମଧ୍ୟରେ ୩ ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପ୍ରକଳ୍ପ କାମ ଆରମ୍ଭ ହୋଇନାହିଁ। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏବେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, କଳାହାଣ୍ଡି ପରି ଏକ ଶିଳ୍ପ ବିହୀନ ଜିଲାରେ ପ୍ରଥମ ଥର ପାଇଁ ଗତ ୨୨ ବର୍ଷ ତଳେ ଏକ ବୃହତ ଶିଳ୍ପ ସ୍ଥାପନ ନେଇ ଉଦ୍ୟମ ହୋଇଥିଲା। ଏହି ପରିପେକ୍ଷୀରେ ଓଡିଶା ସରକାର ୧୯୯୭ରେ ଗୌଡସର୍ଗିଗୁଡା ନିକଟସ୍ଥ ୨୬ ନଂ. ଜାତୀୟ ରାଜପଥ କଡରେ ୱେଷ୍ଟର୍ଣ୍ଣ ଓଡିଶା ସୁଗର ଆଣ୍ଡ କେମିକାଲ୍ ନାମରେ ଏକ ଚିନିଶିଳ୍ପ ଆରମ୍ଭ କରିଥିଲେ। ଏହାକୁ ମହାରାଷ୍ଟ୍ରର ଏକ କମ୍ପାନୀ ଚଳାଇବା ପାଇଁ ଦାୟିତ୍ୱ ନେଇଥିଲା। ପରିଚାଳନା ଗତ ତ୍ରୁଟି ଯୋଗୁ ୨ ବର୍ଷ ମଧ୍ୟରେ କମ୍ପାନୀ ଦେବାଳିଆ ହୋଇଯାଇଥିଲା। ଫଳରେ ଉକ୍ତ କମ୍ପାନୀ ବାଧ୍ୟ ହୋଇ କୌଣସି ବିକଳ୍ପ ପନ୍ଥା ଗ୍ରହଣ ନ କରି ଏହାକୁ ବନ୍ଦ କରି ଏଥିରୁ ଓହରି ଯାଇଥିଲା। ସେହି ଦିନଠାରୁ ଏହି ଚିନିଶିଳ୍ପ ପରିସର ମଧ୍ୟରେ ଥିବା ବିଭିନ୍ନ ଯନ୍ତ୍ରାଂଶ କୋଠାବାଡିର ଅଂଶ ବିଶେଷଃ ସବୁ ଚୋରଙ୍କ ପାଇଁ ଭୂସର୍ଗ ପାଲଟିଥିଲା। ଧୀରେ ଧୀରେ ଏଥିରେ ଥିବା ମୂଲ୍ୟବାନ ସାମଗ୍ରୀ ସବୁ ଚୋରି ହୋଇ ଶ୍ରୀହିନ ହୋଇ ପଡିବା ସହ ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିଲା। କଳାହାଣ୍ଡି ତଥା ଜୁନାଗଡ ଅଞ୍ଚଳରେ ଶିଳ୍ପର ଆଶାସଞ୍ଚାର କରିଥିବା ଏହି କାରଖାନା ଲୋକଙ୍କ ସ୍ୱପ୍ନକୁ ଧୂଳିସାତ୍ କରିଥିଲା । ତେବେ ଗତ କିଛି ବର୍ଷ ତଳେ ଏହି ପୁରୁଣା ଚିନି କଳକୁ ରାଉରକେଲାର ଷ୍ଟାରଲାଇଟ୍ ଇନ୍‌ଫ୍ରା ପ୍ରାଇଭେଟ୍ ଲମିଟେଡ୍ ନାମକ ଏକ କମ୍ପାନୀ କିଣିଥିଲା। ପରେ ପୁରୁଣା ଚିନିକଳଠାରେ ନୂତନ ପ୍ରକଳ୍ପ କରାଯିବ ବୋଲି ସେତେବେଳେ ସ୍ଥାନୀୟ ଅଞ୍ଚଳରେ ଏକ ଜନଶୁଣାଣି ମଧ୍ୟ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ଦିନରୁ ବନ୍ଦ ହୋଇଥିବା ଏହି ଶିଳ୍ପାଞ୍ଚଳର ପୁନଃ କାର୍ଯ୍ୟକ୍ଷମ ହେବା ନେଇ ଅଞ୍ଚଳରେ କିଛିଟା ଆଶାର ସଞ୍ଚାର ହୋଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ପ୍ରକଳ୍ପଗୁଡିକର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏହି ତନୋଟି ପ୍ରକଳ୍ପ ପାଇଁ ୩ ଶହ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଥିଲା। ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବ ଯୋଗୁ ଏ ଯାଏଁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇନାହିଁ।

## ବନ୍ୟା, ରୋଗପୋକ ପରେ ଏବେ 'ସାଆରା' ରୋଗରେ ଚାଷୀ ଆତଙ୍କିତ

**କର୍ଲାମୁଣ୍ଡା, ୮।୧୨ (ଡି.ଏନ.ଏ.)**

**କର୍ଲାମୁଣ୍ଡା ବ୍ଲକ**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଚାଷୀ ଧାନ ଅମଳ କରିବା ସମୟରେ 'ସାଆରା' ରୋଗ ପାଦୁବାଭ ଦେଖାଦେଇଛି। ଏହାକୁ ନେଇ ଏବେ ଚାଷୀ ମୁଣ୍ଡରେ ଭାଲେଣି ପଡିଲାଣି। ଏହି ବ୍ଲକରେ ଚଳିତବର୍ଷ ଜୁନ, ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବର, ଅକ୍ଟୋବରରେ ମୋଟ ୧୯୪୦ ମି.ମି. ବର୍ଷା ହୋଇ ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଏହା ବ୍ୟତିତ ମାଟିଆଗୁଣ୍ଡି ପୋକ ଯୋଗୁ ଚାଷୀ ବହୁ କଷ୍ଟରେ ଧାନ ଚାଷକୁ ସୁରକ୍ଷା ଦେଇଥିବା ବେଳେ ଏବେ ଧାନ ଅମଳ ସମୟରେ 'ସାଆରା' (ଉଷ୍ଟିଲାଜିନ ଏଡିଆ ଭିରେନ୍ସ)ନାମକ ରୋଗ ଯୋଗୁ ଚାଷୀ ସର୍ବଶାନ୍ତ ହେବାକୁ ବସିଲାଣି। ଏହି ରୋଗ ଧାନ ପାଚିବା ଅବସ୍ଥାରେ ଧାନକେଣ୍ଡାକୁ ମାଡି ବସୁଛି। ଯାହାଦ୍ୱାରା ପାଚିଲା ଭଳି ଦିଶୁଥିବା ଧାନଗୁଡିକରୁ ଅଗାଡି ହିଁ ବାହାରୁଛି। ଧାନ ଓଜନ କମିବା ସହ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି। ବ୍ଲକର ତେରେସିଂହା, ରିଷିଡା, କର୍ଲାମୁଣ୍ଡା, ରିଞ୍ଜା, ସ.ମାଲପଡା, ସାପଲହରା, ଯୋରାଡବରା, ବୋରପଦର ପ୍ରମୁଖ ପଞ୍ଚାୟତଗୁଡିକରେ ବିଶେଷ ଭାବେ 'ପୂଜାଧାନ'ରେ ହିଁ ଏହି ରୋଗ ଦେଖିବାକୁ ମିଳିଛି। ଏ ନେଇ ସ୍ଥାନୀୟ ସହକାରୀ କୃଷି ଅଧିକାରୀଣୀ ମୋନାଲିଷା ଜେନାଙ୍କୁ ପଚାରିବାରୁ ବିହନ ବିଶୋଧନ ନ କରି ଧାନଚାଷ କରିବା, ଗୋଟିଏ କିସମର ବିହନ ବାରମ୍ବାର ବ୍ୟବହାର ତଥା ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ହୋଇଥାଏ ବୋଲି ମତ ପୋଷଣ କରିଥିଲେ।



କର୍ଲାମୁଣ୍ଡା ବସ୍ତି ଜଣେ ଚାଷୀଙ୍କ ଧାନଚାଷରେ 'ସାଆରା' ରୋଗ ବ୍ୟାପିଛି।



ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ

- ସ୍ୱାମୀ କୋର୍ଟଚାଲାଣ

**କେସିଙ୍ଗା,୮।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କୁଣ୍ଡାବନ୍ଧ ଗ୍ରାମପଞ୍ଚାୟତର କୁଣ୍ଡାବନ୍ଧ ଗ୍ରାମର ହରିଜନପଡାରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ହରିଜନପଡାର ଜଣେ ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀଙ୍କ ମୃତ ଘଟିଛି । ମୃତାକା ହେଲେ ମଦନାବତୀ ଦୀପ (୪୫)। ଖବର ପାଇ କେସିଙ୍ଗା ଆଇଆଇସି ଦୀପାଞ୍ଜଳି ପ୍ରଧାନ, ଏସଡିପିଓ ଗୁପ୍ତେଶ୍ୱର ଭୋଇ, ଭବାନୀପାଟଣାରୁ ସାଇଣ୍ଟିଫିକ୍ ଟମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି । କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ କେସିଙ୍ଗା ଥାନାରେ ଦଫା ୩୦୨ରେ ଏକ ମାମଲା (ନଂ. ୩୮୦/୧୯) ରୁଜୁ କରି ସ୍ୱାମୀ ମୋହନ ଦୀପ (୫୬)ଙ୍କୁ କୋର୍ଟଚାଲାଣ କରାଯାଇଛି।

କୁଣ୍ଡାବନ୍ଧ ଗ୍ରାମପଞ୍ଚାୟତ କୁଣ୍ଡାବନ୍ଧ ଗ୍ରାମ ହରିଜନପଡାରେ ମଦନାବତୀଙ୍କ ସ୍ୱାମୀ ମୋହନ ପରିବାର ସହ ରହୁଥିଲେ। ଗତ ୫ରୁ ୭ ଦିନ ହେଲା ଘରେ କଳହ ଲାଗି ରହୁଥିଲା। ରବିବାର ସକାଳ ୧୦ଟା ୧୯ ମିନିଟରେ ମଦନାବତୀ ଘରୁ ସାବୁନ ଧରି ଗାଧୋଇବାକୁ ଯାଉଥିବା ବେଳେ ହଠାତ ଘରୁ ଟାଙ୍ଗିଆ ଆଣି ସ୍ତ୍ରୀର ଗଳାରେ ଆଣି ଦେଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପୂର୍ବରୁ ମୋହନଙ୍କବଡ ପୁଅ ଗଣପତି ଦୀପ (୨୭) ବାପାଙ୍କୁ ହସ୍ପିଟାଲକୁ ନେବା ପାଇଁ ପଡୋଶୀ ଘରକୁ ମୋଟରସାଇକେଲ ଆଣିବାକୁ ଯାଇଥିଲା। ଏହି ଖବର ପାଇ ବଡ ପୁଅ ତୁରନ୍ତ ଘଟଣା ସ୍ଥଳେ ପହଞ୍ଚି ମା'ଙ୍କୁ ବଞ୍ଚାଇବା ପାଇଁ ଘରକୁ ଟେକି ନେଇଥିଲେ। ଗଳାରେ ଜୋରରେ ଟାଙ୍ଗିଆ ଚୋଟ ବାଜିଥିବାରୁ ଘଟଣାସ୍ଥଳରେ ମଦନାବତୀଙ୍କ ମୃତ୍ୟୁ ଘଟିଥିଲା । ଏ ନେଇ ବଡପୁଅ ଗଣପତି କେସିଙ୍ଗା ଥାନାକୁ ଫୋନ କରି ଘଟଣା ସମ୍ପର୍କରେ ଜଣାଇଥିଲେ ।

## ବିଇଡି ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

**ଭବାନୀପାଟଣା, ୮।୧୨ (ଡି.ଏନ.ଏ.)**

ଭବାନୀପାଟଣା ସହରସ୍ଥିତ ବିଇଡି କଲେଜର ଛାତ୍ରୀ ପାୟଲ ପ୍ରିୟଦର୍ଶିନୀ ସାହୁ (୨୨)ଙ୍କ ଗତ ଶୁକ୍ରବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। କଟକ ଜିଲା ନେପାଳ ଥାନା ଅନ୍ତର୍ଗତ କାହ୍ନୁପୁର ଗ୍ରାମର ପାୟଲ ପ୍ରିୟଦର୍ଶିନୀ ଭବାନୀପାଟଣା ସହରସ୍ଥିତ ବିଇଡି କଲେଜରେ ପ୍ରଥମ ବର୍ଷ ଛାତ୍ରୀ ଭାବେ ଅଧ୍ୟୟନ କରୁଥିଲେ। ଗତ ୬ ତାରିଖରେ ସେ ହଠାତ୍ ଅସୁସ୍ଥ ହେବାରୁ ସହପାଠିନୀମାନେ ତାଙ୍କୁ ଭବାନୀପାଟଣା ସଦର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗତ ୭ ତାରିଖ ଟାଉନ୍ ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ପୋଲିସ ହସ୍ତାନ୍ତର କରିଛି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ବେଳେ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ମହାବିଦ୍ୟାଳୟରେ ଶୋକର ଛାୟା ସୃଷ୍ଟି ହୋଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଗୁଡ଼ିଚଗା, ପୋଡ଼ମରା ପର୍ବ ପାଳିତ

**କଲମପୁର, ୮।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅନ୍ତର୍ଗତ ଖଣ୍ଡିଡଙ୍ଗରିଗୁଡା ଗ୍ରାମରେ ଟୋକିପର୍ବ ଉଦ୍ଦେଶ୍ୟରେ ପାରମ୍ପାରିକ ରୀତିନୀତି ପାଳିତ ହୋଇଯାଇଛି ଗୁଡିଚଗା ପର୍ବ । ଆଦିବାସୀ ସଂସ୍କୃତି ଓ ପରମ୍ପରା ଅନୁସାରେ ଯେଉଁ ଗାଁରେ ଟୋକିପର୍ବ ପାଳନ କରାଯାଏ ସେହି ଗ୍ରାମର ଧରଣୀ ଦେବୀଙ୍କ ମନ୍ଦିରଗୁଡିରେ ପୂଜା କରାଯାଇଥାଏ। ଲୋକଙ୍କ ବିଶ୍ୱାସ ଅନୁସାରେ ଆଦିବାସୀମାନେ ଧରଣୀ ଦେବୀଙ୍କୁ ସନ୍ତୋଷ୍ଟ କରିବା ପାଇଁ ଏହି ପର୍ବ ପାଳନ କରିଥାନ୍ତି । ଜାନୁୟାରୀ ୫ ତାରିଖି ରବିବାର ଟୋକିପର୍ବ ପାଳନ ହେବା ସୂଚନା ମିଳିଛି। ଏହି ଗୁଡିଚଗାଁ ପର୍ବରେ ୨୦ଟି ଗ୍ରାମର ଜାନିବନ୍ଧୁ ମାନଙ୍କୁ ନିମନ୍ତ୍ରିତ କରାଯାଇଥିବା ବେଳେ ୭ଟି ଗ୍ରାମର ଜାନୀବନ୍ଧୁ ତଥା ଗ୍ରାମର ଲୋକ ଗୁଡିଚଗା ପର୍ବରେ ଉପସ୍ଥିତ ଥିଲେ। ସେଥିମଧ୍ୟରୁ ଦାସିଗାଁ, ବଙ୍କାପଲା, କଦଳିତୁଆଁ, ବନ୍ଦନପଲା, ସମାପଲା, ତାଲପଦର, ବେଲେନଥୋପା ପ୍ରମୁଖ ଗାଁର ଜାନିମାନେ ଗୁଡିଚଗାରେ ସାମିଲ ହୋଇଥିଲେ। ଟୋକିପର୍ବ ପାଳନ କମିଟି ସଭାପତି ସୁଦର୍ଶନ ମାଝି, ସମ୍ପାଦକ ଅଫସିଂ ମାଝି, କୋଷାଧକ୍ଷ ଗୌତମ ବିହାରୀ ଏବଂ ତନ୍ତ୍ରବିଦ୍ୟା ପୂଜକ ଗୁରମେ, ଦିସାରୀ ଆନୁ ମାଝି, ଗୁଣିଆ ଚନ୍ଦ୍ର ମାଝି, ମୁଲୁରା ଧରିଆ, ରୋହିତ ଭୋଇ ପ୍ରମୁଖ ପୂଜା ଦାୟୀତ୍ୱରେ ରହିଛନ୍ତି । ଏହି ଗୁଡିଚଗା ପର୍ବର ଅନ୍ୟ ଏକ ବିଶେସ୍ୱତ ହେଲା ଆମ ଗ୍ରାମର ଜାନିମାନେ ବରଣୀ ସ୍ୱରୂପ ଆଦିବାସୀ ବାଜା ତାଳେ ତାଳେ ନାଚି ନାଚି ଗୁଡିଚଗା ସ୍ଥାନକୁ ଯାଇଥାନ୍ତି । ସାଙ୍ଗରେ ବରଣୀ ସ୍ୱରୂପ ଛେଳି, ଗଡରା ଆଦି ଦେଇଥାନ୍ତି। ସେହିପରି ଚୁରାଗାଁରେ ମଧ୍ୟ ରବିବାର ପୋଡ଼ମରା ପର୍ବ ମହାସମାରୋହରେ ପାଳିତ କରାଯାଇଛି । ଏହି ପର୍ବ ପାଳନ କମିଟି ପକ୍ଷରୁ ସଭାପତି ଦିନବନ୍ଧୁ ବିଶି, ଉପସଭାପତି ଶତ୍ରୁଘନ ବାଗ, କେଶବ ମାଝି, ସୁବୋଧ ଖମାରୀ ପ୍ରମୁଖ ଗ୍ରାମବାସୀ ଦାୟୀତ୍ୱରେ ଅଛନ୍ତି । ବିଶାରି ଅଗ୍ନି ମାଝି, ଜାନୀ ବାଞ୍ଛାନିଧି ଦାନୀ, ଗୁଡିକାର ନିର୍ମଳ ମାଝି, ରଫିଆ ନିରନ ମାଝି, ମୁଦ୍ରାଧରିଆ ମୋହନ ମାଝି, ଜୟଧର ମାଝି ପ୍ରମୁଖ ସେବାୟତ ନିଜ ପୂଜା କାର୍ଯ୍ୟ ଦାୟୀତ୍ୱ ତୁଲାଉଛନ୍ତି । ଏହି କାର୍ଯ୍ୟକ୍ରମରେ ଡୋଡ୍ରାଗୁଡା, ସିନ୍ଧିକାଗୁଡା, ଧାନମଗୁଡା, ଆଟିଗାଁ, ବ୍ରାହ୍ମଣକେନ୍ଦୁଗୁଡା, ଝରାବାହାଲି, କନକପୁର, ବୋଦେଲବନ୍ଧ ପ୍ରମୁଖ ଅଞ୍ଚଳର ଜାନି ତଥା ଗ୍ରାମବାସୀ ଏହି ପର୍ବରେ ଉପସ୍ଥିତ ରହିଥିଲେ। ଶାନ୍ତି ଶୃଙ୍ଖଳା ପାଇଁ କଲମପୁର ପୋଲିସ ନିୟୋଜିତ ଥିଲେ ।



ଖଣ୍ଡିଡଙ୍ଗରିଗୁଡା ଗ୍ରାମରେ ଗୁଡିଚଗା ପର୍ବ ପାଇଁ ପୂଜାର୍ଚ୍ଚନା କରାଯାଉଛି।

### ସ୍ୱର୍ଗତ ବବ୍ରୁବାହାନ ବାଗ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

## ଖଣ୍ଡିଡଙ୍ଗରିଗୁଡ଼ା, ଟିକଲି ଦଳ ବିଜୟୀ

**କଲମପୁର,୮।୧୨ (ଡି.ଏନ.ଏ.)**

କଳହାଣ୍ଡି ଜିଲା କଲମପୁର ବ୍ଲକ ମଣ୍ଡଳ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଭାଟିଗାଁରେ ସ୍ୱର୍ଗତ ବବ୍ରୁବାହାନ ବାଗ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଉଦଘାଟନୀ ମ୍ୟାଚ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଦଳ ଏବଂ ଖଣ୍ଡିଡଙ୍ଗରିଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୧୨ ଓଭରରେ ବିନିମୟରେ ୯୯ ରନ କରିଥିଲା । ଏହାର ଜବାବରେ ଖଣ୍ଡିଡଙ୍ଗରିଗୁଡା ଦଳ ୧୨ ଓଭରର ଶେଷ ବଲରେ ଛକା ମାରି ମ୍ୟାଚକୁ ହାତେଇ ନେଇଥିଲେ। ଛକା ମାରି ମ୍ୟାଚ୍ ଜିତାଇଥିବା ଅଶ୍ୱିନୀ ମାଝିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପ୍ରଦାନ କରାଯାଇଥିଲା । ଖେଳକୁ ବୁଦ୍ଧଦେବ ବାଗ ଓ ବବ୍ରୁବାହାନ ଲହଜଳ ପରିଚାଳନା କରୁଥିବା ବେଳେ ପ୍ରମୋଦ ବାଗ ଧାରା ବିବରଣୀ ପ୍ରଦାନ କରିଛନ୍ତି। ଖେଳରେ କୋଦେଣ୍ଡ ବାଗ, ଛନ୍ଦାଚରଣ ଝାଙ୍କର, ମୋତିରାମ ନାଏକ, କୁନୁ ଝାଙ୍କର, ଉଦିତ ପୂଝାରୀ ସମେତ ଗ୍ରାମବାସୀ ସହଯୋଗ କରୁଛନ୍ତି। ସେହିପରି ଦ୍ୱିତୀୟ ମ୍ୟାଚ ଟେମରା ଏବଂ ଟିକିଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଟିକଲି ଦଳ ବିଜୟୀ ହୋଇଛି । ବବ୍ରୁବାହାନ ବାଗଙ୍କ ସ୍ମୃତି ଉପଲକ୍ଷେ ଭାଟିଗାଁ କଲୋନୀ ପଡାଠାରେ ସ୍ୱର୍ଗତ ବାଗଙ୍କ କନିଷ୍ଠ ଭାତ୍ରା ଅନଙ୍ଗସେନ ବାଗଙ୍କ ନେତୃତ୍ୱରେ ଏହି କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୨ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଉଦଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ମଣ୍ଡଳ ପଞ୍ଚାୟତ ସରପଞ୍ଚ ପ୍ରଦୀପ କୁମାର ଭୋଇ ଯୋଗଦେଇ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଖେଳାଳି ସୁରେଶ ଚନ୍ଦ୍ର ବାଗ, ସମ୍ମାନିତ ଅତିଥି ଭାବେ ଗଣେଶରାମ ବାଗ, ଲକ୍ଷ୍ମୀରଞ୍ଜନ ବାଗ, ସୁରେନ୍ଦ୍ର ନାଏକ, ରୋଜିସ୍ମିତା ଦୁର୍ଗା, ଫଗନୁ ବାଗ, ବଡ ଖମାରୀ ପ୍ରମୁଖ ମଞ୍ଚାସୀନ ଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ ।

# ୧୯ ବଛରର ଉତାରୁ ସାକାର ହେଲା ସପନ୍

### ମୁଖ୍ୟମନ୍ତ୍ରୀକଁର ଦପ୍‌ତରରୁ ଆସିଥିଲା ନିରଦେଶ

**କେସିଙ୍ଗା, ୮।୧୨ (ଡି.ଏନ.ଏ.)**

**ଧରିତ୍ରୀ ପ୍ରଭାବ**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କନ୍ତେଶିର ପଁଚେତ୍ ଅଧୀନ ଗୋଟିପଡ଼ାର କପିଳେଶ୍ୱର ସାହୁ(୬୫) ଆର ମାଏକିନା ମଥୁରା ସାହୁ(୬୨)। ଇ ବୁରୁଧି ଦମ୍ପତି ଅଭାବ ଅନାଟନ ଲାଗି ୩୦ ବଛର ହେଲା ଗୁଟେ ଭଂଗା ଦଦ୍‌ରା ଝାଟିମାଟି କୁରିଆରେ ବଡ଼ା ଗୁଲ୍‌ଗୁଲା ହେଇ ରହୁଥିଲେ। ଇ ବାବ୍‌ଦେ ଗଲା ଜୁନ୍ ୩୦ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ଡିହ ମିଲିଛେ, ଘରଖଁଡ଼େ ଆଶ୍‌ରେ ୧୯ ବଛର' ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ଘଟନାର ତଦଁତ କରି ବୁରୁଧି ଦମ୍ପତିକେ ଘର ଯୁଗେଇ ଦେବାକେ ମୁଖ୍ୟମନ୍ତ୍ରୀକଁର ତପ୍‌ତରରୁ ନିରଦେଶ ଆସିଥିଲା।

ସୂଚନା ହିସାବେ ଗୋଟିପଡ଼ାର କପିଳେଶ୍ୱର ସାହୁ ଝନେ ନିହାତି ଗରିବ୍ ଆର ଖଟିଖିଆ ଲୋକ୍ ଆଏ। ଏନ୍‌ତାଥି ସେ ଅଭାବ ଅନାଟନ ଲାଗି ଜୀବନ୍‌ଯାକ ଭଲ ଘର ବଖରେ ତିଆର କରି ନାଇଁପାରି। କପିଳେଶ୍ୱର ଆର ତାକର ମାଏକିନା ୨୦୦୦ ସାଲେ ସରକାରନୁ ପାଇଥିବାର ୪ ଡେସିମିଲ ଡିହରେ ଗୁଟେ ଝାଟିମାଟି ଘର କରି ମୁଡ଼ ଗୁଁଜିଥିଲେ। ହେଲେ ଗଲା ବଛର ବରଷାରେ ତାକର କୁରିଆଟା ଭାଂଗି ଯାଇଥିଲା। କପିଳେଶ୍ୱର ତହସିଲରେ ଯାଇ ଗୁହାରପାତ କଲାରୁ ତାହାକୁ ତାରପଲିନ୍ ଖଁଡ଼େ ମିଲିଥିଲା। ହେଲେ ଘରଡିହ ପଟ୍ଟା ପାଏବାର ୧୯ ବଛର ବିତିଯାଇଥିଲେ ବି ସରକାରୀ ଯୋଜନାରେ ଘରଖଁଡ଼େ ପାଏବାରୁ ସେ ବଁଚିତ୍ ଥିଲେ। ଇ ବାବ୍‌ଦେ ଗଲା ଜୁନ୍ ୩୦ ତାରିଖ ଧରିତ୍ରୀ ସମ୍ବଲପୁରରେ ଟିକିନିଖିନୁ ଖବର ବାହାରିଥିଲା। ଖବର ବାହାରଲାରୁ ଘଟନାର ତଦଁତ୍ କରି କପିଳେଶ୍ୱରକୁଁ ସରକାରୀ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ମୁଖ୍ୟମନ୍ତ୍ରୀକଁର ଦପ୍‌ତରରୁ ନିରଦେଶ ଆସିଥିଲା। ପଛେ ବ୍ଲକ ପରଶାସନ କପିଳେଶ୍ୱରକୁଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଗଲା ଅକ୍ଟୋବର ମାସେ ଘର ତିଆରିବାର ଲାଗି କାର୍ଯ୍ୟାଦେଶ ଦେଇଛେ। ସେନ୍‌ତା ଗୋଟିପଡ଼ାର ଗୁଞ୍ଜି ଚନ୍ଦ ବି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହେଇ କାର୍ଯ୍ୟାଦେଶ ପାଇଛନ୍। ଇ ଦୁଇ ପରିବାର ଘର ପାଏଲା ଉତାରୁ ଖବର ପରସାରନ କରି ଘଟନାକେ ପରଶାସନର ନଜରକେ ଆନିଥିବାରୁ ଧରିତ୍ରୀ ପରିବାରକେ ଧଏନ୍‌ବାଦ ଦେଇଛନ୍।



ପ୍ରଧାନମନ୍ତ୍ରୀ ଆବାସ ତିଆରି ଜାଗାରେ କପିଳେଶ୍ୱର ଆର ମଥୁରା।

ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ଖପ୍ରାଖୋଲରେ ବ୍ଲକସ୍ତରୀୟ ଲୋକ ମହୋତ୍ସବ

**ଖପ୍ରାଖୋଲ,୮।୧୨(ଡି.ଏନ.ଏ.) :** ସ୍ଥାନୀୟ ବ୍ଲକ କଲୋନୀ ପରିସରରେ ଥିବା ସାଂସ୍କୃତିକ ମଞ୍ଚରେ ବ୍ଲକସ୍ତରୀୟ ଲୋକ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗାଁର ଇଷ୍ଟଦେବୀ ମା' ଡୁମେରତଲିଏନ୍‌ଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ମଶାଲ ଶୋଭାଯାତ୍ରା ସାଂସ୍କୃତିକ ମଞ୍ଚକୁ ଅଣାଯାଇଥିଲା । ଉଦ୍‌ଘାଟନୀ ସଭାରେ ଧରମ ସିଂ ଧରୁଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଡିଓ ତରଣୀ ସୁନା ସଭାରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ପ୍ରକାଶ ମେହେର, ଏମ୍‌ପିଙ୍କ ପ୍ରତିନିଧି ଅଭୟ ତ୍ରିପାଠୀ, ବିଧାୟକଙ୍କ ପ୍ରତିନିଧି ପଞ୍ଚୁଦେବ ସାହୁ ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ଲୁଚି ରହିଥିବା କଳାକାରଙ୍କ ପ୍ରତିଭାକୁ ଲୋଚନକୁ ଆଣିବା ନେଇ ଲୋକ ମହୋତ୍ସବ ଆୟୋଜିତ ହୋଇଥିବା ଅତିଥିମାନେ କହିଥିଲେ। ଏହି ଅବସରରେ ବିଭିନ୍ନ ଗାଁରୁ ଆସିଥିବା କଳାକାରମାନେ ନିଜ କଳା ପରିବେଷଣ କରିଥିଲେ। ପଞ୍ଚ ବାଦ୍ୟ, ଖଞ୍ଜଣୀ, ଢୋଲ ଏବଂ ମାଦଳ ବାଦ୍ୟରେ ମଞ୍ଚସ୍ଥଳ ଉତ୍ସବ ମୁଖର ହୋଇଉଠିଥିଲା । ଲୋକ ମହୋତ୍ସବରେ ଭାଗ ନେଇଥିବା ବିଭିନ୍ନ ଦଳ ଉପଖଣ୍ଡସ୍ତରୀୟ ଲୋକମହୋତ୍ସବରେ ଯୋଗଦେବା ନେଇ ମନୋନୀତ ହୋଇଥିଲେ। ଲୋକ ନାଟକରେ କଟାପାଲି ରାମଲୀଳା, ଲୋକସଂଗୀତ ଦଳୀୟରେ ବାଘମୁଣ୍ଡ ପାରାୟଣ ଦଳ, ଲୋକସଂଗୀତ ଏକକରେ ଟେଙ୍ଗେରାପଥରର ରାମ ବିଶି, ପିଟା ବାଦ୍ୟ ଏକକରେ କାଦୋପାଣିର ସୁବାସ ବରର୍ତ୍ତା, ଦଳୀୟରେ ବିନ୍ଧ୍ୟବାଶିନୀ ଢୋଲ ପାର୍ଟି, ଝାଙ୍କରପାଲି, ଲୋକବାଦ୍ୟ ଦଳୀୟରେ ସଙ୍କିର୍ତ୍ତନ୍ୟ ସର୍ଗିପାଲି, ଲୋକନୃତ୍ୟ ଏକକରେ ଭାରତୀ ବିନ୍ଧାଣୀ ଡୁଡୁମଦର୍ହା, ଲୋକନୃତ୍ୟ ଦଳୀରେ କଲଙ୍ଗା ଦଣ୍ଡାନୃତ୍ୟ ପତ୍ରାପାଲି ପ୍ରଥମ ସ୍ଥାନ ଅଧିକାର କରିଥିବା ଜଣାପଡିଛି। ବିଚାରକ ଭାବେ କାର୍ତ୍ତିକେଶ୍ୱର ବେହେରା, କଲ୍ୟାଣ ସାହୁ, ଜଗଦାନନ୍ଦ ବେହେରା, ହରିବୋଲ ପୋଢ଼, ସୁରେଶ ନନ୍ଦ, ଥବିର ମେହେର, ଆଶିସ ଠେଲା, ଦାମୋଦର ବେହେରା, କାହ୍ନା ଥନାପତି ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ସନ୍ତୋଷ ବାଗ, ହୃଷୀକେଶ ବେହେରା, ବାହୁବଳେନ୍ଦ୍ର ପୁରୋହିତ, ସ୍ମୃତିରେଖା ସାହୁ, ନନ୍ଦିକିଶୋର ତାଣ୍ଡି, ରାହାସ ବିହାରୀ ମଲ୍ଲିକ, ରାଧେଶ୍ୟାମ ମେହେର, ରାମାନନ୍ଦ ବେହେରା ପ୍ରମୁଖ ପରିଚାଳନା କରିଥିବା ବେଳେ ଜିପିଇଓ ସୁଶାନ୍ତ କୁମାର ପାଣି ଧନ୍ୟବାଦ ଅର୍ପଣ କରିଥିଲେ ।








ପଥୋତ୍ସବର କଂସ ଦରବାରରେ ସଂସ ମହାରାଜ ସହ ଉପସ୍ଥିତ କଳାକାର ଓ ଅନ୍ୟମାନେ(ବାମ) । ଛାତ୍ରୀମାନେ ରଙ୍ଗ ମୁରୁଜରେ ସଚେତନତା ବାର୍ତ୍ତା ଦେଉଛନ୍ତି(ମଝି) । ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ଓମ୍‌ପ୍ରକାଶ ସାହୁଙ୍କ ବାଲୁକା କଳା ।

### ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲି ପାଇଁ ପଥୋତ୍ସବ

# କଳା ଝଲକିଲା, ନୃତ୍ୟରେ ଝୁମିଲେ

**ବଲାଙ୍ଗୀର ଅଫିସ,୮।୧୨**

ଆସନ୍ତା ୨୭ରୁ ୩୧ତାରିଖ ପର୍ଯ୍ୟନ୍ତ ପଶ୍ଚିମ ଓଡ଼ିଶାର ସର୍ବପୁରାତନ ରାଜେନ୍ଦ୍ର କଲେଜର ୭୫ବର୍ଷ ପୂର୍ତ୍ତି ଅବସରରେ ପ୍ଲାଟିନମ୍ ଜୁବିଲି ପାଳନ କରାଯିବ। ଏହି ଉପଲକ୍ଷେ ରବିବାର ପ୍ଲାଟିନମ୍ ଜୁବିଲି ପାଳନ କରୁଥିବା ଆଲୁମ୍‌ନି ଆସୋସିଏଶନ୍ ପକ୍ଷରୁ ଏକ ନିଆରା କାର୍ଯ୍ୟକ୍ରମ ପଥୋତ୍ସବ ଆୟୋଜନ କରାଯାଇଥିଲା। ଏହି ଅବସରରେ ରାଜେନ୍ଦ୍ର କଲେଜ ଛକରୁ କଲେଜ ପର୍ଯ୍ୟନ୍ତ ବିଭିନ୍ନ ସ୍କୁଲ, କଲେଜ, ସାଂସ୍କୃତିକ ଦଳ ନିଜ କଳା, ନୃତ୍ୟ, ସଙ୍ଗୀତ, କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ। ପ୍ଲାଟିନମ୍ ଜୁବିଲି ଉତ୍ସବକୁ ଏଭଳି କଳାତ୍ମକ ଢ଼ଙ୍ଗରେ ସ୍ୱାଗତ କରିବାକୁ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର, କଳାକାର ଓ ଜନସାଧାରଣ ଯୋଗ ଦେଇଥିଲେ। ଆସୋସିଏଶନ ସଭାପତି ଲଳିତ କୁମାର ନାୟକ, ସମ୍ପାଦକ ଅରବିନ୍ଦ ଦାସ, ସଂଯୋଜକ ହରି ନାରାୟଣ ପୂଝାରୀ, ସାଂସ୍କୃତିକ କମିଟି ଅଧ୍ୟକ୍ଷ ଅଜୟ ଦାସ ଓ ପୁରାତନ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଏହାକୁ ବିଶିଷ୍ଟ ଚିତ୍ରଶିଳ୍ପୀ, ନାଟ୍ୟ ଓ ସଙ୍ଗୀତ ନିର୍ଦ୍ଦେଶକ ବାସୁଦେବ ମେହେର ଓ ଚଳଚ୍ଚିତ୍ର ଅଭିନେତା ରତନ ମେହେର ଶୁଭାରମ୍ଭ କରିଥିଲେ। ଏଥିରେ କଂସ ଦରବାର ଆକର୍ଷଣର କେନ୍ଦ୍ର ପାଲଟିଥିଲା । କଳାକାର ସୁରେଶ ସାହୁ କଂସ ଭୂମିକାରେ ଅବତୀର୍ଣ୍ଣ ହୋଇ ଦର୍ଶକଙ୍କ ମନ ଜିଣିଥିଲେ । କଲେଜ ରାସ୍ତାର ଉଭୟ କଡରେ ସହରର ବିଭିନ୍ନ ସ୍କୁଲ, କଲେଜ ଛାତ୍ରୀଛାତ୍ର, ସାଂସ୍କୃତିକ ଅନୁଷ୍ଠାନ ଓ ରାଜେନ୍ଦ୍ର କଲେଜର ବର୍ତ୍ତମାନ ଛାତ୍ରୀଛାତ୍ର ଓ ପୁରାତନ ଛାତ୍ରୀଛାତ୍ର ନିଜ କଳା ପ୍ରଦର୍ଶନ କରିଥିଲେ। ଆୟୁର୍ବେଦ କଲେଜ, ଜିଲା କରାଟେ ଆସୋସିଏଶନ, ଅସୀମ କରାଟେ ଏକାଡେମୀ, କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଆର୍ଟ ଓ ପଥପ୍ରାନ୍ତ ନାଟକ, ହାସ୍ୟ କବି ସମ୍ମିଳନୀ, ରୋସ୍‌ନୀ ପବ୍ଲିକ ସ୍କୁଲ, ବିଶ୍ୱାତ୍ମ ବିଦ୍ୟାମନ୍ଦିର, ବିବେକାନନ୍ଦ ସ୍କୁଲର ସଙ୍ଗୀତ, ହାରମୋନୀ ମ୍ୟୁଜିକାଲର ମେଲୋଡି, ରାଜେନ୍ଦ୍ର କଲେଜ ଛାତ୍ରୀଛାତ୍ରଙ୍କ ଲୋକନୃତ୍ୟ ସହ ପୃଥ୍ୱୀରାଜ ହାଇସ୍କୁଲ, ଲିଟିଲ ଏଞ୍ଜେଲ ସ୍କୁଲ, ଟାଉନ ହାଇସ୍କୁଲ, ଗାୟତ୍ରୀ କଲେଜ, ଯୁବୋଦୟ କଲେଜ, ଡ୍ରିମ ଇଣ୍ଡିଆ ସ୍କୁଲ, ସେମଫୋର୍ଡ ସ୍କୁଲ, ବିଦ୍ୟାଭାରତୀ ସ୍କୁଲ, ବ୍ୟଙ୍ଗ କବିତା, ଇମ୍ପେରିଆଲ ହେଲଥ କ୍ଲବ ପକ୍ଷରୁ ବଡି ବିଲ୍ଡିଂ, ଓମପ୍ରକାଶ ସାହୁଙ୍କ ବାଲୁକା ଶିଳ୍ପ ସହ ମ୍ୟୁଜିକାଲ ଦଳ ପଥୋତ୍ସବରେ ଅଂଶଗ୍ରହଣ କରିଥିଲେ। ପୁରାତନ ଛାତ୍ରୀଛାତ୍ରମାନେ ନୃତ୍ୟଗୀତରେ ମସଗୁଲ ରହିଥିଲେ । ରାଜେନ୍ଦ୍ର କଲେଜ ଅଧ୍ୟକ୍ଷ ପ୍ରଫେସର ବିନୟ କୁମାର ଜେନା, ପୁଇଁତଲା ବିଇଓ ନେପାଳ ଚନ୍ଦ୍ର ବାଗ, ପୂର୍ବତନ ଛାତ୍ରନେତା ସୁଧୀର ଚାନ୍ଦ, ଜୟନ୍ତ ମହାନ୍ତି, ରତନ ମହାରଣା, ମାନଭଞ୍ଜନ ପାଢ଼ୀ, ଉଚିତ ଚନ୍ଦ୍ର ପଣ୍ଡା, ଶ୍ରୀକାନ୍ତ ମିଶ୍ର, ଭବାନୀ ଶଙ୍କର ଶତପଥୀ, ସରସ୍ୱତୀ ନନ୍ଦ, ରଞ୍ଜନ ତ୍ରିପାଠୀ ଓ ଅନ୍ୟମାନେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମକୁ ସାଂସ୍କୃତିକ କମିଟି ଅଧ୍ୟକ୍ଷ ଅଜୟ ଦାସ, ସଂଯୋଜକ ଜ୍ୟୋତି ରଞ୍ଜନ ପାଣିଗ୍ରାହୀ, ସଭ୍ୟ ସୁବଳ ମହାକୁର, ସୁରେଶ ସାହୁ, ହିମାଂଶୁ ଖମାରୀ, ସରୋଜ ମହାରଣା, ଅଶୋକ ମିଶ୍ର, ମନୋରଞ୍ଜନ ପଟେଲ, ସନ୍ଦୀପ ବାଗ, ଜୟପ୍ରକାଶ ପୂଝାରୀ, ରାଜୁ ବାଗ, କପିଳେଶ୍ୱର ଖମାରୀ, ଲଳିତ ପୂଜାରୀ, ରାମଚନ୍ଦ୍ର ସାହୁ, ଅଙ୍କିତ ସାହୁ, ସୁମନ ନନ୍ଦ, ସିଦ୍ଧେଶ୍ୱର ମିଶ୍ର, ନବଘନ ଦାସ, ଦୀପକ ପଣ୍ଡା, ଅର୍ଜୁନ ସାହୁ, ଜ୍ୟୋତି ରଞ୍ଜନ ବେଦବାକ, କୀର୍ତ୍ତିଚନ୍ଦ୍ର ଗହୀର ପରିଚାଳନା କରିଥିଲେ ।







ମହାପୁରୁଷଙ୍କ ବେଶରେ କୁନି ଛାତ୍ରୀଛାତ୍ର(ବାମ)। କଳାକାରମାନେ ଲୋକନୃତ୍ୟ ଦଣ୍ଡ ପରିବେଷଣ କରୁଛନ୍ତି(ମଝି) । କରାଟେ ଆସୋସିଏଶନ୍‌ର ଛାତ୍ରୀଛାତ୍ରମାନେ କୌଶଳ ପ୍ରଦର୍ଶନ କରୁଛନ୍ତି ।

# କୋସଲେଶ୍ୱରୀ ମନ୍ଦିରର ଭୂମିପୂଜା ସମ୍ପନ୍ନ

**ବଲାଙ୍ଗୀର ଅଫିସ, ୮।୧୨**

ବଲାଙ୍ଗୀର ସହର ଠାରୁ ୬ କି.ମି. ଦୂର ଚନ୍ଦନଭାଟି ପଞ୍ଚାୟତ ଅନ୍ତର୍ଗତ ସିନ୍ଦୁରବାହାଲ ଗାଁରେ ରବିବାର କୋସଲାଞ୍ଚଳର ଇଷ୍ଟଦେବୀ କୋସଲଶ୍ୱେରୀଙ୍କ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜା ସମ୍ପନ୍ନ ହୋଇଛି। ମନ୍ଦିର ନିର୍ମାଣ ପାଇଁ ସାରସ୍ୱତ ସାଧକ ନିମାଇଁ ଚରଣ ପାଣିଗ୍ରାହୀ ଭୂମିଦାନ କରିଛନ୍ତି । ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ.ଶ୍ରୀନିବାସ ଉଦ୍‌ଗାତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୋସଲୀ ଭାଷା ସଂସ୍କୃତି ଗବେଷଣା କେନ୍ଦ୍ର ପକ୍ଷରୁ ରବିବାର ପୂର୍ବାହ୍ନରେ ସିନ୍ଦିରବହାଲ ଗାଁରେ ଭୂମିପୂଜା କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପଶ୍ଚିମ ଓଡ଼ିଶା ଯାଦବ ସମାଜ ନେତା ବଳରାମ ସିଂ ଯାଦବ, କୃଷ୍ଣଚନ୍ଦ୍ର ବାରିକ, ରାମଭକ୍ତ ଫରିକାର, ଗୋପବନ୍ଧୁ ଶତପଥୀ, ଭିକାରୀ ଚରଣ ମିଶ୍ର, ସେବକ ଚରଣ ମିଶ୍ର, ବିଶ୍ୱଜିତ୍ ନାୟକ, ସତ୍ୟ ନାରାୟଣ ନାୟକ, ସୁଶାନ୍ତ ବାଗ, ଶାନ୍ତନୁ କୁମାର ନାଏକ, ବିଶ୍ୱଜିତ୍ ନାୟକ, ସନ୍ଦୀପ କୁମାର କୁଅଁର, ଗୋବର୍ଦ୍ଧନ ପାଣ୍ଡିଆ, ହୃଷୀକେଶ ପୁରୋହିତ, ପ୍ରଦୀପ ଆଚାର୍ଯ୍ୟ, ମୁରଲୀ ପତି, ପୁସ୍ତମ ଜୁଆଡି, ବିହାରୀଲାଲ ମିଶ୍ର, ଧନମତ ପାଣିଗ୍ରାହୀ ଉପସ୍ଥିତ ଥିଲେ । କର୍ତ୍ତା ଭାବେ ପଦ୍ମଶ୍ରୀ ଉଦ୍‌ଗାତା ଓ ନିମାଇଁ ପାଣିଗ୍ରାହୀ ଦାୟିତ୍ୱ ତଲାଇଥିଲେ। ଗୋକୁଳାନନ୍ଦ ମିଶ୍ର ପୂଜା କାର୍ଯ୍ୟ କରିଥିଲେ। ଗ୍ରାମର କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ସଂକିର୍ତ୍ତନ ପରିବେଷଣ କରିଥିଲେ।



କୋସଲେଶ୍ୱରୀ ମନ୍ଦିରର ଭୂମିପୂଜନ କରାଯାଉଛି ।

# ଖୋଲାଣ ସରସ୍ୱତୀ ଶିଶୁ ମନ୍ଦିରର ବିଦ୍ୟାରମ୍ଭ ସଂସ୍କାର

**ଟିଟିଲାଗଡ଼,୮।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଅଧୀନ ଖୋଲାଣ ସରସ୍ୱତୀ ଶିଶୁ ମନ୍ଦିରରେ ରବିବାର ଶିଶୁ ବୋଧ ଶ୍ରେଣୀର ବିଦ୍ୟାରମ୍ଭ ସଂସ୍କାର କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏଥିରେ ନୂତନ ଭାବେ ଯୋଗଦେଇଥିବା ଶିଶୁ ବୋଧର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଏପରି କି ଛାତ୍ରୀଛାତ୍ରମାନଙ୍କ ଅଭିଭାବକମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଶିଶୁ ମନ୍ଦିରର ଭଉଣୀ ଓ ଭାଇମାନଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯିବା ସହିତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଟିଟିଲାଗଡ଼ ଶିଶୁବାଟିକା ପ୍ରମୁଖ ସଂଯୁକ୍ତା ପାଣିଗ୍ରାହୀ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ବେଳେ ଗୁରୁମା, ଗୁରୁଜୀଙ୍କ ସହ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।



ଶିଶୁ ବୋଧର ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

## ଫଟୋରେ ଖବର



ବଲାଙ୍ଗୀର ରିଜର୍ଭ ପୋଲିସର ହାବିଲଦାରମାନେ ବଲାଙ୍ଗୀର କଦଳୀମୁଣ୍ଡା ନର୍ସରୀଠାରେ ନବମ ବନ୍ଧୁମିଳନ ଉତ୍ସବରେ ଯୋଗଦାନ କରିଛନ୍ତି । **(ଫଟୋ–ସୁନୀଲ)** ।



ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକସ୍ତରୀୟ ଲୋକ ମହୋତ୍ସବର ରବିବାର ସନ୍ଧ୍ୟାରେ ନାରେନ ଗ୍ରାମର କଳାକାରମାନେ ଡ଼କା ନୃତ୍ୟ ପରିବେଷଣ କରୁଛନ୍ତି।

### ଅବେବସ୍ତା ଘେରରେ ଦୁମଦୁମି ସେବାଶ୍ରମ ସ୍କୁଲ

# ୧୦ଟା ଶ୍ରେଣୀକେ ୨୬୮ ଛାତ୍ରୀଛାତ୍ର, ୪ ଶିକ୍ଷକ

**ଲୋଇସିଂହା, ୮।୧୨(ଡି.ଏନ.ଏ.)**

ଆଦିବାସୀ ଛାତ୍ରୀଛାତ୍ରଙ୍କର ଶିକ୍ଷାର ବିକାଶ ଲାଗି ସରକାର ଖାସ୍ ପଦକ୍ଷେପ ନେଉଥିବାର କହୁଛନ୍। ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଦୁମଦୁମିରେ ଥିବାର ଆଦିବାସୀ ସେବାଶ୍ରମ ସ୍କୁଲର ଶିକ୍ଷକ ଥିତିକେ ଦେଖିଲେ ସରକାରକଁର ଦରଦ୍ ଫଟିକ୍ ବୁଝାପଡୁଛେ। ସ୍କୁଲରେ ଶିକ୍ଷକ ଅଭାବୁ ଅନେକ ସମିଆରେ ଛାତ୍ରୀଛାତ୍ର ବାହାରେ ବୁଲୁଥିବାର ନଜରକେ ଆସୁଛେ। ସ୍କୁଲର ଏନ୍‌ତା ଅବେବସ୍ତାକେ ନେଇ ସାଧାରନରେ ଅସନ୍‌ତୋଷ ଦେଖାଦେଇଛେ। ସୂଚନା ହିସାବେ କୁଟେନପାଲି ପଁଚେତ୍ ଅଧୀନ ଦୁମଦୁମି ଗାଁରେ ରହିଛେ ସରକାରକଁର ଆଦିବାସୀ ଓ ହରିଜନ କଲ୍ୟାଣ ବିଭାଗ ସେବାଶ୍ରମ ବିଦ୍ୟାଳୟ। ଏହେଦେ ସ୍କୁଲ ଛାତ୍ରାବାସରେ ରହି ୧ମରୁ ୧୦ମ ଶ୍ରେଣୀ ତକ୍ ୨୬୮ ଛାତ୍ରୀଛାତ୍ର ପାଠ୍ ପଢୁଛନ୍। ୧ମରୁ ୫ମ ଶ୍ରେଣୀରେ ୧୧୬ ଆର ୬ଷ୍ଠରୁ ୮ମ ଶ୍ରେଣୀ ତକ୍ ୧୫୨ ଛାତ୍ରୀଛାତ୍ର ରହିଛନ୍। ସ୍କୁଲରେ ଶିକ୍ଷାଦାନ ଲାଗି ପ୍ରଧାନଶିକ୍ଷକକଁର ସମେତ ୯ ଝନ୍ ଶିକ୍ଷୟିତ୍ରୀ ଶିକ୍ଷକକଁର ଦରକାର ଥିଲାବେଲେ ରହିଛନ୍ କୁଲ ୪ ଝନ୍ ଶିକ୍ଷକ। ଛାତ୍ରୀଛାତ୍ରକଁର ଲାଗି ବେଲାର ରଁଧାଖଁଜା, ସ୍କୁଲ ଗାଜପତର ଆର ଉନିଆ କାମ୍‌ଧଁଦା ଲାଗି ପ୍ରଧାନଶିକ୍ଷକ ପାଠ୍‌ପଢ଼ାବାର ଲାଗି ସମିଆ ନାଇଁ ପାଏବାର। ବାକି ୩ ଝନ୍ ଶିକ୍ଷକ ଆର ଝନେ ସ୍ୱେଚ୍ଛାସେବୀ ଶିକ୍ଷୟିତ୍ରୀ ୧ମରୁ ୮ମ ତକ୍ ପାଠ୍‌ପଢ଼ା ବୁଝୁଛନ୍। ଗଲା ନଭେମ୍ବର ମାସୁ ଝନେ ଶିକ୍ଷୟିତ୍ରୀ ପ୍ରସୂତିକାଳିନ ଛୁଟିରେ ରହିଛନ୍। ଏନ୍‌ତାଥି ୩ ଝନ୍ ଶିକ୍ଷକ ପାଠ୍ ପଢ଼ଉଥିଲାବେଲେ ବାକି ଶ୍ରେଣୀମାନେ ଖାଲି ପଡୁଛେ। ସ୍କୁଲ ପରିସରରେ ହାଟବଜାର ବସ୍‌ଲା ଲେଖେଁ ପିଲାକର ରଡାକିର୍‌ଲା ଶୁଭୁଛେ। ବଡ଼ଭାଗି ସମିଆ ପିଲାମାନେ ସ୍କୁଲ ବାହାରେ ବୁଲୁଥିବାର ଦେଖିବାକେ ମିଳୁଛେ। ଗଲା ଶନିବାର ଦିନର ୧୧ ବଜେ ପ୍ରଧାନଶିକ୍ଷକ ନୃସିଂହଚରଣ ପ୍ରଧାନୀ ବେଲାର ରଁଧାଖଁଜା ଲାଗି ବାହାରୁ ଅଣ୍ଡା ଧରି ଆସୁଥିଲାବେଲେ ବାକି ଶିକ୍ଷକମାନେ ନିଜର ନିଜର ଶ୍ରେଣୀରେ ଛୁଆକୁ ପାଠ୍ ପଢ଼ଉଥିଲେ। ଖାଲିପଡ଼ିଥିବାର ଶ୍ରେଣୀର ଛାତ୍ରମାନେ ସ୍କୁଲ ପାସେ ତିଆର ହେଉଥିବାର ହଷ୍ଟେଲ ଜାଗାରେ ଆର କେତେ ଛାତ୍ରୀ ସ୍କୁଲ ପରିସରରେ ଥିବାର ନଲ୍‌ତୁଆଁରେ ଖେଲୁଥିବାର ଦେଖିବାକେ ମିଳିଥିଲା। ଇତାର ପରେ ସ୍କୁଲକେ ଯାଇ ଇ ଘଟନା ବାବ୍‌ଦେ ପ୍ରଧାନଶିକ୍ଷକକୁଁ କହେଲାରୁ ଶିକ୍ଷକ ଅଭାବୁ ଇ ସବୁ ସମସିଆ ହେଉଛେ ବଲି ମନ୍‌ଦୁଖ କରି ସେ କହିଥିଲେ। ଫିମାସ ଜିଲାସ୍ତରୀୟ ବଇଠକ୍‌ରେ ଶିକ୍ଷକ ସମସିଆକେ ନେଇ ବିଭାଗୀୟ ଅଧିକାରୀ ଆର ଜିଲା ପରଶାସନକେ ଜନେଇ ଆସୁଛୁଁ। ହେଲେ ଇ ସମସିଆ ଉପରେ ପରଶାସନ ଦୃରୁଷ୍‌ଟି ନାଇଁ ଦେବାର ଲାଗି ଏନ୍‌ତା ଅସ୍‌ବିଧା ଦେଖାଦେଉଛେ ବଲି ସେ କହିଥିଲେ। ସ୍କୁଲ ସମସିଆ ଉପରେ ଜିଲାପାଳ ଦୃରୁଷ୍‌ଟି ଦେଇ ପଦକ୍ଷେପ ନେବାକେ ଆଦିବାସୀ ସଂଘ ଦାବି କରିଛେ।



ସ୍କୁଲ ସମିଆରେ ଛାତ୍ରମାନେ ବାହାରେ ବୁଲୁଛନ୍।